

ଛାତ୍ର ଆନ୍ଦୋଳନର ସୁରକ୍ଷା ପାଇଁ କୋର୍ଟ ପ୍ରତିବଦ୍ଧ — ପୃଷ୍ଠା ୪



# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 186 ଭାଗ ୩୪ | ସଂଖ୍ୟା ୧୮୬ | Sunday 27 September 2026 | Page 8 Rs. 5.00 | ଭୁବନେଶ୍ୱର ରବିବାର, ୨୭ ସେପ୍ଟେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ୪ ବିଭାଗର ୧,୧୦୧ ନବନିଯୁକ୍ତ ଅଧିକାରୀଙ୍କୁ ନିଯୁକ୍ତିପତ୍ର

# ମୁଖ୍ୟମନ୍ତ୍ରୀଙ୍କ 'ପଞ୍ଚସୂତ୍ରୀ' ମନ୍ତ୍ର

- 'ଜନ ଶୁଣାଣି'କୁ ମିଳିବ ସର୍ବୋଚ୍ଚ ପ୍ରାଥମିକତା
- ଜନସେବକ ଭାବି କାମ କରିବାକୁ ପରାମର୍ଶ
- ଦୁର୍ନୀତି କ୍ୟାରିୟର ପାଇଁ ବିଷ ସଦୃଶ
- ୨ ବର୍ଷ ୩ ମାସରେ ୪୬,୫୭୫ ସରକାରୀ ନିଯୁକ୍ତି
- ଦେଶରେ ପ୍ରଥମ ଥର ଉନ୍ମୋଚିତ ହେଲା 'ମାନସିକ ସ୍ୱାସ୍ଥ୍ୟ ମାର୍ଗଦର୍ଶିକା'




ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ): ସରକାରୀ ଚାକିରି କେବଳ ଏକ କର୍ମସଂସ୍ଥାନ ବା ଆର୍ଥିକ ସୁରକ୍ଷାର ମାଧ୍ୟମ ନୁହେଁ, ବରଂ ଏହା ରାଜ୍ୟ ଓ ସମାଜ ପ୍ରତି ନିଜର ଦାୟିତ୍ୱ ନିର୍ବାହ କରିବାର ଏକ ପବିତ୍ର ଅବସର। ଆଜି ସ୍ଥାନୀୟ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ସପ୍ତଦଶ ରାଜ୍ୟସ୍ତରୀୟ ନିଯୁକ୍ତି ମେଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଆଜି ମୁଖ୍ୟମନ୍ତ୍ରୀ ୪ଟି ବିଭାଗର ସମୁଦାୟ ୧,୧୦୧ ଜଣ ନବନିଯୁକ୍ତ ଅଧିକାରୀଙ୍କୁ ନିଯୁକ୍ତିପତ୍ର ବଣ୍ଟିଛନ୍ତି। ଏହି ଅବସରରେ ରାଜ୍ୟର ଯୁବପିଢ଼ିଙ୍କୁ ସଶକ୍ତ କରିବା ଓ ସ୍ୱଚ୍ଛ ପ୍ରଶାସନ ମାଧ୍ୟମରେ ସେମାନଙ୍କ ଆକାଂକ୍ଷାକୁ ସାକାର କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ଦର୍ଶାଇ 'ସମୃଦ୍ଧ ଓଡ଼ିଶା ୨୦୩୬' ଓ 'ବିକଶିତ ଭାରତ ୨୦୪୭'ର ସ୍ୱପ୍ନକୁ ସାକାର କରିବାରେ ନବନିଯୁକ୍ତ ଅଧିକାରୀମାନଙ୍କ ଦକ୍ଷତା, ନିଷ୍ଠା ଓ କର୍ତ୍ତବ୍ୟପରାୟଣତା ପ୍ରମୁଖ ମୂଳଦୁଆ ସାଜିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସରକାର ଗଠନର ମାତ୍ର ୨ ବର୍ଷ ୩ ମାସ ମଧ୍ୟରେ ୧୭ଟି ନିଯୁକ୍ତି ମେଳା ମାଧ୍ୟମରେ ରେକର୍ଡ ୪୬,୫୭୫ ଜଣ ଯୁବକଯୁବତୀଙ୍କୁ ସରକାରୀ ସେବାରେ ନିଯୋଜିତ ➾ପୃଷ୍ଠା-୬

### ନାଗାଲାଣ୍ଡରେ ବିଷାକ୍ତ ମଦଜନିତ ମୃତ୍ୟୁ

# ଦୁଇ ସପ୍ତାହ ଭିତରେ ମଲେଣି ୧୯



୩୨୦୦ରୁ ଊର୍ଦ୍ଧ୍ୱ ବୋତଲ ଜବତ, ଏସଆଇଟି ତଦନ୍ତ ନିର୍ଦ୍ଦେଶ

କୋହିମା,୨୬।୯: ବିଷାକ୍ତ ମଦପିଇ ନାଗାଲାଣ୍ଡରେ ଦୁଇ ସପ୍ତାହ ମଧ୍ୟରେ ୧୯ ଜଣଙ୍କର ମୃତ୍ୟୁ ଘଟିଛି। ମୋକୋକଚୁଙ୍ଗ ଜିଲ୍ଲାରେ ୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଡୁଏନସାଙ୍ଗ ଜିଲ୍ଲାରେ ଅବଶିଷ୍ଟ ୧୧ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଗତ ଦୁଇ ସପ୍ତାହ ଧରି ବିଷାକ୍ତ ମଦ୍ୟପାନ ଘଟଣାରେ ନାଗାଲାଣ୍ଡରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଉଥିବା ନେଇ ପ୍ରଶାସନ ପକ୍ଷରୁ ଚିନ୍ତା ବ୍ୟକ୍ତ କରାଯାଇଛି। ପୁଲିସ୍ ବିଷାକ୍ତ ମଦ ତିଆରି କରୁଥିବା ଓ ବିକ୍ରି କରୁଥିବା ଘଟଣା ସହ ଜଡ଼ିତ ଏକାଧିକ ଲୋକଙ୍କୁ ଗିରଫ କରିଛି। ମୃତକଙ୍କ ନିକଟରୁ ସଂଗ୍ରହ କରାଯାଇଥିବା ନମୁନାର ଫୋରେନସିକ୍ ପରୀକ୍ଷଣ ପରେ ମଦକୁ ଅତ୍ୟଧିକ ନିଶାଯୁକ୍ତ କରିବା ପାଇଁ ବିଷାକ୍ତ ମିଥାନଲ ମିଶ୍ରଣ କରାଯାଇଥିବା ଚିକିତ୍ସା ବିଶେଷଜ୍ଞମାନେ ସ୍ପଷ୍ଟ କରିଛନ୍ତି। ଗତ ୨୪ ତାରିଖରେ ବିଷାକ୍ତ ମଦ ପିଇ ମାଙ୍ଗକୋଲେମ୍ବାରେ ୪ ଜଣଙ୍କର ମୃତ୍ୟୁ ହେବା ପରେ ଘଟଣା ପ୍ରଥମେ ସାମ୍ନାକୁ ଆସିଥିଲା। ଏହି ଘଟଣାର ତଦନ୍ତ କରିବା ପାଇଁ ପୁଲିସ୍ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ଗଠନ କରିଛି। ସେହିପରି ଆଜି ମାଙ୍ଗକୋଲେମ୍ବା ସବ-ଡିଭିଜନରେ ୬ ଜଣ ଓ ମୋକୋକଚୁଙ୍ଗ ଥାନା ଅଞ୍ଚଳରେ ବିଷାକ୍ତ ମଦ ପିଇ ୨ ଜଣ ପ୍ରାଣ ହରାଇଥିବା ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି। ଡୁଏନସାଙ୍ଗ ପୁଲିସ୍ ପୂର୍ବରୁ ୪୭୦ ବୋତଲ ମଦ ଜବତ କରି ନଷ୍ଟ କରିଥିବା ବେଳେ ଏବେ ଉଭୟ ଡୁଏନସାଙ୍ଗ ଓ ମୋକୋକଚୁଙ୍ଗ ପୁଲିସ୍ ମିଳିତ ଭାବେ ୩,୨୦୦ ବୋତଲ ଓ କେନ୍ ଜବତ କରିଛି। ଏଥିସହ ନାଗାଲାଣ୍ଡ ଡିଜିପି ପୂର୍ବାଞ୍ଚଳ ଜିଲ୍ଲାଗୁଡ଼ିକରେ ରେଡ୍ ଆଲର୍ଟ ଜାରି କରିଛନ୍ତି। ଆହୁରି ଲୋକମାନଙ୍କୁ ସଚେତନ ହେବାକୁ ମଧ୍ୟ ନିବେଦନ କରାଯାଇଛି।



# ବୁଡ଼ିଲା ୪ ହଜାର ହେକ୍ଟର ଫସଲ, ୧୬ ଗାଁ ଜଳବନ୍ଦୀ

ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ): ଲଗାଣ ବର୍ଷା ଓ ଲଘୁଚାପ ପ୍ରଭାବରେ ସମଗ୍ର ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ରାଜ୍ୟର ମୋଟ ୧୦ଟି ଜିଲ୍ଲାର ୭୩ ହଜାରରୁ ଅଧିକ ଲୋକ ଏହି ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ସିଧାସଳଖ ପ୍ରଭାବିତ ହୋଇଛନ୍ତି। ସରକାରୀ ଆକଳନ ଅନୁଯାୟୀ, ଲଗାଣ ବର୍ଷା ଯୋଗୁଁ ମୟୂରଭଞ୍ଜ, ବାଲେଶ୍ୱର, ଗଜପତି, ଗଞ୍ଜାମ, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ନୟାଗଡ଼, କନ୍ଧମାଳ ଓ ବଲାଙ୍ଗୀର ଜିଲ୍ଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଏହି ୧୦ଟି ଜିଲ୍ଲାର ୮୦ଟି ବ୍ଲକ୍ ଓ ୧୦ଟି ସହରାଞ୍ଚଳର ୪୯ଟି ୱାର୍ଡ ଅଧୀନରେ ଥିବା ୩୨୫ଟି ଗ୍ରାମ ପଞ୍ଚାୟତର ମୋଟ ୧,୦୭୧ ଗାଁ ବର୍ଷା ଜଳରେ ପ୍ରଭାବିତ ହୋଇଛି। ପ୍ରାୟ ୧୬ଟି ଗାଁ ସମ୍ପୂର୍ଣ୍ଣ ରୂପେ ଜଳବନ୍ଦୀ ଅବସ୍ଥାରେ ରହିଛି। କେବଳ ସେତିକି ନୁହେଁ, ପ୍ରାୟ ୪,୪୮୦ ହେକ୍ଟର ଚାଷଜମିରେ ବର୍ଷା ଓ ବନ୍ୟା ପାଣି ମାଡ଼ିଯିବାରୁ ବ୍ୟାପକ ଫସଲ ନଷ୍ଟ ହୋଇଛି।

ମହାନଦୀ ସମେତ ଉତ୍ତର ଓଡ଼ିଶାର ଏକାଧିକ ନଦୀର ଜଳସ୍ତର ବିପଜ୍ଜନକ ଭାବେ ବୃଦ୍ଧି ପାଉଛି। ବିଶେଷକରି ବାଲେଶ୍ୱର ଜିଲ୍ଲାର ବସ୍ତା, ବାଲିଆପାଳ, ଭୋଗରାଇ ଓ ଜଳେଶ୍ୱର ଅଞ୍ଚଳରେ ସୁବର୍ଣ୍ଣରେଖା ଓ ଜଳକା ନଦୀ ଉଛୁଳିବା ଫଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବୁଢ଼ାବଳଙ୍ଗ ନଦୀର ଜଳସ୍ତର ➾ପୃଷ୍ଠା-୬

- ମାଲକାନଗିରିରେ ଧୋଇଯାଇଛି ରାସ୍ତା, ୨୫ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ
- ଉତ୍ତର ଓଡିଶାରେ ପୁଣି ବନ୍ୟାସ୍ଥିତି, ପାଣି ଘେରରେ ତଳି ଅଞ୍ଚଳ
- ହୀରାକୁଦକୁ ଅଧିକ ବନ୍ୟା ଜଳ ପ୍ରବେଶ; ଖୋଲିଲା ୨୦ ଗେଟ୍
- ଖୋର୍ଦ୍ଧା, କଟକ, ପୁରୀ ସମେତ ୧୫ ଜିଲ୍ଲାକୁ ଆଇଏମଡିର ୱାର୍ଣ୍ଣିଂ

### ଆଜି ମୁଖ୍ୟମନ୍ତ୍ରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ

ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆକାଶମାର୍ଗରୁ ଗଞ୍ଜାମ, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ଲଗାଣ ବର୍ଷା ତଥା ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିବେ ବୋଲି ଜଣାପଡ଼ିଛି। କୋରାପୁଟ ଜିଲ୍ଲାର କୋଟପାଡ଼ଠାରେ ମୁଖ୍ୟମନ୍ତ୍ରୀ ବନ୍ୟା ସ୍ଥିତି ସମୀକ୍ଷା କରିବା ସହ ଜୟପୁରଠାରେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବେ। ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସ୍ପେଶାଲ୍ ରିଲିଫ୍ କମିଶନର୍ ରାଜେଶ ପ୍ରଭାକର ପାଟିଲ୍ ମଧ୍ୟ ରହିବେ। କୋରାପୁଟ ଜିଲ୍ଲାର କୋଟପାଡ଼ଠାରେ ବନ୍ୟା ସ୍ଥିତି ସମୀକ୍ଷା କରିବା ସହ ଜୟପୁରଠାରେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

### ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି

# ସୁନାବେଶ ପାଇଁ ନୂଆ ଅଳଙ୍କାର ସେଟ୍



### ୩୦ରୁ ଖୋଲିବ ଗୁଣ୍ଡିଚା ମନ୍ଦିର

ପୁରୀ,୨୬।୯(ସଂଚାର ବ୍ୟୁରୋ): ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଶ୍ରୀମନ୍ଦିର ପରିଚାଳନା କମିଟିର ବୈଠକ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀମନ୍ଦିରର ବିଭିନ୍ନ ନୀତି ନିର୍ଦ୍ଧାରଣ ସହ ଏକାଧିକ ପ୍ରସ୍ତାବ ଉପରେ ଆଲୋଚନା ଓ ନିଷ୍ପତ୍ତି ହୋଇଛି। ଆସନ୍ତା ୩୦ ତାରିଖରୁ ଭକ୍ତଙ୍କ ପାଇଁ ଖୋଲିବ ଶ୍ରୀଗୁଣ୍ଡିଚା ମନ୍ଦିର। ଏନେଇ ପରିଚାଳନା କମିଟି ପକ୍ଷରୁ ସବୁଜ ସଙ୍କେତ ମିଳିଛି। ସୁରକ୍ଷା ବ୍ୟବସ୍ଥା, ଟିକେଟ୍ କାଉଣ୍ଟର ଓ ପାନୀୟ ଜଳ ଯୋଗାଣ ଭଳି ମୌଳିକ ବ୍ୟବସ୍ଥା ଶେଷ ହୋଇଥିବା କୁହାଯାଇଛି। ପ୍ରବେଶ ଶୁଳ୍କ ମାତ୍ର ୧୦ ଟଙ୍କା ରହିବ। ଗୁଣ୍ଡିଚା ମନ୍ଦିର ଖୋଲିବାର ପ୍ରଥମ ତିନି ଦିନ ଭକ୍ତଙ୍କ ପ୍ରବେଶ ପାଇଁ ସମ୍ପୂର୍ଣ୍ଣ ନିଃଶୁଳ୍କ ରହିବ। ତେବେ ପ୍ରବେଶ ଶୁଳ୍କ ୧୦ ଟଙ୍କା ରଖାଯାଇଥିବା ବେଳେ ୮୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ, ଛୋଟ ପିଲା, ଦିବ୍ୟାଙ୍ଗଙ୍କ ପାଇଁ ପ୍ରବେଶ ଶୁଳ୍କ ଲାଗୁ ହେବ ନାହିଁ। ଶ୍ରଦ୍ଧାଳୁଙ୍କ ପାଇଁ ଜୋତା ଓ ମୋବାଇଲ୍ ଷ୍ଟାଣ୍ଡ ମାଗଣା ବ୍ୟବସ୍ଥା କରାଯିବ।

ବୈଠକରେ ମହାପ୍ରଭୁଙ୍କ ପାଇଁ ଆଉ ଏକ ସୁନାବେଶ ଅଳଙ୍କାର ସେଟ୍ ନିର୍ମାଣକୁ ଅନୁମୋଦନ ମିଳିଛି। ଶ୍ରୀମନ୍ଦିର ପ୍ରଶାସନ ନିଜସ୍ୱ ଅର୍ଥରେ ଏହି ଅଳଙ୍କାର ପ୍ରସ୍ତୁତ କରିବ। ତେବେ ଇଚ୍ଛୁକ ଭକ୍ତ ଓ ଶ୍ରଦ୍ଧାଳୁ ସ୍ୱଇଚ୍ଛାରେ ଏଥିପାଇଁ ଦାନ ଦେଇପାରିବେ। ପ୍ରସ୍ତୁତ ହେବାକୁ ଥିବା ନୂଆ ଅଳଙ୍କାର ରତ୍ନଭଣ୍ଡାରର ବାହାର ଭଣ୍ଡାରରେ ସୁରକ୍ଷିତ ଭାବେ ରଖାଯିବ।

ରତ୍ନଭଣ୍ଡାର ଗଣତି ସମୟରେ କରାଯାଇଥିବା ଭିଡିଓ, ଫଟୋ ଓ ଡିଜିଟାଲ ଡକ୍ୟୁମେଣ୍ଟେସନକୁ ଆଧାର କରି ନୂଆ ଅଳଙ୍କାରର ଆକୃତି ଓ ନିର୍ମାଣ କରାଯିବ। ଏଥିରେ ସୁରକ୍ଷା ➾ପୃଷ୍ଠା-୬

# ପଶ୍ଚିମ ଓଡ଼ିଶାରେ ହଜାରେ ଶଯ୍ୟାବିଶିଷ୍ଟ ହସ୍ପିଟାଲ୍ କରିବ ବେଦାନ୍ତ

- ପ୍ରସ୍ତାବିତ ଆଲୁମିନିୟମ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା ନେଇ ଆଲୋଚନା
- ଝାରସୁଗୁଡ଼ାରେ ୧ ଏମଟିପିଏ ଆଲୁମିନିୟମ ସ୍ମେଲ୍ଟର ପ୍ରକଳ୍ପର ସମ୍ପ୍ରସାରଣ
- ଦୁଇ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ
- ଓଡ଼ିଶାକୁ ବିଶ୍ୱସ୍ତରୀୟ ଆଲୁମିନିଅମ ହବ୍ କରିବାରେ ସହାୟକ ହେବ



ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ): ବେଦାନ୍ତ ଗ୍ରୁପର ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଓଡ଼ିଶାରେ ପ୍ରସ୍ତାବିତ ୧ ଲକ୍ଷ କୋଟି ଟଙ୍କାର ଆଲୁମିନିୟମ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶାରେ ବେଦାନ୍ତର ବିଭିନ୍ନ ଶିଳ୍ପ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା, ସ୍ଥାନୀୟ ବିକାଶ ପ୍ରକ୍ରିୟାକୁ ଆଗେଇ ନେବା ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ସରକାର ଓ ଶିଳ୍ପ ସଂସ୍ଥା ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା ଉପରେ ଏହି ବୈଠକର ଆଲୋଚନାରେ ଗୁରୁତ୍ୱାରୋପ କରାଯାଇଥିଲା। ବେଦାନ୍ତର ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ରହିଛି ଢେଙ୍କାନାଳ ଜିଲ୍ଲାରେ ବାର୍ଷିକ ୩୦ ଲକ୍ଷ ଟନ୍ କ୍ଷମତାବିଶିଷ୍ଟ ଏକ ଅତ୍ୟାଧୁନିକ ଆଲୁମିନିୟମ ସ୍ମେଲ୍ଟର ପ୍ଲାଣ୍ଟ ଓ ରାୟଗଡ଼ା ଜିଲ୍ଲାରେ ବାର୍ଷିକ ୬୦ ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ଏକ ଆଲୁମିନା ରିଫାଇନାରୀ। ଏହିସବୁ ପ୍ରକଳ୍ପଗୁଡ଼ିକ କେବଳ ଓଡ଼ିଶା ନୁହେଁ, ସାରା ଦେଶକୁ ➾ପୃଷ୍ଠା-୬

### ଏସଆଇଆର ବିବାଦ ନେଇ ଇସିଙ୍କ ସ୍ପଷ୍ଟୀକରଣ

# ସର୍ବସମ୍ମତି କ୍ରମେ ହୋଇଛି ସମସ୍ତ ନିଷ୍ପତ୍ତି

- ଘରକୁ ଆସି ତଥ୍ୟ ସଂଗ୍ରହ କରିବେ ବିଏଲଓ

ନୂଆଦିଲ୍ଲୀ,୨୬।୯: ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ସମ୍ବନ୍ଧିତ ସମସ୍ତ ନିଷ୍ପତ୍ତି ସର୍ବସମ୍ମତି କ୍ରମେ ନିଆଯାଇଛି ବୋଲି ଆଜି ନିର୍ବାଚନ ଆୟୋଗ କହିଛନ୍ତି। ଏଥିସହ ଭୋଟର ତାଲିକା ସଂଶୋଧନ ବେଳେ ମତଦାତାମାନେ ବିଭିନ୍ନ ଅସଙ୍ଗତି ଯୋଗୁ ଯେଉଁ ବିଜ୍ଞପ୍ତିର ସାମ୍ନା କରୁଛନ୍ତି ତା'ର ସରଳୀକରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ଘୋଷଣା କରିଛନ୍ତି। ଭୋଟର ତାଲିକାର ଏସଆଇଆର ପ୍ରକ୍ରିୟାକୁ ନେଇ ଦେଶବ୍ୟାପୀ ସୃଷ୍ଟି ହୋଇଥିବା ବିବାଦ ପରିପ୍ରେକ୍ଷୀରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏଭଳି ସ୍ପଷ୍ଟୀକରଣ ଆସିଛି। ଏକ ବିବୃତ୍ତିରେ ନିର୍ବାଚନ ଆୟୋଗ କହିଛନ୍ତି ଯେ ଗତ କିଛିମାସ ମଧ୍ୟରେ ଆୟୋଗ ସାରା ଦେଶରେ ଏସଆଇଆର ପ୍ରକ୍ରିୟା ସହ ଜଡ଼ିତ ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ୨୦୨୫ ଜୁଲାଇ ୨୪ ତାରିଖରେ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏସଆଇଆର ପ୍ରକ୍ରିୟା ଲାଗୁ କରିବା ଲାଗି ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ପ୍ରଥମେ ବିହାରରେ ଓ ପରେ ➾ପୃଷ୍ଠା-୬



### କାନ ଡେରିଥା

ବାତ୍ୟା ପରମ୍ପରା ଚାଲିଛି ଚାଲିବ
ଏଥିପାଇଁ କିଏ ଦାୟୀ
ନେପାଳ ଘଟଣା ମୁଣ୍ଡକୁ ଆସୁନି
ବୃକ୍ଷ ରୋପଣ କାହିଁ
ପରିସ୍ଥିତି ଦିଶୁନାହିଁ...
ପରିବେଶ ଯଦି ଏମିତି ହୋଇବ
ଡାକୁଥିବା ତ୍ରାହି ତ୍ରାହି ।

■ ଦେବାଶିଷ

# ଏମ୍ଏମ୍ଡିଆର୍‌କୁ ନେଇ ବିରୋଧୀଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ

- ଅଦାଲତ ଯିବାକୁ ଦୁଇ ଦଳର ପଛଘୁଞ୍ଚା
- ରାଜନୀତି ପାଇଁ ବିରୋଧ ଜାରି



ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ): କେନ୍ଦ୍ର ସରକାର ଏମ୍ଏମ୍ଡିଆର୍ ଆଇନରେ ସଂସଦରେ ଆଣିଥିବା ସଂଶୋଧିତ ଆଇନ୍ ବିରୋଧରେ ଓଡିଶାରେ ଦୁଇ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ବିରୋଧ ଜାରି ରଖିଛନ୍ତି। ସାମ୍ବାଦିକ ସମ୍ମିଳନୀ, ରାଜରାସ୍ତାରେ ବିରୋଧ ପରେ ଏବେ ବିଧାନସଭାରେ ବି ଜୋରଦାର ବିରୋଧ ପ୍ରଦର୍ଶନ କରି ଆଇନ ପ୍ରତ୍ୟାହାର ପାଇଁ ଦାବି କରୁଛନ୍ତି। ହେଲେ କୌଣସି ଗୋଟିଏ ଦଳ କିନ୍ତୁ ଓଡ଼ିଶାର ସ୍ୱାର୍ଥରକ୍ଷା ଲାଗି ଏଭଳି ଆଇନ ଉପରେ ରୋକ ଲଗାଇବା ପାଇଁ ଆଇନ ଅଦାଲତର ଦ୍ୱାରସ୍ଥ ହେଉନାହାନ୍ତି। ଫଳରେ ଏବେ ଏହି ଦୁଇ ଦଳର ଆନ୍ଦୋଳନକୁ ଲୋକେ ସନ୍ଦେହ ଚକ୍ଷୁରେ ଦେଖିବା ଆରମ୍ଭ କରିଦେଲେଣି।

କେନ୍ଦ୍ର ସରକାର ଏମ୍ଏମ୍ଡିଆର୍ ଆଇନରେ ସଂଶୋଧନ କରିବା ପରେ ଏହାଦ୍ୱାରା ଓଡ଼ିଶା ବ୍ୟାପକ କ୍ଷତିଗ୍ରସ୍ତ ହେବ ବୋଲି ଦୁଇ ବିରୋଧୀ ଦଳ ଦର୍ଶାଉଛନ୍ତି। ଏହାଦ୍ୱାରା ଓଡ଼ିଶା ବାର୍ଷିକ ୧୨ ହଜାର କୋଟି ଟଙ୍କାର ଖଣି ରାଜସ୍ୱ ହରାଇବା ସହ ଖଣି କମ୍ପାନୀ ଉପରେ ବାକି ପଡ଼ିଥିବା ପ୍ରାୟ ୧ ଲକ୍ଷ କୋଟି ଟଙ୍କା ଆଉ ପାଇବ ନାହିଁ ବୋଲି କହୁଛନ୍ତି। ବିରୋଧୀଙ୍କ ଏଭଳି ଅଭିଯୋଗକୁ ଶାସକ ଦଳ ଖଣ୍ଡନ ମଧ୍ୟ କରୁଛନ୍ତି। ଏହା ଉପରେ ଏକାଧିକ ସାମ୍ବାଦିକ ସମ୍ମିଳନୀ, ସମ୍ପାଦକୀୟ ଲେଖା ଆଦି ବାହାରିସାରିଲାଣି। ଉଭୟ ବିଜେଡି ଓ କଂଗ୍ରେସ ଏହି ପ୍ରସଙ୍ଗରେ ରାଜରାସ୍ତାରେ ବି ଜୋରଦାର ପ୍ରଦର୍ଶନ କରିଛନ୍ତି। ବର୍ତ୍ତମାନ ବିଧାନସଭା ଚାଲିଥିବାରୁ ଦୁଇ ଦଳ ଏହାକୁ ପ୍ରଥମ ପ୍ରସଙ୍ଗ କରି ଗୃହ ଚଳାଇ ଦେଉନାହାନ୍ତି। ଚାରି ଦିନର ଗୃହକାର୍ଯ୍ୟ ଏଥିପାଇଁ ଏକପ୍ରକାର ଧୋଇଗଲାଣି। ତେବେ ବିରୋଧୀଙ୍କ ଏଭଳି ପ୍ରତିବାଦକୁ ଏବେ ଲୋକେ ଧୀରେ ଧୀରେ ସନ୍ଦେହ ଚକ୍ଷୁରେ ଦେଖିବା ଆରମ୍ଭ କରିଛନ୍ତି। କାରଣ ବିଜେଡି କିମ୍ବା କଂଗ୍ରେସ କେହି ହେଲେ ଆଇନଗତ ଭାବେ ମୁକବିଲା କରିବାକୁ ଆଗଭର ହେଉନାହାନ୍ତି।

ଯଦି ରାଜ୍ୟର ଏଭଳି କ୍ଷତି ହେଉଛି, ତେବେ ଏହି ଆଇନ ରଦ୍ଦ ପାଇଁ ରାଜନୈତିକ ଦଳ ଆଇନ ଅଦାଲତର ଦ୍ୱାରସ୍ଥ ହେବାରେ କିଛି ଅସୁବିଧା ନାହିଁ ବୋଲି ଆଇନ ବିଶାରଦମାନେ ମତ ଦେଉଛନ୍ତି। ସେମାନଙ୍କ ମତରେ, କେନ୍ଦ୍ର ସରକାର ସଂସଦରେ ଏହାକୁ ପାରିତ କରିଥିବାରୁ ଆଉ ଏହାକୁ ବଦଳାଇବାର ସମ୍ଭାବନା ନାହିଁ। ରାଜ୍ୟରେ ବିଜେପି ଶାସନ ଚାଲିଥିବାରୁ ଶାସକ ଦଳ ମଧ୍ୟ କେନ୍ଦ୍ର ଉପରେ ଏହି ପ୍ରସଙ୍ଗରେ ଚାପ ପକାଇପାରିବ ନାହିଁ। ତେଣୁ ଆଇନ ଅଦାଲତ ହିଁ ଶେଷ ଭରସା। ହେଲେ ବିଜେଡି ➾ପୃଷ୍ଠା-୬

ରବିବାର ୨୭ ସେପ୍ଟେମ୍ବର ୨୦୨୬ ଭୁବନେଶ୍ୱର ସଂଚାର SANCHAR

## ଲଗାଣ ବର୍ଷା ଯୋଗୁ ବନ୍ୟା, ଧୋୟା ଦଶ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ



**ଆଳି,୨୬।୯(ସଂଚାର ବ୍ୟୁରୋ):** ଲଗାଣ ବର୍ଷା ଯୋଗୁ ଆଳି ବ୍ଲକରେ ଚତୁର୍ଥ ବନ୍ୟାରେ ଧୋୟା ଦଶ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ଡିମିରିପାଳ ମାନପୁର ଘୋଷରା ମୁଖ୍ୟ ରାସ୍ତା ଠାରେ ଦୁଇ ଫୁଟ ପାଣି ରାସ୍ତା ଉପରେ ଚାଲୁଥିବା ବେଳେ ଧୋୟା ଦଶ ପଞ୍ଚାୟତ ଲୋକେ ସଦର ମହକୁମା ବ୍ଲକ ,ତହସିଲ,ଥାନା ମେଡ଼ିକାଲ ଆସିବାକୁ ହେଲେ ଡଙ୍ଗା ଏକ ମାତ୍ର ଭରସା ।ଲଗାଣ ବର୍ଷା ଯୋଗୁଁ ଖରସ୍ରୋତା, ବ୍ରାହ୍ମଣୀ ଓ କାଣୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ ଲୋକେ ସଦର ମହକୁମାକୁ ଯାଉଥିବା ବେଳେ ପ୍ରତ୍ୟେକ ଦିନ ଯାହାଫଳରେ ବନ୍ୟା ଆସିବାରୁ ଧୋୟାଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବା ସହ ଯାଜପୁର ଜିଲ୍ଲାକୁ ମଧ୍ୟ ଯାତାୟାତ ଠପ୍ ହୋଇଯାଇଛି। ସ୍ଥାନୀୟ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ବିଜୟଙ୍କ ବାସଭବନରେ ଭାଗବତ ଜନ୍ମ ଓ ଇନ୍ଦୁ ପୂର୍ଣ୍ଣିମା ଉତ୍ସବ ପାଳନ



**ଗରଦପୁର,୨୬।୯(ସଂଚାର ବ୍ୟୁରୋ):** ଓଡ଼ିଶା ରାଜନୀତିର ବରିଷ୍ଠ ରାଜନେତା ତଥା ଭୀଷ୍ମ ପିତାମହ ଶ୍ରୀଯୁକ୍ତ ବିଜୟ ମହାପାତ୍ରଙ୍କ ପାଟକୁରା ସ୍ଥିତ ବାସଭବନରେ ପବିତ୍ର ଭାଗବତ ଜନ୍ମ ଓ ଇନ୍ଦୁ ପୂର୍ଣ୍ଣିମା ଉତ୍ସବ ମହା ଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ସମଗ୍ର ପରିବେଶ ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାତ୍ମିକ ଭାବନାରେ ପରିପୂର୍ଣ୍ଣ ହୋଇଥିଲା।

ପ୍ରାପ୍ତ ସୂଚନା ଅନୁସାରେ, ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାସଭବନ ପରିସରରେ ଭାଗବତ ପାରାୟଣ, ନାମ ସଂକୀର୍ତ୍ତନ ଓ ପୂଜାର୍ଚ୍ଚନାର ଆୟୋଜନ କରାଯାଇଥିଲା। ସକାଳୁ ବେଦଜ୍ଞ ପଣ୍ଡିତମାନଙ୍କ ଦ୍ୱାରା ମଙ୍ଗଳାଚରଣ ଓ ଭାଗବତ ପୂଜା ଆରମ୍ଭ ହୋଇଥିଲା। ଶଙ୍ଖ, ମୃଦଙ୍ଗ, କରତାଳ ଓ ହରିବୋଲ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ସମଗ୍ର ଅଞ୍ଚଳ। ଏହି ପବିତ୍ର ଉତ୍ସବରେ ପାଟକୁରା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳରୁ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ, ସମର୍ଥକ, ବରିଷ୍ଠ ନାଗରିକ ଓ ଦଳୀୟ କର୍ମୀମାନେ ଯୋଗଦେଇ ପ୍ରଭୁ କୃପା ଲାଭ କରିଥିଲେ। ଭାଗବତ ବାଣୀ ଶ୍ରବଣ କରି ଭକ୍ତମାନେ ଭାବବିହ୍ୱଳ ହୋଇପଡିଥିଲେ।

ଏହି ଅବସରରେ ଶ୍ରୀ ମହାପାତ୍ର ନିଜ ଅଭିଭାଷଣରେ କହିଥିଲେ ଯେ, "ଭାଗବତର ବାଣୀ ହେଉ ଜୀବନର ପଥପ୍ରଦର୍ଶକ, ଭକ୍ତି ଓ ମାନବିକତା ହେଉ ଆମ ଜୀବନର ଆଲୋକ।" ଆଜିର ସମାଜରେ ଭାଗବତ ଶିକ୍ଷାର ଆବଶ୍ୟକତା ରହିଛି। ଏହା ଆମକୁ ସତ୍ୟ, ଧର୍ମ ଓ ପରୋପକାର ମାର୍ଗରେ ଚାଲିବାକୁ ପ୍ରେରଣା ଦିଏ।

ଶେଷରେ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଶାନ୍ତି ଶୃଙ୍ଖଳାର ସହ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

# ଜରାଜୀର୍ଣ୍ଣ ଅବସ୍ଥାରେ ବ୍ଲକ୍ ପୋଖରୀ

### ଲକ୍ଷ ଲକ୍ଷ ଟଙ୍କାରେ ନିର୍ମାଣ ହେଲା
### ଟୋପାଏ ପାଣି ନାହିଁକି ଲାଇଟ୍ ଜଳୁନି
### ମାଲେମାଲ୍ ଠିକାଦାର ଓ ଯନ୍ତ୍ରୀ

**ଗରଦପୁର,୨୬।୯ (ସଂଚାର ବ୍ୟୁରୋ):** ବ୍ଲକ୍ ପରିସରରେ ସୌନ୍ଦର୍ଯ୍ୟ ବୃଦ୍ଧି କରାଇବା ଆଳରେ ଲକ୍ଷ ଲକ୍ଷ ଟଙ୍କା ସରକାରଙ୍କ ରାଜକୋଷରୁ ଖର୍ଚ୍ଚ କରି ଏକ ଛୋଟ ଖାଲୁଆ ସ୍ଥାନରେ ପୋଖରୀ ନିର୍ମାଣ କରାଯାଇଛି। ହେଲେ ନିର୍ମାଣ ହୋଇଥିବା ପୋଖରୀ କେବଳ ଠିକାଦାର ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ପାଇଁ ଲାଭ ଦାୟକ ବୋଲି ଜଣାପଡିଛି ।




ଗରଦପୁର ବ୍ଲକ ପରିସରରେ ଅନେକ ବର୍ଷ ପୂର୍ବରୁ ଏକ ଛୋଟିଆ ଖାଲ ଥିଲା କିନ୍ତୁ ସେହି ସ୍ଥାନକୁ ମାଟି ପୋତି ପରିପୂର୍ଣ୍ଣ କରିବା ପରିବର୍ତ୍ତେ ଆହୁରି ଖାଲ ଖୋଳି ତାହାକୁ ଏକ କଂକ୍ରିଟ ପୋଖରୀରେ ସାମିଲ୍ କଲା ବ୍ଲକ୍ ପ୍ରଶାସନ । ପ୍ରଶାସନ ନିର୍ମାଣ କରିଥିବା ପୋଖରୀ ଲାଗି ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମଧ୍ୟ ଖର୍ଚ୍ଚ କରିଦିଆଗଲା ହେଲେ କରାଯାଇଥିବା କାର୍ଯ୍ୟ କେବଳ ଲୋକଦେଖାଣିଆ ବ୍ୟତୀତ ଅନ୍ୟ କୌଣସି ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ନୁହେଁ ବୋଲି ଦେଖାଯାଇଛି ।

୪ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ପୋଖରୀରେ ଏପର୍ଯ୍ୟନ୍ତ ଟୋପାଏ ପାଣି ରହୁନି କିମ୍ବା ସେହି ପୋଖରୀ ମଧ୍ୟକୁ ପାଣି ଛାଡ଼ିବାର ବେବସ୍ଥା ମଧ୍ୟ କରାଯାଇନାହିଁ ଏହା ସହିତ ଚାରି ପାର୍ଶ୍ୱରେ ଲଗାଯାଇଥିବା ଲାଇଟ୍ ଲାଗିବାର କିଛିଦିନ ପରେ ଅକାମୀ ହୋଇପଡ଼ିଥିବା ଦେଖାଯାଇଛି ।

ନିମ୍ନମାନର କଂକ୍ରିଟ ଢଳାଇ ଲାଗି ଏବେ ତାହା ଉପରେ ଘାସ ଲଟା ଭର୍ତି ହୋଇଯାଇଛି। ନିର୍ମାଣଧୀନ ପୋଖରୀ ବ୍ଲକ୍ ପରିସରର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପରିବର୍ତ୍ତେ ଏବେ ଅଳିଆ ଆବର୍ଜନା ସହ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ଖୋଦ୍ ବ୍ଲକ୍ ପରିସରରେ ଅଯଥା ସରକାରୀ ଅର୍ଥ ବେୟକରି ପୋଖରୀ ଅକାମୀ ହୋଇପଡ଼ିଥିବା ବେଳେ ଅନ୍ୟ ପଞ୍ଚାୟତର ଚିତ୍ର କେଉଁଭଳି ଥିବ ସେନେଇ ଅନେକ ପ୍ରଶ୍ନ ସୃଷ୍ଟି କରିଛି ।

# ଚାଷ ଜମିରେ କୋଠାଘର ନିର୍ମାଣ

### ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରୁନାହାନ୍ତି ତହସିଲଦାର

**କେନ୍ଦ୍ରାପଡ଼ା,୨୬।୯(ସଂଚାର ବ୍ୟୁରୋ):** ଏକ ଚାଷ ଜମିରେ କୋଠାଘର ନିର୍ମାଣକୁ ବନ୍ଦ କରାଯିବାକୁ ନେଇ ଓଡିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରୁନାହାନ୍ତି କେନ୍ଦ୍ରାପଡା ତହସିଲଦାର। ଏନେଇ ଅଭିଯୋଗକାରୀ କଳ୍ପତରୁ ନାୟକ କେନ୍ଦ୍ରାପଡା ଜିଲ୍ଲାପାଳ ଓ କେନ୍ଦ୍ରାଳ ରାଜସ୍ୱ ଆୟୁକ୍ତଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି ।

ବିବରଣୀରୁ ପ୍ରକାଶ ଯେ କେନ୍ଦ୍ରାପଡା ତହସିଲ ଅଧିନ ବଗଡା ରାଜସ୍ୱ ସର୍କଲର କଚେରିପଡା ମୌଜାରେ ଥିବା ଖାତା ନଂ-୯୬୫/୯୬, ପ୍ଲଟ ନଂ-୨୮୮୬, ଏରିଆ ଏ୦.୭୧ଡିସିମିଲ ଶାରଦ କିଷମ ଜମି ଉପରେ ମନୋହର ବେହେରା କୋଠାଘର ନିର୍ମାଣ କରୁଛନ୍ତି । ସେହି ଜମି ପାଶ୍ୱର୍ରେ ଥିବା ଚାଷଜମିର ମାଲିକ କଳ୍ପତରୁ ନାୟକ ସେହି କୋଠାଘର ନିର୍ମାଣକୁ ବନ୍ଦ କରିବା ପାଇଁ କେନ୍ଦ୍ରାପଡା ତହସିଲଦାରଙ୍କୁ ଜଣାଇଥିଲେ ବି କୌଣସି ସୁଫଳ ନମିଳିବାରୁ ସେ ବାଧ୍ୟ ହୋଇ ଓଡିଶା ଉଚ୍ଚ ନ୍ୟାୟାଳୟରେ ଡବ୍ଲୁପିସିନଂ- ୨୦୯୭/୨୦୨୬ରେ ଏକ ମାମଲା ଦାୟର କରିଥିଲେ।

ସେହି ମାମଲାର ବିଚାରକରି ଓଡିଶା ଉଚ୍ଚ ନ୍ୟାୟାଳୟ ତା ୨୭.୦୧.୨୦୨୬ରିଖରେ କେନ୍ଦ୍ରାପଡା ତହସିଲଦାରଙ୍କୁ ଉକ୍ତ ନିର୍ଦ୍ଦେଶ ପ୍ରାପ୍ତ ହେବାର ୪ସପ୍ତାହ ମଧ୍ୟରେ ଆଇନାନୁମୋଦିତ ଭାବେ ଆବେଦନକାରୀଙ୍କ ଦରଖାସ୍ତର ଶୁଣାଣି କରି ନିଷ୍ପତୀ ଗ୍ରହଣ କରିବାସହ ଚାଷଜମି ଉପରେ ଚାଲିଥିବା ବେଆଇନ କୋଠାଘର ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଅଦ୍ୟାବଧି କେନ୍ଦ୍ରାପଡା ତହସିଲଦାର କୁଇନି ଜେନା ହାଇକୋର୍ଟଙ୍କ ଉପରୋକ୍ତ ନିର୍ଦ୍ଦେଶକୁ ପାଳନ କରିନଥିବା ଅଭିଯୋଗକାରୀ କଳ୍ପତରୁ ନାୟକ କେନ୍ଦ୍ରାପଡା ଜିଲ୍ଲାପାଳ ଓ କେନ୍ଦ୍ରାଳ ରାଜସ୍ୱ ଆୟୁକ୍ତଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

# ଅଧିବକ୍ତା ପରିଷଦର ପ୍ରତିଷ୍ଠା ଦିବସ ପାଳିତ

**କେନ୍ଦ୍ରାପଡ଼ା,୨୬।୯(ସଂଚାର ବ୍ୟୁରୋ):** ଓଡ଼ିଶା ଅଧିବକ୍ତା ପରିଷଦର କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ପକ୍ଷରୁ ପରିଷଦର ୩୫ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ତିନିମୁହାଣିସ୍ଥିତ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ସହକାରେ ପାଳିତ ହୋଇଯାଇଛି । ଏହି ସମାରୋହରେ ସମ୍ପାଦକ ସମର କେଶରୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।




କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତଥା ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର.ଏସ.ଏସ.)ର ଓଡ଼ିଶା ପୂର୍ବ ପ୍ରାନ୍ତ ବୌଦ୍ଧିକ ପ୍ରମୁଖ ବିଶ୍ୱମ୍ଭର ପାଣି ଯୋଗଦେଇ ଉପସ୍ଥିତ ଅଧିବକ୍ତାମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ । ସେ ନିଜ ବକ୍ତବ୍ୟରେ କହିଥିଲେ ଯେ, "ପୂଜ୍ୟ ଦୋପନ୍ତ ଠେଙ୍ଗଡ଼ୀଜୀଙ୍କ ମାର୍ଗଦର୍ଶନ ତଥା ଜଷ୍ଟିସ୍ ଏମ୍. ରାମା ଜୋଇସ୍ ଏବଂ ଜଷ୍ଟିସ୍ ଏଚ୍. ଆର୍ ଖାନ୍ନାଙ୍କ ଭଳି ବିଶିଷ୍ଟ ନ୍ୟାୟବିଦ୍‌ମାନଙ୍କ ପ୍ରେରଣାରେ ୧୯୯୨ ମସିହାରେ ଅଖିଳ ଭାରତୀୟ ଅଧିବକ୍ତା ପରିଷଦର ପ୍ରତିଷ୍ଠା ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ଆବଶ୍ୟକତା ଭାବେ ହୋଇଥିଲା। ଜିଲ୍ଲା ସଭାପତି ବିଭୂତି ଭୂଷଣ କର କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଥିଲେ ଯେ "ଓକିଲାତି କେବଳ ଅର୍ଥ ଉପାର୍ଜନର ବୃତ୍ତି ନୁହେଁ, ବରଂ ଏହା ଏକ ପବିତ୍ର ସମାଜସେବା । ଭାରତୀୟ ନ୍ୟାୟଦର୍ଶନର ପୁନରୁତ୍‌ଥାନ କରିବା ସହ ସମାଜର ଧାଡ଼ିର ଶେଷ ଭାଗରେ ଥିବା ବ୍ୟକ୍ତି ପାଖରେ ସୁଲଭ ଓ ତ୍ୱରିତ ନ୍ୟାୟ ପହାଇବା ଆମ ସମସ୍ତଙ୍କର ମୂଳ ସଂକଳ୍ପ ହେବା ଉଚିତ।

ଏହି ଅବସରରେ (ଜି.ପି.) ତଥା ପରିଷଦର ପୂର୍ବତନ ସଭାପତି ବୈଦ୍ୟନାଥ ଚାଟାର୍ଜୀ ସମ୍ମାନିତ ଅତିଥି ଭାବେ ମାସୀନ ରହି ନିଜର ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରବଳ ବର୍ଷା ଓ ପ୍ରତିକୂଳ ପାଗ ସତ୍ତ୍ୱେ ଜିଲ୍ଲାର ବରିଷ୍ଠ ସରକାରୀ ଓକିଲଙ୍କ ସମେତ ୯୫ରୁ ଉର୍ଦ୍ଧ୍ୱ ଆଇନଜୀବୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସଭାକୁ ସାଫଲ୍ୟମଣ୍ଡିତ କରିଥିଲେ ।

## ସୁବର୍ଣ୍ଣରେଖାରେ ଚତୁର୍ଥ ବନ୍ୟା

*ବିପଦ ସଂକେତ ଉପରେ ସୁବର୍ଣ୍ଣରେଖା,୫୦ ହଜାର ପ୍ରଭାବିତ*



**ବାଲିଆପାଳ,୨୬।୯ (ସଂଚାର ବ୍ୟୁରୋ):** ସୁବର୍ଣ୍ଣରେଖାରେ ଚଳିତ ବର୍ଷ ଚତୁର୍ଥ ଥର ବନ୍ୟା ଆସିଛି। ଶନିବାର ଦ୍ୱିତୀୟ ଦିନରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି ସୁବର୍ଣ୍ଣରେଖା। ଜଳସ୍ତର ଯେତିକି ବଢୁଛି ଲୋକଙ୍କର ଦୁର୍ଦ୍ଦଶା ସେତିକି ବଢୁଛି। ଦେଢ଼ ମାସ ଭିତରେ ଚାରିଥର ବନ୍ୟା ଆସି ନାକେଦମ୍ କଲାଣି ଲୋକଙ୍କୁ।ପ୍ରସାଶନ ସମସ୍ତ ପ୍ରଭାବିତ ଲୋକମାନଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ ମଧ୍ୟ ତହା ସମ୍ଭବ ହୋଇପାରି ନାହିଁ।ଅସ୍ତି ପଞ୍ଚାୟତର ପାଳଚମ୍ପେଇ, ସରର୍ଦ୍ଧାରସାହି, ଚଡ ବଢ଼ାପାଳ, ବଢ଼ାପାଳ ପ୍ରଭୃତି ଗ୍ରାମର ଶତାଧିକ ଘରେ ବନ୍ୟା ଜଳ ପଶିଛି। ବିଷ୍ଣୁପୁର ପଞ୍ଚାୟତର ରସଲପୁର, ନୟାବାଲି ଓ ରାଉତୁରାପୁର ଗ୍ରାମର ବନ୍ୟା ସ୍ଥିତି ଅତି ସଙ୍ଗୀନ ସ୍ଥିତିରେ ପହଞ୍ଚିଛି।

ସେହିପରି ବାଲିଆପାଳ ପଞ୍ଚାୟତର କୁଦମାନସିଂ, ଚଡ କୁଦମାନସିଂ ଓ ସୁଙ୍ଗମୁହଁ ପ୍ରଭୃତି ଗ୍ରାମରେ ବନ୍ୟା ପରିସ୍ଥିତି ଜନ ଜୀବନକୁ ଦୁର୍ବିସହ କରିପକାଇଛି। ଯାତାୟାତ ପାଇଁ ପାଓ୍ୱାର ବୋଟ ଯୋଗାଇ ଦିଆଯାଇଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ହୋଇ ପାରି ନାହିଁ। ବ୍ଲକର ବିଷ୍ଣୁପୁର, ଜାମକୁଣ୍ଡା, ବାଲିଆପାଳ, ମଧୁପୁରା, ଅସ୍ତି, ନିଖିରା, କୁମ୍ଭାରୀ, ଶ୍ରୀରାମପୁର, ଦେଭୋଗ ପ୍ରଭୃତି ୧୦ଟି ପଞ୍ଚାୟତର ୫୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ପ୍ରଭାବିତ ହୋଇଛନ୍ତି। ବହୁ ଗାଁ ସମ୍ପୂର୍ଣ୍ଣ ରୂପେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ଧାନ, ପରିବା, ନଳୀତା ସବୁ କ୍ଷତିଗ୍ରସ୍ତ ହୋଇସାରିଥିଲା ବେଳେ ଅଳ୍ପ କିଛି ଉଚ୍ଚା ଜାଗା ଦେଖି କଷ୍ଟେମଷ୍ଟେ ରୁଇ ଥିବା ଧାନ ମଧ୍ୟ ଚତୁର୍ଥ ବନ୍ୟା ରେ ଉଜୁଡି ଗଲା। ଚାଷୀ କୂଳ ହତାଶ ହୋଇଛି। ପୂର୍ବ ବନ୍ୟାର କ୍ଷତିପୂରଣ କିଛି ବି ମିଳିନଥିବା ବେଳେ ଲୋକଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି ଏହି ବନ୍ୟା। ଯାହାଫଳରେ ବନ୍ୟା ପ୍ରଭାବିତ ଲୋକମାନେ ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଯଥାଶୀଘ୍ର ସରକାର ଗୁରୁତ୍ୱ ଦେବାକୁ ସ୍ୱର ଉଠିଲାଣି।

## ଆଜି ବି ବଞ୍ଚିଛି ଭାଗବତ ପରମ୍ପରା, ଉତ୍ସାହ ଭରିଲା ଜଗନ୍ନାଥ ଟ୍ରଷ୍ଟ

**କେନ୍ଦ୍ରାପଡ଼ା, ୨୬।୯ (ସଂଚାର ବ୍ୟୁରୋ):** ଆଧୁନିକତାର ଚାକଚକ୍ୟ ଭିତରେ ଆଜି ବି ଜୀବିତ ରହିଛି ଓଡ଼ିଶାର ମହାନ ଭାଗବତ ପରମ୍ପରା। ପବିତ୍ର ଇନ୍ଦୁ ପୂର୍ଣ୍ଣିମା ଅବସରରେ ଭାଗବତ ଜନ୍ମତିଥି ପାଳନ କରି ଗ୍ରାମବାସୀ ଏହି ପରମ୍ପରାକୁ ଉଜ୍ଜୀବିତ କରିଛନ୍ତି।

ଝଡବର୍ଷାକୁ ଖାତିର ନକରି ପଟ୍ଟାମୁଣ୍ଡାଇ ବ୍ଲକର ଗୁଣ୍ଡପୁର ପଟଣା, ଗଙ୍ଗାରାମପୁର, ମାନପଟଣା ଓ ଆୟବା ଭାଗବତ ଟୁଙ୍ଗୀ ସମେତ ବିଭିନ୍ନ ସ୍ଥାନରେ ଶତାଧିକ ଭାଗବତପ୍ରେମୀଙ୍କ ଉପସ୍ଥିତିରେ ଉତ୍ସବ ପାଳିତ ହୋଇଥିଲା। ଗ୍ରାମବାସୀ ଏକତ୍ରିତ ହୋଇ ଭାଗବତ ଶ୍ରବଣ ସହ ଭୋଜିଭାତରେ ସାମିଲ ହୋଇଥିଲେ। ଏହି ଅବସରରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ଭାଗବତ ଟୁଙ୍ଗୀରେ ପହଞ୍ଚି ପୁରାଣପଣ୍ଡାଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ଶ୍ରୋତାମାନଙ୍କୁ ପୋଟଳୀ ପିଠା ବଣ୍ଟନ କରାଯାଇଥିଲା।



କାର୍ଯ୍ୟକ୍ରମରେ ଟ୍ରଷ୍ଟ ସଭାପତି ଦମନ ମହାନ୍ତି, ପରାମର୍ଶଦାତା ନିମାଇଁ ଚରଣ କର, ସଂଜୀବ ତରାଇ, ପ୍ରମୋଦ ନାୟକଙ୍କ ସମେତ ଟ୍ରଷ୍ଟର ସଦସ୍ୟ ଓ କୁନି ବ୍ୟାସ ଦୁର୍ଗା ପ୍ରସାଦ ପାତ୍ର ଉପସ୍ଥିତ ଥିଲେ।

# ଅସହାୟଙ୍କ ପାଇଁ ଆଶାର ଆଲୋକ ସ୍ନେହମୟୀ ଆଚାର୍ଯ୍ୟ

### ମାନସିକ ଅସୁସ୍ଥ, ବେସାହାରା ବୃଦ୍ଧ-ବୃଦ୍ଧାଙ୍କୁ ଦେଉଛନ୍ତି ନୂଆ ଜୀବନ

**ପାରାଦୀପ,୨୬।୯(ସଂଚାର ବ୍ୟୁରୋ):** ସମାଜରେ ଏମିତି ଅନେକ ମଣିଷ ଅଛନ୍ତି, ଯେଉଁମାନେ ପରିସ୍ଥିତିର ଚାପରେ ପରିବାର ଓ ସମାଜଠାରୁ ଦୂରେଇ ଯାଇ ଅସହାୟ ଜୀବନ ବିତାଉଛନ୍ତି। କେହି ରାସ୍ତାକଡ଼ରେ, କେହି ଅଳିଆଗଦା ପାଖରେ, ଆଉ କେହି ନିର୍ଜନ ସ୍ଥାନରେ ପଡ଼ିରହିଥିବା ବେଳେ ସେମାନଙ୍କ ପାଇଁ ଆଶାର ଆଲୋକ ପାଲଟିଛନ୍ତି ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ।




ମାନସିକ ଅସୁସ୍ଥ, ବେସାହାରା, ବୃଦ୍ଧ ଓ ବୃଦ୍ଧାଙ୍କୁ ଉଦ୍ଧାର କରି ସେମାନଙ୍କ ଚିକିତ୍ସା, ଯତ୍ନ ଓ ଥଇଥାନ ପାଇଁ ସ୍ନେହମୟୀ ନିରନ୍ତର କାର୍ଯ୍ୟ କରିଆସୁଛନ୍ତି। ପରିବାର ଓ ସମାଜ ଯେତେବେଳେ ଏଭଳି ଅସହାୟଙ୍କଠାରୁ ମୁହଁ ଫେରାଇ ନିଏ, ସେତେବେଳେ ସ୍ନେହମୟୀଙ୍କ ସେବାର ହାତ ସେମାନଙ୍କ ପାଇଁ ପାଲଟିଯାଏ ଆଶ୍ରୟ। କେବଳ ଉଦ୍ଧାର କରିବା ନୁହେଁ, ଚିକିତ୍ସା, ଯତ୍ନ ଓ ଥଇଥାନ ମାଧ୍ୟମରେ ମଣିଷ ଭାବେ ସମ୍ମାନର ସହ ବଞ୍ଚିବାର ସୁଯୋଗ ଦେବାକୁ ସେ ପ୍ରୟାସ କରୁଛନ୍ତି।

ସ୍ନେହମୟୀଙ୍କ କହିବା ଅନୁସାରେ, ତାଙ୍କର ଏହି ସେବା ଯାତ୍ରାରେ ଏପର୍ଯ୍ୟନ୍ତ ୫୦୦ରୁ ଉର୍ଦ୍ଧ୍ୱ ଅସହାୟ ମଣିଷଙ୍କୁ ଉଦ୍ଧାର କରାଯାଇଛି। ତାଙ୍କ ମାନବିକ ସେବା କାର୍ଯ୍ୟ ପାଇଁ ବିଭିନ୍ନ ସମୟରେ ତାଙ୍କୁ ମିଳିଛି ଅନେକ ସମ୍ମାନ ଓ ପୁରସ୍କାର। ତାଙ୍କୁ 'ଓ୍ୱମେନ ଆଚିବର ଆୱାର୍ଡ', 'ସରଳା ଦେବୀ ସମ୍ମାନ', 'କଳିଙ୍ଗ କନ୍ୟା ସମ୍ମାନ', 'ସେବା ଗୌରବ ସମ୍ମାନ', 'ପ୍ରଥମ ଆଧ୍ୟାତ୍ମିକ ସମ୍ମାନ', 'ସେବା ଯଜ୍ଞ ସମ୍ମାନ' ଏବଂ 'ଶ୍ରେଷ୍ଠ ସମାଜସେବୀ ସମ୍ମାନ' ଭଳି ସମ୍ମାନରେ ସମ୍ମାନିତ କରାଯାଇଛି।

ଅସହାୟଙ୍କ ମୁହଁରେ ହସ ଫୁଟାଇବା, ନିରାଶ ଜୀବନରେ ଆଶା ଜଳାଇବା ଓ ଅବହେଳିତଙ୍କୁ ଆଶ୍ରୟ ଦେବା— ଏହାକୁ ନିଜ ଜୀବନର ସେବା ଧର୍ମ ଭାବେ ଗ୍ରହଣ କରିଛନ୍ତି ସ୍ନେହମୟୀ ଆଚାର୍ଯ୍ୟ। ନିଜ ସେବା ଯାତ୍ରାକୁ ଆଗକୁ ନେଇ ସ୍ନେହମୟୀ ଆଚାର୍ଯ୍ୟ ଆଜି ଅନେକ ଅସହାୟଙ୍କ ପାଇଁ ଆଶା, ମମତା ଓ ଆଶ୍ରୟର ଏକ ନାମ ପାଲଟିଛନ୍ତି।

# ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ଭାଙ୍ଗି ଲୁଟ୍‌ପାଟ୍

### ତିକନପୁରରେ ଇନ୍‌ଭର୍ଟର, ବ୍ୟାଟେରୀ ସହ ଇଣ୍ଟରନେଟ୍ ସାମଗ୍ରୀ ଚୋରି
### ବଢୁଛି ଅସୁରକ୍ଷା, ପୁଲିସ ପାଟ୍ରୋଲିଂ କଡ଼ାକଡ଼ି ଦାବି

**କେନ୍ଦ୍ରାପଡ଼ା,୨୬।୯(ସଂଚାର ବ୍ୟୁରୋ):** ସରକାରୀ କାର୍ଯ୍ୟାଳୟକୁ ବି ଛାଡୁନାହାନ୍ତି ଚୋର । ରାତିର ଅନ୍ଧକାରରେ ପଞ୍ଚାୟତ କାର୍ଯ୍ୟାଳୟର ତିନୋଟି ତାଲା ଭାଙ୍ଗି ଦୁର୍ବୃତ୍ତ ଲୁଟିନେଲେ ଲକ୍ଷ୍ୟାଧିକ ସାମଗ୍ରୀ। ଗରଦପୁର ବ୍ଲକ୍ ଅନ୍ତର୍ଗତ ତିକନପୁର ପଞ୍ଚାୟତ କାର୍ଯ୍ୟାଳୟରୁ ଇନ୍‌ଭର୍ଟର, ବ୍ୟାଟେରୀ, ଆକ୍ୱାଗାର୍ଡ ସମେତ ଇଣ୍ଟରନେଟ୍ ବ୍ୟବସ୍ଥାର ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଏନେଇ ସରପଞ୍ଚ ଅମିୟ ରଞ୍ଜନ ନାୟକ କୁଦାନଗରୀ ଥାନାରେ ଏତଲା ଦେଇଛନ୍ତି ।

ପ୍ରାପ୍ତ ସୂଚନା ଅନୁସାରେ, ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ତିକନପୁର ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ତିନୋଟି ତାଲା ଭାଙ୍ଗି ଭିତରେ ପଶିଥିଲେ । କାର୍ଯ୍ୟାଳୟରେ ଥିବା ଇନ୍‌ଭର୍ଟର, ଆକ୍ୱାଗାର୍ଡ, ବ୍ୟାଟେରୀ ଓ ଇଣ୍ଟରନେଟ୍ ବ୍ୟବସ୍ଥାର ବିଭିନ୍ନ ଉପକରଣ ନେଇ ଚମ୍ପଟ ମାରିଥିଲେ । ସକାଳେ ଘଟଣା ଜଣାପଡ଼ିବା ପରେ ପଞ୍ଚାୟତ ପକ୍ଷରୁ ଏନେଇ ଥାନାରେ ଅଭିଯୋଗ କରାଯାଇଥିଲା ।

ଅଭିଯୋଗ ପରେ କୁଦାନଗରୀ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ତେବେ ଚୋରିରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କ ସମ୍ପର୍କରେ ଏଯାଏଁ କୌଣସି ସୁରାକ୍ ମିଳିନଥିବା ବେଳେ ଚୋରି ସାମଗ୍ରୀ ମଧ୍ୟ ଉଦ୍ଧାର ହୋଇନାହିଁ ।

ଅନ୍ୟପକ୍ଷରେ କୁଦାନଗରୀ ଥାନା ଅଞ୍ଚଳରେ ବାରମ୍ବାର ଚୋରି ଘଟଣା ଘଟୁଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସୁରକ୍ଷା ଭାବ ବଢ଼ିବାରେ ଲାଗିଛି। ଗାଁ ଗଣ୍ଡାରେ ଚୋରି ରୋକିବା ଏବଂ ରାତିରେ ଦୁର୍ବୃତ୍ତଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ପୁଲିସର ନିୟମିତ ପାଟ୍ରୋଲିଂ ଜରୁରୀ ହୋଇପଡ଼ିଛି । ଏଥିସହ ସମ୍ବେଦନଶୀଳ ଅଞ୍ଚଳରେ ରାତ୍ରିକାଳୀନ ପୁଲିସ ଟହଲ ବଢ଼ାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ପଞ୍ଚାୟତ କାର୍ଯ୍ୟାଳୟରୁ ସାମଗ୍ରୀ ଚୋରି ହେବା ଦ୍ୱାରା କେବଳ ସରକାରୀ ସମ୍ପତ୍ତିର କ୍ଷତି ହୋଇନାହିଁ, ବରଂ ପଞ୍ଚାୟତର ଦୈନନ୍ଦିନ କାର୍ଯ୍ୟ ଓ ଜନସାଧାରଣଙ୍କୁ ମିଳୁଥିବା ସେବା ମଧ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି । ତେଣୁ ପୁଲିସ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଚୋରଙ୍କୁ ଠାବ କରିବା ସହ ଚୋରି ସାମଗ୍ରୀ ଉଦ୍ଧାର କରିବା ଏବଂ ଅଞ୍ଚଳରେ ଚୋରି ରୋକିବା ପାଇଁ ଠୋସ୍ ପଦକ୍ଷେପ ନେବାକୁ ଦାବି ହେଉଛି ।

## ୫୦ ଫୁଟ ତଳକୁ ଧସିଲା ରେଳପଥ, ମାଳିଗୁଡାରେ ରେଳ ଚଳାଚଳ ଠପ୍



**କୋରାପୁଟ,୨୬।୯ (ସଂଚାର ବ୍ୟୁରୋ):** ଲଗାଣ ବର୍ଷା ପରେ କୋରାପୁଟ ଜିଲ୍ଲାରେ ବନ୍ୟା ପରିସ୍ଥିତି ମଧ୍ୟରେ ରେଳ ଯୋଗାଯୋଗ ବ୍ୟବସ୍ଥା ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଜୟପୁର-କୋରାପୁଟ ରେଳପଥର ମାଳିଗୁଡା ଷ୍ଟେସନ ନିକଟରେ ଲଗାଣ ବର୍ଷା ଯୋଗୁଁ ମାଟି ଅତଡ଼ା ଧସିବା ସହ ରେଳପଥର ଗୋଟିଏ ଲାଇନ୍ ପ୍ରାୟ ୫୦ ଫୁଟ ତଳକୁ ଧସିଯାଇଛି। ଏହା ସହ ଏକ ବିଦ୍ୟୁତ୍ ଟାୱାର ମଧ୍ୟ ଉପୁଡ଼ି ପଡ଼ିଥିବା ଜଣାପଡ଼ିଛି। ଘଟଣା ପରେ ଏହି ରୁଟ୍‌ରେ ଯାତ୍ରୀବାହୀ ଓ ମାଲବାହୀ ଟ୍ରେନ୍ ଚଳାଚଳ ବନ୍ଦ ରହିଛି। ଫଳରେ କୋରାପୁଟ-ରାୟଗଡ଼ା ରେଳପଥରେ ଯାତାୟାତ ବ୍ୟବସ୍ଥା ଠପ୍ ହୋଇପଡ଼ିଛି।

ଗତ ୪ ଦିନ ଧରି ଲଗାଣ ବର୍ଷା ପରେ ମାଳିଗୁଡା ଅଞ୍ଚଳରେ ରେଳପଥ ଉପରେ ଏହାର ଗୁରୁତର ପ୍ରଭାବ ପଡ଼ିଛି। ମାଳିଗୁଡା ଷ୍ଟେସନ ନିକଟରେ ଥିବା ୫ଟି ରେଳଲାଇନ୍ ମଧ୍ୟରୁ ଗୋଟିଏ ଲାଇନ୍‌ର ମାଟି ଧସିଯିବା ଯୋଗୁଁ ରେଳପଥର ସୁରକ୍ଷା ନେଇ ଗୁରୁତର ସମସ୍ୟା ଦେଖାଦେଇଛି। ରେଳ ବିଭାଗ ପକ୍ଷରୁ ତୁରନ୍ତ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ନିଆଯାଉଛି। ରେଳପଥ ପୁନରୁଦ୍ଧାର ପାଇଁ ରେଳ ବିଭାଗର ଟେକ୍ନିକାଲ୍ ଷ୍ଟାଫ୍‌ଙ୍କ ସମେତ ଭୁବନେଶ୍ୱର ପିଏଚ୍‌ଓଡି ଷ୍ଟାଫ୍‌ଙ୍କୁ ନିୟୋଜିତ କରାଯାଇଛି। ୪୦୦ରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କ ସହ ୧୭ଟି ପୋକ୍ଲେନ୍ ମେସିନ୍ ଲଗାଇ ପୁନରୁଦ୍ଧାର କାମ ଚାଲିଛି। ଧସିଯାଇଥିବା ଅଞ୍ଚଳରେ ମାଟି ଭରିବା, ରେଳପଥକୁ ସୁରକ୍ଷିତ କରିବା ଏବଂ କ୍ଷତିଗ୍ରସ୍ତ ଭିତ୍ତିଭୂମିର ପୁନର୍ନିର୍ମାଣ ନେଇ ରେଳ ବିଭାଗ ପକ୍ଷରୁ ଜୋରଦାର ପ୍ରୟାସ ଜାରି ରହିଛି।

ଡିଆରଏମ୍ ଅମିତାଭ ସିଂଘଲଙ୍କ ସୂଚନା ଅନୁସାରେ, ମାଳିଗୁଡା ନିକଟରେ ରେଳପଥର କ୍ଷତି ଗୁରୁତର ହୋଇଥିବାରୁ ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ପ୍ରାୟ ୪ରୁ ୫ ଦିନ ସମୟ ଲାଗିପାରେ। ମରାମତି କାମ ସରିବା ପରେ ହିଁ ଏହି ରୁଟ୍‌ରେ ରେଳ ଚଳାଚଳ ସ୍ୱାଭାବିକ ହେବ। ସେ କହିଛନ୍ତି ଯେ, ସାଇକ୍ଲୋନ୍ 'ଅର୍ଣ୍ଣବ'ର ପ୍ରଭାବରେ କୋରାପୁଟ ଓ ରାୟଗଡ଼ା ରେଳପଥର ବିଭିନ୍ନ ସ୍ଥାନରେ ସମସ୍ୟା ଉପୁଜିଛି। ତେଣୁ ରେଳ ଚଳାଚଳକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ସହ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି।

# ଶ୍ରୀହୀନ ହେବାକୁ ବସିଛି କୁଳଢିଆ ଅଭୟାରଣ୍ୟ

### ଜଙ୍ଗଲ ମାଫିଆ ଓ ତସ୍କରୀଙ୍କ ସହ ବନବିଭାଗର ମଧୁଚନ୍ଦ୍ରିକା

**ନୀଳଗିରି,୨୬।୯ (ସଂଚାର ବ୍ୟୁରୋ):** କାଠ ମାଫିଆଙ୍କ କବ୍‌ଜାରେ କୁଲଡିହା ଅଭୟାରଣ୍ୟ । ଉଜୁଡି ଯାଉଛି ବର୍ଷ ବର୍ଷର ସଂରକ୍ଷିତ ସବୁଜିମା ଜଙ୍ଗଲ । କୁଲଡିହା ଜଙ୍ଗଲରେ ବାନ୍ୟଜନ୍ତୁ ଶିକାରୀ ସାଙ୍ଗକୁ କାଠ ମାଫିଆଙ୍କ କାରବାର ବଢୁଛି । କୁଲଡିହା ଜଙ୍ଗଲରେ ଶତାଧିକ ଟ୍ରାପ କେମେରା ଲାଗିଥିଲେ ମଧ୍ୟ ଚୋରି ଓ ତସ୍କରୀଙ୍କ ଭୂସ୍ୱର୍ଗ ପାଲଟିଛି କେମିତି ତାହାନେଇ ବୁଦ୍ଧିଜୀବୀ ମହଲରେ ବିରାଟ ପ୍ରଶ୍ନ ଉଙ୍କି ମାରୁଛି । ବନବିଭାଗର ଅପାରଗତାକୁ ନେଇ ମାଫିଆଙ୍କ ଖୋଲା ଚେଲେଞ୍ଜ ଭଳି ଅନୁମାନ ହେଉଛି ।




ସବୁଜିମା ଭରା ୨୭୨.୭୫ ବର୍ଗ କି.ମିର ପରିବ୍ୟାପ୍ତ କୁଲଡିହା ଅଭୟାରଣ୍ୟ। ଯେଉଁ ଜଙ୍ଗଲରେ ଗୟଳ, ହାତୀ, ହରିଣ, ମାଙ୍କଡ଼, ସିଆଳ, କୁକିସିଆଳ, କୁଟାରୀ, ବାଘ, ହେଟାବାଘ, ଭାଲୁଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ପକ୍ଷୀ ଯଥା ମୟୁର, ଶୁଆ, ସାରି, କପୋତ, ଗୁଣ୍ଡୁରୀ, କୁମ୍ଭାଟୁଆ, ପେଚା, ମାଛରଙ୍କା, କୁଇଲି, ବଣି କଜଳପାତି, ଭଦଭଦିଳିଆ, ବାଜ ସହିତ ବିଦେଶୀ ଶତାଧିକ ପକ୍ଷୀ, ଅଜଗର, ଅହିରାଜ, ଗଖୋର ନାଗ, ତମ୍ପ, ଲାଉଡ଼ଙ୍କିଆ, ଚିତି, ଚନ୍ଦନବୁଡ଼ା, ଧୋବଣା, ଧୂଳିଆ ନାଗ ପଦ୍ମ ନାଗ ମାଟି ବିରାଡ଼ିଆ ଭଳି ବିଭିନ୍ନ ପ୍ରକାର ସରୀସୃପ ଓ ବହୁ ପ୍ରଜାତିର ଜନ୍ତୁଙ୍କ ଆଶ୍ରୟ ସ୍ଥଳୀକୁ ବାହାରୁ ବହୁ ପର୍ଯ୍ୟଟକ ସମୟ ଥିଲା ବୁଲିବାକୁ ଆସୁଥିଲେ। ଆଜିକିନ୍ତୁ ଶ୍ରୀହୀନ ହେବାକୁ ବସିଲାଣି କୁଲଢିହା ଅଭୟାରଣ୍ୟ।

ଏଠି ବହୁମୂଲ୍ୟ ବାନ ଗଛ ଦେଖିବାକୁ ମିଳେ ଯଥା ଶାଳ, ପିଆଶାଳ, କେନ୍ଦୁ, ମହୁଲ, ଚାର, ଅସନ, ଆକାଶିଆ, ପାଗଡା, ନିମ୍ବ, କରଞ୍ଜ, ସୁନାରି,ହରିଡ଼ା ବାହାଡା, ଜାମକୋଳି, ଧାତ୍ରୀ ଅଂଳା, ବେଲ ଠାରୁ ଆରମ୍ଭ କରି ନାନା ପ୍ରକାର ଔଷଧୀଅ ଗଛ ଓ ଲତା ଯଥା ରାମ ଦାନ୍ତୁଣି, ସିଆଡ଼ି ନଟା। ଆଜି ସେ ଅଭୟାରଣ୍ୟ କୁ ସତେ ଯେମିତି କାହାର ନଜର ଲାଗିଯାଇଛି । ଫଳରେ ଦିନକୁ ଦିନ ବାଲିଆନାଳ ବିଟ ହାଉସ ପାଖାପାଖି ଜଙ୍ଗଲ ସଫାହେବାକୁ ବସୁଛି ।

ପୂର୍ବରୁ ନଟାପଡା ଓ ବେତକଟା ପ୍ରଭୃତି ଅଞ୍ଚଳରେ ଯେଉଁ କଟା ଗଛ ସିଜ କରାଯାଇଛି ତାହା କୌଣସି ମୂଳ ଗଛ ସହ ମେଳ ଖାଉନଥିବା ସ୍ଥାନୀୟ ବୁଦ୍ଧିଜୀବୀ କହୁଥିବାର ଶୁଣିବାକୁ ମିଳୁଛି । ଏ ନେଇ ଉଚ୍ଚ ସ୍ତରୀୟ ତଦନ୍ତ ଆବଶ୍ୟକ ବୋଲି ସ୍ଥାନୀୟ ବ୍ୟକ୍ତିମାନେ ଦାବି କରୁଥିବା ଜଣାଯାଇଛି ।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ସରକାରଙ୍କୁ ମନମୋହନଙ୍କ ପ୍ରଶଂସା



ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ): ବଙ୍ଗୋପସାଗରରେ ଗଭୀର ଅବପାତ ଯୋଗୁଁ ସାରା ରାଜ୍ୟରେ ପବନ, ବ୍ୟାପକ ବର୍ଷା ଲାଗି ରହିବା ସହ ବହୁ କ୍ଷୟକ୍ଷତି ହୋଇଛି। ଲଗାଣ ବର୍ଷା ଯୋଗୁଁ ରାଜ୍ୟର ସମସ୍ତ ନଦୀର ଜଳସ୍ତର ବଢ଼ି ପୁନର୍ବାର ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ପୂର୍ବରୁ ଏହି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ରାଜ୍ୟ ସରକାର ଯେଉଁଭଳି ପ୍ରୟାସ କରୁଛନ୍ତି, ତାହା ପ୍ରଶଂସନୀୟ। 'ଜିରୋ କାଜୁଆଲିଟି' ଉପରେ ଗୁରୁତ୍ୱ ଦିଆଯାଇ ତଳିଆ ଓ ସମ୍ବେଦନଶୀଳ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ଅଞ୍ଚଳକୁ ସ୍ଥାନାନ୍ତର କରାଯାଉଛି। ବାତ୍ୟା ଆଶ୍ରୟସ୍ଥଳରେ ରନ୍ଧା ଖାଦ୍ୟ ପରିବେଷଣକୁ ପ୍ରାଧାନ୍ୟ ଦିଆଯିବା ସହ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଉଛି। ରାସ୍ତାଘାଟ ସଫା କରି ଯୋଗାଯୋଗ ପୁନଃସ୍ଥାପନ କରିବା, ବିଜୁଳି ଓ ପାନୀୟ ଜଳକୁ ଲୋକଙ୍କ ପାଖକୁ ପହଞ୍ଚାଇବା ଉପରେ ବର୍ତ୍ତମାନ ଗୁରୁତ୍ୱ ଦିଆଯାଉଛି। ପ୍ରଭାବିତ ଅଞ୍ଚଳରେ ସ୍ଥିତି ସ୍ୱାଭାବିକ କରିବା ପାଇଁ ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ ପ୍ରୟାସ ଜାରି ରଖିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ପୁରା ଟିମ୍‌କୁ ରାଜ୍ୟ ସଭାପତି ମନମୋହନ ସାମଲ ଧନ୍ୟବାଦ ଦେଇଛନ୍ତି।

ଏକ ପ୍ରେସ ବିବୃତିରେ ଶ୍ରୀ ସାମଲ ଦର୍ଶାଇଛନ୍ତି ଯେ ଏହି ସମୟରେ ଧୈର୍ଯ୍ୟର ସହ ପରିସ୍ଥିତିର ମୁକାବିଲା କରିବା। ଅବପାତ ହେଉ ବା ବନ୍ୟା ଯେକୌଣସି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ରାଜ୍ୟରେ ବିଜେପି ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏହି ସେବା, ସହାୟତା, ରିଲିଫ୍ କାର୍ଯ୍ୟରେ ପ୍ରଶାସନ ଓ ସରକାରଙ୍କୁ ଦଳର କାର୍ଯ୍ୟକର୍ତ୍ତାମାନେ ପୂର୍ଣ୍ଣ ସହଯୋଗ କରନ୍ତୁ। ବିଶେଷକରି ଜନସାଧାରଣ ଓ ପ୍ରାଣୀ ସମ୍ପଦକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ, ଶୁଖିଲା ଓ ରନ୍ଧା ଖାଦ୍ୟ ବଣ୍ଟନ, ବୃଦ୍ଧବୃଦ୍ଧା, ଗର୍ଭବତୀ ମହିଳା ଓ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବା କାର୍ଯ୍ୟରେ ପ୍ରଶାସନ ଓ ସରକାରଙ୍କୁ ସହଯୋଗ କରିବାକୁ କାର୍ଯ୍ୟକର୍ତ୍ତାମାନଙ୍କୁ ଶ୍ରୀ ସାମଲ ପରାମର୍ଶ ଦେଇଛନ୍ତି। ପ୍ରଶାସନ, ସରକାର, ଅଗ୍ନିଶମ, ଏନଡିଆରଏଫ୍, ଏସଡିଆରଏଫ୍ ଉଦ୍ଧାରକାରୀ ଦଳ ସହ ମିଶି ଏହି ପରିସ୍ଥିତିର ମୁକାବିଲା ପାଇଁ ପାର୍ଟିର କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସାମାଜିକ ସଂଗଠନଗୁଡ଼ିକ ମଧ୍ୟ ଏହି କାର୍ଯ୍ୟରେ ସହଯୋଗ କରନ୍ତୁ। ଦଳମତ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ଏହି କଠିନ ପରିସ୍ଥିତିର ମୁକାବିଲା କରିପାରିବା ବୋଲି ଶ୍ରୀ ସାମଲ ଉଲ୍ଲେଖ କରିଛନ୍ତି।

■ 'ଅଙ୍ଗନ୍ କା ଉତ୍ସବ' ଅଭିଯାନର ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ

# ଅଙ୍ଗନୱାଡ଼ି କର୍ମଚାରୀଙ୍କ ଶାଢ଼ି ଭତ୍ତା ୧୫୦୦କୁ ବୃଦ୍ଧି



ଭୁବନେଶ୍ୱର, ୨୬।୯ (ସଂଚାର ବ୍ୟୁରୋ): ରାଜ୍ୟରେ ଶିଶୁ, ମହିଳା ଓ କିଶୋରୀମାନଙ୍କ ପୋଷଣ ଏବଂ ସ୍ୱାସ୍ଥ୍ୟ ସଚେତନତାକୁ ବ୍ୟାପକ କରିବା ଲକ୍ଷ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗର ସମ୍ମିଳନୀ କକ୍ଷରୁ 'ଅଙ୍ଗନ୍ କା ଉତ୍ସବ' ଅଭିଯାନର ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି।

ଏହି ସମାରୋହ ଅବସରରେ ମହିଳା ଓ ଶିଶୁ କଲ୍ୟାଣକୁ ଆହୁରି ସୁଦୃଢ଼ କରିବା ସହ ଆଧାରଭୂମି ଅଙ୍ଗନୱାଡ଼ି କର୍ମୀଙ୍କ ଯୋଗଦାନକୁ ସ୍ୱୀକୃତି ଦେଇ ଉପମୁଖ୍ୟମନ୍ତ୍ରୀ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନଙ୍କ ଶାଢ଼ୀ ଭତ୍ତା ବାବଦକୁ ୧୩୧୦ ଟଙ୍କାରୁ ୧୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି, ଯେଉଁଥିରେ କେନ୍ଦ୍ର ସରକାର ୬୦୦ ଟଙ୍କା ଓ ରାଜ୍ୟ ସରକାର ୯୦୦ ଟଙ୍କା ପ୍ରଦାନ କରିବେ। ସମୁଦାୟ ୨୨.୩୦ କୋଟି ଟଙ୍କାର ବ୍ୟୟବରାଦରେ ରାଜ୍ୟର ପ୍ରାୟ ୧.୪୮ ଲକ୍ଷ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ପ୍ରତ୍ୟକ୍ଷ ଭାବେ ଉପକୃତ ହେବେ। ଏଥିସହ ରାଜ୍ୟର ପୋଷଣ,

**ଡିଜିଟାଲ୍ ବିଦ୍ୟୁତ୍ ବିଲ୍ ପରିଚାଳନା ପାଇଁ 'ଦୀପ୍ତି' ପୋର୍ଟାଲ୍ ଶୁଭାରମ୍ଭ**

ସ୍ୱାସ୍ଥ୍ୟ ଓ ପ୍ରାକ୍-ବିଦ୍ୟାଳୟ ଶିକ୍ଷା ସେବାର ମୁଖ୍ୟ ସ୍ତମ୍ଭ ସାଜିଥିବା ଅଙ୍ଗନୱାଡ଼ି କର୍ମୀଙ୍କ ପ୍ରଶାସନିକ ବୋଝ କମାଇବା ପାଇଁ ଉପମୁଖ୍ୟମନ୍ତ୍ରୀ 'ଦୀପ୍ତି' ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଡିଜେକ୍ସର ମିଳିତ ସହଯୋଗରେ ବିକଶିତ ଏହି ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ବିଜୁଳି ବିଲ୍ ଯାଞ୍ଚ, ପରିଶୋଧ ଓ ଟ୍ରାକିଂ ସିଧାସଳଖ ସମ୍ପାଦିତ ହେବ ଏବଂ ଏହି ଦିଗରେ ମହିଳା ଓ ଶିଶୁ ବିକାଶ ବିଭାଗ ଓଡ଼ିଶାରେ ପ୍ରଥମ ବିଭାଗ ହୋଇଥିବାରୁ ଅନ୍ତର୍ଭୁକ୍ତ ଅଧିକାରୀଙ୍କୁ ମନ୍ତ୍ରୀ ସାଧୁବାଦ ଜଣାଇଛନ୍ତି। ଏହାଦ୍ୱାରା ଅଙ୍ଗନୱାଡ଼ି କର୍ମୀମାନେ ବିଜୁଳି ବିଲ୍ ଦେବାର ଆର୍ଥିକ ଦାୟିତ୍ୱରୁ ମୁକ୍ତ ହେବା ସହ କେନ୍ଦ୍ରଗୁଡ଼ିକରେ ଅବିରତ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ ହେବ। ଏହି ପଦକ୍ଷେପ ଅଙ୍ଗନୱାଡ଼ି କର୍ମୀଙ୍କ ବହୁମୂଲ୍ୟ ସମୟ ବଞ୍ଚାଇବ, ଯାହାକୁ ସେମାନେ ଶିଶୁ ଓ ମା'ମାନଙ୍କର ସେବାରେ ନିୟୋଜିତ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ଉପ-ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ତୃଣମୂଳ ସ୍ତରରେ ପୋଷଣ ଓ ଶିଶୁ ବିକାଶ ସେବା ଯୋଗାଇବାରେ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଣିସହ ଶିଶୁ ଓ ମାତୃ କଲ୍ୟାଣକାରୀ ଯୋଜନାଗୁଡ଼ିକରେ ସମୁଦାୟର ସହଭାଗିତାକୁ ସୁଦୃଢ଼ କରିବା ପାଇଁ ଏହି ଅଭିଯାନକୁ ଏକ ଅର୍ଥପୂର୍ଣ୍ଣ ମାଧ୍ୟମ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

## ଘରୋଇ ହସ୍ପିଟାଲରୁ ମିଳିଲା କର୍ମଚାରୀଙ୍କ ମୃତଦେହ



କଟକ,୨୬।୯ (ସଂଚାର ବ୍ୟୁରୋ) : ଘରୋଇ ହସ୍ପିଟାଲ୍ ପରିସରରୁ କର୍ମଚାରୀଙ୍କ ମୃତଦେହ ଉଦ୍ଧାର । ହତ୍ୟା ଅଭିଯୋଗ କଲେ ପରିବାର ଲୋକେ । କଟକ ରାଣୀହାଟ କଲେଜ ଛକରେ ଥିବା ଏକ ଘରୋଇ ହସ୍ପିଟାଲରେ ସିଡି ଘରୁ ହସ୍ପିଟାଲ କର୍ମଚାରୀଙ୍କର ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ମାହାଙ୍ଗା ଅଞ୍ଚଳର ୩୦ ବର୍ଷୀୟ ତପନ ବେଜ । ସେ ହସ୍ପିଟାଲରେ ଚିକିତ୍ସା ସହାୟକ ଭାବେ କାମ କରୁଥିଲେ । ଶନିବାର ଭୋର ୫ଟା ବେଳେ ହସ୍ପିଟାଲର ତୃତୀୟ ମହଲା ସିଡି ଘରୁ ତପନଙ୍କର ଝୁଲନ୍ତା ମୃତଦେହ ମିଳିଥିଲା। ହସ୍ପିଟାଲ କର୍ତ୍ତୃପକ୍ଷ ସଙ୍ଗେ ସଙ୍ଗେ ଗାମୁଛା କାଟି ତାଙ୍କୁ ଆଇସିୟୁରେ ଭର୍ତ୍ତି କରିଥିଲେ । ପରେ ମୃତଦେହକୁ ଏସସିବିକୁ ନେବା ପାଇଁ ଯୋଜନା କରିଥିଲେ । ତେବେ ପୋଲିସ ଆସିବା ପୂର୍ବରୁ କାହିଁକି ମୃତଦେହ ପଠାଯାଉଥିଲା ବୋଲି ମୃତ ତପନଙ୍କ ପରିବାର ଲୋକ ପ୍ରଶ୍ନ କରିଛନ୍ତି । ଏଥି ସହ ହତ୍ୟା ଅଭିଯୋଗ ଆଣିଛନ୍ତି । ତପନଙ୍କୁ ହସ୍ପିଟାଲ କର୍ତ୍ତୃପକ୍ଷ ମାନସିକ ନିର୍ଯାତନା ଦେଉଥିଲେ ଓ ବାରମ୍ବାର ତାଙ୍କୁ ଧମକ ଚମକ ଦେଉଥିଲେ ତେଣୁ ତାଙ୍କୁ ଯୋଜନା ବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି ପରିବାର ଲୋକେ । ମାଲଗୋଦାମ ଥାନା ପୋଲିସ, ଜୋନ ୧ ଏସିପି ଓ ସାଇଣ୍ଟିଫିକ୍ ଟିମ୍ ହସ୍ପିଟାଲ ପରିସରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । କେଉଁ ପରିସ୍ଥିତିରେ ତପନଙ୍କର ମୃତ୍ୟୁ ଘଟିଛି ସେନେଇ ପୋଲିସ ତଦନ୍ତ କରୁଛି ।

## ଭୂସ୍ଖଳନ କାରଣରୁ ଏକାଧିକ ଟ୍ରେନ୍ ବାତିଲ

ଭୁବନେଶ୍ୱର,୨୬।୯ (ସଂଚାର ବ୍ୟୁରୋ) : ଭୂସ୍ଖଳନ କାରଣରୁ ପୂର୍ବତଟ ରେଳପଥ ଏକାଧିକ ଟ୍ରେନ୍ ବାତିଲ କରିବା ସହ କିଛି ଟ୍ରେନ୍ ର ରୁଟ୍ ପରିବର୍ତ୍ତନ କରାଯାଇଛି। କିରଣ୍ଡୁଲ-ବିଶାଖାପାଟଣା ପାସେଞ୍ଜର, କିରଣ୍ଡୁଲ-ବିଶାଖାପାଟଣା ଏକ୍ସପ୍ରେସ, ଏବଂ ଜଗଦଲପୁର-ରାଉରକେଲା ଏକ୍ସପ୍ରେସକୁ ସମ୍ପୂର୍ଣ୍ଣ ବାତିଲ କରାଯାଇଛି । ଏଥି ସହିତ କିଛି ଟ୍ରେନ୍ ର ଗତିପଥ ଆଂଶିକ ପରିବର୍ତ୍ତନ ମଧ୍ୟ କରାଯାଇଛି। ଆଜି ଜଗଦଲପୁର-ହାୱଡ଼ା ସମଲେଶ୍ୱରୀ ଏକ୍ସପ୍ରେସ ଏବଂ ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ ଜଗଦଲପୁର ବଦଳରେ କୋରାପୁଟରୁ ଯାତ୍ରା ଆରମ୍ଭ କରିବ ବୋଲି ରେଳ ବିଭାଗ ସ୍ପଷ୍ଟ କରିଛି । ଆଜି କୋରାପୁଟଠାରୁ ଜଗଦଲପୁର ମଧ୍ୟରେ ରେଳ ସେବା ସମ୍ପୂର୍ଣ୍ଣ ବନ୍ଦ ରହିବ ।





■ ବିଜେଡି ନେତ୍ରୀଙ୍କୁ ବଦନାମ ପାଇଁ 'ଡିପ୍‌ଫେକ୍' ଭିଡିଓ ଅଭିଯୋଗ

# ପ୍ରତିବାଦରେ କ୍ୟାପିଟାଲ୍ ଥାନା ଘେରାଉ

ଭୁବନେଶ୍ୱର, ୨୬।୯ (ସଂଚାର ବ୍ୟୁରୋ): ବିଜେଡିର ମହିଳା ନେତ୍ରୀମାନଙ୍କୁ ରାଜନୈତିକ ଉଦ୍ଦେଶ୍ୟ ରଖି ବଦନାମ କରିବା ପାଇଁ ସୋସିଆଲ୍ ମିଡିଆରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା 'ଡିପ୍‌ଫେକ୍' ଭିଡିଓ ଭାଇରାଲ୍ କରାଯିବା ଘଟଣା ଏବେ ରାଜ୍ୟ ରାଜନୀତିରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ଘଟଣାରେ ସମ୍ପୃକ୍ତ ଦୋଷୀମାନଙ୍କ ବିରୋଧରେ ତୁରନ୍ତ ତଥା ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ବିଜେଡି ପକ୍ଷରୁ ଆଜି ସ୍ଥାନୀୟ କ୍ୟାପିଟାଲ୍ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଧାରଣା ଦିଆଯାଇଛି।

ଗତ କିଛି ଦିନ ହେବ ବିଭିନ୍ନ ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ବିଜେଡିର କେତେକ ଆଗଧାଡ଼ିର ମହିଳା ନେତ୍ରୀଙ୍କୁ ଟାର୍ଗେଟ୍ କରାଯାଇ ମିଥ୍ୟା ଓ ଅପମାନଜନକ ଭିଡିଓ ଶେୟାର କରାଯାଉଛି। ଆନ୍ଦୋଳନରତ ନେତ୍ରୀମାନଙ୍କ ଅଭିଯୋଗ ଅନୁଯାୟୀ, କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଓ ରାଜନୈତିକ ବିରୋଧୀ ଜାଣିଶୁଣି ସେମାନଙ୍କର ଚରିତ୍ର ସଂହାର କରିବା ପାଇଁ ଏଆଇ ଜ୍ଞାନକୌଶଳର ଖୋଲାଖୋଲି ଅପବ୍ୟବହାର କରୁଛନ୍ତି। ନେତ୍ରୀମାନଙ୍କର ଅସଲି ଫଟୋ ଓ ଭିଡିଓକୁ ବ୍ୟବହାର କରି ଅତ୍ୟାଧୁନିକ ଡିପ୍‌ଫେକ୍ ଟେକ୍ନୋଲୋଜି ମାଧ୍ୟମରେ ଆପତ୍ତିଜନକ ତଥା ବିଭ୍ରାନ୍ତିକର କଣ୍ଟେଣ୍ଟ ପ୍ରସ୍ତୁତ କରାଯାଉଛି। ଏହାଦ୍ୱାରା କେବଳ ସମ୍ପୃକ୍ତ ମହିଳା ନେତ୍ରୀଙ୍କର ନୁହେଁ, ବରଂ ସମଗ୍ର ମହିଳା ସମାଜର ମାନସମ୍ମାନ ଉଲ୍ଲଂଘନ ହେଉଛି ବୋଲି ମତ ବ୍ୟକ୍ତ କରାଯିବା ସହ ଦଳ ପକ୍ଷରୁ ତୀବ୍ର କ୍ଷୋଭ ପ୍ରକାଶ କରାଯାଇଛି। ଏହି ଘଟଣାରେ ବିଜେଡିର ଏକ ସ୍ୱତନ୍ତ୍ର ପ୍ରତିନିଧି ଦଳ ଆଜି କ୍ୟାପିଟାଲ୍ ଥାନାଧିକାରୀଙ୍କୁ ଭେଟି ଏକ ଲିଖିତ ଏତଲା ପ୍ରଦାନ କରିଛନ୍ତି। ଏଥିସହ ପୁଲିସ ପ୍ରଶାସନ ତଥା ରାଜ୍ୟ ସାଇବର ସେଲ୍ ତୁରନ୍ତ ଏହି ମାମଲାର ଉଚ୍ଚସ୍ତରୀୟ ତଦନ୍ତ କରି ପ୍ରକୃତ ଅପରାଧୀମାନଙ୍କୁ ଧରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି।

## ତିନି ସଂଗଠନ ପକ୍ଷରୁ ରକ୍ତଦାନ ଶିବିର



ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ): ପୁଲିସ କମିଶନରେଟ ରେଡକ୍ରସ୍, ରାଜଧାନୀ ଇଞ୍ଜିନିୟରିଂ କଲେଜ ଓ ଲାୟନ୍ସ କ୍ଲବ୍ ନୟାପଲ୍ଲୀ ପକ୍ଷରୁ ଆଜି ରାଜଧାନୀ ଇଞ୍ଜିନିୟରିଂ କଲେଜରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ମୋଟ ୩୫୭ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ଏହି ରକ୍ତଦାନ ଶିବିରରେ ପୁଲିସ କମିଶନର ତଥା ପୁଲିସ କମିଶନରେଟ ରେଡକ୍ରସ୍ ଆଞ୍ଚଳିକ ଶାଖାର ଅଧ୍ୟକ୍ଷ ଡ. ଏସ୍ ଦେବଦତ୍ତ ସିଂ, ଭୁବନେଶ୍ୱର ଡିସିପି ଡ. ସର୍ବଣା ବିବେକ ଏମ୍, ପୁଲିସ୍ କମିଶନରେଟ୍ ରେଡକ୍ରସ୍‌ର ଯୁଗ୍ମ ସମ୍ପାଦକ ତଥା ଅତିରିକ୍ତ ଡିସିପି ମାନସ ରଞ୍ଜନ ଗଡ଼ନାୟକ, ମଞ୍ଚେଶ୍ୱର ଥାନାଧିକାରୀ ଗୟାନନ୍ଦ ଶାହା, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଦିଲ୍ଲୀପ ଦାଶଶର୍ମା ଓ ରୁଷି ପଟ୍ଟନାୟକ, ରକ୍ତଦାନ ଶିବିରର ନୋଡାଲ ଅଫିସର ଏସ୍‌ଆଇ ଶିବାନୀ ନନ୍ଦ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।

● ମୁଖ୍ୟ ନିର୍ବାଚନ କମିଶନରଙ୍କୁ ବରଖାସ୍ତ ଦାବି

# ଏସଆଇଆର ବନ୍ଦ ଦାବିରେ ୪ ବାମପନ୍ଥୀ ଦଳର ବିକ୍ଷୋଭ




ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ): ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ନାମରେ ଯୋଗ୍ୟ ନାଗରିକଙ୍କ ମତାଧିକାର ବଞ୍ଚିତ ହେବା ଓ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଓ ନିର୍ବାଚନ ଆୟୋଗର ସ୍ୱାଧୀନତା ନେଇ ଗମ୍ଭୀର ପ୍ରଶ୍ନ ଉଠିଥିବା ପ୍ରତିବାଦରେ ଆଜି ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ସିପିଆଇ, ସିପିଆଇ(ଏମ୍), ସିପିଆଇ (ଏମଏଲ୍) ଲିବରେସନ୍ ଓ ଫରୱାର୍ଡ ବ୍ଲକ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା।

ଏହି ବିକ୍ଷୋଭରେ ବାମପନ୍ଥୀ ଦଳର ରାଜ୍ୟ ନେତୃବୃନ୍ଦ ଉଦବୋଧନ ଦେଇ କହିଥିଲେ ଯେ ମତାଧିକାର ଗଣତନ୍ତ୍ରର ମୂଳ ଅଧିକାର। ତେଣୁ ଭୋଟର ତାଲିକା ପ୍ରସ୍ତୁତି, ସଂଶୋଧନ ଓ ନାମ ବାଦ ଦେବା ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ, ନିରପେକ୍ଷ, ଆଇନସମ୍ମତ ଓ ଯାଞ୍ଚଯୋଗ୍ୟ ହେବା ଆବଶ୍ୟକ। ପ୍ରଶାସନିକ ତ୍ରୁଟି, ସଫ୍ଟୱେର ସମସ୍ୟା, ଦଲିଲର ଅସ୍ପଷ୍ଟତା କିମ୍ବା ଅପାରଦର୍ଶୀ ପ୍ରକ୍ରିୟାର ଆଳରେ କୌଣସି ଯୋଗ୍ୟ ନାଗରିକଙ୍କୁ ଭୋଟ ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ। ଗତ ୨୩ରେ ଗଣମାଧ୍ୟମରେ ପ୍ରକାଶିତ ଏକ ରିପୋର୍ଟକୁ ଉଲ୍ଲେଖ କରି ବକ୍ତାମାନେ କହିଥିଲେ ଯେ ଗତ ଦଶ ମାସରେ ନିର୍ବାଚନ ଆୟୁକ୍ତ ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଭୋଟର ପଞ୍ଜିକରଣ, ନାମ ବାଦ ଓ ପୁନଃସ୍ଥାପନ, ଏସଆଇଆର୍ ଓ ନିର୍ବାଚନୀ ତଥ୍ୟ ପରିଚାଳନା ନେଇ ଅନ୍ତତଃ ୧୪ ଥର ଆପତ୍ତି ଉଠାଇଥିବା ଦାବି କରାଯାଇଛି। ନିର୍ବାଚନୀ ତଥ୍ୟଭଣ୍ଡାରର କେନ୍ଦ୍ରୀକରଣ ଓ ଭୋଟର ତଥ୍ୟ ପରିଚାଳନା ନେଇ ଗୁରୁତର ମଧ୍ୟ ପ୍ରଶ୍ନ ଉଠିଛି। ଗୋଆରେ ୯୭ ଜଣ ଯୋଗ୍ୟ ଭୋଟରଙ୍କ ନାମ ସମ୍ପର୍କିତ ସଫ୍ଟୱେର ସମସ୍ୟାର ରିପୋର୍ଟ ମଧ୍ୟ ସାମ୍ନାକୁ ଆସିଛି। ୪ ବାମପନ୍ଥୀ ଦଳ କହିଛନ୍ତି ଯେ ଏପରି ଗମ୍ଭୀର ପ୍ରଶ୍ନର ଉତ୍ତର କେବଳ ବିବୃତିରେ ନୁହେଁ, ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ସାର୍ବଜନୀନ ଯାଞ୍ଚ ମାଧ୍ୟମରେ ଦିଆଯିବା ଆବଶ୍ୟକ। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ପଦରୁ ବରଖାସ୍ତ କରାଯାଉ, ତାଙ୍କ ବିରୋଧରେ ଉଠିଥିବା ସମସ୍ତ ପ୍ରଶ୍ନର ସ୍ୱାଧୀନ ଏବଂ ନିରପେକ୍ଷ ତଦନ୍ତ, ଏସଆଇଆର୍ ତୁରନ୍ତ ବନ୍ଦ, ଅନ୍ୟାୟ ଭାବେ ବାଦ୍ ପଡ଼ିଥିବା ସମସ୍ତ ଯୋଗ୍ୟ ଭୋଟରଙ୍କ ନାମ ତୁରନ୍ତ ପୁନଃସ୍ଥାପନ କରିବାକୁ ଦାବି କରାଯାଇଥିଲା।

## ଅବେହଳିତ ସମୁଦାୟ ସୁରକ୍ଷା ପାଇଁ 'ସିନି'ର ରାଜ୍ୟସ୍ତରୀୟ ବୈଠକ



ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ): ନାସ୍‌କମ୍ ଫାଉଣ୍ଡେସନ୍ ଓ ଚାଇଲ୍ଡ ଇନ୍ ନିଡ୍ ଇନ୍‌ଷ୍ଟିଚ୍ୟୁଟ୍ (ସିନି)ର ମିଳିତ ଆନୁକୂଲ୍ୟରେ ଏଠାରେ 'ଆକ୍ସେସ୍ ଟୁ ଏମ୍ପାୱାର୍‌ମେଣ୍ଟ: ଇ-ଗଭର୍ଣ୍ଣାନ୍ସ ଫର୍ ପିଭିଟିଜି କମ୍ୟୁନିଟିଜ୍' ଶୀର୍ଷକ ଏକ ରାଜ୍ୟସ୍ତରୀୟ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଡିଜିଟାଲ୍ ସାର୍ବଜନୀନ ସେବା ଓ ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକରେ ଯୋଡ଼ି ହେବା ସମୟରେ ହିତାଧିକାରୀ, ବିଶେଷକରି ପିଭିଜିଟି ବା ବିଶେଷ ଭାବେ ଦୁର୍ବଳ ଜନଜାତି ସମୁଦାୟ ତଥା ଅନୁସୂଚିତ ଜନଜାତି ଗୋଷ୍ଠୀ ସମ୍ମୁଖୀନ ହେଉଥିବା ମୁଖ୍ୟ ପ୍ରତିବନ୍ଧକ ଉପରେ ଆଲୋଚନା କରାଯାଇଥିଲା। ହିତାଧିକାରୀ ସମୁଦାୟଙ୍କ ଡିଜିଟାଲ୍ ଦକ୍ଷତା ବୃଦ୍ଧି, ସେବା ପହଞ୍ଚିବାରେ ସଚେତନତା ବୃଦ୍ଧି ଓ ସରକାରୀ, ବେସରକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ନେଇ ଅଂଶଗ୍ରହଣକାରୀମାନେ ମତ ବିନିମୟ କରିଥିଲେ। ବୈଠକରେ ଅନୁସୂଚିତ ଜନଜାତି ତଥା ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ, ବିଭାଗୀୟ ଉପସଚିବ କୁମୁଦିନୀ ସୁବୁଦ୍ଧି, ଏସ୍‌ଏସ୍‌ଇପିଡି ଉପସଚିବ ସନ୍ନ୍ୟାସୀ କୁମାର ବେହେରା, ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍‌ର ସ୍ୱର୍ଣ୍ଣପ୍ରଭା ରଥ, ନାସ୍‌କମ୍ ଫାଉଣ୍ଡେସନ୍‌ର ନିର୍ଦ୍ଦେଶିକା ଅର୍ପଣା ଶର୍ମାଙ୍କ ସମେତ ସିନିର ଚିଫ୍ ଅଫ୍ ପ୍ରୋଗ୍ରାମ୍ ମେଘେନ୍ଦ୍ର ବାନାର୍ଜୀ ସାମିଲ୍ ହୋଇଥିଲେ। ସିନିର ରାଜ୍ୟ ମୁଖ୍ୟ ଶାଶ୍ୱତୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏକ ପେଡ୍ ମା କେ ନାମ୍ ୩.୦: ଦିନକରେ ୪୭ ଲକ୍ଷ ଚାରା ରୋପଣ

● ସେବା ସଂକଳ୍ପ ଅଭିଯାନରେ ସବୁ ଜିଲ୍ଲା ଓ ଗ୍ରାମ ପଞ୍ଚାୟତର ଅଂଶଗ୍ରହଣ

● ଓଡ଼ିଶାର ସାମୂହିକ ସଂକଳ୍ପର ପ୍ରତିଫଳନ ଏହି ଅଭିଯାନ: ପଞ୍ଚାୟତିରାଜ ମନ୍ତ୍ରୀ

ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ): ସବୁଜ ଓଡ଼ିଶା ଗଠନ ପାଇଁ ରାଜ୍ୟବ୍ୟାପୀ ଏକ ବଡ଼ ସାମୂହିକ ପ୍ରୟାସର ସାକ୍ଷୀ ହୋଇଛି ଓଡ଼ିଶା। 'ଏକ ପେଡ୍ ମା କେ ନାମ୍ ୩.୦' ଅଭିଯାନରେ ଗତକାଲି ମାତ୍ର ଗୋଟିଏ ଦିନରେ ରାଜ୍ୟରେ ୪୭ ଲକ୍ଷରୁ ଅଧିକ ଚାରାରୋପଣ କରାଯାଇଛି। ସେବା ସଂକଳ୍ପ ଅଭିଯାନ-୨୦୨୬ର ଏହି ଚାରାରୋପଣ ଅଭିଯାନରେ ରାଜ୍ୟର ସମସ୍ତ ଜିଲ୍ଲା ଓ ସମସ୍ତ ଗ୍ରାମ ପଞ୍ଚାୟତ ସାମିଲ ହୋଇଥିବା ବେଳେ ପରିବେଶ ସୁରକ୍ଷା ପାଇଁ ଗାଁ-ଗାଁରେ ସାମୂହିକ ସଂକଳ୍ପର ଏକ ଦୃଢ଼ ଚିତ୍ର ସାମ୍ନାକୁ ଆସିଛି। ଏଥର ଗୋଟିଏ ଦିନର ଚାରା ରୋପଣ ସଂଖ୍ୟା ଗତବର୍ଷର ୩୭ ଲକ୍ଷ ଚାରାରୋପଣ ରେକର୍ଡ ତୁଳନାରେ ଅଧିକ ହୋଇଛି। ରାଜ୍ୟର ୧୪ ହଜାରରୁ ଅଧିକ ସ୍ଥାନରେ ଚାରାରୋପଣ କରାଯାଇଥିବା ଏହି ବିଶାଳ ଅଭିଯାନ ତୃଣମୂଳସ୍ତରରେ ଏହାର ବ୍ୟାପକ ପହଞ୍ଚ ଓ ଲୋକଙ୍କ ଅଂଶଗ୍ରହଣକୁ ପ୍ରତିଫଳିତ କରିଛି। ରାଜ୍ୟବ୍ୟାପୀ ଏହି ଅଂଶଗ୍ରହଣକୁ ସ୍ୱାଗତ କରି ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି ଯେ ରାଜ୍ୟର ପ୍ରତ୍ୟେକ ଜିଲ୍ଲା ଓ ଗ୍ରାମ ପଞ୍ଚାୟତର ଅଂଶଗ୍ରହଣ ପରିବେଶ ସୁରକ୍ଷା ଓ ସବୁଜ ଭବିଷ୍ୟତ ଗଠନ ପାଇଁ ଓଡ଼ିଶାବାସୀଙ୍କ ସାମୂହିକ ସଂକଳ୍ପକୁ ପ୍ରତିଫଳିତ କରୁଛି। ଚାରା ଲଗାଇବା କେବଳ ଆରମ୍ଭ ମାତ୍ର; ଏହାର ଯତ୍ନ ନେବା ଓ ଚାରାଗୁଡ଼ିକୁ ବଞ୍ଚାଇ ରଖିବା ମଧ୍ୟ ସମାନ ଭାବେ ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସେ କହିଛନ୍ତି। ଗାଁଗୁଡ଼ିକୁ ଅଧିକ ସବୁଜ, ସୁସ୍ଥ ଓ ସ୍ଥାୟୀ କରିବା ପାଇଁ ଏହି ଅଭିଯାନରୁ ସୃଷ୍ଟ ଉତ୍ସାହକୁ ଆଗକୁ ଜାରି ରଖିବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ସଚିବ ଗିରୀଶ ଏସଏନ ଏହି ସଫଳତା ପାଇଁ ଅଭିଯାନରେ ସାମିଲ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସମନ୍ୱିତ ଦଳଗତ ପ୍ରୟାସ ମାଧ୍ୟମରେ ରାଜ୍ୟର ଅନ୍ତର୍ନିହିତ ସାମର୍ଥ୍ୟକୁ କିପରି ବଡ଼ ସଫଳତାରେ ପରିଣତ କରାଯାଇପାରେ, ଏହା ତାହାର ଏକ ଉଦାହରଣ ବୋଲି ସେ କହିଛନ୍ତି। ପ୍ରତିକୂଳ ପାଣିପାଗ ସତ୍ତ୍ୱେ ଏହି ସଫଳତା ହାସଲ କରିଥିବା ରାଜ୍ୟର ସମସ୍ତ ଟିମ୍‌ର ପ୍ରୟାସକୁ ସେ ପ୍ରଶଂସା କରିବା ସହ ଏହି ଉତ୍ସାହ ଓ ଗତିକୁ ଆଗାମୀ ଦିନରେ ମଧ୍ୟ ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଆଜି ପୂର୍ବାହ୍ନରେ



ପ୍ରାଥମିକ ପ୍ରଶିକ୍ଷଣ ଅନୁଷ୍ଠାନ ବିଟିଆଇ, ବୁର୍ଲା, ସମ୍ବଲପୁରଠାରେ ପଞ୍ଚମ ବ୍ୟାଚ ସିପାହୀ ପ୍ରଶିକ୍ଷାର୍ଥୀଙ୍କ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଛି। ଏହି ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ।

## ସ୍ୱଚ୍ଛତା ଅଭିଯାନର ନେତୃତ୍ୱ ନେଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ



ଭୁବନେଶ୍ୱର, ୨୬।୯ (ସଂଚାର ବ୍ୟୁରୋ): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି କଟକ ରେଳ ଷ୍ଟେସନରେ 'ସ୍ୱଚ୍ଛତା ହିଁ ସେବା-୨୦୨୬' ଅଭିଯାନରେ ସକ୍ରିୟ ଅଂଶଗ୍ରହଣ କରି ସଫେଇ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ସେ ରେଳ ଅଧିକାରୀ, କର୍ମଚାରୀ ଓ ଯାତ୍ରୀଙ୍କୁ ରେଳ ପରିସରକୁ ସ୍ୱଚ୍ଛ ରଖିବାରେ ସହଯୋଗ କରିବାକୁ ଉତ୍ସାହିତ କରିଥିଲେ। ସେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟାଗ୍‌ର ବ୍ୟବହାର ଏଡ଼ାଇବା ସହ ଏହାର ବିକଳ୍ପ ଭାବେ ପରିବେଶ ଅନୁକୂଳ ପୁନଃବ୍ୟବହାର ଯୋଗ୍ୟ ଝୋଟ ବ୍ୟାଗ୍ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ଯାତ୍ରୀମାନଙ୍କୁ ଝୋଟ ବ୍ୟାଗ୍ ବଣ୍ଟନ କରି ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକର ବ୍ୟବହାର କମାଇବା ଏବଂ ସ୍ୱଚ୍ଛ ଓ ସବୁଜ ପରିବେଶ ଗଠନରେ ସହଯୋଗ କରିବାକୁ ଆହ୍ୱାନ କରିଥିଲେ। ମହାପ୍ରବନ୍ଧକ ଯାତ୍ରୀଙ୍କୁ ରେଳ ପରିସରରେ ଆବର୍ଜନା ଏଣେତେଣେ ନ ପକାଇ ନିର୍ଦ୍ଧାରିତ ଡଷ୍ଟବିନ୍‌ରେ ପକାଇବାକୁ ଆହ୍ୱାନ କରିଥିଲେ। ସେ କହିଥିଲେ ଯେ ରେଳ ଷ୍ଟେସନରେ ସ୍ୱଚ୍ଛତା ବଜାୟ ରଖିବା କେବଳ ରେଳ ପ୍ରଶାସନର ଦାୟିତ୍ୱ ନୁହେଁ, ଏହା ଯାତ୍ରୀ ଓ ସାଧାରଣ ଜନତାଙ୍କ ସାମୂହିକ ଦାୟିତ୍ୱ।

# ରାସ୍ତାକଡ଼ ବ୍ୟବସାୟ ବଢ଼ାଉଛି ଟ୍ରାଫିକ ଭିଡ଼

ଭୁବନେଶ୍ୱର,୨୬।୯: ରାଜଧାନୀରେ ଉପୁଜୁଥିବା ଟ୍ରାଫିକ ଭିଡ଼କୁ ମୁକାବିଲା କରିବା ପାଇଁ ବିଏମସି, ବିଡିଏ, ସାଧାରଣ ପ୍ରଶାସନ ବିଭାଗ ପ୍ରତିଦିନ ଉଚ୍ଛେଦ ଜାରି ରଖିଥିବା ବେଳେ ରାସ୍ତାକଡ଼ରେ ଗଢ଼ି ଉଠିଥିବା ଭେଣ୍ଡିଂ ଜୋନ୍, ଛୋଟ ବଡ଼ ବ୍ୟାବସାୟିକ କେନ୍ଦ୍ର ସହରରେ ଟ୍ରାଫିକ ସମସ୍ୟାର ପ୍ରମୁଖ କାରଣ ପାଲଟିଛନ୍ତି। ଏହିସବୁ ବ୍ୟାବସାୟିକ କେନ୍ଦ୍ରଗୁଡ଼ିକ ପାଇଁ ସ୍ୱତନ୍ତ୍ର ପାର୍କିଂସ୍ଥାନର ବ୍ୟବସ୍ଥା ନ ହେଲେ ଟ୍ରାଫିକ ବ୍ୟବସ୍ଥାକୁ ସୁଧାରିବା କର୍ତ୍ତୃପକ୍ଷଙ୍କ ପାଇଁ କାଠିକର ପାଠ ହୋଇପଡ଼ିବ।

ଦିନକୁ ଦିନ ବିଗୁଡୁଥିବା ଟ୍ରାଫିକ ବ୍ୟବସ୍ଥା ଏବେ କମିଶନରେଟ ପୁଲିସ୍ ଓ ମହାନଗର ନିଗମ ପାଇଁ ଏକ ବଡ଼ ଆହ୍ୱାନ ହୋଇଛି। ତେବେ ମହାନଗର ନିଗମ ପକ୍ଷରୁ ଯେତେସବୁ ସ୍ଥାନରେ ଭେଣ୍ଡିଂଜୋନ ନିର୍ମାଣ ହୋଇଛି, ସେଠାରେ ସମସ୍ୟା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। କାରଣ ଏହି ଭେଣ୍ଡିଂ ଜୋନ୍‌ଗୁଡିକ ଠିକ୍ ରାସ୍ତାକଡ଼ରେ କିମ୍ବା ରାସ୍ତା କଡ଼ରେ ଥିବା ଡ୍ରେନ ଉପରେ ନିର୍ମାଣ ହୋଇଛି। ତେଣୁ ସେହିସବୁ ବ୍ୟାବସାୟିକ କେନ୍ଦ୍ରକୁ ଯେଉଁମାନେ ଯାଉଛନ୍ତି ସେମାନେ ରାସ୍ତା ଉପରେ ଗାଡ଼ି ରଖି ଯିବାକୁ ବାଧ୍ୟ ହେଉଛନ୍ତି। କାରଣ ଏହାର ଆଖପାଖରେ ଗାଡ଼ି ମୋଟର ରଖିବା ପାଇଁ କୌଣସି ସ୍ଥାନ ନାହିଁ।




କେବଳ ଭେଣ୍ଡିଂ ଜୋନ୍ ନୁହେଁ, ବେସରକାରୀ ବ୍ୟାବସାୟିକ ପ୍ରତିଷ୍ଠାନ, ଛୋଟ ଛୋଟ ଦୋକାନ, ଉଠାଦୋକାନ, ଯେଉଁଗୁଡିକ ରାସ୍ତାକଡ଼ରେ ରହିଛି ସେଠାରେ ମଧ୍ୟ ସମାନ ସମସ୍ୟା ପରିଲକ୍ଷିତ ହେଉଛି। ବ୍ୟବସାୟ ପ୍ରତିଷ୍ଠାନଠାରୁ ବିଏମସି ଟିକସ ଆଦାୟ କରୁଥିବା ବେଳେ ଏଠାକୁ ଆସୁଥିବା ଲୋକେ କେଉଁଠାରେ ଗାଡ଼ିମୋଟର ରଖିବେ ତାହାର ବ୍ୟବସ୍ଥା କରୁନାହିଁ।

ବାଣୀବିହାର ଛକରୁ ଶିଶୁ ଭବନ ପର୍ଯ୍ୟନ୍ତ ଲମ୍ବିଥିବା ଜନପଥ ଏବେ ବ୍ୟବସାୟର ପେଣ୍ଠସ୍ଥଳ ହୋଇଥିବା ବେଳେ ବହୁ ବ୍ୟବସାୟ କେନ୍ଦ୍ରର ନିଜସ୍ୱ ପାର୍କିଂସ୍ଥଳ ନାହିଁ। ତେଣୁ ସେଠାକୁ ଯାଉଥିବା ଲୋକେ ରାସ୍ତା ଉପରେ ଗାଡ଼ିମୋଟର ରଖୁଛନ୍ତି। ବିଏମସି ଟିକସ ଆଶାରେ ସେହିସବୁ ବ୍ୟାବସାୟିକ କେନ୍ଦ୍ର ନିକଟରେ ଥିବା ରାସ୍ତାକୁ ନିଲାମ କରିଦେଉଛି। ତେଣୁ ଆଇନଗତ ଭାବେ ଲୋକେ ପଇସା ଦେଇ ରାସ୍ତା ଅବରୋଧ କରୁଛନ୍ତି। ଏଥିଯୋଗୁଁ ଅନ୍ୟ ଗାଡ଼ିଚାଳକ ଓ ପଥଚାରୀ ଟ୍ରାଫିକ ଭିଡ଼ରେ ଫସୁଛନ୍ତି।

ବ୍ୟାବସାୟିକ ପ୍ରତିଷ୍ଠାନ ଓ ବିଏମସି ମଧ୍ୟରେ ପାର୍କିଂକୁ ନେଇ ସମନ୍ୱୟ ରହୁ ନ ଥିବା ବେଳେ ଏହାର ଫାଇଦା ଗାଡ଼ି ଉଠାଣ କରୁଥିବା ସଂସ୍ଥାଗୁଡ଼ିକୁ ମିଳୁଛି। ରାସ୍ତା ଉପରେ ଗାଡ଼ି ଛିଡ଼ା ହେବାର ଦେଖିଲେ ତୁରନ୍ତ ତାହାକୁ ଟେକି ନେଉଛନ୍ତି। ଚାରିଚକିଆ ଯାନ ଆରୋହୀଙ୍କୁ ଏଥିପାଇଁ ୧୨୦୦ ଟଙ୍କାର ଦଣ୍ଡ ଗଣିବାକୁ ପଡୁଛି। ତେବେ ଏହି ଅର୍ଥରୁ ଗାଡ଼ି ଟାଣିଥିବା ସଂସ୍ଥା ୭୦୦ ଟଙ୍କା ନେଉଥିବା ବେଳେ ସରକାରୀ ତହବିଲକୁ ୫୦୦ ଟଙ୍କା ଯାଉଛି।

କିଛିଦିନ ତଳେ ରାସ୍ତା କଡ଼ରେ ଏଭଳି ବ୍ୟାବସାୟିକ କେନ୍ଦ୍ର ବିଶେଷକରି ଭେଣ୍ଡିଂଜୋନ୍‌ଗୁଡିକ ଯୋଗୁଁ ଉପୁଜୁଥିବା ଟ୍ରାଫିକ ସମସ୍ୟାକୁ ଦେଖି ପାର୍କିଂସ୍ଥାନ ଥିବା ଇଲାକାକୁ ଭେଣ୍ଡିଂ ଜୋନ୍‌ଗୁଡ଼ିକୁ ସ୍ଥାନାନ୍ତର ପାଇଁ ବିଏମସି ଯୋଜନା କରିଥିଲା। ହେଲେ ସେହି ଯୋଜନା ବିଏମସିର ନାଲିଫିତା ତଳେ ରହିଗଲା। ଏବେ ସ୍ଥିତି ଅଣାୟତ୍ତ ହେଉଥିବା ବେଳେ ବୃଦ୍ଧି ପାଉଥିବା ଯାନବାହନ କେଉଁଠାରେ ରଖି ଲୋକେ ସାମଗ୍ରୀ କିଣିବାକୁ ଯିବେ, ତାହାକୁ ନେଇ ଚିନ୍ତାରେ ପଡୁଛନ୍ତି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର



# ନିର୍ବାଚନ ବ୍ୟୟର ବୃଦ୍ଧି

ଭାରତୀୟ ଗଣତନ୍ତ୍ରରେ ନିର୍ବାଚନ ହେଉଛି ସବୁଠାରୁ ବଡ଼ ଗଣତାନ୍ତ୍ରିକ ଅଭ୍ୟାସ। କିନ୍ତୁ ବର୍ତ୍ତମାନ ଏହା ପାଇଁ ଲାଗୁଥିବା ଖର୍ଚ୍ଚ ପ୍ରତିବର୍ଷ ବଢ଼ିଚାଲିଛି। ୨୦୨୪ ଲୋକସଭା ନିର୍ବାଚନକୁ ବିଶ୍ୱର ସବୁଠାରୁ ମହଙ୍ଗା ନିର୍ବାଚନ ବୋଲି କୁହାଯାଉଛି। ରାଜନୈତିକ ଦଳମାନେ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଓଡ଼ିଶାରେ ମଧ୍ୟ ଏହି ପ୍ରବଣତା ସ୍ପଷ୍ଟ ଦେଖାଯାଇଛି। ପ୍ରଶ୍ନ ଉଠେ—ଏହି ବ୍ୟୟ କାହିଁକି ବଢ଼ୁଛି? ଆଉ ଭୋଟରଙ୍କୁ ଟଙ୍କା ବା ଉପହାର ବଣ୍ଟନ କରିବା କେତେ ଆବଶ୍ୟକ ବିଜୟ ପାଇଁ? ପ୍ରଥମେ, ଭୋଟର ସଂଖ୍ୟା ବୃଦ୍ଧି ଏକ ମୁଖ୍ୟ କାରଣ। ୧୯୫୨ରେ ଭାରତରେ ଭୋଟର ସଂଖ୍ୟା ଥିଲା ପ୍ରାୟ ୧୭ କୋଟି। ୨୦୨୪ରେ ଏହା ପ୍ରାୟ ୯୫ କୋଟିରେ ପହଞ୍ଚିଛି। ବଡ଼ ନିର୍ବାଚନୀ କ୍ଷେତ୍ରରେ ଅଧିକ ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ଅଧିକ ଖର୍ଚ୍ଚ ଲାଗେ। ଦ୍ୱିତୀୟତଃ, ରାଜନୈତିକ ପ୍ରତିଯୋଗିତା ବଢ଼ିଛି। ପ୍ରତି ଆସନରେ ଅନେକ ପ୍ରାର୍ଥୀ ଲଢ଼ୁଛନ୍ତି। ଏହା ଏକ ପ୍ରକାରର 'ଆର୍ମସ୍ ରେସ୍' ସୃଷ୍ଟି କରେ-ଯଦି ବିରୋଧୀ ଦଳ ଅଧିକ ଖର୍ଚ୍ଚ କରୁଛି, ତେବେ ଅନ୍ୟ ଦଳମାନେ ମଧ୍ୟ ପଛରେ ରହିବାକୁ ଚାହାନ୍ତି ନାହିଁ। ତୃତୀୟତଃ, ପ୍ରଚାର ମାଧ୍ୟମର ପରିବର୍ତ୍ତନ। ପୂର୍ବରୁ କେବଳ ମିଟିଂ, ପୋଷ୍ଟର ଓ ପତ୍ରିକା ଯଥେଷ୍ଟ ଥିଲା। ଆଜି ଟେଲିଭିଜନ, ସୋସିଆଲ ମିଡ଼ିଆ, ଡିଜିଟାଲ ବିଜ୍ଞାପନ, ଷ୍ଟାର ପ୍ରଚାରକଙ୍କ ବିମାନ ଯାତ୍ରା, ବୃହତ୍ ରାଲି ଓ ଏଆଇ ଭିତ୍ତିକ ବିଜ୍ଞାପନରେ ହଜାର କୋଟି ଖର୍ଚ୍ଚ ହେଉଛି। ଆଡିଆର ରିପୋର୍ଟ ଅନୁଯାୟୀ, ୨୦୨୪ ନିର୍ବାଚନରେ ଦଳମାନେ ଘୋଷିତ ଖର୍ଚ୍ଚରେ ସବୁଠାରୁ ଅଧିକ ରାଶି ପ୍ରଚାରରେ ଖର୍ଚ୍ଚ କରିଛନ୍ତି। ଓଡ଼ିଶାରେ ବିଜେଡି ଓ ବିଜେପି ମଧ୍ୟ ସାମାଜିକ ମାଧ୍ୟମ ଓ ପ୍ରାର୍ଥୀଙ୍କୁ ସହାୟତାରେ ବହୁତ ଟଙ୍କା ଖର୍ଚ୍ଚ କରିଥିଲେ।

ଅର୍ଥନୀତି ବୃଦ୍ଧି ଓ ମୁଦ୍ରାସ୍ଫୀତି ମଧ୍ୟ ଏଥିରେ ଭୂମିକା ନେଇଛି। ଲୋକଙ୍କ ଆୟ ବଢ଼ିବା ସହିତ ପ୍ରଚାରର ମାନ ଓ ଖର୍ଚ୍ଚ ମଧ୍ୟ ବଢ଼ିଛି। କର୍ପୋରେଟ୍ ଅନୁଦାନ, ପୂର୍ବରୁ ଥିବା ନିର୍ବାଚନୀ ବଣ୍ଡ ଓ ଅନ୍ୟାନ୍ୟ ଉତ୍ସରୁ ଅର୍ଥ ଆସୁଛି। ଫଳରେ ଧନୀ ପ୍ରାର୍ଥୀ ଓ ବଡ଼ ଦଳମାନେ ସୁବିଧା ପାଉଛନ୍ତି। ଏବେ ଆସନ୍ତୁ ଦ୍ୱିତୀୟ ପ୍ରଶ୍ନକୁ। ଭୋଟରଙ୍କୁ ଟଙ୍କା, ମଦ, କପଡ଼ା ବା ଅନ୍ୟ ଉପହାର ବଣ୍ଟନ କରିବା କେତେ ଆବଶ୍ୟକ? ଆଇନ ଅନୁଯାୟୀ ଏହା ପୂର୍ଣ୍ଣ ଭାବେ ବେଆଇନ। ପ୍ରତିନିଧିତ୍ୱ ଅଧିନିୟମ ଅନୁସାରେ ଭୋଟ କିଣିବା ଦଣ୍ଡନୀୟ ଅପରାଧ। ତଥାପି ବାସ୍ତବତା ଭିନ୍ନ। ଅନେକ ସ୍ଥାନରେ ନିର୍ବାଚନ ପୂର୍ବରୁ ନଗଦ ବା ଉପହାର ବଣ୍ଟନ ହୁଏ। ଏହା ଭୋଟରଙ୍କୁ ଆକର୍ଷିତ କରେ ଓ ସ୍ଥାନୀୟ ନେତାଙ୍କ ମାଧ୍ୟମରେ ନେଟୱାର୍କ ତିଆରି କରେ। କିନ୍ତୁ ଏହା କେବଳ ବିଜୟର ଗ୍ୟାରେଣ୍ଟି ନୁହେଁ। ଅନେକ ଉଦାହରଣ ଅଛି ଯେଉଁଠାରେ ଅଧିକ ଖର୍ଚ୍ଚ କରିଥିବା ଦଳ ହାରିଛନ୍ତି। ଭୋଟରମାନେ ଆଜି କେବଳ ଟଙ୍କା ଦେଖନ୍ତି ନାହିଁ। ସେମାନେ ବିକାଶ, ଶାସନ, ନେତୃତ୍ୱ ଓ କଲ୍ୟାଣକାରୀ ଯୋଜନାକୁ ମଧ୍ୟ ଗୁରୁତ୍ୱ ଦିଅନ୍ତି। ସିଧାସଳଖ ନଗଦ ସ୍ଥାନାନ୍ତର (ଯେପରି ମହିଳାଙ୍କୁ ମାସିକ ଭତ୍ତା) ଏବେ ଅଧିକ ପ୍ରଭାବଶାଳୀ ହେଉଛି, କାରଣ ଏହା ଆଇନସମ୍ମତ ଓ ଦୀର୍ଘକାଳୀନ। କିନ୍ତୁ ନିର୍ବାଚନ ଆଗରୁ ଗୋପନରେ ଟଙ୍କା ବଣ୍ଟନ କେବଳ ସାମୟିକ ପ୍ରଭାବ ପକାଏ। ଗବେଷଣା ଦର୍ଶାଏ ଯେ ଟଙ୍କା ବଣ୍ଟନ ଭୋଟ କିଣିବା ନୁହେଁ, ବରଂ ଏକ ପ୍ରକାରର 'ଆଣ୍ଟି-ଅପ୍'-ଖେଳ ଆରମ୍ଭ କରିବା ପାଇଁ ଆବଶ୍ୟକ ପୁଞ୍ଜି। କିନ୍ତୁ ଯଦି ଦଳର ବିଶ୍ୱାସଯୋଗ୍ୟତା ନାହିଁ, ତେବେ ଟଙ୍କା ମଧ୍ୟ କାମ କରେ ନାହିଁ।



ଏହି ବଢ଼ୁଥିବା ବ୍ୟୟ ଗଣତନ୍ତ୍ର ପାଇଁ ଚିନ୍ତାଜନକ। ଏହା ଧନୀ ଓ ଦୁର୍ବଳଙ୍କ ମଧ୍ୟରେ ବୈଷମ୍ୟ ବଢ଼ାଏ। ନୂତନ ଓ ଦରିଦ୍ର ପ୍ରାର୍ଥୀଙ୍କ ପାଇଁ ଦ୍ୱାର ବନ୍ଦ ହୋଇଯାଏ। ନିର୍ବାଚନ ଆୟୋଗ ଖର୍ଚ୍ଚ ସୀମା ଧାର୍ଯ୍ୟ କରିଛନ୍ତି, କିନ୍ତୁ ଦଳୀୟ ଖର୍ଚ୍ଚରେ କୌଣସି ସୀମା ନାହିଁ। ଫଳରେ ବାସ୍ତବ ଖର୍ଚ୍ଚ ସୀମାଠାରୁ ଅନେକ ଗୁଣ ଅଧିକ ହୁଏ। ସମାଧାନ ଆବଶ୍ୟକ। ଦଳୀୟ ଖର୍ଚ୍ଚରେ ସୀମା ଲଗାଇବା, ସ୍ୱଚ୍ଛ ଅନୁଦାନ ବ୍ୟବସ୍ଥା, ଭୋଟର ସଚେତନତା ବୃଦ୍ଧି ଓ କଠୋର ନିୟମ ପ୍ରୟୋଗ କରିବା ଉଚିତ। ଭୋଟରମାନେ ମଧ୍ୟ ବୁଝିବା ଉଚିତ ଯେ ଟଙ୍କା ନେଇ ଭୋଟ ଦେବା ଦୀର୍ଘକାଳୀନ ଭାବେ ସେମାନଙ୍କ ନିଜର ହିତ ନୁହେଁ। ସୁଶାସନ, ବିକାଶ ଓ ଦାୟିତ୍ୱବୋଧକ ନେତୃତ୍ୱ ହିଁ ପ୍ରକୃତ ବିଜୟର ମୂଳ। ନିର୍ବାଚନ କେବଳ ଟଙ୍କାର ଖେଳ ନୁହେଁ-ଏହା ଲୋକଙ୍କ ଇଚ୍ଛାର ପ୍ରତିଫଳନ ହେବା ଉଚିତ।

# ଜୀବନର ମୌଳିକ ନୀତି

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା



ଏକ ସୁନ୍ଦର, ସଫଳ ଏବଂ ସମ୍ମାନଜନକ ଜୀବନ ପାଇଁ ଶୃଙ୍ଖଳା ଏବଂ ଶିଷ୍ଟାଚାର ଅତ୍ୟାବଶ୍ୟକ। ଏହି ଦୁଇଟି ଗୁଣ ବ୍ୟକ୍ତିର ଜୀବନର ମୂଳଦୁଆକୁ ମଜବୁତ କରେ ଏବଂ ସଫଳତାର ପଥ ପ୍ରଶସ୍ତ କରେ। ଯେଉଁଠାରେ ଶୃଙ୍ଖଳା ଥାଏ, ସେଠାରେ ନିୟମିତତା, ସମୟାନୁବର୍ତ୍ତିତା ଏବଂ ଦାୟିତ୍ୱ ଥାଏ। ଯେଉଁଠାରେ ନୀତି ଥାଏ, ସେଠାରେ ଶିଷ୍ଟାଚାର, ସମ୍ମାନ ଏବଂ ଭଲ ସମ୍ପର୍କ ଥାଏ। ତେଣୁ, ଏହି ଦୁଇଟି ଗୁଣକୁ ଜୀବନର ମୂଳଦୁଆ କୁହାଯାଏ। ଶୃଙ୍ଖଳା ଅର୍ଥ ହେଉଛି ନିୟମ ପାଳନ କରିବା, ସମୟକୁ ସମ୍ମାନ କରିବା ଏବଂ ନିଜର ଦାୟିତ୍ୱ ପୂରଣ କରିବା। ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଶୃଙ୍ଖଳା ଅତ୍ୟାବଶ୍ୟକ, ଯଥା ଅଧ୍ୟୟନ, କାର୍ଯ୍ୟ, ପାରିବାରିକ ଜୀବନ ଏବଂ ସାମାଜିକ ଜୀବନ। ଶୃଙ୍ଖଳା ବିନା, ଜଣେ ବ୍ୟକ୍ତିଙ୍କ ଜୀବନ ଅସ୍ଥିର ଏବଂ ବିଶୃଙ୍ଖଳିତ ହୋଇଯାଏ। ଯଦି ଜଣେ ଛାତ୍ର ନିୟମିତ ଭାବରେ ପାଠ ପଢ଼େ, ସମୟ ଅନୁଯାୟୀ ସ୍କୁଲକୁ ଯାଏ ଏବଂ ତାଙ୍କ ଶିକ୍ଷକଙ୍କ ନିର୍ଦ୍ଦେଶ ପାଳନ କରେ, ତେବେ ସେ ନିଶ୍ଚିତ ଭାବରେ ଜୀବନରେ ସଫଳତା ପାଇପାରିବେ। ଏହା ପ୍ରମାଣ କରେ ଯେ ଶୃଙ୍ଖଳା ହେଉଛି ସଫଳତାର ଚାବିକାଠି।

ଶିଷ୍ଟାଚାର ଅର୍ଥ ହେଉଛି ଭଲ ଆଚରଣ, ସଭ୍ୟ ଆଚରଣ ଏବଂ ଅନ୍ୟମାନଙ୍କ ପ୍ରତି ସମ୍ମାନ। ଶିଷ୍ଟାଚାର ବ୍ୟକ୍ତିକୁ ସମାଜରେ ଗ୍ରହଣୀୟ କରିଥାଏ ଏବଂ ତାଙ୍କର ବ୍ୟକ୍ତିତ୍ୱକୁ ବୃଦ୍ଧି କରିଥାଏ। ଜଣେ ଭଦ୍ର ବ୍ୟକ୍ତି ସର୍ବଦା ଭଦ୍ର ଭାବରେ କଥାବାର୍ତ୍ତା କରନ୍ତି, ବଡ଼ମାନଙ୍କୁ ସମ୍ମାନ କରନ୍ତି ଏବଂ ସାନମାନଙ୍କୁ ପ୍ରେମ ଦେଖାନ୍ତି। ଏହି ଗୁଣଗୁଡ଼ିକ ସମାଜରେ ସହଯୋଗ ଏବଂ ସାମଞ୍ଜସ୍ୟକୁ ପ୍ରୋତ୍ସାହିତ କରନ୍ତି। ଆଚରଣ ବିନା, ଜଣେ ବ୍ୟକ୍ତିଙ୍କ ଜୀବନ ନୀରସ ଏବଂ ଅଶାନ୍ତ ହୋଇଯାଏ। ସଂସ୍କାର, ଶୃଙ୍ଖଳା ଏବଂ ଶିଷ୍ଟାଚାର ମନୁଷ୍ୟ ଜୀବନରେ ଗଭୀର ଭାବରେ ଜଡ଼ିତ। ସଂସ୍କାର ଓ ଶୃଙ୍ଖଳା ଜଣେ ବ୍ୟକ୍ତିଙ୍କୁ ତାଙ୍କ କାମରେ ନିୟମିତ କରିଥାଏ, ଯେତେବେଳେ ଶିଷ୍ଟାଚାର ତାଙ୍କ ଆଚରଣକୁ ବୃଦ୍ଧି କରିଥାଏ। ସଂସ୍କାର ଅର୍ଥ ହେଉଛି ଜଣେ ବ୍ୟକ୍ତିଙ୍କ ଜୀବନରେ ଶିକ୍ଷା, ଅଭିଜ୍ଞତା ଏବଂ ନୈତିକ ମୂଲ୍ୟବୋଧର ମିଶ୍ରଣ। ଏହା ଏକ ଗୁଣ ଯାହା ଜଣେ ବ୍ୟକ୍ତିଙ୍କୁ ଭଲ ଏବଂ ମନ୍ଦ ମଧ୍ୟରେ ପାର୍ଥକ୍ୟ କରିବାରେ ସାହାଯ୍ୟ କରେ ଏବଂ ତାଙ୍କୁ ସଠିକ୍ ପଥ ଅନୁସରଣ କରିବାକୁ ପ୍ରେରଣା ଦିଏ। ସଂସ୍କାର କେବଳ ଶିକ୍ଷା ମାଧ୍ୟମରେ ନୁହେଁ ବରଂ ପରିବାର, ସମାଜ ଏବଂ ପରିବେଶର ପ୍ରଭାବ ଦ୍ୱାରା ମଧ୍ୟ ବିକଶିତ ହୁଏ। ପରିବାର ହେଉଛି ସଂସ୍କାର ପ୍ରାଥମିକ ଉତ୍ସ। ଜଣେ ପିଲା ତାଙ୍କ ପିତାମାତାଙ୍କ ଆଚରଣ ଏବଂ ଶିକ୍ଷାକୁ ଦେଖି ସଂସ୍କାର ଶିଖେ। ଯଦି ପରିବାର ସତ୍ୟ, ସହନଶୀଳତା ଏବଂ ସମ୍ମାନକୁ ମୂଲ୍ୟ ଦିଏ, ତେବେ ଏହି ଗୁଣଗୁଡ଼ିକ ପିଲାଙ୍କ ମଧ୍ୟରେ ମଧ୍ୟ ବିକଶିତ ହୁଏ। ଏପରି ସଂସ୍କାର ଜଣେ ବ୍ୟକ୍ତିଙ୍କୁ ଜଣେ ଭଲ ନାଗରିକ କରିଥାଏ। ସଂସ୍କାର ପ୍ରାପ୍ତି କରିବାରେ ଶିକ୍ଷାନୁଷ୍ଠାନ ଏବଂ ସମାଜ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକମାନେ ଛାତ୍ରଛାତ୍ରୀ ମାନଙ୍କୁ ସେମାନଙ୍କର ଜ୍ଞାନ ଏବଂ ଆଚରଣ ମାଧ୍ୟମରେ ସଂସ୍କାର ମୂଲ୍ୟବୋଧ ଶିକ୍ଷା ଦିଅନ୍ତି। ସମାଜର ନିୟମ, ପରମ୍ପରା ଏବଂ ସଂସ୍କୃତି ମଧ୍ୟ ଚରିତ୍ର ବିକାଶକୁ ପ୍ରେରଣା ଦିଏ। ଜଣେ ସଂସ୍କାରୀ ବ୍ୟକ୍ତି ସର୍ବଦା ଭଦ୍ର, ସତ୍ୟବାଦୀ ଏବଂ ଦୟାଳୁ। ସେମାନେ ଅନ୍ୟମାନଙ୍କୁ ସମ୍ମାନ କରନ୍ତି ଏବଂ ସମାଜର ଉନ୍ନତି ପାଇଁ କାର୍ଯ୍ୟ କରନ୍ତି। ଏପରି ବ୍ୟକ୍ତି ଜୀବନରେ ସଫଳତା ହାସଲ କରନ୍ତି ଏବଂ ସମାଜରେ ସମ୍ମାନିତ ହୁଅନ୍ତି। ପରିବାର ହେଉଛି ଶୃଙ୍ଖଳା ଏବଂ ଆଚରଣ ଶିଖିବାର ପ୍ରଥମ ସ୍ଥାନ। ପିଲାମାନେ ସେମାନଙ୍କ ପିତାମାତାଙ୍କଠାରୁ ଏହି ଗୁଣଗୁଡ଼ିକ ଶିଖନ୍ତି। ଯଦି ପରିବାରରେ ନିୟମ ଏବଂ ଭଲ ଆଚରଣ ଥାଏ, ତେବେ ପିଲାମାନେ ମଧ୍ୟ ଏହି ଗୁଣଗୁଡ଼ିକୁ ପାଳନ କରନ୍ତି। ଏହି ଗୁଣଗୁଡ଼ିକୁ ବିକାଶ କରିବାରେ ବିଦ୍ୟାଳୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକମାନେ ନିୟମିତ ଜୀବନ ଏବଂ ଭଲ ଆଚରଣ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦିଅନ୍ତି। ଏହା ସେମାନଙ୍କ ଭବିଷ୍ୟତ ଜୀବନକୁ ଉଜ୍ଜ୍ୱଳ କରିଥାଏ। ଶୃଙ୍ଖଳା ଏବଂ ଆଚରଣ ହେଉଛି ସମାଜରେ ଶୃଙ୍ଖଳା ଏବଂ ଶାନ୍ତିର ମୌଳିକ ମୂଳଦୁଆ। ଯଦି ସମାଜରେ ସମସ୍ତେ ନିୟମ ପାଳନ କରନ୍ତି ଏବଂ ଅନ୍ୟମାନଙ୍କୁ ସମ୍ମାନ କରନ୍ତି, ତେବେ କେବେ ବି ଅଶାନ୍ତି ହେବ ନାହିଁ। ଉଦାହରଣ ସ୍ୱରୂପ, ଟ୍ରାଫିକ୍ ନିୟମ ପାଳନ କରିବା ଶୃଙ୍ଖଳାର ଏକ ଲକ୍ଷଣ। ଏହା ଦୁର୍ଘଟଣା ହ୍ରାସ କରେ ଏବଂ ଜୀବନକୁ ସୁରକ୍ଷିତ ରଖେ। ସେହିପରି, ଲୋକଙ୍କ ସହିତ ଭଲ ବ୍ୟବହାର କରିବା ହେଉଛି ଶିଷ୍ଟାଚାରର ଏକ ଲକ୍ଷଣ। ବ୍ୟକ୍ତିଗତ ଜୀବନରେ ଏହି ଶୃଙ୍ଖଳା, ସଂସ୍କାର ଓ ଶଷ୍ଟାଚାର ଅନେକ କିଛି ଲାଭ ଦେଇଥାଏ। ଏହା ନିୟମିତ ଜୀବନରେ ସଫଳତା ସୁନିଶ୍ଚିତ କରେ। ଶୃଙ୍ଖଳା ଜଣେ ବ୍ୟକ୍ତିଙ୍କୁ ଦୃଢ଼ ଏବଂ ଆତ୍ମନିୟନ୍ତ୍ରିତ କରିଥାଏ। ଶଷ୍ଟାଚାର ମାନବ ସମ୍ପର୍କକୁ ମଧୁର କରିଥାଏ। ଭଲ ଶଷ୍ଟାଚାର ବ୍ୟକ୍ତିଙ୍କୁ ସମାଜରେ ସମ୍ମାନ ପ୍ରଦାନ କରେ। ଯେଉଁଠାରେ ଶୃଙ୍ଖଳା ନାହିଁ, ସେଠାରେ ସବୁ କିଛି ମୂଲ୍ୟହୀନ। ଶୃଙ୍ଖଳା ବିନା ଜୀବନ ବ୍ୟକ୍ତିଙ୍କୁ ଭୁଲ ଆଡ଼କୁ ନେଇଯାଏ। ସେହିପରି, ଆଚରଣ ବା ଶଷ୍ଟାଚାର ବିନା, ଲୋକମାନେ ଅଶାନ୍ତ ହୋଇଯାଆନ୍ତି, ସମ୍ପର୍କ ଭାଙ୍ଗିଯାଏ ଏବଂ ସମାଜରେ ଅଶାନ୍ତି ବୃଦ୍ଧି ପାଏ। ସଂସ୍କାର ଗୋଟେ ମଣିଷକୁ ଦେବତୁଲ୍ୟ ସମ୍ମାନ ଦେଇଥାଏ।

ତେଣୁ, ଆମେ କିପରି ଆମ ଜୀବନରେ ଏହି ସଂସ୍କାର, ଶୃଙ୍ଖଳା ଏବଂ ଶିଷ୍ଟାଚାର ବିକଶିତ କରିପାରିବା ? ପ୍ରତିଦିନ ନିୟମିତ ସମୟରେ ଉଠି କାମ କରିବା । ବଡ଼ମାନଙ୍କୁ ସମ୍ମାନ କରିବା ଏବଂ ସାନମାନଙ୍କୁ ଭଲ ପାଇବା । ସଦା ସର୍ବଦା ସତ୍ୟ କହିବା ଏବଂ ନିଜର କର୍ତ୍ତବ୍ୟ ପାଳନ କରିବା । ସାମାଜିକ ନିୟମକୁ ଅନୁସରଣ କରି ପାଳନ କରିବା । ସଂଯମ ଏବଂ ସହନଶୀଳତା ଅଭ୍ୟାସ କରିବା। ସଂସ୍କାର, ଶୃଙ୍ଖଳା ଏବଂ ଶିଷ୍ଟାଚାର ବିନା ଜୀବନ ଅପୂର୍ଣ୍ଣ। ଏହା ଜଣେ ବ୍ୟକ୍ତିଙ୍କୁ ସଠିକ୍ ପଥ ଦେଖାଏ ଏବଂ ତାଙ୍କ ଜୀବନକୁ ସୁନ୍ଦର ଏବଂ ସଫଳ କରିଥାଏ। ଯଦି ଆମେ ଆମର ଦୈନନ୍ଦିନ ଜୀବନରେ ଏହି ତିନୋଟି ଗୁଣକୁ ଗ୍ରହଣ କରୁ, ତେବେ ଆମେ କେବଳ ଆମର ଜୀବନକୁ ନୁହେଁ ବରଂ ସମାଜକୁ ମଧ୍ୟ ସୁନ୍ଦର କରିପାରିବା। ତେଣୁ, ସଂସ୍କାର, ଶୃଙ୍ଖଳା ଏବଂ ଶିଷ୍ଟାଚାରକୁ ଆମ ଜୀବନର ଏକ ମୁଖ୍ୟ ଅଂଶ କରି ଆମ ଜୀବନର କର୍ତ୍ତବ୍ୟ ପଥରେ ଅଗ୍ରସର ହେବା ଉଚିତ୍ ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ:୮୨୪୯୫୦୨୭୭୬



# ଓଡ଼ିଶାର ଐତିହ୍ୟ ଓ ପର୍ଯ୍ୟଟନ ବିକାଶରେ ଧର୍ମେନ୍ଦ୍ରଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ



ଅବିରତ ପ୍ରଧାନ

ଭୁବନେଶ୍ୱରଃ ଓଡ଼ିଶା ହେଉଛି କଳା, ସଂସ୍କୃତି, କାରୁକାର୍ଯ୍ୟ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟର ଏକ ଅନନ୍ୟ ଗନ୍ତାଘର। ପୁରୀର ଅନନ୍ତ ସମୁଦ୍ରକୂଳଠାରୁ ଆରମ୍ଭ କରି କୋଣାର୍କର ପଥରର କାବ୍ୟ ଏବଂ ପଶ୍ଚିମ ଓଡ଼ିଶାର ପ୍ରାକୃତିକ ବୈଭବ-ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରରେ ଅସୀମ ସମ୍ଭାବନା ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ' ମିଶନ ଓ 'ବିକଶିତ ଓଡ଼ିଶା' ସଂକଳ୍ପକୁ ସାକାର କରିବା ଦିଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସ ଓଡ଼ିଶାର ପର୍ଯ୍ୟଟନ ଶିଳ୍ପକୁ ବିଶ୍ୱ ଦରବାରରେ ଏକ ନୂତନ ପରିଚୟ ପ୍ରଦାନ କରିଛି। ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଓଡ଼ିଶାର ସାଂସ୍କୃତିକ ଓ ପର୍ଯ୍ୟଟନ ପୁନରୁଦ୍ଧାର ପାଇଁ ତାଙ୍କର ଅବଦାନ ବେଶ୍ ପ୍ରଶଂସନୀୟ। ଶ୍ରୀ ପ୍ରଧାନ ସର୍ବଦା ଓଡ଼ିଶାର ଆଧ୍ୟାତ୍ମିକ ଚେତନାକୁ ବିଶ୍ୱ ସ୍ତରରେ ପହଞ୍ଚାଇବାକୁ ଚେଷ୍ଟା କରିଛନ୍ତି। କେନ୍ଦ୍ର ସରକାରଙ୍କ 'ପ୍ରସାଦ' (PRASHAD) ଯୋଜନା ଅଧୀନରେ ପୁରୀ ଶ୍ରୀକ୍ଷେତ୍ରର ଭିତ୍ତିଭୂମି ବିକାଶ, ପର୍ଯ୍ୟଟକଙ୍କ ସୁବିଧା ଏବଂ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ପାଇଁ ସେ ବିଶେଷ ପଦକ୍ଷେପ ନେଇଛନ୍ତି। ଏହା ସହିତ ଓଡ଼ିଶାର ପ୍ରମୁଖ କୀର୍ତ୍ତିରାଜି ଯେପରିକି ରତ୍ନଗିରି, ଲଳିତଗିରି, ଉଦୟଗିରି ଏବଂ ଧଉଳି ଭଳି ପ୍ରସିଦ୍ଧ ବୌଦ୍ଧ ସ୍ଥଳଗୁଡ଼ିକୁ କେନ୍ଦ୍ର ସରକାରଙ୍କ ସ୍ୱଦେଶ ଦର୍ଶନ ଯୋଜନାର 'ବୌଦ୍ଧ ସର୍କିଟ୍' (BUDDHIST CIRCUIT) ରେ ସାମିଲ କରିବା ପାଇଁ ସେ କ୍ରମାଗତ ଭାବେ କାର୍ଯ୍ୟ କରୁଛନ୍ତି, ଯାହାଦ୍ୱାରା ଅନ୍ତର୍ଜାତୀୟ ବୌଦ୍ଧ ପର୍ଯ୍ୟଟକମାନେ ଓଡ଼ିଶା ପ୍ରତି ଆକର୍ଷିତ ହେବେ। ପଶ୍ଚିମ ଓଡ଼ିଶାର ପର୍ଯ୍ୟଟନ ଶିଳ୍ପକୁ ଆଗକୁ ନେବା ପାଇଁ ଶ୍ରୀ ପ୍ରଧାନଙ୍କ ବଡ଼ ସଫଳତା ହେଉଛି ସମ୍ବଲପୁର ଜିଲ୍ଲାର ନାକଟିଦେଉଳ ବ୍ଲକରେ ପ୍ରତିଷ୍ଠିତ 'ଭୀମମଣ୍ଡଳୀ ଇକୋ-ହେରିଟେଜ୍ ସାଇଟ୍'। ପ୍ରାଗୈତିହାସିକ କାଳର ଶିଳାଚିତ୍ର ଏବଂ ମହାଭାରତ କାଳୀନ କିମ୍ବଦନ୍ତୀ ସହ ଜଡ଼ିତ ଏହି ସ୍ଥାନକୁ ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ଗଢ଼ିତୋଳିବା ସହ ପରିବେଶ ପର୍ଯ୍ୟଟନ (ECO-TOURISM)ର ବିକାଶ ଲାଗି ସେ ଏହାର ଶିଳାନ୍ୟାସ କରିଛନ୍ତି। ଏହା କେବଳ ପର୍ଯ୍ୟଟକଙ୍କଙ୍କୁ ଆକର୍ଷିତ କରିବ ନାହିଁ, ବରଂ ସ୍ଥାନୀୟ ଅଞ୍ଚଳରେ ରୋଜଗାରର ନୂଆ ସୁଯୋଗ ସୃଷ୍ଟି କରିବ। ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ରାଜ୍ୟର ଅନ୍ୟାନ୍ୟ ପ୍ରତ୍ନତାତ୍ତ୍ୱିକ ସ୍ମାରକୀଗୁଡ଼ିକର ରକ୍ଷଣାବେକ୍ଷଣ ଉପରେ ସେ ସଦାସର୍ବଦା ଗୁରୁତ୍ୱ ଦେଇଛନ୍ତି। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ASI) ଦ୍ୱାରା ଯାଜପୁରର ହରିପୁର, ଢେଙ୍କାନାଳର କୁଆଲୋ ଏବଂ ବଲାଙ୍ଗୀରର ରଣୀପୁର-ଝରିଆଲ ଭଳି ଅପେକ୍ଷାକୃତ ଅନାଲୋଚିତ ଐତିହାସିକ ସ୍ଥଳଗୁଡ଼ିକର ସଂରକ୍ଷଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସେ କେନ୍ଦ୍ରୀୟ ସହାୟତା ଯୋଗାଇ ଦେଇଛନ୍ତି। ଅନୁଗୋଳର ଦେରଜଙ୍ଗ ଡ୍ୟାମ୍‌ରେ ପର୍ଯ୍ୟଟକଙ୍କ ପାଇଁ ବୋଟିଂ ସୁବିଧାର ଶୁଭାରମ୍ଭ କରି ସେ ସ୍ଥାନୀୟ ପର୍ଯ୍ୟଟନକୁ ଏକ ନୂଆ ମୋଡ଼ ଦେଇଛନ୍ତି। ଓଡ଼ିଶାର ବିସ୍ତୀର୍ଣ୍ଣ ସମୁଦ୍ରକୂଳକୁ ପର୍ଯ୍ୟଟନର ଏକ ମାଧ୍ୟମ ଭାବେ ବ୍ୟବହାର କରିବା ପାଇଁ ପ୍ରସ୍ତାବିତ 'କୋଷ୍ଟାଲ ହାଇୱେ' (COASTAL HIGHWAY) ପ୍ରକଳ୍ପକୁ ସେ ଓଡ଼ିଶା ପର୍ଯ୍ୟଟନର ଲାଇଫ୍‌ଲାଇନ୍ ଭାବେ ଅଭିହିତ କରିଛନ୍ତି। ଏହାସହ ଓଡ଼ିଶାରେ ରାଜସ୍ଥାନ, କେରଳ ଭଳି ବିଶ୍ୱସ୍ତରୀୟ ଆତିଥ୍ୟ ଶିଳ୍ପର ବିକାଶ ପାଇଁ ସେ ଏକ ସୁଚିନ୍ତିତ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବା ଉପରେ ଜୋର ଦେଇଛନ୍ତି। ପୁରୀ ଭଳି ଆଧ୍ୟାତ୍ମିକ ସହରରେ ଆଧୁନିକ ରିସର୍ଟ ଏବଂ ପର୍ଯ୍ୟଟନ ଭିତ୍ତିଭୂମିର ପ୍ରତିଷ୍ଠା ପାଇଁ ସେ ବେସରକାରୀ ପୁଞ୍ଜିନିବେଶକୁ ମଧ ସ୍ୱାଗତ କରିଛନ୍ତି। ଶ୍ରୀ ପ୍ରଧାନ ସମ୍ବଲପୁର, ଦେବଗଡ଼ ଏବଂ ଅନୁଗୋଳ ଜିଲ୍ଲାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନେଇ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ ସର୍କିଟ୍ ଗଠନ କରିବାକୁ ପ୍ରୟାସ କରୁଛନ୍ତି। ପ୍ରସିଦ୍ଧ ଦେବ୍ରୀଗଡ଼ ବନ୍ୟଜନ୍ତୁ ଅଭୟାରଣ୍ୟ ଏବଂ ଏସିଆର ବୃହତ୍ତମ କୃତ୍ରିମ ଜଳାଶୟ 'ହୀରାକୁଦ'କୁ ନେଇ କେନ୍ଦ୍ରୀୟ ଯୋଜନାରେ ଅଧିକ ପର୍ଯ୍ୟଟନ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ସେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟକୁ ପ୍ରସ୍ତାବ ଦେଇଛନ୍ତି। ଧର୍ମେନ୍ଦ୍ର ପ୍ରଧାନଙ୍କ ଏହି ଦୂରଦୃଷ୍ଟିସମ୍ପନ୍ନ ପ୍ରୟାସ କେବଳ ଓଡ଼ିଶାର ଐତିହ୍ୟକୁ ସୁରକ୍ଷିତ କରୁନାହିଁ, ବରଂ ରାଜ୍ୟର ଅର୍ଥନୀତି ଓ ଯୁବପିଢ଼ିଙ୍କ ପାଇଁ ରୋଜଗାରର ବଡ଼ ସୁଯୋଗ ସୃଷ୍ଟି କରୁଛି। ଚଳିତ ବିଶ୍ୱ ପର୍ଯ୍ୟଟନ ଦିବସରେ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ସମୃଦ୍ଧ କରିବା ଦିଗରେ ତାଙ୍କର ଏହି ଭୂମିକା ପ୍ରତିଟି ଓଡ଼ିଆଙ୍କ ପାଇଁ ଗର୍ବର ବିଷୟ। ଓଡ଼ିଶାର ସଂସ୍କୃତି ଓ ପର୍ଯ୍ୟଟନର ବିକାଶ ହିଁ ଆଗାମୀ ଦିନରେ 'ବିକଶିତ ଓଡ଼ିଶା'ର ମୂଳଦୁଆ ହେବ।



# ନୂଆ ଦିଲ୍ଲୀରେ ଓଡ଼ିଆ



ଡମ୍ବରୁଧର ଘଣା

କିଛି ବ୍ୟକ୍ତିଗତ କାମରେ ନୂଆଦିଲ୍ଲୀ ଆସିଛି। ଛଅ, ସାତ ଦିନ ହେବ ରହିଛି ଏଠି। କାମରୁ ବିରତି ମିଳିଲେ, ପୂର୍ବ ପରିଚିତ କେତେକ ଓଡ଼ିଆ ଲୋକଙ୍କୁ ଭେଟିବାକୁ ଯାଏ , ତାଙ୍କ ସହିତ କଥା ହୁଏ। ଓଡିଶାରୁ ଏତେ ଦୂରରେ ଓଡିଆ ଲୋକଙ୍କୁ ପାଇ, ତାଙ୍କ ସହ କଥା ହେଲେ ଲାଗେ ସତେ ଯେମିତି ମୁଁ ନିଜ ରାଜ୍ୟରେ ଅଛି। ନିଜ ଭାଷାରେ କଥା। ସେହି ଓଡ଼ିଆ ଆତ୍ମିୟତା । ମୁଁ ଖୁସି ହୁଏ। ସେମାନେ ବି ଖୁସି ହୁଅନ୍ତି। ଚା ପିଆର ଆସର ଜମେ।

କଥାରେ କଥାରେ ଓଡ଼ିଶାର ଚାଷ, ଓଡ଼ିଶାର ପାଣି ପାଗ, ଏ' ବର୍ଷର ବର୍ଷା , ଧାନ ଅମଳ, ଚାଷୀଙ୍କ ସମସ୍ୟା ଇତ୍ୟାଦି ସ୍ଥାନ ପାଏ। ଦିନକୁ ଦିନ ଓଡିଶାରେ ସଙ୍କୁଚିତ ହୋଇ ପଡୁଥିବା ନିଯୁକ୍ତି ସୁଯୋଗ ଉପରେ କେହି କେହି ଅଭିଭାବକ ପ୍ରଶ୍ନ ଉଠାନ୍ତି, ଉଦବେଗ ପ୍ରକାଶ କରନ୍ତି। ଦୀର୍ଘ ନିଶ୍ୱାସଟିଏ ଟାଣି, ମୁଣ୍ଡରେ ହାତ ଦେଇ କିଛି ସମୟ ନିରବ ହୋଇ ଯାଆନ୍ତି। ତାଙ୍କ ମୁହଁକୁ ଦେଖିଲେ, ସ୍ପଷ୍ଟ ଅନୁଭବ କରି ହୁଏ - କେତେ ଚିନ୍ତିତ ସେମାନେ ତାଙ୍କ ପିଲାଙ୍କ ଭବିଷ୍ୟତକୁ ନେଇ। କାହିଁ କେଉଁ କାଳରୁ ନିଜ ରାଜ୍ୟ, ଗାଁ , ଭିଟାମାଟି ଛାଡି ଏଇଠି ଅଛନ୍ତି। କିନ୍ତୁ, ଫେରିବାକୁ ଚାହିଁଲେ ବି ତାଙ୍କ ପାଇଁ ବାଟ ବନ୍ଦ ହୋଇଯାଇଛି। ଫେରି ତ ପାରିବେ, ହେଲେ କରିବେ କ'ଣ ? ବଞ୍ଚିବେ କେମିତି ? ପିଲାମାନେ ସେଠାରେ କରିବେ କ'ଣ ? ଏଇ ସବୁ ପ୍ରଶ୍ନ ପଚାରି ଚାଲନ୍ତି। ହେଲେ ଜାଣନ୍ତି ନାହିଁ, କିଏ ତାଙ୍କୁ ଦେବ ଏସବୁର ଉତ୍ତର।

ଓଡ଼ିଶାର ରାଜନୀତି, ପ୍ରଶାସନ ମଧ୍ୟ ଆଲୋଚନା ଭିତରକୁ ପଶି ଆସେ। ଦୂରରେ ଥାଇବି ଯେହେତୁ ସେମାନେ ଓଡ଼ିଶା ରାଜନୀତି କୁ ଅତି ନିକଟରୁ ଦେଖନ୍ତି, ବୁଝନ୍ତି, ସେ ଆଲୋଚନାରେ ମୁଁ ତାଙ୍କ ସହିତ ଅଧିକ ସମୟ ଭାଗ ନେଇ ପାରେ ନାହିଁ। ମୁଁ ତାଙ୍କୁ ଟାଣି ନିଏ - ଦିଲ୍ଲୀ ଦରବାରରେ ଓଡ଼ିଶା, ଦିଲ୍ଲୀ ରେ ଓଡିଆର ପରିଚୟ , ଓଡ଼ିଆ ନେତାଙ୍କ ସମ୍ମାନ ଏବଂ ଓଡ଼ିଆ ପିଲାଙ୍କ ପାଇଁ ଓଡ଼ିଶା ଭାଷାରେ ଶିକ୍ଷାର ବ୍ୟବସ୍ଥାର ବିଷୟକୁ । ମୁଁ ଦେଖେ - ଅନ୍ୟ ପ୍ରସଙ୍ଗ ଅପେକ୍ଷା ଏହାରି ଉପରେ ଆଲୋଚନା ସକାଶେ ସେମାନେ ଅଧିକ ଆଗହୀ । ପ୍ରତି ପ୍ରସଙ୍ଗ ଉପରେ ତଥ୍ୟ ଭିତ୍ତିକ ଆଲୋଚନା ହୁଏ। ଏହା ବ୍ୟକ୍ତିଗତ ନୁହେଁ। ଜାତିର ପରିଚୟ, ଜାତିର କଥା।

ଯେଉଁମାନେ ଏଇଠି ଗତ ତିରିଶ ବର୍ଷ ଧରି ଅଛନ୍ତି, ସେମାନେ କହିବା ବେଳେ ଦୁଃଖର ସହିତ କୁହନ୍ତି - ନୂଆ ଦିଲ୍ଲୀର କୌଣସି ମୁଖ୍ୟ ରାସ୍ତା ଅବା ଗଳି ରାସ୍ତାକୁ ଓଡ଼ିଶାର କୌଣସି ମହାପୁରୁଷ ବା ରାଜନେତାଙ୍କ ନାମରେ ନାମିତ କରାଯାଇ ନାହିଁ। ଓଡ଼ିଶା ସରକାରଙ୍କ ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ଯେଉଁ ରାସ୍ତା ପାର୍ଶ୍ୱରେ ଅଛି, ସେ ରାସ୍ତାର ନାମ - ଲୋକପ୍ରିୟ ଗୋପିନାଥ ବରଦୋଲୋଇ ମାର୍ଗ। ସ୍ୱର୍ଗତ ବରଦୋଲୋଇ ହେଉଛନ୍ତି ଆସାମ ପ୍ରଦେଶର ଜଣେ ସ୍ୱାଧିନତା ସଂଗ୍ରାମୀ। ସ୍ୱାଧୀନତା ଆନ୍ଦୋଳନ ଠାରୁ ଆରମ୍ଭ କରି ଜାତୀୟ ରାଜନୀତିରେ ବେଶ୍ ସୁନାମ ଅର୍ଜନ କରିଥିବା ସ୍ୱର୍ଗତ ବିଜୁ ପଟ୍ଟନାୟକ ଏବଂ ସ୍ୱର୍ଗତ ହରେକୃଷ୍ଣ ମହତାବଙ୍କ ନାମରେ ରାସ୍ତାଟିଏ ନାମିତ କରିବା ପାଇଁ ଦିଲ୍ଲୀ ସରକାର ଉଚିତ୍ ମଣି ନାହିଁ। ମୁଁ ନିଶ୍ଚିତ ନ ଥିଲେ ବି ମୋର ମନେ ହୁଏ - ଓଡ଼ିଶା ସରକାର ମଧ୍ୟ ଏମିତି ଏକ ପ୍ରସ୍ତାବ କେନ୍ଦ୍ରକୁ ନ ଦେଇ ଥାଇ ପାରନ୍ତି। ଯଦି ଏହା ଠିକ୍ ହୋଇଥାଏ, ତେବେ ଏକ ଦୁଃଖଦ ବିଷୟ ନିଶ୍ଚିତ। ଦିଲ୍ଲୀର ବିଭିନ୍ନ ରାସ୍ତା ଦେଇ ଯିବାବେଳେ, ବିଭିନ୍ନ ଛକ ପାର ହେବା ସମୟରେ କେଉଁଠି ବି ଦେଖିବାକୁ ମିଳେ ନାହିଁ - କୌଣସି ଓଡ଼ିଆ ନେତା ବା ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଟିଏ । ଏତେ ବଡ ସହର, ଶହ ଶହ ଛକ, ଶହ ଶହ ରାସ୍ତା ଥାଉଁ ଥାଉଁ କେଉଁଠି ବି ଜାଗାଟିଏ ମିଳିଲା ନାହିଁ, ଗୋଟିଏ ଓଡିଆ ପୁଅର ପ୍ରତିମୂର୍ତ୍ତି ଟିଏ ସ୍ଥାପନା ପାଇଁ। ଏ କି କଥା ? ଦୁଃଖଦ ତ ନିଶ୍ଚୟ। ହେଲେ କାହିଁକି ? ବିଜୁ ବାବୁଙ୍କୁ ଦିଲ୍ଲୀ ଦେଖିଛି, ଜାଣିଛି। ଅଥଚ, ପ୍ରତିମୂର୍ତ୍ତି ଟିଏ ପାଇଁ ସ୍ଥାନ ଖଣ୍ଡେ ଦେବାକୁ ବିଚାର କରି ପାରିଲା ନାହିଁ। ତିନି ମୂର୍ତ୍ତି ଭବନ - ଦିଲ୍ଲୀର ଏକ ପ୍ରମୁଖ ସ୍ଥାନ । ନାଁ ବଦଳି ଏବେ ହୋଇଛି - ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ। ସେଇଠି ନେହେରୁ ଓ ଇନ୍ଦିରା ଗାନ୍ଧୀଙ୍କ ସୁସଜ୍ଜିତ ପଢାଘର, ଶୟନ କକ୍ଷ , ବୈଠକ ଘର ଦେଖିବାକୁ ମିଳେ। ଏଇଠି ସମସ୍ତ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଫୋଟୋ ଚିତ୍ର, ଭାଷଣ, ଜୀବନୀ , ଦେଶ ପାଇଁ ତାଙ୍କର ଅବଦାନ, ସେବା ଉପରେ ଅନେକ କିଛି ପ୍ରଦର୍ଶିତ ହୋଇଛି। ସ୍ୱାଧୀନତା ଆନ୍ଦୋଳନ, ସମ୍ବିଧାନ ପ୍ରଣୟନ ସମ୍ପର୍କିତ କେତେ କେତେ ତଥ୍ୟ ଦେଖିବାକୁ, ପଢ଼ିବାକୁ ମିଳୁଛି।

ପୂର୍ବରୁ ଏଇଠି ଦେଶର ପ୍ରତି ରାଜ୍ୟର ସ୍ୱାଧୀନତା ସଂଗ୍ରାମୀ, ମହାପୁରୁଷ, ରାଜା , ରାଜନେତାଙ୍କ ବିଷୟରେ କିଛି କିଛି ବର୍ଣ୍ଣନା ଦେଖିବାକୁ ମିଳୁଥାଏ। ଆମ



ଉତ୍କଳମଣି ଗୋପବନ୍ଧୁଙ୍କ ଏକ କାଗଜ ଫୋଟୋ ଲାଗିଥିଲା ଏକ କାନ୍ଥରେ। ତାହା ପୁଣି ବିନା ଫୋଟୋ ଫ୍ରେମରେ। ସେ ଫୋଟୋ ଏବେ ଆଉ ନାହିଁ। ବିଜୁ ପଟ୍ଟନାୟକଙ୍କ ଫୋଟୋ ଟିଏ ଏଇଠି ପ୍ରଦର୍ଶିତ କରିବା ପାଇଁ ସେଦିନ କେହି ଗୁରୁତ୍ୱ ଦେଲେ ନାହିଁ। ଦୁର୍ଭାଗ୍ୟର କଥା। ବିଜୁ ବାବୁଙ୍କ ସମ୍ପର୍କରେ ଯାହା ଇତିହାସ ବୟାନ କରେ, ଦିଲ୍ଲୀ ନିଜେ ଯାହା ଦେଖିଛି, ଇଣ୍ଡୋନେସିଆ କାହାଣୀ ଓ ସୋଭିଏତ ଋଷ କାହାଣୀ ଯାହା ରହିଛି, ସ୍ୱାଧୀନତା ସଂଗ୍ରାମରେ ତାଙ୍କ ଭୂମିକାକୁ ଦେଶ ଯେମିତି ମନେ ରଖିଛି, ସେହି ଆଧାରରେ ଅନ୍ତତଃ ପକ୍ଷେ ତାଙ୍କର ଏକ ବୃତ୍ତଚିତ୍ର ଏଇଠି ପ୍ରଦର୍ଶିତ ହେବା ଉଚିତ ଥିଲା । କିନ୍ତୁ ହୋଇ ନାହିଁ। ରାଜ୍ୟ ସରକାର ଅବା କେନ୍ଦ୍ର ସରକାର, ଯିଏବି ଏହାର ସଫେଇ ରେ ଯାହାବି, ଯେତେବି କୁହନ୍ତୁ ନା କାହିଁକି, ତାହା ଆଦୌ ସନ୍ତୋଷ ଜନକ ହେବ ନାହିଁ। ଅନ୍ୟ ମହାପୁରୁଷ ଯଥା - ହରେକୃଷ୍ଣ ମହତାବ, ମଧୁସୂଦନ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଙ୍କୁ ମଧ୍ୟ ଦିଲ୍ଲୀ ଯଥୋଚିତ ସମ୍ମାନ ଦେବାରେ ଅବହେଳା କରିଛି। ଏସବୁ କହିବା ବେଳେ ସେମାନେ ଭାବ ବିହ୍ୱଳ ହୋଇ ପଡନ୍ତି। ଏଠିକାର ଓଡ଼ିଆ ଲୋକ ଯାହା ତାଙ୍କ ସ୍ମୃତି ଆଧାରରେ କୁହନ୍ତି - ସ୍ୱର୍ଗତ ହରେକୃଷ୍ଣ ମହତାବଙ୍କ ଏକ ଫୋଟୋ ଚିତ୍ର ସଂସଦ ଭବନରେ ଶୋଭା ପାଉଛି। ସେହିପରି ଭାରତ ସରକାର ଯଥୋଚିତ ସମ୍ମାନ ଦେବାକୁ ଯାଇ ବିଜୁ ବାବୁଙ୍କର ଏକ ପୂର୍ଣ୍ଣ ଅବୟବ ଫୋଟୋ ଚିତ୍ର ସଂସଦ ଭବନର କେନ୍ଦ୍ରୀୟ ଗୃହରେ ପ୍ରଦର୍ଶନ କରିଛନ୍ତି। ପୁରୁଣା ଲୋକ ଯେଉଁମାନେ ଏଠି ଓଡ଼ିଶା ଭବନରେ ବିଜୁବାବୁଙ୍କ ସଂସ୍ପର୍ଶରେ ଆସିଛନ୍ତି, ତାଙ୍କୁ ଅତି ନିକଟରୁ ଦେଖିଛନ୍ତି, ସେବା ଦେବାର ସୁଯୋଗ ପାଇଛନ୍ତି, ସେମାନେ ଯାହା କୁହନ୍ତି - ଋଷିଆ ଯୁଦ୍ଧ ସମୟରେ ବିଜୁବାବୁଙ୍କ ପାଇଲଟ୍ ମିଶନର ସମ୍ମାନରେ ଦିଲ୍ଲୀସ୍ଥିତ ଋଷ ଦୂତାବାସରେ ଅନେକ ଫୋଟୋ ସମ୍ମିଳିତ ଏକ ସ୍ମୃତି ଫଳକ ପ୍ରଦର୍ଶିତ ହୋଇଛି। ସେହିପରି ଇଣ୍ଡୋନେସିଆ ସରକାର ବିଜୁବାବୁଙ୍କ ସମ୍ମାନରେ ସ୍ଥାନୀୟ ଦୂତାବାସରେ ଏକ ହଲ୍ କୁ ତାଙ୍କ ନାମରେ ନାମିତ କରିଛନ୍ତି। ଚଳିତବର୍ଷ ଅଗଷ୍ଟ ମାସରେ ଲୋକ ସେବକ ମଣ୍ଡଳର ଆୟୋଜନରେ ଲାଜପତ ଭବନରେ ଉତ୍କଳମଣି ଗୋପବନ୍ଧୁଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଏହା ଏକ ବଡ ଗୌରବର କଥା।

ଅପରପକ୍ଷରେ ଜାତୀୟ ସଂଗ୍ରହାଳୟରେ ଓଡ଼ିଶାର ଶହ ଶହ ବର୍ଷର ପୁରାତନ କଳା, ଧର୍ମ, ସ୍ଥାପତ୍ୟ, ସମ୍ପର୍କୀତ ଅନେକ ଚିତ୍ର ଦେଖିବାକୁ ମିଳେ। ରଘୁରାଜପୁର ଗାଁର ଜଗନ୍ନାଥ ପଟ୍ଟଚିତ୍ର ଓ କୋଣାର୍କ, ପୁରୀ ମନ୍ଦିର ପରି ମନ୍ଦିର ନିର୍ମାଣ ର କଳା ଏବଂ ଓଡ଼ିଶାର ଶାଢ଼ୀ ମଧ୍ୟ ଏଠାରେ ସ୍ଥାନ ପାଇଛି। ସେହିପରି ଜାତୀୟ ଆଧୁନିକ କଳା କେନ୍ଦ୍ରରେ ପ୍ରଦର୍ଶିତ ହୋଇଛି - ଆଧୁନିକ ଓ ପାରମ୍ପରିକ ଚିତ୍ର କଳା, ତାଳପତ୍ର ଉପରେ ଖୋଦିତ ପୌରାଣିକ କଥାବସ୍ତୁ ଓ ଆଦିବାସୀ ଚିତ୍ର କଳା ଏବଂ କେତେକ ପୁରାତନ ପାଣ୍ଡୁଲିପି । ଏହାବାଦ୍, କେତେକ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନେ ଉତ୍ସବର ଆୟୋଜନ କରି ସେଥିରେ ପ୍ରଦର୍ଶନ କରିଥାନ୍ତି - ଓଡ଼ିଶାର ଶାସ୍ତ୍ରୀୟ ନୃତ୍ୟ, ପାରମ୍ପରିକ ଓଡ଼ିଆ ହସ୍ତଶିଳ୍ପ, ହସ୍ତତନ୍ତ, ଓଡ଼ିଆ ଖାଦ୍ୟ ଇତ୍ୟାଦି। ଏହାସହିତ, କନଟ୍ ପ୍ଲେସ୍ ସ୍ଥିତ ରାଜ୍ୟ ଏମ୍ପୋରିୟମ୍ ରେ ବିକ୍ରି ହେଉଛି - ଓଡ଼ିଶାର ହସ୍ତଶିଳ୍ପ, ବୟନ ସାମଗ୍ରୀ, କଳାକୃତି ଇତ୍ୟାଦି।

ଓଡ଼ିଶାର ହସ୍ତଶିଳ୍ପ, ବୟନ ସାମଗ୍ରୀ, ଚିତ୍ରକଳା, ହସ୍ତତନ୍ତ, ପଟ୍ଟଚିତ୍ର, ଶାସ୍ତ୍ରୀୟ ନୃତ୍ୟ, ଆଦିବାସୀ ଚିତ୍ର କଳା, ମନ୍ଦିର ନିର୍ମାଣ ଶୈଳୀ ତ ଓଡ଼ିଶାକୁ ଓ ଓଡ଼ିଆଙ୍କୁ ଦିଲ୍ଲୀ ଦରବାରରେ ପରିଚୟ ଆଣି ଦେଇଛି ସତ, କିନ୍ତୁ, ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ଅଣଦେଖା ହୋଇଯାଇଛି। ନିୟମିତ ଭାବରେ ଓଡ଼ିଶାର ପର୍ଯ୍ୟଟନର ପ୍ରଚାର, ପ୍ରସାର ପ୍ରତି ଧ୍ୟାନ ଦିଆଯାଇ ନାହିଁ। ଆଦିବାସୀ ଇଲାକା ଓ ଆଦିବାସୀଙ୍କ ଜୀବନ ଶୈଳୀରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟରେ ସେମିତି କିଛି ପ୍ରଦର୍ଶନର ବ୍ୟବସ୍ଥା ରାଜ୍ୟ ସରକାର କରି ନାହାନ୍ତି। ଦିଲ୍ଲୀରେ ବାସ କରନ୍ତି ପାଖାପାଖି କୋଡିଏ ଲକ୍ଷ ଓଡ଼ିଆ। ସେମାନେ ଆସିଛନ୍ତି, ଅଛନ୍ତି ଏବଂ କାମ, ବ୍ୟବସାୟ, ଚାକିରି କରୁଛନ୍ତି। ଏମାନଙ୍କ ପାଇଁ ରାଜ୍ୟ ସରକାରଙ୍କ କିଛି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ପିଲାଙ୍କ ପାଇଁ ବିଦ୍ୟାଳୟ, ମହାବିଦ୍ୟାଳୟରେ ଓଡିଆ ପାଠ୍ୟକ୍ରମ ଉପଲବ୍ଧ ନୁହେଁ। ଓଡ଼ିଶାର ସରକାରୀ ଚାକିରି ପାଇଁ ନିଜକୁ ଯୋଗ୍ୟ କରିବା ସକାଶେ, ପିଲା ନିଜେ ଓଡ଼ିଆ ପଢି, ଓଡ଼ିଶା ଯାଇ ସପ୍ତମ ଶ୍ରେଣୀ ମାନର ପରୀକ୍ଷା ଦିଅନ୍ତି। କାହିଁ କେଉଁ କାଳରୁ ଦିଲ୍ଲୀରେ ଏକ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ଶୁଣିବାକୁ କେହି ନାହାଁ। ଏମିତି କେତେ କଥା ଆଲୋଚନା ହେଉଥିବା ବେଳେ, ଅବଶୋଷ ପ୍ରକଟ କରି କୁହନ୍ତି - ବଡ ବଡ ସରକାରୀ ଅଧିକାରୀ, ନେତା, ସାଂସଦ , ବିଧାୟକ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ଆସନ୍ତି , ଆମ ଗୁହାରି ଶୁଣନ୍ତି, ସବୁ ସମାଧାନ କରିବାର ପ୍ରତିଶୃତି ଦେଇ ଚାଲିଯାଆନ୍ତି। ସମୟ ଗଡି ଯାଉଛି। ଅଭାବ ରହିଛି । ପ୍ରତିଶ୍ରୁତି ବି ମିଳୁଛି।

ଚାଣକ୍ୟ ପୁରୀ, ନୂଆଦିଲ୍ଲୀ
ମୋବାଇଲ୍:୭୯୭୮୨୧୦୮୨୧

ଜ୍ଞାନେଶ କୁମାରଙ୍କ ପାଇଁ ବଢୁଛି ଅଡୁଆ

# ପାଶ୍ୱାନ, କୁସୱାହଙ୍କ ପରେ ଇସିଙ୍କୁ ସ୍ପଷ୍ଟୀକରଣ ମାଗିଲେ କୁମାରସ୍ୱାମୀ




ନୂଆଦିଲ୍ଲୀ,୨୬।୯ଃ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଉପରେ ଜାରି ବିବାଦ ମଧ୍ୟରେ କେନ୍ଦ୍ର ମନ୍ତ୍ରୀ ଏଚ୍ ଡି କୁମାରସ୍ୱାମୀ ଶନିବାର ନିର୍ବାଚନ କମିଶନ (ଇସି)ଙ୍କଠାରୁ ସ୍ପଷ୍ଟୀକରଣ ମାଗିଛନ୍ତି। କୁମାରସ୍ୱାମୀ କହିଛନ୍ତି ଯେ, ନିର୍ବାଚନ ଆୟୋଗରେ ଥିବା ଆଭ୍ୟନ୍ତରୀଣ ମତଭେଦର ରିପୋର୍ଟକୁ ସମାଧାନ କରିବାର ଦାୟିତ୍ୱ ନିର୍ବାଚନ କମିଶନଙ୍କ ଉପରେ ନ୍ୟସ୍ତ ଓ ଦେଶକୁ ଏହା ଜାଣିବା ଆବଶ୍ୟକ ଯେ, ସାମ୍ବିଧାନିକ ସଂସ୍ଥା ମଧ୍ୟରେ ପ୍ରକୃତରେ କ'ଣ ଘଟୁଛି। ଏହା କୌଣସି ଦଳ କିମ୍ବା କୌଣସି ନେତାଙ୍କ ଦାବିର ପ୍ରଶ୍ନ ନୁହେଁ। ନିର୍ବାଚନ କମିଶନଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ। ବାସ୍ତବତା କ'ଣ? ନିର୍ବାଚନ କମିଶନ ଭିତରେ କ'ଣ ଚାଲିଛି ବୋଲି କୁମାରସ୍ୱାମୀ ପ୍ରଶ୍ନ କରିଛନ୍ତି।

ଏସ୍‌ଆଇଆର୍‌କୁ ନେଇ ନିର୍ବାଚନ କମିସନରଙ୍କ ମଧ୍ୟରେ ତୀବ୍ର ମତଭେଦଜନିତ ଖବର ଏନ୍‌ଡିଏ ମେଣ୍ଟରେ ସଙ୍କଟ ବଢ଼ାଇଛି। ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ମେଣ୍ଟ ନେତାଙ୍କ ଖୋଲା ଅସନ୍ତୋଷ ବିଜେପିକୁ ଅଡୁଆରେ ପକାଇଛି। ଶୁକ୍ରବାର ଏନ୍‌ଡିଏ ସହଯୋଗୀ ତଥା କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନ, ଆର୍‌ଏଲ୍‌ଏମ୍ (ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା) ମୁଖ୍ୟ ଉପେନ୍ଦ୍ର କୁଶୱାହା, ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ଏସ୍‌ଆଇଆର୍ ପ୍ରସଙ୍ଗରେ ପୋଲ ପ୍ୟାନେଲ ମଧ୍ୟରେ ମତଭେଦ ରିପୋର୍ଟ ସମ୍ପର୍କରେ ଚିନ୍ତାକୁ ଦୂର କରିବା ପାଇଁ ଇସିଙ୍କୁ ପୃଥକ ଭାବରେ ଅନୁରୋଧ କରିଥିଲେ।

କୁମାରସ୍ୱାମୀ କହିଛନ୍ତି, ଆମେ ଗଣମାଧ୍ୟମରେ ଯାହା ଦେଖୁଛନ୍ତି ଓ ପ୍ରକୃତ କଥା ଏଠାରେ କ'ଣ ଘଟୁଛି ତାହା ଗଣମାଧ୍ୟମ ଓ ସାରା ଦେଶ ଜାଣିବା କଥା। ନିର୍ବାଚନ ଆୟୋଗ ଏକ ସ୍ୱୟଂଶାସିତ ଅନୁଷ୍ଠାନ ତେଣୁ ମୁଖ୍ୟ ନିର୍ବାଚନ ଆୟୁକ୍ତ ଓ ଦୁଇ ନିର୍ବାଚନ ଆୟୋଗଙ୍କ ମଧ୍ୟରେ କ'ଣ ସମସ୍ୟା ରହିଛି ତାହା ବାହାରକୁ ଆସିବା ଦରକାର। ସୂଚନାଯୋଗ୍ୟ, ଦୈନିକ ଇଂଲିଶ ଖବରକାଗଜ ଇଣ୍ଡିଆନ୍ ଏକ୍ସପ୍ରେସ୍‌ରେ ପ୍ରକାଶିତ ଏକ ରିପୋର୍ଟକୁ ନେଇ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ବିବାଦରେ ଅଛନ୍ତି। ରିପୋର୍ଟରେ କୁହାଯାଇଥିଲା ଯେ, ସିଇସିଙ୍କ କାର୍ଯ୍ୟରେ ଅନ୍ୟ ଦୁଇ ନିର୍ବାଚନ ଆୟୁକ୍ତ ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଗତ ୧୦ ମାସରେ ୧୪ ଥର ଆପତ୍ତି ପ୍ରକାଶ କରିଥିଲେ। ତେବେ ଇସିଆଇ କହିଛି ଯେ, ଭିନ୍ନ ଭିନ୍ନ ମତ, ଆଭ୍ୟନ୍ତରୀଣ ଟିପ୍ପଣୀ ଓ ପ୍ରଶ୍ନ ଏହାର ସାଂଗଠନିକ କାର୍ଯ୍ୟକାରିତାର ଅଂଶ। କିନ୍ତୁ ଏସ୍‌ଆଇଆର୍ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ସର୍ବସମ୍ମତିକ୍ରମେ ନିଆଯାଇଥିଲା। ଝାଡ଼ଖଣ୍ଡ ମନ୍ତ୍ରୀ ଇରଫାନ ଅନସାରୀ ଏସ୍‌ଆଇଆର୍ କାର୍ଯ୍ୟ ପାଇଁ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ସମାଲୋଚନା କରିଛନ୍ତି ଓ ଅଭିଯୋଗ କରିଛନ୍ତି ଯେ, ଭୋଟର ତାଲିକାରୁ ନାମ ବାଦ ଦିଆଯାଇଛି। ଇସିଆଇ ବିଜେପି ନିର୍ଦ୍ଦେଶରେ କାମ କରୁଛି ବୋଲି ଅନସାରୀ କହିଛନ୍ତି।

## ଜ୍ଞାନେଶ କୁମାରଙ୍କୁ ପ୍ରଧାନମନ୍ତ୍ରୀ କରିଦିଅ: ପୱନ ଖେରା



ନୂଆଦିଲ୍ଲୀ,୨୬।୯ଃ ନିର୍ବାଚନ ଆୟୋଗଙ୍କୁ ନେଇ ଚାଲିଥିବା ରାଜନୈତିକ ବିତର୍କ ମଧ୍ୟରେ କଂଗ୍ରେସ ନେତା ପୱନ ଖେରା ପଶ୍ଚିମବଙ୍ଗ ଭାଜପା ସଭାପତି ସମିକ ଭଟ୍ଟାଚାର୍ଯ୍ୟଙ୍କ ଏକ ମନ୍ତବ୍ୟକୁ ନେଇ କଟାକ୍ଷ କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ପ୍ରଶଂସା କରି ଭଟ୍ଟାଚାର୍ଯ୍ୟ କହିଥିଲେ ଯେ ସେ ଅନ୍ତତଃ 'ପଦ୍ମ ଭୂଷଣ' ପୁରସ୍କାର ପାଇବାକୁ ଯୋଗ୍ୟ। ଏହାର ଜବାବରେ ଖେରା ବ୍ୟଙ୍ଗାତ୍ମକ ଭାବେ କହିଥିଲେ ଯେ 'ପଦ୍ମ ଭୂଷଣ' ଏକ ସାମାନ୍ୟ ସମ୍ମାନ; ଏହା ପରିବର୍ତ୍ତେ ତାଙ୍କୁ ସିଧାସଳଖ ପ୍ରଧାନମନ୍ତ୍ରୀ କରିଦେବା ଉଚିତ। ଶୁକ୍ରବାର ଉତ୍ତର ୨୪ ପ୍ରଗଣାର ପାନିହାଟି ଠାରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ସମିକ ଭଟ୍ଟାଚାର୍ଯ୍ୟ ଜ୍ଞାନେଶ କୁମାରଙ୍କ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଅନ୍ତତଃ 'ପଦ୍ମ ଭୂଷଣ' ସମ୍ମାନରେ ସମ୍ମାନିତ କରାଯିବା ଉଚିତ। ଭଟ୍ଟାଚାର୍ଯ୍ୟ ଦାବି କରିଥିଲେ ଯେ ପଶ୍ଚିମବଙ୍ଗର ସାମ୍ପ୍ରତିକ ବିଧାନସଭା ନିର୍ବାଚନ ସମୟରେ ଲୋକମାନେ ଶେଷରେ ଭୟମୁକ୍ତ ହୋଇ ଭୋଟ ଦେବାର ସୁଯୋଗ ପାଇଥିଲେ ଏବଂ ନିର୍ବାଚନ ପ୍ରକ୍ରିୟା ସମୟରେ ହତ୍ୟାକାଣ୍ଡ ଭଳି କୌଣସି ଘଟଣା ଘଟିନଥିଲା।

## ଭୋଟର୍ ପଞ୍ଜୀକରଣ ଅଭିଯାନ ଆରମ୍ଭ ହୋଇନି କାହିଁକି: ସିଜେପି



ନୂଆଦିଲ୍ଲୀ,୨୬।୯ଃ କକରୋଚ ଜନତା ପାର୍ଟି (ସିଜେପି)ର ପ୍ରତିଷ୍ଠାତା ଅଭିଜିତ ଦୀପକେ ପୁଣିଥରେ ନିର୍ବାଚନ ଆୟୋଗଙ୍କୁ ଟାର୍ଗେଟ କରିଛନ୍ତି। ଶନିବାର ସେ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ପ୍ରଶ୍ନ ଉଠାଇଛନ୍ତି ଯେ ଭୋଟର ପଞ୍ଜୀକରଣ ଅଭିଯାନ କାହିଁକି ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ଦୀପକେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି କହିଛନ୍ତି, ଯଦି ସେ ଇସ୍ତଫା ନ ଦିଅନ୍ତି, ତେବେ ସିଜେପି ମୁମ୍ବାଇରେ ବିକ୍ଷୋଭ ପ୍ରଦର୍ଶନ କରିବ। ନିର୍ବାଚନ ଆୟୋଗ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି। ଯେଉଁ ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ନାହିଁ କିମ୍ବା ଯେଉଁମାନେ ଜାନୁଆରୀ, ଅପ୍ରେଲ, ଜୁଲାଇ କିମ୍ବା ଅକ୍ଟୋବର ମାସର ପ୍ରଥମ ଦିନ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଛନ୍ତିସେମାନେ ଭୋଟର ତାଲିକାର ଆନୁଷ୍ଠାନିକ ସଂଶୋଧନକୁ ଅପେକ୍ଷା ନ କରି ଭୋଟର ଭାବରେ ପଞ୍ଜୀକୃତ ହୋଇପାରିବେ।

## ମା'ପୁଅଙ୍କ ଜୀବନ ନେଇଗଲା ବସ ଅଗ୍ନିକାଣ୍ଡ

ନୂଆଦିଲ୍ଲୀ,୨୬।୯ଃ ନୋଏଡାରେ ଘଟିଥିବା ଭୟଙ୍କର ବସ୍ ଅଗ୍ନିକାଣ୍ଡରେ ୯ ଜଣଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ଜଣେ ମା' ଓ ତାଙ୍କ ପୁଅ ମଧ୍ୟ ଜୀବନ୍ତ ଦଗ୍ଧ ହୋଇଛନ୍ତି।



ମୃତ ମା'-ପୁଅଙ୍କ ପରିଚୟ ମହୋବା ଜିଲ୍ଲାର ଚରଖାରୀ ନିବାସୀ ତଥା ବିଜେପି ଜିଲ୍ଲା କୋଷାଧ୍ୟକ୍ଷ ନୀରଜ ଗୁପ୍ତାଙ୍କ ପତ୍ନୀ ସୁନୀତା ଗୁପ୍ତା ଏବଂ ତାଙ୍କ ପୁଅ ଶଶାଙ୍କ ଗୁପ୍ତା ବୋଲି ଜଣାପଡ଼ିଛି। ଶଶାଙ୍କ ଇଣ୍ଡିଗୋ ଏୟାରଲାଇନ୍ସରେ ଇଞ୍ଜିନିୟର ଥିଲେ। ସୂଚନାଯୋଗ୍ୟ, ମା' ପୁଅ ଦୁହେଁ ଦିଲ୍ଲୀ ଯାଉଥିଲେ। ଶଶାଙ୍କଙ୍କ ମା' ସୁନୀତା ପାଦ ଯନ୍ତ୍ରଣାରେ ପୀଡ଼ିତ ଥିଲେ। ବସ୍‌ରେ ନିଆଁ ଲାଗିବା ପରେ ଶଶାଙ୍କ ତାଙ୍କ ମା'ଙ୍କୁ ତଳକୁ ଓହ୍ଲାଇ ପାରି ନଥିଲେ। ତେବେ ସେ ମା'ଙ୍କୁ ଏକୁଟିଆ ଛାଡ଼ି ନିଜେ ମଧ୍ୟ ବସ୍‌ରୁ ବାହାରି ନଥିଲେ। ଫଳରେ ଉଭୟ ନିଆଁରେ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ।

## ଓଲଟି ପଡ଼ିଲା ବସ୍: ୧୧ ମୃତ, ୨୪ ଆହତ



ତେହରାନ, ୨୬।୯ଃ ଇରାନରେ ଏକ ଯାତ୍ରୀବାହୀ ବସ୍ ଓଲଟି ପଡ଼ିବାରୁ ୧୧ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୪ ଜଣ ଆହତ ହୋଇଥିବା ଶନିବାର ସରକାରୀ ଟେଲିଭିଜନ ରିପୋର୍ଟ କରିଛି। କେନ୍ଦ୍ରୀୟ ମାର୍କାଜି ପ୍ରଦେଶର ସାଭେ-ହାମାଦାନ ଫ୍ରିୱେରେ ଏହି ଦୁର୍ଘଟଣା ଘଟିଛି। ପ୍ରାଦେଶିକ ଟ୍ରାଫିକ୍ ପୁଲିସ କହିଛି ଯେ, ଡ୍ରାଇଭର କ୍ଲାନ୍ତ ଥିଲେ ତାଙ୍କ ଆଖି ନିଦରେ ବୁଜି ହୋଇଯିବାରୁ ଏଭଳି ଘଟିଥିଲା। ବସ୍ ଉପରେ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ବସ୍‌ଟି ଓଲଟି ପଡ଼ିଥିଲା। ଇରାନର ଟ୍ରାଫିକ୍ ବ୍ୟବସ୍ଥା ବିଶ୍ୱସ୍ତରରେ ସବୁଠାରୁ ଖରାପ। ପ୍ରତିବର୍ଷ ଏଠାରେ ଦୁର୍ଘଟଣାରେ ୧୭ ହଜାରରୁ ଅଧିକ ଲୋକଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥାଏ।

## ୧୨ ତାଲାରୁ ଖସି ସ୍ୱର୍ଣ୍ଣ ପଦକ ବିଜେତାଙ୍କ ମୃତ୍ୟୁ

ଗାଜିଆବାଦ, ୨୬।୯ଃ ନିକଟରେ ସିବିଏସଇ କ୍ରୀଡ଼ାରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିବା ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କ ୧୨ ତାଲା ବାଲକୋନିରୁ ଖସିପଡ଼ି ଦୁଃଖଦ ମୃତ୍ୟୁ ଘଟିଛି। ଗାଜିଆବାଦର ରାଜ ନଗର ଏକ୍ସଟେନସନସ୍ଥିତ ଏକ



ବହୁତଳ ଆପାର୍ଟମେଣ୍ଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏହି ଅଭାବନୀୟ ଘଟଣା ଘଟିଥିବା ନେଇ ଶନିବାର ପୁଲିସ ସୂଚନା ଦେଇଛି। ମୃତ ୧୪ ବର୍ଷୀୟା ଛାତ୍ରୀଜଣକ ସେହି ସମୟରେ ନିଜ ବାପାମାଆ, ସାନ ଭଉଣୀ ଓ ଘରକୁ ଆସିଥିବା ଆଇ-ଅଜାଙ୍କ ସହ ଉପସ୍ଥିତ ଥିଲେ। ନନ୍ଦଗ୍ରାମ ସର୍କଲର ଏସିପି ଜିଆଉଦ୍ଦିନ୍ ଅହମ୍ମଦଙ୍କ କହିବା ଅନୁଯାୟୀ, ରାତି ପ୍ରାୟ ୯ଟା ସମୟରେ ଛାତ୍ରୀଜଣକ ବାଲକୋନିକୁ ଶୁଖିଥିବା ଲୁଗା ଆଣିବା ପାଇଁ ଯାଇଥିଲେ। ସେହି ସମୟରେ ଅସାବଧାନତା ବଶତଃ ତାଙ୍କ ଗୋଡ଼ ଖସିଯିବାରୁ ସେ ସିଧା ତଳେ ପଡ଼ିଯାଇଥିଲେ।

## ନ୍ୟୁ କାଲିଡୋନିଆରେ ଶକ୍ତିଶାଳୀ ଭୂମିକମ୍ପ, ଥରିଲା ଭାରତର ଆସାମ

ନୂଆଦିଲ୍ଲୀ,୨୬।୯ଃ ପ୍ରଶାନ୍ତ ମହାସାଗରର ଫରାସୀ ଦ୍ୱୀପ ନ୍ୟୁ କାଲେଡୋନିଆ ନିକଟରେ ସମୁଦ୍ରରେ ଏକ ଶକ୍ତିଶାଳୀ ୬.୬ ତୀବ୍ରତାଯୁକ୍ତ ଭୂମିକମ୍ପ ଅନୁଭୂତ ହୋଇଛି। ଆମେରିକା ଭୂବୈଜ୍ଞାନିକ ସର୍ବେକ୍ଷଣ(ୟୁଏସଜିଏସ) ଅନୁଯାୟୀ, ଭୂମିକମ୍ପର କେନ୍ଦ୍ରସ୍ଥଳ ସମୁଦ୍ର ତଳେ ପ୍ରାୟ ୧୦ କିଲୋମିଟର ଗଭୀରରେ ଥିଲା। ୟୁଏସ ସୁନାମି ସତର୍କତା ପ୍ରଣାଳୀ କହିଛି ଯେ, ଭୂମିକମ୍ପ ଯୋଗୁଁ ହାୱାଇ, ଗୁଆମ, ଉତ୍ତର ମାରିଆନା ଦ୍ୱୀପପୁଞ୍ଜ କିମ୍ବା ଆମେରିକୀୟ ସାମୋଆ ପାଇଁ କୌଣସି ସୁନାମି ବିପଦ ନାହିଁ। ଶନିବାର ପୂର୍ବାହ୍ନ ୯ଟା ସମୟରେ ଭାରତର ଆସାମର ଗୋଲପାରାରେ ଭୂମିକମ୍ପ ଅନୁଭୂତ ହୋଇଥିଲା। ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୩ ଥିଲା।

## ୧୦୦ କୋଟି ଜୀବନ ନେବ ଏଆଇ!




ୱାଶିଂଟନ, ୨୬।୯ଃ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇର ବର୍ଦ୍ଧିତ କ୍ଷମତାକୁ ନେଇ ମାଇକ୍ରୋସଫ୍ଟର ସହ-ସଂସ୍ଥାପକ ବିଲ୍ ଗେଟ୍ସ ଚେତାବନୀ ଦେଇ କହିଛନ୍ତି ଯେ, ଏଆଇର ଭୁଲ୍ ବ୍ୟବହାର କରାଗଲେ ଏହା ଏତେ ବିପଜ୍ଜନକ ହୋଇପାରିବ ଯେ, ଏହା ୧୦୦ କୋଟି (୧ ବିଲିୟନ୍) ଲୋକଙ୍କ ଜୀବନ ନେଇଯାଇପାରେ। ଏକ ସାକ୍ଷାତକାରରେ ଏଆଇର ଦୁରୁପଯୋଗ ନେଇ ଗଭୀର ଚିନ୍ତା ବ୍ୟକ୍ତ କରି ଗେଟ୍ସ କହିଛନ୍ତି ଯେ, ଏଆଇ ଉପକରଣଗୁଡ଼ିକ ଯଦି କୌଣସି ଭୁଲ୍ କିମ୍ବା ଅସାଧୁ ବ୍ୟକ୍ତିଙ୍କ ହାତରେ ପଡ଼ିଯାଏ, ତେବେ ଏହା ଯେକୌଣସି ପାରମ୍ପରିକ ବିନାଶକାରୀ ଅସ୍ତ୍ରଠାରୁ ମଧ୍ୟ ଅଧିକ କ୍ଷତିକାରକ ସାବ୍ୟସ୍ତ ହେବ। ତେଣୁ ଆମେରିକା ସମେତ ବିଶ୍ୱର ସରକାରମାନେ ଏହି ବିପଦକୁ ଅତି ଗମ୍ଭୀରତାର ସହ ନେବାକୁ ସେ ଅନୁରୋଧ କରିଛନ୍ତି।

## ସୋସିଆଲ ମିଡିଆ 'ରିଲ୍ସ ରାଣୀ'ଙ୍କ ଘରୁ ଚୋରି

ବନାଉଥିଲେ ସୁନା ଅଳଙ୍କାର ଓ ନଗଦ ଟଙ୍କାର ଭିଡିଓ



ଚେନ୍ନାଇ,୨୬।୯ଃ ସୋସିଆଲ ମିଡିଆରେ ଅଜସ୍ର ସୁନା ଅଳଙ୍କାର ଓ ନଗଦ ଟଙ୍କାର ବଣ୍ଡଲ ପ୍ରଦର୍ଶନ କରିବା ଜଣେ ପ୍ରସିଦ୍ଧ ୟୁଟ୍ୟୁବର୍ ଦମ୍ପତିଙ୍କ ପାଇଁ କାଳ ହୋଇଛି। ତାମିଲନାଡୁର କନ୍ୟାକୁମାରୀ ଜିଲ୍ଲା ଅନ୍ତର୍ଗତ ନାଗରକୋଏଲ୍ ନିକଟସ୍ଥ ଥାମାଟୁକୋନମ୍‌ର 'ଭିଆଇପି ଗାର୍ଡେନ୍'ରେ ଥିବା ସେମାନଙ୍କ ବାସଭାବନରେ ଏକ ବଡ଼ଧରଣର ଚୋରି ହୋଇଛି। ଦୁର୍ବୃତ୍ତମାନେ ଘରର ପଛପଟ କବାଟ ଭାଙ୍ଗି ଭିତରକୁ ପଶି ପ୍ରାୟ ୧୧୮ ସୋଭରନ୍ (୯୪୪ ଗ୍ରାମ) ସୁନା, ହୀରା ଅଳଙ୍କାର ଏବଂ ନଗଦ ଟଙ୍କା ଲୁଟି ନେଇଛନ୍ତି, ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୧ କୋଟି ଟଙ୍କା ହେବ।

ପ୍ରାପ୍ତ ସୂଚନା ଅନୁଯାୟୀ, ୟୁଟ୍ୟୁବର୍ ଭିନୋଦ କୁମାର ଓ ତାଙ୍କ ପତ୍ନୀ ମଧୁମିତା ଗୁରୁବାର ସନ୍ଧ୍ୟା ପ୍ରାୟ ୫ଟା ସମୟରେ ବାହାରକୁ ଯାଇଥିଲେ। ରାତି ପ୍ରାୟ ୧୧ଟା ୫୦ ମିନିଟ୍‌ରେ ସେମାନେ ଫେରିବା ପରେ ଆଗପଟ କବାଟ ଭିତରୁ ବନ୍ଦ ଥିବାରୁ ଖୋଲିପାରି ନଥିଲେ। ପରେ ଜଣେ କାଠ ମିସ୍ତ୍ରୀଙ୍କ ସହାୟତାରେ ଯାଞ୍ଚ କରାଯିବାରୁ ପଛପଟ କବାଟ କଟାଯାଇ ଭଙ୍ଗାଯାଇଥିବା ଜଣାପଡ଼ିଥିଲା। ଘର ଭିତରେ ଥିବା ଅଲମାରୀ ଭାଙ୍ଗି ସେଥିରେ ଥିବା ସମସ୍ତ ମୂଲ୍ୟବାନ ସୁନା, ହୀରା ଓ ନଗଦ ଟଙ୍କା ଲୁଟ୍ ହୋଇଥିବା ଦେଖିବାକୁ ପାଇବା ପରେ ସେମାନେ ରାଜକାମଙ୍ଗଲମ ପୁଲିସକୁ ଖବର ଦେଇଥିଲେ।

ତଦନ୍ତ ସମୟରେ ପୁଲିସ ଏହି ଦମ୍ପତିଙ୍କ ସୋସିଆଲ ମିଡିଆ ଆକ୍ଟିଭିଟିକୁ ମଧ୍ୟ ଗୁରୁତ୍ୱର ସହ ଯାଞ୍ଚ କରୁଛି। ମଧୁମିତା ପ୍ରାୟତଃ ନିଜ ଭିଡିଓ ଓ ରିଲ୍ସରେ ପ୍ରଚୁର ସୁନା ଅଳଙ୍କାର, ଟଙ୍କାର ବଣ୍ଡଲ ଓ ମାସିକ ସୁନା କିଣିବା ଭଳି ଦୃଶ୍ୟ ସେୟାର କରୁଥିଲେ। ଏପରିକି ସେମାନେ କେଉଁଆଡ଼େ ବାହାରକୁ ଯାଉଛନ୍ତି ଓ ଘର କେବେ ଖାଲି ରହୁଛି, ସେ ସମ୍ପର୍କରେ ମଧ୍ୟ ସେମାନେ ସୋସିଆଲ ମିଡିଆରେ ଅପ୍‌ଡେଟ୍ ଦେଉଥିଲେ। ତେଣୁ ଏହି ଅଧିକ ପ୍ରଦର୍ଶନ ହିଁ ଚୋରମାନଙ୍କୁ ଘର ସମ୍ପର୍କରେ ସୂଚନା ଦେଇଥିବା ନେଇ ପୁଲିସ ସନ୍ଦେହ କରୁଛି। ବର୍ତ୍ତମାନ ପୁଲିସ ଏହି ସବୁ ଦିଗକୁ ଆଧାର କରି ତଦନ୍ତ ଜାରି ରଖିଛି।

## କୋର୍ଟରେ ମହିଳାଙ୍କୁ ସ୍ୱାମୀଙ୍କ ଆକ୍ରମଣ

ମହାରାଜଗଞ୍ଜ, ୨୬।୯ଃ ଉତ୍ତରପ୍ରଦେଶ ମହାରାଜଗଞ୍ଜ ପାରିବାରିକ ନ୍ୟାୟାଳୟ ପରିସରରେ ଭରଣପୋଷଣ ମାମଲାର ଶୁଣାଣିକୁ ଆସିଥିବା ଜଣୈକା ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ସାଥୀମାନେ ଆକ୍ରମଣ କରିଛନ୍ତି। ମହିଳାଙ୍କ ପିତା ଓ ଭଉଣୀ ପ୍ରତିବାଦ କରିବାରୁ ସେମାନଙ୍କୁ ମଧ୍ୟ ମାଡ଼ ମରାଯାଇଛି। ପ୍ରିୟା ତ୍ରିପାଠୀ ନାମ୍ନୀ ମହିଳା ଏନେଇ କୋତୱାଲୀ ପୋଲିସରେ ଅଭିଯୋଗ ରୁଜୁ କରିବା ପରେ ମାମଲାର ତଦନ୍ତ ଆରମ୍ଭ ହୋଇଛି। ମହିଳା ତାଙ୍କ ସ୍ୱାମୀ ମନିଷ କୁମାର ମିଶ୍ର ଓ ଅନ୍ୟ ଦୁଇଜଣ ପ୍ରିନ୍ସ ମିଶ୍ର ଓ ସତୀଶ ମିଶ୍ରଙ୍କ ବିରୋଧରେ ଏତଲା ରୁଜୁ କରିଛନ୍ତି। ଅଭିଯୋଗ ଅନୁସାରେ ପୁରନ୍ଦପୁର ଥାନା ସମରଧୀରା ଛକର ବାସିନ୍ଦା ପ୍ରିୟାଙ୍କ ବିବାହ ବୃଜମନଗଞ୍ଜ ଥାନା କୋଇଲାଡାଡ ନିବାସୀ ମନିଷ କୁମାର ମିଶ୍ରଙ୍କ ସହିତ ହୋଇଥିଲା।

## ଶାନ୍ତିପୂର୍ଣ୍ଣ ଛାତ୍ର ଆନ୍ଦୋଳନର ସୁରକ୍ଷା ପାଇଁ ନ୍ୟାୟପାଳିକା ପ୍ରତିବଦ୍ଧ



ପାଟନା,୨୬।୯ଃ ସିଜେଆଇ ସୂର୍ଯ୍ୟ କାନ୍ତ କହିଛନ୍ତି ଯେ, ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବା ଛାତ୍ରମାନଙ୍କ ମୌଳିକ ଅଧିକାର। ତାହାକୁ ସୁରକ୍ଷା କରିବା ପାଇଁ ନ୍ୟାୟପାଳିକା ପ୍ରତିବଦ୍ଧ। ଛାତ୍ରଙ୍କ ଅଧିକାରର ଉଲ୍ଲଂଘନ ହେଲେ ନ୍ୟାୟପାଳିକା ଆଖି ବୁଜି ବସି ପାରିବନି। ଶନିବାର ପାଟନାସ୍ଥିତ ଚାଣକ୍ୟ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ (ସିଏନ୍‌ଏଲ୍ୟୁ) କାର୍ଯ୍ୟକ୍ରମରେ ଛାତ୍ରମାନଙ୍କ ସହିତ ଆଲୋଚନାବେଳେ ସିଜେଆଇ ଏହା କହିଛନ୍ତି। ସିଏନ୍‌ଏଲ୍ୟୁ ବିବୃତି ଅନୁଯାୟୀ, ଜଣେ ଛାତ୍ର ଶାନ୍ତିପୂର୍ଣ୍ଣ ଛାତ୍ର ଆନ୍ଦୋଳନ ଉପରେ ପୁଲିସ ପ୍ରତିକ୍ରିୟା ସମ୍ପର୍କରେ ପ୍ରଶ୍ନ କରିଥିଲେ। ଛାତ୍ରଙ୍କ ପ୍ରଶ୍ନ ନିଟ୍ ପରୀକ୍ଷା ଅନିୟମିତତା ନେଇ ଦିଲ୍ଲୀର ଯନ୍ତର ମନ୍ତରଠାରେ କକ୍ରୋଚ ଜନତା ପାର୍ଟି ଆନ୍ଦୋଳନ ପରିପ୍ରେକ୍ଷୀରେ ଥିଲା।

ପୁଲିସ ଦମନ ସହିତ ଜଡିତ ମାମଲାଗୁଡ଼ିକୁ କୋର୍ଟ ଅଣଦେଖା କରିବେ ନାହିଁ ଓ ଛାତ୍ରମାନଙ୍କ ଶାନ୍ତିପୂର୍ଣ୍ଣ ପ୍ରତିବାଦର ଅଧିକାରକୁ ସୁରକ୍ଷା ଦେବା ପାଇଁ ନ୍ୟାୟପାଳିକାର ପ୍ରତିବଦ୍ଧ ବୋଲି ସିଜେଆଇ ସ୍ପଷ୍ଟ ଭାବେ ପ୍ରକାଶ କରିଛନ୍ତି।

## ଭଜନ କ୍ଲବିଂରେ ସାମିଲ ପ୍ରଧାନମନ୍ତ୍ରୀ ମୋଦି



ନୂଆଦିଲ୍ଲୀ,୨୬।୯ଃ ଦିଲ୍ଲୀର ଦୀନ ଦୟାଲ ଉପାଧ୍ୟାୟ ପାର୍କରେ ଆୟୋଜିତ 'ଭଜନ କ୍ଲବିଂ' କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୦ତମ ଜୟନ୍ତୀ ଅବସରରେ ଏହି ସ୍ୱତନ୍ତ୍ର ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ସମୟରେ ପ୍ରଧାନମନ୍ତ୍ରୀ ଦର୍ଶକଙ୍କ ମଧ୍ୟରେ ବସି ଭଜନ ଶୁଣିଥିଲେ। ଶିଳ୍ପୀମାନଙ୍କ ସହ ସେ ତାଳି ବଜାଇବା ସହ ରାମ ଭଜନରେ ସ୍ୱର ମିଳାଇଥିବା ଦେଖିବାକୁ ମିଳିଥିଲା। ଭଗବାନ ରାମଙ୍କୁ ସମର୍ପିତ ଏକ ଭଜନ ସମୟରେ ମୋଦି ଡଫଲି ଭଳି ଏକ ଛୋଟ ବାଦ୍ୟଯନ୍ତ୍ର ମଧ୍ୟ ବଜାଇଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୁବତୀଯୁବକ ଉପସ୍ଥିତ ଥିଲେ।

## ଇରାନର ଅସ୍ତ୍ରବିରତି ପ୍ରସ୍ତାବକୁ ଟ୍ରମ୍ପଙ୍କ ପ୍ରତ୍ୟାଖ୍ୟାନ

ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ କଲେ ଷ୍ଟ୍ରେଟ୍ ଅଫ୍ ଟ୍ରମ୍ପ

ୱାଶିଂଟନ,୨୬।୯ଃ ପଶ୍ଚିମ ଏସିଆରେ ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଉତ୍ତେଜନା ଦିନକୁଦିନ ଅଧିକ ଭୟଙ୍କର ରୂପ ନେବାରେ ଲାଗିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ପକ୍ଷରୁ ଦିଆଯାଇଥିବା ସାତ ଦିନିଆ ଅସ୍ତ୍ରବିରତି ପ୍ରସ୍ତାବକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି। ଆମେରିକାର ସର୍ତ୍ତଗୁଡ଼ିକୁ ଗ୍ରହଣ କଲେ ସାତ ଦିନ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ହରମୁଜ୍ ପ୍ରଣାଳୀ ଖୋଲିବାକୁ ଇରାନ ପ୍ରସ୍ତାବ ଦେଇଥିଲା। ତେବେ ଇରାନର ଏହି ଅସ୍ତ୍ରବିରତି ପ୍ରସ୍ତାବକୁ ସିଧାସଳଖ ଖାରଜ କରିବା ସହ ଟ୍ରମ୍ପ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ସେ ସୋସିଆଲ ମିଡିଆରେ ଏକ ମାନଚିତ୍ର ସେୟାର କରି ହରମୁଜ୍ ପ୍ରଣାଳୀର ନାମ ବଦଳାଇ 'ଟ୍ରମ୍ପ ପ୍ରଣାଳୀ' ରଖିଥିବା ଘୋଷଣା କରିଛନ୍ତି। ଆମେରିକୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ସମାପ୍ତ ହେବା ପରେ ଇରାନ ବିରୋଧରେ ବଡ଼ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ




ଏବଂ ବୋମା ମାଡ଼ କରିବାକୁ ଟ୍ରମ୍ପ ଯୋଜନା କରୁଛନ୍ତି। ଆଗାମୀ ଦିନରେ ବିଶ୍ୱ ଶକ୍ତି ବଜାର ଏବଂ ଆଞ୍ଚଳିକ ଶାନ୍ତି ଉପରେ ଏହାର ଏକ ବଡ଼ଧରଣର ନକାତ୍ମକ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି।

## କଙ୍ଗୋରେ ବଡ଼ ବିମାନ ଦୁର୍ଘଟଣା, ୧୪ ମୃତ



କିନଶାସା,୨୬।୯ଃ ଆଫ୍ରିକୀୟ ଦେଶ 'ଡେମୋକ୍ରାଟିକ ରିପବ୍ଲିକ ଅଫ ଦ କଙ୍ଗୋ' ରେ ଏକ ବିମାନ ଦୁର୍ଘଟଣାରେ ୧୪ ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ଦେଶର ଦୁଇଜଣ ବରିଷ୍ଠ ସାମରିକ ଅଧିକାରୀ ରହିଛନ୍ତି। ଦକ୍ଷିଣ-ପଶ୍ଚିମ ସହର କିକୱିଟରୁ ରାଜଧାନୀ କିନଶାସାକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଏଠାରେ ଏହା ସ୍ପଷ୍ଟ କରିବା ଗୁରୁତ୍ୱପୂର୍ଣ୍ଣ ଯେ ଆଫ୍ରିକାରେ 'କଙ୍ଗୋ' ନାମରେ ଦୁଇଟି ଭିନ୍ନ ଦେଶ ରହିଛି: 'ରିପବ୍ଲିକ ଅଫ ଦ କଙ୍ଗୋ' ଏବଂ 'ଡେମୋକ୍ରାଟିକ ରିପବ୍ଲିକ ଅଫ ଦ କଙ୍ଗୋ'। ଉକ୍ତ ବିମାନ ଦୁର୍ଘଟଣାଟି 'ଡେମୋକ୍ରାଟିକ ରିପବ୍ଲିକ ଅଫ ଦ କଙ୍ଗୋ'ରେ ଘଟିଥିଲା। ଏହାର ରାଜଧାନୀ କିନଶାସା, 'ରିପବ୍ଲିକ ଅଫ ଦ କଙ୍ଗୋ'ର ସୀମା ନିକଟରେ ଅବସ୍ଥିତ। ରିପୋର୍ଟ ଅନୁଯାୟୀ, କିକୱିଟରୁ କିନଶାସା ଫେରୁଥିବା ସମୟରେ ବିମାନଟିରେ ଏକ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଫଳରେ, ବିମାନଟି କେଙ୍ଗେ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ଏଥିରେ ଥିବା କେହି ବି ବଞ୍ଚିପାରିନଥିଲେ। ମୃତକଙ୍କ ମଧ୍ୟରେ ଦୁଇଜଣ ବରିଷ୍ଠ ସାମରିକ ଅଧିକାରୀ ଅଛନ୍ତି।

# ହ୍ୱାଇଟ୍ ହାଉସ୍ ରାତ୍ରିଭୋଜନ ନା ଫ୍ୟାଶନ୍‌ର ମହାକୁମ୍ଭ

● ଗାଉନ୍ ଛାଡ଼ି ପ୍ୟାଣ୍ଟ୍ ପିନ୍ଧିଲେ ଫାଷ୍ଟ୍ ଲେଡି

● ଦୃଷ୍ଟି ଆକର୍ଷଣ କଲା ଲରେନ୍ ସାଞ୍ଚେଜ୍‌ଙ୍କ ହୀରା ହାର



ୱାଶିଂଟନ୍, ୨୬।୯ଃ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ପ୍ରଥମ ମହିଳା ମେଲାନିଆ ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଓ ତାଙ୍କ ପତ୍ନୀ ପେଙ୍ଗ୍ ଲିୟୁଆନ୍‌ଙ୍କ ସ୍ୱାଗତରେ ଏକ ଭବ୍ୟ ଷ୍ଟେଟ୍ ଡିନର୍ (ରାତ୍ରିଭୋଜନ)ର ଆୟୋଜନ କରିଥିଲେ। ଏହି ତିନିଦିନିଆ ଗସ୍ତରେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ଦିଗ୍‌ଗଜ ଅତିଥିଙ୍କ ତାଲିକା ଚର୍ଚ୍ଚାରେ ରହିଥିବାବେଳେ ସେଠାକାର ଫ୍ୟାଶନ୍ ଓ ପୋଷାକ ପରିଚ୍ଛଦ ସମଗ୍ର ବିଶ୍ୱର ଗଣମାଧ୍ୟମ ଏବଂ ଫ୍ୟାଶନ୍ ପ୍ରେମୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

ଏହି ରାତ୍ରିଭୋଜନରେ ଆମେରିକାର ପ୍ରଥମ ମହିଳା ମେଲାନିଆ ଟ୍ରମ୍ପ ଏକ ଭିନ୍ନ ତଥା ଅଭୂତପୂର୍ବ ପଦକ୍ଷେପ ନେଇଥିଲେ। ସାଧାରଣତଃ ଏଭଳି ରାଷ୍ଟ୍ରୀୟ ଭୋଜନରେ ପ୍ରଥମ ମହିଳାମାନେ ଗାଉନ୍ ପିନ୍ଧିବାର ପରମ୍ପରା ରହିଥିଲେ ହେଁ, ମେଲାନିଆ ସେହି ପାରମ୍ପରିକ ଧାରାକୁ ବଦଳାଇ ପ୍ୟାଣ୍ଟ୍ ପିନ୍ଧିଥିଲେ। 'ନ୍ୟୁୟର୍କ ଟାଇମ୍ସ'ର ପ୍ରସିଦ୍ଧ ଫ୍ୟାଶନ୍ ସମୀକ୍ଷକ ଭାନେସା ଫ୍ରିଡମ୍ୟାନ୍‌ଙ୍କ ମତରେ, ଆମେରିକାର ଇତିହାସରେ ହ୍ୱାଇଟ୍ ହାଉସ୍‌ର କୌଣସି ପୂର୍ବତନ ପ୍ରଥମ ମହିଳା ଏଭଳି ଷ୍ଟେଟ୍ ଡିନର୍‌ରେ ପ୍ୟାଣ୍ଟ୍ ପିନ୍ଧିନଥିଲେ।

ମେଲାନିଆ ଏକ ପୁରୁଷ ପୋଷାକ-ପ୍ରେରିତ ଲୁକ୍ ବାଛିଥିଲେ, ଯେଉଁଥିରେ ସେ ଏକ ବଡ଼ ବୋ' (ରବନ୍) ଥିବା ଧଳା ସେଣ୍ଟ ଲରେଣ୍ଟ ବ୍ଲାଉଜ୍ ଓ କଳା ଡୋଲ୍ଚେ ଆଣ୍ଡ ଗାବାନା ଟ୍ରାଉଜର୍ ପିନ୍ଧିଥିଲେ। ବିଶେଷକରି ତାଙ୍କ ଟ୍ରାଉଜର୍‌ରେ ଥିବା 'ପିଓନି' ଫୁଲର ଏମ୍ବ୍ରୋଡେରୀ ସମସ୍ତଙ୍କ ନଜର କାଢ଼ିଥିଲା। ଚୀନ୍ ସଂସ୍କୃତିରେ ଏହି ଫୁଲକୁ ସୌନ୍ଦର୍ଯ୍ୟ, ସମୃଦ୍ଧି ଓ ସୌଭାଗ୍ୟର ପ୍ରତୀକ ଭାବେ ବିବେଚନା କରାଯାଏ, ଯାହା ଚୀନ୍ ଅତିଥିଙ୍କ ପ୍ରତି ଏକ ସୂକ୍ଷ୍ମ ସମ୍ମାନର ସଙ୍କେତ ଥିଲା। ଏପରିକି ପରଦିନ ଜାତୀୟ ଆର୍କାଇଭ୍ ପରିଦର୍ଶନ ସମୟରେ ମଧ୍ୟ ସେ ସମାନ ଟେଲର୍ଡ ଲୁକ୍ ବା ପ୍ୟାଣ୍ଟ୍ ପିନ୍ଧି ନିଜର ଏହି ଷ୍ଟାଇଲ୍ ଧାରା ଜାରି ରଖିଥିଲେ।

ଚୀନ୍ ପ୍ରଥମ ମହିଳା ପେଙ୍ଗ୍ ଲିୟୁଆନ୍ ଏହି ଅବସରରେ ଏକ ପାରମ୍ପରିକ ଲାଲ ରଙ୍ଗର ମ୍ୟାଣ୍ଡରିନ୍ କଲର୍ ଗାଉନ୍ ପିନ୍ଧିଥିଲେ। ସେ ସର୍ବଦା ଚୀନ୍‌ର ସ୍ଥାନୀୟ ଡିଜାଇନର୍‌ଙ୍କ ପୋଷାକ ପିନ୍ଧିବା ପାଇଁ ଜଣାଶୁଣା। ଏହି ଗାଉନ୍ ସହିତ ସେ ଏକ ସୁନା କ୍ଲାସ୍ପଯୁକ୍ତ କଳା କ୍ଲଚ୍ ବ୍ୟବହାର କରିଥିଲେ। ଅନ୍ୟପକ୍ଷରେ, ଆମେରିକାର ଦ୍ୱିତୀୟ ମହିଳା ଉଷା ଭାନ୍ସ ଏକ ଚମତ୍କାର ସୁନା ରଙ୍ଗର ଅସ୍କାର ଡେ ରେଣ୍ଟା ଗାଉନ୍‌ରେ ବେଶ୍ ଆକର୍ଷକ ଦୃଶ୍ୟମାନ ହୋଇଥିଲେ। ତାଙ୍କର ଏହି ସ୍ଲିକ୍ ଓ ଷ୍ଟ୍ରାପଲେସ୍ ଡ୍ରେସ୍ ସମାବେଶର ଆକର୍ଷଣକୁ ଆହୁରି ବଢ଼ାଇ ଦେଇଥିଲା।

ଏହି ସମଗ୍ର ଇଭେଣ୍ଟରେ ପ୍ରସିଦ୍ଧ ଶିଳ୍ପପତି ଜେଫ୍ ବେଜୋସ୍‌ଙ୍କ ପତ୍ନୀ ଲରେନ୍ ସାଞ୍ଚେଜ୍‌ଙ୍କ ଉପସ୍ଥିତି ଏବଂ ତାଙ୍କର ଆଖିଦୃଷ୍ଟିଆ ଫ୍ୟାଶନ୍ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଥିଲା। ସେ ଏକ ଡ୍ରାମାଟିକ୍ କଳା ରଙ୍ଗର ଅଫ୍-ଦି-ସୋଲ୍ଡର୍ ଭିଣ୍ଟେଜ୍ ଆଲେକ୍‌ଜାଣ୍ଡାର୍ ମିକ୍‌କୁଇନ୍ ଗାଉନ୍ ପିନ୍ଧିଥିଲେ।

ଏହି ପ୍ଲଞ୍ଜିଂ ନେକ୍‌ଲାଇନ୍ ପୋଷାକ ସହିତ ସେ ଏକ ବିଶାଳ ହୀରା ହାର ପିନ୍ଧିଥିଲେ, ଯାହା ସମସ୍ତଙ୍କ ଦୃଷ୍ଟି ଛଡ଼ାଇ ନେଇଥିଲା। ଏହି ହାରରେ ଅନେକ ଏମେରାଲ୍ଡ-କଟ୍ ହୀରା ରହିଥିବାବେଳେ ମଝିରେ ଏକ ବିରାଟ ଏମେରାଲ୍ଡ-କଟ୍ ପେଣ୍ଡାଣ୍ଟ୍ ଝୁଲୁଥିଲା। ଏହା ସହିତ ସେ ମେଳକ ହୀରା କାନଫୁଲ ଓ କଳା କ୍ଲଚ୍ ପିନ୍ଧି ନିଜ ଲୁକ୍‌କୁ ପୂର୍ଣ୍ଣ କରିଥିଲେ। ତାଙ୍କର ଏହି ବିଶାଳ ହୀରା ହାର ତାଙ୍କ ବିବାହ ମୁଦିର ସ୍ମୃତିକୁ ମନେ ପକାଇ ଦେଇଥିଲା। ଏହିପରି ଭାବେ, ରାଜନୈତିକ ଆଲୋଚନା ସାଙ୍ଗକୁ ହ୍ୱାଇଟ୍ ହାଉସର ଏହି ଷ୍ଟେଟ୍ ଡିନର୍ ବିଶ୍ୱ ଫ୍ୟାଶନ୍ ଜଗତ ପାଇଁ ଏକ ସ୍ମରଣୀୟ ସନ୍ଧ୍ୟା ହୋଇ ରହିଲା।

### ଷୋଡ଼ଶ ଟାଟା ଷ୍ଟିଲ ଫ୍ରେଣ୍ଡସିପ୍ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ମିଡିଆ ଏକାଦଶ ଚାମ୍ପିଅନ୍, ଅଫିସର୍ସ ଏକାଦଶ ରନର୍ସ



ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ): ଖେଳକୁଦ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ, ଏହା ମାଧ୍ୟମରେ ସମାଜରେ ଏକତା, ଭାଇଚାରା ଓ ସଦ୍ଭାବନା ଆସିଥାଏ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିଅମରେ ଆୟୋଜିତ ଷୋଡ଼ଶ ଟାଟା ଷ୍ଟିଲ ଫ୍ରେଣ୍ଡସିପ୍ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ-୨୦୨୬ରେ ଯୋଗଦେଇ କହିଛନ୍ତି।

ସୂଚନାଯୋଗ୍ୟ ଯେ ଆଜି କଳିଙ୍ଗ ଷ୍ଟାଡିଅମଠାରେ ଟାଟା ଷ୍ଟିଲ ଫ୍ରେଣ୍ଡସିପ୍ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅବସରରେ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ, ଗଣମାଧ୍ୟମର ପ୍ରତିନିଧି ଓ ଟାଟା ଷ୍ଟିଲ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ମିଡିଆ ଏକାଦଶ ଟିମ୍ ଚାମ୍ପିଅନ ହୋଇଥିବା ବେଳେ ଅଫିସର୍ସ ଏକାଦଶ ଟିମ୍ ରନର୍ସଅପ୍ ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିକଟରେ ଚୀନରେ ଅନୁଷ୍ଠିତ ଜୁନିୟର ଏସିଆ କପ୍ ହକି ୨୦୨୬ରେ ଚାମ୍ପିଅନ ହୋଇଥିବା ଭାରତୀୟ ପୁରୁଷ ଓ ମହିଳା ହକି ଦଳରେ ଓଡିଶାରୁ ପ୍ରତିନିଧିତ୍ୱ କରିଥିବା ୭ ଜଣ ପୁରୁଷ ଓ ୩ ଜଣ ମହିଳା ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ପ୍ରତ୍ୟେକଙ୍କୁ ୧.୨୫ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରିଥିଲେ। ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଯୋଗିତାରେ ସମସ୍ତଙ୍କ ଉତ୍ସାହଜନକ ଅଂଶଗ୍ରହଣକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଖେଳ ପଡ଼ିଆରେ ଜିତିବା କିମ୍ବା ହାରିବାଠାରୁ ବଡ଼ କଥା ହେଉଛି ସ୍ପୋର୍ଟ୍ସମ୍ୟାନ୍ ସ୍ପିରିଟ୍। ଏହି ଖେଳ ମାଧ୍ୟମରେ ଆମ ସମସ୍ତଙ୍କ ମଧ୍ୟରେ ଏକ ସମନ୍ୱୟ ମଧ୍ୟ ସ୍ଥାପନ ହେଉଛି। ଖେଳୁଆଡ଼ ମନୋଭାବ ଓ ଭାଇଚାରା ସୁସ୍ଥ ସମାଜର ମୂଳଦୁଆ। ଟାଟା ଷ୍ଟିଲର ସାମାଜିକ ଦାୟିତ୍ୱବୋଧତାକୁ ପ୍ରଶଂସା କରିବା ସହ ପ୍ରତିବର୍ଷ ଏଭଳି ବନ୍ଧୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ଆୟୋଜନ କରୁଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶାସକ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଟାଟା ଷ୍ଟିଲ୍‌ର ଭାଇସ୍ ପ୍ରେସିଡେଣ୍ଟ (କର୍ପୋରେଟ୍ ସର୍ଭିସେସ୍) ଡି.ବି. ସୁନ୍ଦରରମ୍ ଓ ଅନ୍ୟ ବିଧାୟକ ଓ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ।

**ଖେଳୁଆଡ଼ ମନୋଭାବ ଓ ଭାଇଚାରା ସୁସ୍ଥ ସମାଜର ମୂଳଦୁଆ: ମୁଖ୍ୟମନ୍ତ୍ରୀ**

## ବିଜେପି କର୍ମୀଙ୍କୁ ପିଟି ପିଟି ହତ୍ୟା!

କୋଲକାତା, ୨୬।୯(ସଂଚାର ବ୍ୟୁରୋ): ଜଣେ ବିଜେପି କର୍ମୀଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ଶନିବାର ସକାଳେ ଖଡ଼ଗପୁରର ହାତିହାଲକା ଅଞ୍ଚଳରେ ଘଟିଛି। ପୁଲିସ ସୂତ୍ରରୁ ମୃତକଙ୍କ ପରିଚୟ ଶମଶେର ବିଶ୍ୱାସ (୩୨) ଜଣାପଡ଼ିଛି। ସେ ଦଳୀୟ ସହକର୍ମୀଙ୍କ ସହ ଚା' ପିଇବାକୁ ଯାଇଥିବା ବେଳେ କିଛି ଦୁର୍ବୃତ୍ତ ତାଙ୍କ ଉପରେ ଆକ୍ରମଣ କରିଥିଲେ। ଏହି ଘଟଣାର ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଛି। ଖଡ଼ଗପୁର ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି।

## ଟୋଟୋ ଓଲଟି ୨ ମହିଳା ପୁଲିସ ଆହତ

କୋଲକାତା, ୨୬।୯ (ସଂଚାର ବ୍ୟୁରୋ): ଆସାନସୋଲରେ ଏକ 'ଟୋଟୋ' (ଇଲେକ୍ଟ୍ରିକ୍ ରିକ୍ସା) ଓଲଟି ପଡ଼ିବାରୁ ଦୁଇଜଣ ମହିଳା ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ଏହି ଘଟଣା ଶନିବାର ଅପରାହ୍ଣରେ ବାରାବାନି ଥାନା ଅଞ୍ଚଳରେ ଘଟିଥିଲା। ଆହତ ହୋଇଥିବା କର୍ମଚାରୀମାନେ ହେଲେ ଆଲପନା ଧିବର ଏବଂ ରୁମ୍ପା ମଣ୍ଡଳ। ସେମାନେ ସେହି ସମୟରେ କର୍ତ୍ତବ୍ୟ ପାଇଁ ବାରାବାନି ଥାନାକୁ ଯାଉଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଗାଡ଼ିଟି ଦ୍ରୁତ ଗତିରେ ଯାଉଥିବା ବେଳେ ହଠାତ୍ ଜଣେ ବାଳକ ସାମ୍ନାକୁ ଚାଲିଆସିବାରୁ ଚାଳକ ନିୟନ୍ତ୍ରଣ ହରାଇଥିଲେ। ଫଳସ୍ୱରୂପ ଟୋଟୋଟି ଓଲଟି ପଡ଼ିଥିଲା। ଉକ୍ତ ଦୁଇ ମହିଳାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଆସାନସୋଲ ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେଠାରେ ସେମାନଙ୍କର ଚିକିତ୍ସା ଚାଲିଛି।

## ଦୁଇଦିନ ପରେ ଯୁବକଙ୍କ ମୃତଦେହ ଉଦ୍ଧାର

କୋଲକାତା, ୨୬।୯(ସଂଚାର ବ୍ୟୁରୋ): ଦୁଇ ଦିନ ଧରି ନିଖୋଜ ରହିବା ପରେ ଶନିବାର ଏକ ଜଳାଶୟରୁ ଜଣେ ଯୁବକଙ୍କ ବିକୃତ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ଘର ନିକଟରେ ହିଁ ଏହି ପଚିଯାଇଥିବା ମୃତଦେହ ମିଳିଥିଲା। ତାଙ୍କ ମୃତ୍ୟୁର କାରଣ ବା ପରିସ୍ଥିତି ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣା ନଦିଆ ଜିଲ୍ଲାର ହରିଣଘାଟା ଥାନା ଅଞ୍ଚଳରେ ଘଟିଛି। ମୃତକ ହେଲେ ୩୬ ବର୍ଷୀୟ ରାଜୁ ଦାସ, ଯିଏକି ବିରହୀ ବଜାର ନିକଟସ୍ଥ କାଳିତଳା ଅଞ୍ଚଳର ବାସିନ୍ଦା ଥିଲେ। ସେ ବିରହୀ ବଜାରରେ ପାନ ଓ ଲଟେରୀ ଟିକେଟ୍ ବିକ୍ରି କରୁଥିଲେ। ପରିବାର ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାଜୁ ଗୁରୁବାର ରାତିରୁ ନିଖୋଜ ଥିଲେ।

## କାନ୍ଥ ଭୁଶୁଡ଼ି ବୃଦ୍ଧଙ୍କ ମୃତ୍ୟୁ

କୋଲକାତା, ୨୬।୯(ସଂଚାର ବ୍ୟୁରୋ): ନିରନ୍ତର ବର୍ଷା ଯୋଗୁଁ ଦୁର୍ବଳ ହୋଇଯାଇଥିବା ଏକ ମାଟି କାନ୍ଥ ପଡ଼ିଯିବାରୁ ଜଣେ ବୃଦ୍ଧ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଙ୍କୁଡ଼ା ଜିଲ୍ଲାର ସିମଲାପାଳ ବ୍ଲକ୍ ଅନ୍ତର୍ଗତ ଲକ୍ଷ୍ମୀସାଗର ପଞ୍ଚାୟତର ତିଲାବାନି ଗ୍ରାମ ନିବାସୀ ଅଶୋକ କୁମାର ସିହ୍ନା ମହାପାତ୍ର (୬୮)। ପରିବାର ସଦସ୍ୟ ଓ ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ନିଜ ଘରର କବାଟ ବନ୍ଦ କରିବାକୁ ଚେଷ୍ଟା କରୁଥିବା ସମୟରେ କାନ୍ଥଟି ହଠାତ୍ ତାଙ୍କ ଉପରେ ଭୁଶୁଡ଼ି ପଡ଼ିଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା, ଯେଉଁଠାରେ ସେହି ରାତିରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା।

## ଟ୍ରାଫିକ୍ ସିଗନାଲ ପୋଷ୍ଟ ଭୁଶୁଡ଼ି ପଡ଼ି ମହିଳା ଆହତ

କୋଲକାତା, ୨୬।୯(ସଂଚାର ବ୍ୟୁରୋ): ବାରୁଇପୁର ରେଳବାଇ କ୍ରସିଂ ନିକଟରେ ହଠାତ୍ ଏକ ଟ୍ରାଫିକ୍ ସିଗନାଲ୍ ପୋଷ୍ଟ ଭାଙ୍ଗି ଜଣେ ମହିଳାଙ୍କ ମୁଣ୍ଡ ଉପରେ ପଡ଼ିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ଆହତ ମହିଳା ଜଣକ ହେଲେ ଜୟନଗରର ବାସିନ୍ଦା ଶର୍ମିଷ୍ଠା ମଣ୍ଡଳ ନସ୍କର। ସେ ଜଣେ ସମ୍ପର୍କୀୟଙ୍କ ସହ ମୋଟରସାଇକେଲରେ ବାରୁଇପୁର କୋର୍ଟ ଅଭିମୁଖେ ଯାଉଥିବା ସମୟରେ ହଠାତ୍ ଉକ୍ତ ପୋଷ୍ଟଟି ମାଟିରୁ ଖସିପଡ଼ି ତାଙ୍କ ଉପରେ ପଡ଼ିଥିଲା। ଏଥିଯୋଗୁଁ ତାଙ୍କ ମୁଣ୍ଡରେ ଆଘାତ ଲାଗିବା ସହ ରକ୍ତସ୍ରାବ ହୋଇଥିଲା ଏବଂ ସେ ରାସ୍ତା ଉପରେ ଅଚେତ ହୋଇ ପଡ଼ିଯାଇଥିଲେ। ପରବର୍ତ୍ତୀ ସମୟରେ ପୁଲିସ ଓ ଆରପିଏଫ୍ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ବାରୁଇପୁର ସବ୍-ଡିଭିଜନାଲ୍ ହସ୍ପିଟାଲକୁ ନେଇଥିଲେ।

## ମମତାଙ୍କ ସଭା ପୂର୍ବରୁ ହୁଗୁଳିର ନେତ୍ରୀ ଗିରଫ

କୋଲକାତା, ୨୬।୯(ସଂଚାର ବ୍ୟୁରୋ): ଶ୍ରୀରାମପୁରରେ ମମତା ବାନାର୍ଜୀଙ୍କ ସଭା ପୂର୍ବରୁ ହୁଗୁଳି ଜିଲ୍ଲା ପରିଷଦର ପୂର୍ବତନ ତୃଣମୂଳ ସଦସ୍ୟା ତୁମ୍ପା ମେଟେଙ୍କୁ ଗିରଫ କରାଯାଇଛି। ଶୁକ୍ରବାର ରାତିରେ ରିଷଡାର ବାମୁନାଡି ଅଞ୍ଚଳରୁ ଡାନକୁନି ଥାନାର ପୁଲିସ ତାଙ୍କୁ ଗିରଫ କରିଛି। ଚାକିରି ଦେବା ନାମରେ ଠକେଇ ଅଭିଯୋଗରେ ତାଙ୍କୁ ତାଙ୍କ ଘରୁ ଅଟକ ରଖାଯାଇଥିଲା।

### ୨୦ ବର୍ଷ ପୁରୁଣା ମାମଲା ପୁଣି ସାମ୍ନାକୁ ଆସିଲା

# ପ୍ରକଳ୍ପ ଅଧିକାରୀଙ୍କ ଆତ୍ମହତ୍ୟା ନୋଟ୍‌ରେ ଥିଲା ଜ୍ଞାନେଶ କୁମାରଙ୍କ ନାଁ



ନୂଆଦିଲ୍ଲୀ, ୨୬।୯: ପ୍ରାୟ ଦୁଇ ଦଶନ୍ଧି ପୂର୍ବର କେରଳର ଏକ ଚାଞ୍ଚଲ୍ୟକର ଘଟଣା ବର୍ତ୍ତମାନ ପୁଣି ଥରେ ରାଜନୈତିକ ଏବଂ ପ୍ରଶାସନିକ କରିଡରରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସିପିଆଇ(ଏମ୍) ର ବରିଷ୍ଠ ନେତା ତଥା କେରଳର ପୂର୍ବତନ ଅର୍ଥମନ୍ତ୍ରୀ ଟି. ମାର୍କସ ଥୋମାସ୍ ଆଇଜାକ୍‌ଙ୍କ ଦ୍ୱାରା ଉତଥାପିତ ଏକ ପୁରୁଣା ପ୍ରସଙ୍ଗ ଏବେ ସାମ୍ନାକୁ ଆସିଛି, ଯେଉଁଥିରେ ଜ୍ଞାନେଶ କୁମାରଙ୍କ ନାମ ଜଡ଼ିତ ରହିଛି। ଘଟଣାଟି ୨୦୦୬ ମସିହାର। ସେହି ସମୟରେ ଜ୍ଞାନେଶ କୁମାର କେରଳରେ ପବ୍ଲିକ ୱାର୍କସ ଡିପାର୍ଟମେଣ୍ଟ (ପିଡବ୍ଲୁଡି) ର ସଚିବ ଭାବେ କାର୍ଯ୍ୟରତ ଥିଲେ। ସେତେବେଳେ କେରଳର ଏକ ପ୍ରମୁଖ ସଡ଼କ ପ୍ରକଳ୍ପ ଦାୟିତ୍ୱରେ ଥିବା ଏକ କମ୍ପାନୀର ମାଲେସୀୟ ପ୍ରକଳ୍ପ ଅଧିକାରୀ ଲି ବିନ୍ ସିନ୍ ୨୦୦୬ ନଭେମ୍ବରରେ କୁଆଲାଲମ୍ପୁରଠାରେ ଆତ୍ମହତ୍ୟା କରିଥିଲେ। ମୃତ୍ୟୁ ପୂର୍ବରୁ ସେ ଏକ ଆତ୍ମହତ୍ୟା ନୋଟ୍ ଛାଡ଼ିଯାଇଥିଲେ, ଯେଉଁଥିରେ ପିଡବ୍ଲୁଡି ଅଧିକାରୀଙ୍କ ଦ୍ୱାରା ହୋଇଥିବା ଦୁର୍ନୀତି, କୁପରିଚାଳନା, ମାନସିକ ନିର୍ଯାତନା ଏବଂ ଲାଞ୍ଚ ଦାବି କରାଯାଉଥିବା ନେଇ ଗମ୍ଭୀର ଅଭିଯୋଗ କରାଯାଇଥିଲା। ଏହି ଚିଠିରେ ସେତେବେଳେ ପିଡବ୍ଲୁଡି ସଚିବ ଥିବା ଜ୍ଞାନେଶ କୁମାରଙ୍କ ନାମ ମଧ୍ୟ ରହିଥିଲା ବୋଲି ଦାବି କରାଯାଇଛି। ଏହି ସମ୍ବେଦନଶୀଳ ଅଭିଯୋଗ ପରେ ସେତେବେଳେ ଏକ ଭିଜିଲାନ୍ସ ତଦନ୍ତ ଆରମ୍ଭ ହୋଇଥିଲା ଏବଂ ୨୦୦୬ ଶେଷ ଆଡ଼କୁ ଜ୍ଞାନେଶ କୁମାରଙ୍କୁ ପିଡବ୍ଲୁଡି ସଚିବ ପଦବୀରୁ ବଦଳି କରାଯାଇ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ସେହି ସମୟରେ ରାଜ୍ୟ ଭିଜିଲାନ୍ସ ବିଭାଗ ତଦନ୍ତ କରିଥିଲେ ସୁଦ୍ଧା, ଆଇନଗତ ଜଟିଳତା ଏବଂ ପ୍ରଶାସନିକ ଆଗ୍ରହ ଅଭାବରୁ ଏହା କୌଣସି ନିଷ୍କର୍ଷରେ ପହଞ୍ଚି ପାରିନଥିଲା। ବହୁ ପୁରୁଣା ଫାଇଲ୍ ନଷ୍ଟ ହୋଇଯାଇଥିବା ଏବଂ ମାଲେସୀୟ କମ୍ପାନୀ ମଧ୍ୟ ଏହାକୁ ଆଗକୁ ବଢ଼ାଇବାକୁ ଚାହିଁନଥିବାରୁ ମାମଲାଟି ସେତେବେଳେ ଦବି ଯାଇଥିଲା।

## ପ୍ରବଳ ବର୍ଷା ଯୋଗୁ ୧୬ ମୃତ, ୩୨ ଜିଲ୍ଲାକୁ ବନ୍ୟା ଆଲର୍ଟ

ଲକ୍ଷ୍ନୌ, ୨୬।୯: ରାଜଧାନୀ ଲକ୍ଷ୍ନୌ ସମେତ ଉତ୍ତର ପ୍ରଦେଶର ଅଧିକାଂଶ ଜିଲ୍ଲାରେ ଗୁରୁବାରଠାରୁ ଲାଗି ରହିଥିବା ବର୍ଷା ଶନିବାର ମଧ୍ୟ ଜାରି ରହିଛି। ଲଗାଣ ବର୍ଷା ଯୋଗୁ ଜନଜୀବନ ପ୍ରଭାବିତ ହୋଇଥିବାବେଳେ ଅନେକ ସ୍ଥାନରେ ଘର ଓ କାନ୍ଥ ଭୁଶୁଡ଼ି ପଡ଼ି ୧୬ ଜଣ ଲୋକଙ୍କର ମୃତ୍ୟୁ ହୋଇଛି। ଅନେକ ଲୋକ ଆହତ ହୋଇଛନ୍ତି। ପ୍ରବଳ ବର୍ଷା ଯୋଗୁ ନଦୀମାନଙ୍କରେ ଜଳସ୍ତର ବୃଦ୍ଧି ପାଉଥିବାବେଳେ ୩୨ ଜିଲ୍ଲାକୁ ବନ୍ୟା ସତର୍କତା ଜାରି କରାଯାଇଛି। ଲକ୍ଷ୍ନୌ, ପ୍ରୟାଗରାଜ ଓ ଅନ୍ୟ ସହରମାନଙ୍କରେ ଜଳବନ୍ଦୀ ସମସ୍ୟା ଦେଖାଯାଇଛି। ଟ୍ରେନ୍ ଓ ବିମାନ ସେବା ପ୍ରଭାବିତ ହୋଇଥିବାବେଳେ ସ୍କୁଲ ଓ କଲେଜ ବନ୍ଦ ରଖାଯାଇଛି।

## ମଣିପୁରରେ ପୁଣି ୨ ଜଣଙ୍କୁ ହତ୍ୟା

ଇମ୍ଫାଲ, ୨୬।୯: ମଣିପୁରରେ ହିଂସା ଦିନକୁ ଦିନ ଅତି ଉଗ୍ର ରୂପ ନେବାରେ ଲାଗିଛି। ପୁଣି ୨ ଜଣଙ୍କୁ ଗୁଳିକରି ହତ୍ୟା ପରେ ସ୍ଥିତି ସାଂଘାତିକ ହୋଇଛି। ମଣିପୁର ସେନାପତି ଜିଲ୍ଲାର କେଲେଜାଙ୍ଗ ଗ୍ରାମରେ ୨ ନାଗରିକଙ୍କୁ କିଛି ଦୁର୍ବୃତ୍ତ ଗୁଳି କରି ହତ୍ୟା କରିଥିବା ଜଣାପଡ଼ିଛି। ଭାରତ-ମିଆଁମାର ସୀମାନ୍ତ ଜିଲ୍ଲାରେ ୪ ତଙ୍ଗଖୁଲ ନାଗାଙ୍କୁ ହତ୍ୟା ଘଟଣାର ଦିନକ ପରେ ଏହି ଘଟଣା ଘଟିଛି। ଅଧିକାରୀଙ୍କ ଅନୁଯାୟୀ ସେନାପତି ଜିଲ୍ଲାର କେଲେଜଙ୍ଗ ଗ୍ରାମରେ ଅପରାହ୍ଣ ପ୍ରାୟ ୨.୪୫ ସମୟରେ ଏହି ଘଟଣା ଘଟିଛି। ମୃତକମାନଙ୍କୁ ଚିହ୍ନଟ କରାଯାଇଛି ଏବଂ ସେମାନେ ହେଉଛନ୍ତି ମାଓ ଚାଓୱେନାମାର ରକି ଏବଂ ପୌମୀ ଲାଇ ଶିରାଫି ଗ୍ରାମର କୁମାର।

## ପାଗଳା କୁକୁର ଆକ୍ରମଣରେ ୧୦ ଆହତ

କୋଲକାତା, ୨୬।୯(ସଂଚାର ବ୍ୟୁରୋ): ମାଲଦାର ହବିବପୁର ଥାନା ଅନ୍ତର୍ଗତ ଆଇହୋ ଅଞ୍ଚଳରେ ଏକ ପାଗଳ କୁକୁରର ଉତ୍ପାତ ଯୋଗୁଁ ଆତଙ୍କ ଖେଳିଯାଇଛି। ସୂତ୍ର ଅନୁଯାୟୀ, ଶୁକ୍ରବାର ଏକ କୁକୁର ସ୍ଥାନୀୟ ବସ୍ ଷ୍ଟାଣ୍ଡ ଫିଲ୍ଡପଡ଼ା, ଖାଟିଆଙ୍ଗାଚି, ରତିରାମପଡ଼ା ଏବଂ ଯାଦବନଗର ସମେତ ବିଭିନ୍ନ ଅଞ୍ଚଳରେ ବୁଲି ପ୍ରାୟ ୧୦ରୁ ୧୨ ଜଣଙ୍କୁ କାମୁଡ଼ି ଦେଇଥିଲା। ଆହତମାନଙ୍କୁ ଚିକିତ୍ସା ପାଇଁ ବୁଲବୁଲଚଣ୍ଡି ଗ୍ରାମୀଣ ଡାକ୍ତରଖାନାକୁ ନିଆଯାଇଥିଲା। ଗୋଟିଏ ଦିନରେ ଏତେ ସଂଖ୍ୟକ ବ୍ୟକ୍ତି ଆକ୍ରମଣର ଶିକାର ହେବା ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବ୍ୟାପକ ଉଦ୍‌ବେଗ ଓ ଆତଙ୍କ ସୃଷ୍ଟି କରିଛି।

### ଶ୍ରୀରାମପୁର ଜନସଭା ପୂର୍ବରୁ ହାଇଡ୍ରାମା

## ଗୃହବନ୍ଦୀ କରାଯାଇଥିବା ମମତାଙ୍କ ଅଭିଯୋଗ



କୋଲକାତା, ୨୬।୯: ପଶ୍ଚିମବଙ୍ଗର ଶ୍ରୀରାମପୁର କୋର୍ଟ ମୈଦାନରେ ଶନିବାର ଅପରାହ୍ଣରେ ମମତା ବାନାର୍ଜୀଙ୍କ ଜନସଭା ପୂର୍ବରୁ ହାଇଡ୍ରାମା ଦେଖିବାକୁ ମିଳିଛି। ଜନସଭାରେ ଯୋଗ ଦେବାକୁ ଯାଉଥିବା ବିଧାୟକ କୁନାଲ ଘୋଷଙ୍କୁ ହୁଗଲି ଜିଲ୍ଲାରେ ଆକ୍ରମଣ ହୋଇଥିଲା। ଉତ୍ତରପାରା ଅଞ୍ଚଳରେ କିଛି ଲୋକ ତାଙ୍କ କାର୍‌କୁ ଘେରି ଯାଇ ତାଙ୍କୁ କଳା ପତାକା ଦେଖାଇ ଫେରିଯିବାକୁ କହିଥିଲେ। ତା'ପରେ ସେମାନେ ତାଙ୍କ ଗାଡ଼ି ଉପରକୁ ପଥର ଓ ଅଣ୍ଡା ଫିଙ୍ଗିଥିଲେ। ସେ ଆହତ ହେବା ସହିତ ତାଙ୍କ ଗାଡ଼ିର ପଛ ୱିଣ୍ଡସିଲ୍ଡ ଭାଙ୍ଗି ଯାଇଥିବା ବିଧାୟକ ଅଭିଯୋଗ କରିଛନ୍ତି। ପୂର୍ବତନ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ, ବିଜେପି ତାଙ୍କୁ ରାଲି ସ୍ଥଳକୁ ଯିବାକୁ ଦେଉନାହିଁ। ତାଙ୍କୁ ଓ ତାଙ୍କ ଦଳର ନେତାମାନଙ୍କୁ ଗୃହବନ୍ଦୀ କରାଯାଇଛି। କୋର୍ଟଙ୍କ ଆଦେଶ ଅନୁଯାୟୀ ସେମାନେ ସଭା କରୁଥିବାବେଳେ ଲୋକଙ୍କୁ ସଭାସ୍ଥଳକୁ ଆସିବାକୁ ଦିଆଯାଉନାହିଁ ଓ ରାସ୍ତାରେ ସେମାନଙ୍କୁ ମାଡ଼ ମରାଯାଉଛି। ଆମ ବିଧାୟକ କୁନାଲ ଘୋଷ ଆହତ ହୋଇଥିବା ମମତା କହିଛନ୍ତି। ୧୫ ଦିନ କୋର୍ଟରେ ଲଢ଼ିବା ପରେ ଆଜିର ସଭା ପାଇଁ ଅନୁମତି ମିଳିଛି। କିନ୍ତୁ ବିଜେପି ଏପରି ସ୍ଥିତି କରିଛି, ମୁଁ କେବେବି ଏମିତି ସ୍ଥିତି ଦେଖିନଥିଲି। ଏମିତି ଘଟଣା ଆଫ୍ରିକୀୟ ଦେଶମାନଙ୍କରେ ମଧ୍ୟ ଦେଖିବାକୁ ମିଳୁନାହିଁ ବୋଲି ମମତା କହିଛନ୍ତି। ବିଜେପି ଗୁଣ୍ଡାମାନେ ଶ୍ରୀରାମପୁରରେ ତୃଣମୂଳ କଂଗ୍ରେସ ରାଲି ସ୍ଥଳ ପର୍ଯ୍ୟନ୍ତ ଯାଇଥିବା ରାସ୍ତାକୁ ନିଜ କବ୍ଜାକୁ ନେଇଯାଇଥିବା ମମତା ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଶ୍ରୀରାମପୁରରେ ଜନସଭା କରିବାକୁ ପୁଲିସ ଅନୁମତି ନ ମିଳିବାରୁ ମମତା କୋଲକାତା ହାଇକୋର୍ଟରୁ ଅନୁମତି ଆଣିଥିଲେ। କୋର୍ଟ ସର୍ବାଧିକ ୧୦୦୦ ଲୋକଙ୍କୁ ନେଇ [kcg ଜନସଭା କରିବାକୁ ଅନୁମତି ଦେଇଥିଲେ।

## ବସ୍ ଡିକିରୁ ୨ ବସ୍ତା ଗଞ୍ଜେଇ ଜବତ, ୫ ଅଟକ



ବଲାଙ୍ଗୀର,୨୬।୯ (ସଂଚାର ବ୍ୟୁରୋ) : : ବସ୍ ଡିକିରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଅବକାରୀ ବିଭାଗ ଚଢ଼ାଉ କରି ୫ ଜଣଙ୍କୁ ଅଟକ ରଖିଛି। ଅଟକ ବ୍ୟକ୍ତିମାନଙ୍କୁ ଅବକାରୀ ବିଭାଗ ପକ୍ଷରୁ ପଚରାଉଚରା କରାଯାଉଛି। ସୂଚନା ଅନୁଯାୟୀ, କନ୍ଧମାଳ ଜିଲା ବାଲିଗୁଡ଼ାରୁ ବଲାଙ୍ଗିର ଅଭିମୁଖେ ଏକ ଘରୋଇ ବସ୍ ଆସୁଥିଲା। ଏହି ସମୟରେ ଜଣେ ସ୍କୁଟି ଚାଳକ ଏକ ବ୍ୟାଗ୍‌ରେ ଗଞ୍ଜେଇ ଧରି ଆସୁଥିବା ଖବର ପାଇ ଅବକାରୀ ବିଭାଗ ତାଙ୍କୁ ରାସ୍ତାରେ ଅଟକାଇଥିଲା। ପଚରାଉଚରା ବେଳେ ସେ ଆଗରେ ଯାଉଥିବା ବସ୍‌ରେ ତାଙ୍କର ଅନ୍ୟ ସହଯୋଗୀମାନେ ଥିବା ଏବଂ ବସ୍‌ରେ ଗଞ୍ଜେଇ ଆଣୁଥିବା ସୂଚନା ଦେଇଥିବା ଜଣାପଡ଼ିଛି। ଏହାପରେ ଅବକାରୀ ବିଭାଗର ମୋବାଇଲ୍ ଟିମ୍ ତୁରନ୍ତ ଏସ୍‌ପି ଅଫିସ୍ ନିକଟରେ ବସ୍‌ଟିକୁ ଅଟକାଇ ଯାଞ୍ଚ କରିଥିଲା। ବସ୍ ଭିତରୁ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ଥିବା ସନ୍ଦେହରେ ୩ ଜଣଙ୍କୁ ଧରିବା ସହ ବସ୍ ଡିକିରୁ ୨ ବସ୍ତା ଗଞ୍ଜେଇ ଜବତ କରାଯାଇଥିବା ଜଣାପଡ଼ିଛି। ଅବକାରୀ ବିଭାଗ ଗଞ୍ଜେଇ ଜବତ କରିବା ସହ କଣ୍ଡକ୍ଟର, ହେଲ୍‌ପରଙ୍କ ସମେତ ମୋଟ ୫ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ବସ୍ ଡ୍ରାଇଭର ଓ କଣ୍ଡକ୍ଟର ଘଟଣା ସମ୍ପର୍କରେ ସେମାନେ କିଛି ଜାଣି ନ ଥିବା କହିଛନ୍ତି।

# ନିଶା ନିବାରଣ, ଜଗନ୍ନାଥଙ୍କ ଦୟା ଉପରେ ନିର୍ଭର



ଭୁବନେଶ୍ୱର,୨୬।୯: ମହାପ୍ରଭୁ ଶ୍ରୀଜଗନ୍ନାଥ ଦୟା କଲେ ହୁଏତ ବଦଳିଯାଇପାରେ ନିଶା ପାଇଁ ଯୁବ ସମାଜର ଆକର୍ଷଣ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଲ୍ଲେଖ କରିଛନ୍ତି। ଶ୍ରୀଜଗନ୍ନାଥ ଦୟା କଲେ ଅନେକ ଯୁବକ ନିଶା ରାକ୍ଷସର କ୍ଷତାକ୍ତ ଆକ୍ରମଣରୁ ଓ ମୃତ୍ୟୁ ସହ କବାଡ଼ି ଖେଳରୁ ବର୍ତ୍ତିଯିବେ ବୋଲି ସେ ମତ ରଖିଛନ୍ତି। ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କ ଦ୍ୱାରା ରଚିତ 'ଉଠିବ କି ଜାତିର କଙ୍କାଳ' ଶୀର୍ଷକ ଏକ କବିତା ପୁସ୍ତକ ଆଜି ଜୟଦେବ ଭବନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଓ ଅନ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଏହି ଉନ୍ମୋଚନ ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ବାବୁ ସିଂହ, କବିତା ପୁସ୍ତକର ରଚୟିତା ମନ୍ତ୍ରୀ ଶ୍ରୀ ହରିଚନ୍ଦନ, ବିଶିଷ୍ଟ ଲେଖିକା ଡ. ଅର୍ଚ୍ଚନା ନାୟକ, ଅଧ୍ୟାପକ ବିଶ୍ୱରଞ୍ଜନ ଉପସ୍ଥିତ ଥିଲେ। ବିଶ୍ୱମୁକ୍ତି ପ୍ରକାଶନ ସଂସ୍ଥାର ଅଧ୍ୟାପକ ଶଶାଙ୍କ ଚୁଡ଼ାମଣିଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ରାଜ୍ୟପାଳ ତାଙ୍କ ଅଭିଭାଷଣରେ ଉନ୍ନତ ସାହିତ୍ୟ ମାଧ୍ୟମରେ ସମୃଦ୍ଧ ସମାଜ ଗଠନ ହୁଏ ଏବଂ ଭାଷା ହିଁ ଜାତିର ଭବିଷ୍ୟତ ବୋଲି ଉଲ୍ଲେଖ କରିବା ସହ ରାଜ୍ୟର ସାମଗ୍ରିକ ବିକାଶ ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ ତାଙ୍କ ବକ୍ତବ୍ୟରେ ଅବକାରୀ ଆଇନ ଓ ପୂର୍ତ୍ତ ବିଭାଗ ଦାୟିତ୍ୱରେ ଥିବା ମନ୍ତ୍ରୀ ଶ୍ରୀ ହରିଚନ୍ଦନ ତାଙ୍କ ମନର ବହୁ ଅବ୍ୟକ୍ତ ବେଦନା ଏହି ପୁସ୍ତକରେ ବ୍ୟକ୍ତ କରିଛନ୍ତି ବୋଲି ଉଲ୍ଲେଖ କରିବା ସହ ଅବକାରୀ ମନ୍ତ୍ରୀ ଥାଇ ବି ସେ ଏଥିରେ ନିଶା ସମ୍ପର୍କରେ ଲେଖିଥିବାରୁ ସାଧୁବାଦ ଜଣାଇଥିଲେ।

ମନ୍ତ୍ରୀ ଶ୍ରୀ ହରଚନ୍ଦନ ମଧ୍ୟ ଏହି ଅବସରରେ ବକ୍ତବ୍ୟ ରଖିଥିଲେ। ପୁସ୍ତକ ଉନ୍ମୋଚନ ପରେ ଓଡ଼ିଆ ଅସ୍ମିତା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ପ୍ରଫେସର ସଂଘମିତ୍ରା ମିଶ୍ର, ମହେନ୍ଦ୍ର କୁମାର ମିଶ୍ର, ବିଜୟାନନ୍ଦ ସିଂହ, ପ୍ରଦ୍ୟୁମ୍ନ ଶତପଥୀ, ଦାସ ବେନହୁର ପ୍ରମୁଖ ବିଭିନ୍ନ ଦୃଷ୍ଟିକୋଣରୁ ଓଡ଼ିଆ ଅସ୍ମିତା ସହ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଅର୍ଥନୀତି, ସମାଜ ଜୀବନର ସମ୍ପୃକ୍ତି ଆଦି ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।

ଗୋଟିଏ ପଟେ ୨୦୨୯ ସୁଦ୍ଧା ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ ବିଜେପି ତା'ର ସଂକଳ୍ପପତ୍ର 'ଓଡ଼ିଶା ପାଇଁ ମୋଦିଙ୍କ ଗ୍ୟାରେଣ୍ଟି'ରେ ଘୋଷଣା କରିଥିବା ବେଳେ ଅନ୍ୟପଟେ ଓଡ଼ିଶାର ୩୦ଟି ଜିଲ୍ଲା ସମେତ ସମଗ୍ର ଦେଶରେ ନିଶାମୁକ୍ତ ଭାରତ ଅଭିଯାନ କେନ୍ଦ୍ର ସରକାର ଚଳାଉଛନ୍ତି। ଏହି କ୍ରମରେ ପୁଲିସଙ୍କଠାରୁ କର୍ମଚାରୀ, ଛାତ୍ରଛାତ୍ରୀ ଓ ଯୁବକଯୁବତୀମାନେ ନିଶା ମୁକ୍ତି ପାଇଁ ଶପଥ ପାଠ କରୁଥିବା ବେଳେ ମନ୍ତ୍ରୀ ଶ୍ରୀ ହରଚନ୍ଦନ ତାଙ୍କ ରଚିତ କବିତା ସଂକଳନରେ 'ଧଳା ଜହର' ଓ 'ନିଶା ରାକ୍ଷସର ଶିକାର' ଶୀର୍ଷକ କବିତାରେ ସରକାରଙ୍କ ଘୋଷଣା 'ନିଶା ନୁହେଁ ଜୀବନ' କଥା ଉଲ୍ଲେଖ କରିବା ସହ କିଭଳି ଆମ ସମାଜ ବିଶେଷକରି ଯୁବ ସମାଜ ନିଶା ଯୋଗୁଁ କ୍ଷତିଗ୍ରସ୍ତ ହେଉଛି ସେ ସଂକ୍ରାନ୍ତରେ ସୁନ୍ଦର ଉପସ୍ଥାପନା କରିଛନ୍ତି। ଏଥିରେ ସେ ଲେଖିଛନ୍ତି, 'ଜଗନ୍ନାଥ ଦୟା କଲେ/ହୁଏତ ବଦଳିଯାଇପାରେ/ନିଶା ପାଇଁ ଆକର୍ଷଣ ଯୁବ ସମାଜର/ବର୍ତ୍ତିଯିବେ ଅନେକ ଯୁବକ/ନିଶା ରାକ୍ଷସର କ୍ଷତାକ୍ତ ଆକ୍ରମଣରୁ/ ଏବଂ ମୃତ୍ୟୁ ସହ କବାଡ଼ି ଖେଳରୁ।' ଏହି କବିତା ଦୁଇଟି ଏବେ ଚର୍ଚ୍ଚାର ବିଷୟବସ୍ତୁ ହୋଇଥିବା ବେଳେ ନିଶାମୁକ୍ତ ଭାରତ ଓ ମଦମୁକ୍ତ ଓଡ଼ିଶା ଗଠନ ଦାୟିତ୍ୱ ସରକାରଙ୍କର ନା ଶ୍ରୀଜଗନ୍ନାଥଙ୍କର ବୋଲି ପ୍ରଶ୍ନବାଚୀ ଉଠିଛି। ପୁସ୍ତକ ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଥିବା ଅନେକ ମହିଳା ଏ ସଂକ୍ରାନ୍ତରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ନିଶା ନିବାରଣ ପ୍ରସଙ୍ଗରେ କ'ଣ ଅବକାରୀ ମନ୍ତ୍ରୀ ହାତ ଟେକି ଦେଲେ କି ବୋଲି? (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୁଖ୍ୟମନ୍ତ୍ରୀଙ୍କ 'ପଞ୍ଚସୂତ୍ର'...

କରିସାରିଛି। ଆଜିର ଏହି ନିଯୁକ୍ତି ମେଳାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ୮୪୬ ଜଣ ମେଡିକାଲ ଅଫିସର ଓ ୯୨ ଜଣ ଆସିଷ୍ଟାଣ୍ଟ ପ୍ରଫେସର, ଓଡ଼ିଶା ପ୍ରଶାସନିକ ସେବା (ଓଏଏସ)ର ୩୦ ଜଣ, ଓଡ଼ିଶା ରାଜସ୍ୱ ସେବା (ଆରଏସ)ର ୪୨ ଜଣ, ଓଡ଼ିଶା ଅର୍ଥ ସେବା (ଓଏଫଏସ)ର ୪୬ ଜଣ, ଓଡ଼ିଶା ହିସାବ ଓ ହିସାବ ସେବା (ଓଟିଏଏସ)ର ୬୦ ଜଣ ଓ ସମବାୟ ସେବାର ୧୬ ଜଣ ଅଧିକାରୀ ସରକାରୀ ସେବାରେ ଆନୁଷ୍ଠାନିକ ଭାବେ ଯୋଗ ଦେଉଛନ୍ତି। ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେଇ ସାଢ଼େ ୪ କୋଟି ଓଡ଼ିଆଙ୍କୁ ନିଜ ପରିବାର ଭାବି ସେବା ଯୋଗାଇ ଦେବାକୁ ଡାକ୍ତରମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ରାଜସ୍ୱ ଓ ଅର୍ଥ ବିଭାଗର ଭୂମିକା ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ଦର୍ଶାଇଥିଲେ ଯେ ଓଏଏସ ଓ ଓଆରଏସ ଅଧିକାରୀମାନେ ପ୍ରଶାସନର ମେରୁଦଣ୍ଡ ଭାବେ କାର୍ଯ୍ୟ କରିଥାନ୍ତି। ସେହିପରି ଓଏଫଏସ ଏବଂ ଓଟିଏଏସ ଅଧିକାରୀଙ୍କ ସଠିକ୍ ରାଜସ୍ୱ ଆକଳନ, ଜିଏସଟି ଓ ଭାଟ ସଂଗ୍ରହ ଓ ଆର୍ଥିକ ଶୃଙ୍ଖଳା ରାଜ୍ୟ ଅର୍ଥନୀତିକୁ ଅଧିକ ସୁଦୃଢ଼ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ସମବାୟରୁ ସମୃଦ୍ଧି' ଆହ୍ୱାନକୁ ସାକାର କରିବା ପାଇଁ ସମବାୟ କ୍ଷେତ୍ରକୁ କେବଳ ଋଣ ପ୍ରଦାନ ମଧ୍ୟରେ ସୀମିତ ନ ରଖି କୃଷକ, ମହିଳା ଓ ଗ୍ରାମୀଣ ଉଦ୍ୟୋଗୀମାନଙ୍କୁ ଯୋଡ଼ି ଏହାକୁ ବହୁମୁଖୀ ଅନୁଷ୍ଠାନରେ ପରିଣତ କରିବାକୁ ସେ ନୂତନ ସମବାୟ ଅଧିକାରୀଙ୍କୁ ଆହ୍ୱାନ ଦେଇଥିଲେ। ନିଜ ଅଭିଭାଷଣରେ ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ ଓ ସ୍ୱଚ୍ଛ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଅଧିକାରୀମାନଙ୍କୁ ଏକ 'ପଞ୍ଚସୂତ୍ର' ମନ୍ତ୍ର ପ୍ରଦାନ କରିଥିଲେ। ସେ ସ୍ପଷ୍ଟ ଭାବେ କହିଥିଲେ ଯେ ଜନସେବା ହିଁ ମାଧବ ସେବା, ତେଣୁ ନିଜକୁ ଶାସକ ନ ଭାବି ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଭଳି 'ଜନସେବକ' ମନେ କରି ସାଧାରଣ ଲୋକଙ୍କ ସେବା କରିବାକୁ ହେବ। ଦୁର୍ନୀତିକୁ କାଉଁରିଆ ପାଇଁ ବିଷ ସଦୃଶ ଗ୍ରହଣ କରିବାକୁ ଚେତାବନୀ ଦେଇ ସେ ସ୍ପଷ୍ଟ କରିଥିଲେ ଯେ ସରକାରଙ୍କ ଦୁର୍ନୀତି ବିରୋଧରେ 'ଶୂନ୍ ସହନଶୀଳତା' ନୀତି ଜାରି ରହିଛି ଏବଂ ଏଥିପାଇଁ ଭିଜିଲାନ୍ସ ବିଭାଗକୁ ସମ୍ପୂର୍ଣ୍ଣ ଖୋଲା ସ୍ୱାଧୀନତା ଦିଆଯାଇଛି। ଏହାସହ 'ଅଧିକ କ୍ଷମତା ଅଧିକ ଦାୟିତ୍ୱ ନେଇ ଆସିଥାଏ' ନ୍ୟାୟରେ ପଦବୀର ମର୍ଯ୍ୟାଦା ରକ୍ଷା କରିବା, 'ଜନ ଶୁଣାଣି'କୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଲୋକଙ୍କ ଅଭିଯୋଗର ଦ୍ରୁତ ସମାଧାନ କରିବା ଓ ତୃଣମୂଳ ସ୍ତରରେ ସରକାରଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ବଜାୟ ରଖିବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନବନିଯୁକ୍ତଙ୍କୁ ନିଜ ନିଜ ବିଭାଗର 'ରୋଲ୍ ମଡେଲ୍' ଭାବେ ଭବିଷ୍ୟତର ଆଦର୍ଶ ଗ୍ରୁପ ଗଢ଼ିଉଠିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନବନିଯୁକ୍ତଙ୍କୁ ଉତ୍ସାହିତ କରି କହିଥିଲେ ଯେ ଆଜି ଆପଣମାନଙ୍କୁ ମିଳିଥିବା ଏହି ନିଯୁକ୍ତିପତ୍ର କେବଳ ଏକ ସରକାରୀ 'ପ୍ରମାଣ ପତ୍ର' ନୁହେଁ, ବରଂ ଏହା ଆପଣଙ୍କ ବର୍ଷ ବର୍ଷର କଠିନ 'ପରିଶ୍ରମ ସ୍ୱୀକୃତି ପତ୍ର'। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ ଭାବନାହିଁ ଯେ ପାଠପଢ଼ା ଶେଷ ହୋଇଗଲା, ବରଂ ଆଜି ଠାରୁ ଆପଣଙ୍କର ଏବେ ପ୍ରକୃତ ପାଠପଢ଼ା ଆରମ୍ଭ ହେଲା। ଏହା ପରୀକ୍ଷାର ଶେଷ ନୁହେଁ, ବରଂ ଜୀବନର ପ୍ରକୃତ ପରୀକ୍ଷା ଏଠାରୁ ହିଁ ଆରମ୍ଭ ହେଉଛି।

### ବୁଡ଼ିଲା ୪ ହଜାର...

୮.୯ ମିଟର ଛୁଇଁବାର ଆଶଙ୍କା ଥିବାରୁ ପ୍ରଶାସନ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ନଦୀଗୁଡ଼ିକରେ ଜଳପ୍ରବାହକୁ ନିୟନ୍ତ୍ରଣ କରିବା ପାଇଁ ଆନନ୍ଦପୁର ବ୍ୟାରେଜ୍‌ର ୩୧ଟି ଗେଟ୍ ଖୋଲିଦିଆଯାଇଛି। ଗଭୀର ଅବପାତ ପ୍ରଭାବରେ ମାଲକାନଗିରି ଜିଲ୍ଲାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ବର୍ତ୍ତମାନ ବନ୍ୟା ସ୍ଥିତିରେ କିଛିଟା ସୁଧୁରିବାରେ ଲାଗିଛି। ଜିଲ୍ଲାରେ ଲଗାଣ ବର୍ଷା କମିଛି, ମାତ୍ର ଧୋଇଯାଇଛି ରାସ୍ତା। ଭୁଷ୍ଟାଳନ ସହ ରାସ୍ତା ଧୋଇଯିବାରୁ ଅନେକ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଦେଶେଲେଣ ପଞ୍ଚାୟତର ମାନବକୁଣ୍ଡା, କୁର୍ମାନୁର ପଞ୍ଚାୟତ ଅଧିକ କ୍ଷତିଗ୍ରସ୍ତ ହୋଇଛି। ପାଖାପାଖି ୨୦ରୁ ୨୫ଟି ଗାଁକୁ ଏବେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଉତ୍ତର ଓଡିଶାରେ ପୁଣି ବନ୍ୟା ବିପଦ ଦେଖାଦେଇଛି। ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ଜଳକା ନଦୀ ଫୁଲିଲା ପରେ ବାଲିଆ ଅଞ୍ଚଳ ଜଳମଗ୍ନ ହୋଇଛି। ଜଳକାରେ ଚଳିତ ବର୍ଷ ଷଷ୍ଠ ଥର ପାଇଁ ଆସିଛି ବନ୍ୟା। ବାଲେଶ୍ୱର ଜିଲ୍ଲାର ୫ଟି ବ୍ଲକ୍‌ର ପ୍ରାୟ ୧୫ ହଜାର ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଅନ୍ୟପକ୍ଷରେ ମହାନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାର ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଉପର ମୁଣ୍ଡରେ ଛତିଶଗଡ଼ରେ ଲଗାତାର ବର୍ଷା ଜାରି ରହିଥିବା ବେଳେ ଆଗକୁ ହୀରାକୁଦକୁ ଅଧିକ ବନ୍ୟା ଜଳ ପ୍ରବେଶ କରିବା ଏହାକୁ ଦୃଷ୍ଟିରେ ରଖି ହୀରାକୁଦ ଡ୍ୟାମ ଦେଇ ଅଧିକ ଗେଟ୍ ଖୋଲିବାକୁ ନିଷ୍ପତ୍ତି ନେଇଥିବା ସୂଚନା ଦେଇଛନ୍ତି। ତେବେ ଆଗକୁ ଆହୁରି ଗେଟ୍ ଖୋଲିବାର ସମ୍ଭାବନା ରହିଛି। ଆଜି ମଧ୍ୟରାତ୍ରି ସୁଦ୍ଧା ମୁଣ୍ଡଳୀ ବ୍ୟାରେଜ୍ ଦେଇ ପ୍ରାୟ ୬ ଲକ୍ଷ କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ତେବେ ଆଶ୍ୱସ୍ତିର ଖବର ଯେ ରାଜଧାନୀରେ ଆଜି ସକାଳଠାରୁ ସାଲନ୍ଦୀ ନଦୀର ଜଳସ୍ତର ଧୀରେ ଧୀରେ କମିବାର ସମ୍ଭାବନା ରହିଛି, ଯାହାଫଳରେ ବନ୍ୟା ପରିସ୍ଥିତିରେ ସାମାନ୍ୟ ସୁଧାର ଆସିପାରେ। ପ୍ରଶାସନ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଛି ଏବଂ ସମସ୍ତ ଜିଲ୍ଲାପାଳଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭାରତୀୟ ପାଣିପାଗ ବିଭାଗର ତାଜା ସୂଚନା ଅନୁଯାୟୀ, ଉତ୍ତର-ପୂର୍ବ ମଧ୍ୟପ୍ରଦେଶ ଓ ତା'ର ସଂଲଗ୍ନ ଉତ୍ତର ଛତିଶଗଡ଼ ଉପରେ କେନ୍ଦ୍ରୀଭୂତ ଥିବା ଅବପାତ ଏବେ ଧୀରେ ଧୀରେ ଦୁର୍ବଳ ହେବାକୁ ଯାଉଛି।

### ସୁନାବେଶ ପାଇଁ...

ପ୍ରୋଟୋକଲ ସହ ବୈଷୟିକ ଆକଳନ, ପାରମ୍ପରିକ ଆକୃତି, ଓଜନ ଓ ଧାର୍ମିକ ପ୍ରାମାଣିକତାକୁ ଗୁରୁତ୍ୱ ଦିଆଯିବ। ଭଣ୍ଡାର କୋଠାପ, ତଢ଼ାଉ କରଣ ଓ ଦେଉଳ କରଣ ଏହାର ଅନ୍ତର୍ଭୁକ୍ତ କରିବେ। ଏଥିପାଇଁ ଏକ ଟେକ୍ନିକାଲ କମିଟି ଗଠନ ହେବ ଏବଂ ଅନୁଭବୀ ସମ୍ଭାକୁ ଅଳଙ୍କାର ନିର୍ମାଣ ଦାୟିତ୍ୱ ଦିଆଯିବ। ଅନ୍ୟପଟେ ଶ୍ରୀମନ୍ଦିରର ରତ୍ନଭଣ୍ଡାର ପୁଣି ଖୋଲିବା ସହ ଶ୍ରୀମନ୍ଦିରର ଗର୍ଭଗୃହ ଓ ଦ୍ୱାର ଦେଇ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯିବ। ଏଥିପାଇଁ ସ୍ୱତନ୍ତ୍ର ସୁଟ୍ ନିର୍ମାଣ ହେବ ଓ ଶ୍ରୀମନ୍ଦିର ପ୍ରଶାସନଙ୍କ ସ୍ୱତନ୍ତ୍ର ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ପୁରୀବାସୀଙ୍କ ଦର୍ଶନ ବ୍ୟବସ୍ଥା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ଆଧାର କାର୍ଡ ଯାଞ୍ଚ, ସୁଟ୍ ବୁକିଂ ମାଧ୍ୟମରେ ଦର୍ଶନ ସୁବିଧା ଦେବା ନେଇ ବିଚାର କରାଯାଉଛି। ଦିନକୁ କେତେ ସଂଖ୍ୟକ ପୁରୀବାସୀ ଦର୍ଶନ କରିପାରିବେ ଓ ସମୟ ନିର୍ଦ୍ଧାରଣ ନେଇ ପରବର୍ତ୍ତୀ ପର୍ଯ୍ୟାୟରେ ନିଷ୍ପତ୍ତି ହେବ। ଉତ୍ତରଦ୍ୱାରରେ ପ୍ରବେଶ ପାଇଁ ସେବାୟତମାନଙ୍କ ପ୍ରସ୍ତାବ ଉପରେ ଆଲୋଚନା ପରେ ଚୂଡ଼ାନ୍ତ ନିଷ୍ପତ୍ତି ହେବ। ସେପଟେ ଆସନ୍ତା ନଭେମ୍ବରରେ ଶ୍ରୀମନ୍ଦିର ସେବାୟତ ଗୁରୁକୁଳର ଭୂମି ପୂଜନ କାର୍ଯ୍ୟକ୍ରମ କରାଯିବ। ସେବାୟତ ଗୁରୁକୁଳରେ ଅତ୍ୟାଧୁନିକ ଖେଳ ପଡ଼ିଆ, ଅଡିଟୋରିୟମ, ଶ୍ରେଣୀ କକ୍ଷ, ମନ୍ଦିର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଓଡିଶିସ୍ ମାଧ୍ୟମରେ କରାଯିବ। ଶ୍ରୀମନ୍ଦିର ପ୍ରମୋଦ ଉଦ୍ୟାନର ଉନ୍ନତିକରଣ କାର୍ଯ୍ୟ କରାଯିବ। ରଘୁନନ୍ଦନ ଲାଇବ୍ରେରୀ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ଓଡିଶିସ୍‌କୁ ପରିଚାଳନା କମିଟି ବୈଠକରେ କୁହାଯାଇଛି।

### ପଶ୍ଚିମ ଓଡ଼ିଶାରେ...

ଆଲୁମିନିୟମ ମାନୁଫାକ୍ଚରିଙ୍ଗରେ ଏକ ବିଶ୍ୱସ୍ତରୀୟ ହବ୍ ଭାବେ ଗଢ଼ି ତୋଳିବାରେ ସହାୟକ ହେବ। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ବେଦାନ୍ତର ମୋଟ ଆଲୁମିନିୟମ ଉତ୍ପାଦନ କ୍ଷମତା ବାର୍ଷିକ ୬୦ ଲକ୍ଷ ଟନ୍‌କୁ ବୃଦ୍ଧି ପାଇବ, ଯାହା ଭବିଷ୍ୟତରେ ମେଗାଲ ଆବଶ୍ୟକତା ପୂରଣ ପାଇଁ ଭାରତର ବର୍ଦ୍ଧିଷ୍ଣୁ ଚାହିଦାକୁ ପୂରଣ କରିବାରେ ସାହାଯ୍ୟ କରିବ। ଆଲୋଚନା ସମୟରେ ଅନିଲ ଅଗ୍ରୱାଲ ଝାରସୁଗୁଡ଼ାରେ ପ୍ରସ୍ତାବିତ ଗୋଟିଏ ୧ ଏମଟିପିଏ ବିଶିଷ୍ଟ ଆଲୁମିନିୟମ ସ୍ମେଲ୍ଟର ପ୍ରକଳ୍ପର ସମ୍ପ୍ରସାରଣ ପାଇଁ ମଧ୍ୟ ପ୍ରସ୍ତାବ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାରଙ୍କ ଯୁବବର୍ଗଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଆଗ୍ରହୀ ଅଛନ୍ତି। ସେଥିପାଇଁ ସେ ଦେଶ ତଥା ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ପୁଞ୍ଜିନିବେଶ ଆକର୍ଷିତ କରିବା ପାଇଁ ପ୍ରୟାସ କରାଯାଉଛି। ନିଯୁକ୍ତି ସୃଷ୍ଟି ଓ ସ୍ଥାନୀୟ ବିକାଶରେ ଏହି ପୁଞ୍ଜିନିବେଶଗୁଡ଼ିକର ବ୍ୟାପକ ସମ୍ଭାବନାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଅନୁସଙ୍ଗୀ ଶିଳ୍ପ ଓ ଶିଳ୍ପ ପାର୍କ ବିକାଶ ପାଇଁ ସମସ୍ତ ସହଯୋଗ ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବେଦାନ୍ତ ଗ୍ରୁପର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ କହିଛନ୍ତି ଯେ 'ଆମର ପ୍ରସ୍ତାବିତ ପୁଞ୍ଜିନିବେଶଗୁଡ଼ିକର ଲକ୍ଷ୍ୟ ହେଉଛି ଏକ ବିଶ୍ୱସ୍ତରୀୟ ଶିଳ୍ପ ପରିବେଶ ପ୍ରତିଷ୍ଠା କରିବା ଯାହା ଭାରତରେ ମୌଳିକ ଧାତୁ ଶିଳ୍ପ ପରିବର୍ତ୍ତନ, ଉନ୍ନତ ଉତ୍ପାଦନ ଓ ଉଦୀୟମାନ ପ୍ରଯୁକ୍ତିବିଦ୍ୟାକୁ ଶକ୍ତି ଯୋଗାଇବ। ଓଡ଼ିଶା ସରକାରଙ୍କ ସହ ମିଶି ଆମେ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଶିଳ୍ପ ନିର୍ମାଣ, ବ୍ୟାପକ ନିଯୁକ୍ତି ସୃଷ୍ଟି, ସ୍ଥାନୀୟ ଉଦ୍ୟୋଗଗୁଡ଼ିକୁ ମଜବୁତ କରିବା ଏବଂ ଏକ ବିକଶିତ ଭାରତ ଗଠନରେ ଓଡ଼ିଶାର ଅବଦାନ ରଖିବା ପାଇଁ ପ୍ରତିଶ୍ରୁତିବଦ୍ଧ।' ଏହାସହ ବେଦାନ୍ତ ପଶ୍ଚିମ ଓଡ଼ିଶାରେ ଏକ ହଜାର ଶଯ୍ୟାବିଶିଷ୍ଟ ଡାକ୍ତରଖାନା ପ୍ରତିଷ୍ଠା କରିବ ବୋଲି ଶ୍ରୀ ଅଗ୍ରୱାଲ କହିଥିଲେ।

### ସର୍ବସମ୍ମତି କ୍ରମେ...

ପଶ୍ଚିମବଙ୍ଗ ସହ ଅନ୍ୟ ୩୦ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଏହାକୁ ଲାଗୁ କରାଯାଇଥିଲା। ଆଉ ଏସଆଇଆରକୁ ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇଛି। ଗତ ଫେ' ୨୨ ତାରିଖରେ ସୁପ୍ରିମକୋର୍ଟ ଏହାକୁ ନିଜ ଆଦେଶ ବଳରେ କାଏମ୍ ରଖିଛନ୍ତି। ତୃତୀୟ ପର୍ଯ୍ୟାୟର ଅବଶିଷ୍ଟ ୧୨ଟି ରାଜ୍ୟରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପରେ ଭୋଟରଙ୍କ ସଂଖ୍ୟା ସମ୍ପର୍କିତ ଚୂଡ଼ାନ୍ତ ତଥ୍ୟ ଜଣାପଡ଼ିବ ବୋଲି ଆୟୋଗଙ୍କ ପକ୍ଷରୁ କୁହାଯାଇଛି। ଯେଉଁ ଭୋଟରମାନଙ୍କୁ ଏସଆଇଆର ପ୍ରକ୍ରିୟା ବେଳେ ମାପିଙ୍ଗ୍ ହୋଇ ନ ଥିବ କିମ୍ବା ତଥ୍ୟଗତ ଅସଙ୍ଗତି ଥିବା ନେଇ ନୋଟିସ୍ ମିଳିବ, ସେମାନଙ୍କୁ ସାଧାରଣତଃ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆରଓ)ଙ୍କ ସାମ୍ନାରେ ହାଜର ହେବାକୁ ପଡ଼ିବ ନାହିଁ। ବୁଥସ୍ତରୀୟ ଅଧିକାରୀ (ବିଏଲଓ)ମାନେ ସେମାନଙ୍କ ଘରକୁ ଯାଇ ଆବଶ୍ୟକ ଡକ୍ୟୁମେଣ୍ଟ ସଂଗ୍ରହ କରିବେ ଓ ସେସବୁକୁ ଇଆରଓଙ୍କ ନିଷ୍ପତ୍ତି ପାଇଁ ଇସିଆଇନେଟରେ ଅପଲୋଡ଼ କରିବେ ବୋଲି ଆଜିର ଅନୁଷ୍ଠିତ ଏକ ବୈଠକରେ କମିଶନ ନିଷ୍ପତ୍ତି ନେଇଛନ୍ତି।

### ଏମ୍ଏମ୍‌ଡିଆର୍‌କୁ ନେଇ...

କିମ୍ବା କଂଗ୍ରେସ କେହି ବି ଅଦାଲତରେ ମାମଲାଟିଏ ରୁଜୁ କରୁନାହାନ୍ତି। ଆଇନ ଅଦାଲତକୁ ଗଲେ ସେଠାରେ ବିରୋଧୀଙ୍କ କଥାରେ କେତେ ସତ୍ୟତା ରହିଛି ଓ ଶାସକ ଦଳ ଯାହା କହୁଛନ୍ତି, ତାହା ଠିକ୍ ନା ଭୁଲ୍ ସ୍ପଷ୍ଟ ହୋଇଯିବ। ସାଧାରଣ ଜନତା ବି ପ୍ରକୃତ ସତ୍ୟ କ'ଣ ତାହା ଜାଣିପାରିବେ। ହେଲେ ତାହା ନ କରି ଯେଉଁଭଳି ଢଙ୍ଗରେ ଦୁଇ ଦଳ ବିରୋଧ କରୁଛନ୍ତି ଓ ବିଧାନସଭା ଚାଲିବ ଦେଉନାହାନ୍ତି, ତାହା ପିଠେ ପିଠେ ସେମାନଙ୍କୁ ହିଁ କାଠଗଡ଼ାରେ ଛିଡ଼ା କରାଇବାରେ ଲାଗିଛି।

# ଡଷ୍ଟ ପାଉଡରରେ ରାସ୍ତା ନିର୍ମାଣକୁ ନେଇ ଅସନ୍ତୋଷ

### ଆନନ୍ଦପୁର-ଶାଳପଡ଼ା ରାସ୍ତା ନିର୍ମାଣକୁ ନେଇ ଉଠିଲା ପ୍ରଶ୍ନ

### ନିମ୍ନମାନର ରାସ୍ତା ନିର୍ମାଣ କରି ଛୁ ମାରିବ ଠିକାଦାର, ଦୁର୍ଦ୍ଦଶା ଭୋଗିବେ ଲୋକେ



**ଆନନ୍ଦପୁର,୨୬।୯ (ସଂଚାର ବ୍ୟୁରୋ):** ଆନନ୍ଦପୁର ବ୍ରିଜ୍ ଛକରୁ ସାଳପଡ଼ା ପର୍ଯ୍ୟନ୍ତ ଚାଲିଛି ରାସ୍ତା ନିର୍ମାଣ କାମ, ତେବେ ଏହି ରାସ୍ତା କାମକୁ ନେଇ ଏବେ ଉଠିଛି ଗୁରୁତର ପ୍ରଶ୍ନ। ମାଟି ଓ ମରମ ବଦଳରେ ଡଷ୍ଟ ପାଉଡର ପକାଇ ରାସ୍ତା ନିର୍ମାଣ ହେଉଥିବା ଅଭିଯୋଗ ଆସିଛି। ଆନନ୍ଦପୁରର ଲାଇଫ୍ ଲାଇନ୍ କୁହାଯାଉଥିବା ଏହି ରାସ୍ତାର କାମ ନିମ୍ନମାନର ହେଉଥିବା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଆନନ୍ଦପୁର ବ୍ରିଜ୍ ଛକରୁ ସାଳପଡ଼ା ପର୍ଯ୍ୟନ୍ତ ରାସ୍ତା ନିର୍ମାଣକୁ ନେଇ ଏବେ ସାମ୍ନାକୁ ଆସିଛି ଅନେକ ପ୍ରଶ୍ନ।

ରାସ୍ତା ନିର୍ମାଣରେ ମାଟି ଓ ମରମ ପକାଇବା ବଦଳରେ ଡଷ୍ଟ ପାଉଡର ବ୍ୟବହାର କାହିଁକି କରାଯାଉଛି। ତେବେ ଏହି ରାସ୍ତା କାମ କେଉଁ ବିଭାଗ ପକ୍ଷରୁ କରାଯାଉଛି? କେଉଁ ଯନ୍ତ୍ରୀ ଏହାର ତଦାରଖ କରୁଛନ୍ତି? ଏଷ୍ଟିମେଟ୍‌ରେ କଣ ରହିଛି? କେତେ ଟଙ୍କାର ଅଟକଳରେ ଏହି ରାସ୍ତା ନିର୍ମାଣ ହେଉଛି? ମାଟି ଓ ମରମ ନପକାଇ ଡଷ୍ଟ ପାଉଡର ପକାଇ ରାସ୍ତା ନିର୍ମାଣ ପାଇଁ କାହା ପକ୍ଷରୁ ଅନୁମତି ଦିଆଯାଇଛି, ତାହାକୁ ନେଇ ମଧ୍ୟ ଉଠିଛି ବଡ଼ ପ୍ରଶ୍ନ।

ଆନନ୍ଦପୁରର ଏକମାତ୍ର ଭରଷାଯୋଗ୍ୟ ବୈତରଣୀ ଉପରେ ଥିବା ଦୁର୍ବଳ ସେତୁରେ ପ୍ରତ୍ୟେକ ଦିନ ଭାରିଯାନ ଚଳାଚଳ ବୃଦ୍ଧି ପାଉଥିଲେ ବି କଟକଣା ଲଗାଇବା ଏବଂ ଭାରୀଯାନ ବନ୍ଦ କରିବା ପାଇଁ ପ୍ରଶାସନ ଦୃଷ୍ଟି ଦେଉ ନାହିଁ। ଅନ୍ୟପଟେ ବୈତରଣୀ ନଦୀ କୂଳ ଦିନକୁ ଦିନ କ୍ଷୟ ହେଉଥିବା ବେଳେ ନଦୀ କୂଳ ନିକଟରେ ମଧ୍ୟ ଡଷ୍ଟ ପାଉଡର ପକାଇ ରାସ୍ତା ନିର୍ମାଣ କରାଯାଉଥିବା ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ଗତ ସପ୍ତାହରେ ମଧ୍ୟ ରାସ୍ତା ନିର୍ମାଣ ପାଇଁ ଡଷ୍ଟ ବୋଝେଇ ବଡ଼ ବଡ଼ ଟ୍ରକ୍ ଓ ହାଇୱା ରାସ୍ତା ମଝିରେ ପାର୍କିଂ କରାଯାଇଥିବାରୁ ଫଳରେ ପ୍ରାୟ ଦୁଇ ଘଣ୍ଟା ଧରି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ରାସ୍ତା ନିର୍ମାଣରେ ଠିକାଦାରଙ୍କ ମନମାନି ଦିନକୁ ଦିନ ବଢ଼ିବାରେ ଲାଗିଛି, ଏପରିକି କିଛି ରାଜନୈତିକ ନେତା ଓ ପ୍ରଶାସନିକ ଅଧିକାରୀଙ୍କ ଛତ୍ରଛାୟାରେ ରହି ଠିକାଦାର ନିମ୍ନମାନର କାମ କରୁଥିବା ନେଇ ଚା' ଖଟିରେ ଚର୍ଚ୍ଚା ହେଉଥିବା କୁହାଯାଉଛି।

ଅଞ୍ଚଳବାସୀଙ୍କ ଦାବି, ଜିଲ୍ଲାପାଳ ଘଟଣାକୁ ଗୁରୁତର ସହ ନେଇ ରାସ୍ତା ନିର୍ମାଣର ମାନ, ଏଷ୍ଟିମେଟ୍ ଓ କାର୍ଯ୍ୟର ତଦାରଖ ସମ୍ପର୍କରେ ତଦନ୍ତ କରନ୍ତୁ। ତଦନ୍ତ ହେଲେ ରାସ୍ତା ନିର୍ମାଣରେ ନିୟମ ପାଳନ ହୋଇଛି କି ନାହିଁ ଏବଂ ଅଭିଯୋଗ ପଛରେ କେତେ ସତ୍ୟତା ରହିଛି, ତାହା ସାମ୍ନାକୁ ଆସିପାରିବ।

## ଏନ୍‌ଏଚ୍-୫୨୦ ବାଇପାସ୍‌ରେ ଭୂସ୍ଖଳନ

### ରାସ୍ତାକୁ ଖସିଲା ମାଟି ଓ ପଥର, ଭାଙ୍ଗିଲା ସୁରକ୍ଷା ପ୍ରାଚୀର



**ଯୋଡ଼ା,୨୬।୯ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଯୋଡ଼ା ସହର ନିକଟସ୍ଥ କାଳୀ ମନ୍ଦିର ନିକଟରେ ଏନ୍‌ଏଚ୍-୫୨୦ ବାଇପାସ୍ ରାସ୍ତାରେ ଶନିବାର ଭୂସ୍ଖଳନ ଘଟିଛି। ପାହାଡ଼ରୁ ମାଟି ଅତଡ଼ା ଓ ବଡ଼ ବଡ଼ ପଥର ଖସି ରାସ୍ତା ପାର୍ଶ୍ୱରେ ଜମିବା ସହ କଂକ୍ରିଟ୍ ସୁରକ୍ଷା ପ୍ରାଚୀରର ଏକ ଅଂଶ ଭାଙ୍ଗିଯାଇଛି। ଏହି ଘଟଣା ଯୋଗୁଁ ରାସ୍ତାରେ ଯାତାୟାତ କରୁଥିବା ଦୁଇଚକିଆ ଓ ଅନ୍ୟାନ୍ୟ ଯାନବାହନ ପାଇଁ ବିପଦ ଆଶଙ୍କା ସୃଷ୍ଟି ହୋଇଥିଲା। ଖବର ପାଇ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୁ ମାଟି ଓ ପଥର ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

ତେବେ ପାହାଡ଼ର ଉପରିଭାଗରେ ମାଟି ଏବେ ମଧ୍ୟ ଢିଲା ରହିଥିବାରୁ ବର୍ଷା ଜାରି ରହିଲେ ପୁଣି ମାଟି ଅତଡ଼ା ଓ ପଥର ଖସିବାର ଆଶଙ୍କା ରହିଛି। ପୂର୍ବରୁ ମଧ୍ୟ ଏନ୍‌ଏଚ୍-୫୨୦ର ବାରବାଙ୍କ ଘାଟି ଅଞ୍ଚଳରେ ଭୂସ୍ଖଳନ ଯୋଗୁଁ ଯାତାୟାତ ପ୍ରଭାବିତ ହୋଇଥିବା ନଜିର ରହିଛି।

## ମାଲକାନଗିରିରେ ବନ୍ୟା ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ



**ମାଲକାନଗିରି,୨୬।୯ (ସଂଚାର ବ୍ୟୁରୋ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଜନିତ ପ୍ରବଳ ବର୍ଷା ପରେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସେଥିରେ ଜିଲ୍ଲାବାସୀଙ୍କୁ ଏକ ଆଶ୍ୱାସନାପୂର୍ଣ୍ଣ ସକାରାତ୍ମକ ବାର୍ତ୍ତା ଦେଇଛନ୍ତି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ। ଗତକାଲି ରାତିରୁ ଜିଲ୍ଲାରେ ବର୍ଷାର ପରିମାଣ ଯଥେଷ୍ଟ କମିଯାଇଛି ଏବଂ ବନ୍ୟା ସ୍ଥିତିରେ ଦ୍ରୁତ ସୁଧାର ଆସିବା ସହ ସମସ୍ତ ପରିସ୍ଥିତି ଏବେ ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି। ଗତ ୨୩ରୁ ୨୫ ମଧ୍ୟରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ମାଲକାନଗିରି, କାଲିମେଲା, ମାଥିଲି, ମୋଟୁ, ଖଇରପୁଟ, ଚିତ୍ରକୋଣ୍ଡା, କୋରୁକୋଣ୍ଡା ଏବଂ ପଡ଼ିଆ ଭଳି ୭ଟି ବ୍ଲକ ଓ ୭ଟି ତହସିଲ ପ୍ରଭାବିତ ହୋଇଥିଲା।

ଏହି ସମୟ ମଧ୍ୟରେ ସମୁଦାୟ ୮୬ଟି ଘର ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଛି, ଯେଉଁଥିରେ ୮୫ଟି କଚ୍ଚା ଘର ଏବଂ ୧ଟି ପକ୍କା ଘର ସାମିଲ ଅଛି, ଏବଂ ପ୍ରଶାସନ ପକ୍ଷରୁ ତୁରନ୍ତ ୩୨୪ ରୋଲ୍ ପଲିଥିନ୍ ସିଟ୍ ବିତରଣ କରାଯାଇଛି। ବର୍ଷା ଯୋଗୁଁ ୪୬ଟି ବିଦ୍ୟୁତ ଖୁଣ୍ଟ ଏବଂ ୧୨ଟି ଟ୍ରାନ୍ସଫର୍ମର ପ୍ରଭାବିତ ହେବା ଫଳରେ ପ୍ରାୟ ୧୨,୦୦୦ ଗ୍ରାହକ ପ୍ରଭାବିତ ହୋଇଛନ୍ତି ଏବଂ ଏହା ସହିତ ୧୫ଟି ଗ୍ରାମ୍ୟ ରାସ୍ତା ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଅନ୍ୟାନ୍ୟ କ୍ଷୟକ୍ଷତିର ଆକଳନ ଜାରି ରହିଛି।

ପ୍ରବଳ ବର୍ଷା ଯୋଗୁଁ ଜିଲ୍ଲାରେ ଜାତୀୟ ରାଜପଥ-୩୨୬ର ୫ଟି ପୋଲ ସମେତ ସମୁଦାୟ ୧୮ଟି ପୋଲ ପାଣିରେ ବୁଡ଼ି ରହିଥିଲା, ମାତ୍ର ବର୍ତ୍ତମାନ ପାଣି ସଫା ହେବା ପରେ ସମସ୍ତ ପୋଲ ଉପରୁ ବନ୍ୟା ଜଳ ସମ୍ପୂର୍ଣ୍ଣ କମିଯାଇଛି ଏବଂ ଯାତାୟାତ ସ୍ୱାଭାବିକ କରିବା ପାଇଁ ସବୁଗୁଡ଼ିକୁ ଖୋଲି ଦିଆଯାଇଛି। ସୁରକ୍ଷା ଓ ଉଦ୍ଧାର କାର୍ଯ୍ୟ ପାଇଁ ଜିଲ୍ଲାରେ ୨ଟି ଓଡ୍ରାଫ୍ ଟିମ୍, ବିପଦପୂର୍ଣ୍ଣ ସ୍ଥାନରେ ୭ଟି ଅଗ୍ନିଶମ ବାହିନୀ ଟିମ୍ ଏବଂ ବ୍ୟାପକ ପୋଲିସ ମୁତୟନ କରାଯାଇଛି।

## ଜଳିଗଲା ଦୋକାନ

**ବାଲିଅନ୍ତା,୨୬।୯ (ସଂଚାର ବ୍ୟୁରୋ):** ଆଜି ଦିନ ସାଢେ ୧ଟା ବେଳେ ବାଲିଅନ୍ତା ଥାନା ଅଧୀନ ରଙ୍ଗବଜାର ଛକ ନିକଟରେ ପାନ ଏବଂ ମାଛ ଦୋକାନ କରିଥିବା ସୁଦର୍ଶନ ମାହାରାଙ୍କ ଦୋକାନରେ ପାନ ଦୋକାନ କ୍ୟାବିନେରେ ନିଆଁ ଲାଗି ଜଳି ଯାଇଛି। ଖବର ପାଇ ବାଲିଅନ୍ତା ଅଗ୍ନିଶମ ... ହେଲେ ସେତେବେଳକୁ କ୍ୟାବିନ ଏବଂ ତା ଭିତରେ ଥିବା ପାନ ମସଲା, ୧୦ଟି ଖାଲି ମାଛ ବିକ୍ରି ଟ୍ରେ ଜଳିଯାଇଛି। ସୂଚନା ଅନୁସାରେ ସତ୍ୟଭାମାପୁର ଗ୍ରାମର ସୁଦର୍ଶନ ଆଜି ଭାଗବତ ବାସୁ ମାଛ ବେପାର କରି ଥିଲା। ଘରେ ପହଞ୍ଚିଲା ବେଳକୁ ଦୋକାନରେ ନିଆଁ ଲାଗି ଯାଇଥିବା ଖବର ପାଇ ପହଞ୍ଚିଲା ବେଳକୁ ଦୋକାନ ଜଳୁଥିବାର ଦେଖିବାକୁ ପାଇଥିଲେ।



## ସୋଆ ଏସ୍‌ପିଏସ୍‌ରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ



**ଭୁବନେଶ୍ୱର,୨୬।୯ (ସଂଚାର ବ୍ୟୁରୋ):** ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍ସେସ୍ (ଏସ୍‌ପିଏସ୍) ପକ୍ଷରୁ ଶୁକ୍ରବାର ବିଶ୍ୱ ଫାର୍ମାସିଷ୍ଟସ ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି।

ଏହି ଅବସରରେ ଏସ୍‌ପିଏସ୍‌ର ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏକ ସଚେତନତା ରାଲି ଆୟୋଜିତ ହୋଇଥିଲା। ଜନସାଧାରଣଙ୍କ ମଧ୍ୟରେ ଔଷଧ ପ୍ରତିରୋଧକତା ବା ଆଣ୍ଟିମାଇକ୍ରୋବିଆଲ୍ ରେଜିଷ୍ଟାନ୍ସ (ଏଏମ୍ଆର) ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ଆଂଟିବାୟୋଟିକ୍‌ର ଅପବ୍ୟବହାର ଓ ଅନୁଚିତ ବ୍ୟବହାରକୁ ରୋକିବା ଏହି ରାଲିର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ଏହି ରାଲିକୁ ଛାତ୍ର ସମନ୍ୱୟକ ଦିବ୍ୟଦର୍ଶନ ଧଳ ଏବଂ ସୁଶ୍ରୀ ସ୍ମୃତିଶ୍ରୀ ବଡଜେନା ପରିଚାଳନା କରିଥିଲେ। ରାଲି ପରେ ଏକ ଶପଥ ଗ୍ରହଣ ସମାରୋହ ମଧ୍ୟ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ କ୍ଷେତ୍ରରେ ଫାର୍ମାସିଷ୍ଟ ମାନଙ୍କ ଭୂମିକା ଓ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମରେ ସିଡିଏସ୍‌ସିଓର ଡ୍ରଗ୍ ଇନ୍ସପେକ୍ଟର ମଙ୍ଗଳ ଜ୍ୟୋତି ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରୋଗୀଙ୍କ ସୁରକ୍ଷା, ଔଷଧର ଯୁକ୍ତିଯୁକ୍ତ ବ୍ୟବହାର, ସ୍ୱାସ୍ଥ୍ୟସେବା ଏବଂ ସମାଜ ପ୍ରତି ଫାର୍ମାସିଷ୍ଟ ମାନଙ୍କର ଅବଦାନ ଉପରେ ଗୁରୁତ୍ୱାରୋପ କରିଥିଲେ।

କାର୍ଯ୍ୟକ୍ରମଟି ସ୍କୁଲ୍ ଅଫ୍ ଫାର୍ମାସିର ଡିନ୍ ପ୍ରଫେସର ଦେବଜ୍ୟୋତି ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ମାନବ ସମାଜର କଲ୍ୟାଣ ନିମନ୍ତେ ଫାର୍ମାସି ପେସାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିବା ନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ସଇଁତଳା ସିଭିଲ କୋର୍ଟ ପରିସରରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର



**ସଇଁତଳା,୨୬।୯ (ସଂଚାର ବ୍ୟୁରୋ):** ସଇଁତଳା ସିଭିଲ କୋର୍ଟ ପରିସରରେ ମହାନଦୀ ନେତ୍ର ଚିକିତ୍ସାଳୟ, ବିରାମହରାଜପୁର ପକ୍ଷରୁ ଏକ ମାଗଣା କମ୍ପ୍ୟୁଟରକୃତ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସଇଁତଳା ବାର ଆସୋସିଏସନ ପକ୍ଷରୁ ଆୟୋଜିତ ଏହି ଶିବିରରେ ସଇଁତଳା ସହର ତଥା ଆଖପାଖ ଅଞ୍ଚଳର ବହୁ ଲୋକ ଯୋଗଦେଇ ନିଜ ଚକ୍ଷୁ ପରୀକ୍ଷା କରାଇଥିଲେ।

ମହାନଦୀ ନେତ୍ର ଚିକିତ୍ସାଳୟର ଡାକ୍ତର ହର୍ଷିତା ଭିଭିଏନପି, ଚକ୍ଷୁ ବିଶେଷଜ୍ଞ ଦେବାଶିଷ ମେହେର ଏବଂ ତୁଷୁରା ଶାଖାର ଇନଚାର୍ଜ ବବଲୁ ସେଠୀଙ୍କ ସମେତ ଚିକିତ୍ସାଳୟର ଅନ୍ୟ କର୍ମଚାରୀମାନେ ଶିବିରରେ ଉପସ୍ଥିତ ରହି ଆସିଥିବା ଲୋକଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଆଖିର ବିଭିନ୍ନ ସମସ୍ୟା ନେଇ ଆସିଥିବା ଲୋକଙ୍କୁ ଆବଶ୍ୟକ ପରାମର୍ଶ ମଧ୍ୟ ପ୍ରଦାନ କରାଯାଇଥିଲା।

ଏହି ଅବସରରେ ସଇଁତଳା ମାଜିଷ୍ଟ୍ରେଟ ଦୀପିକା ବଡ଼ମାଳି ଶିବିର ପରିଦର୍ଶନ କରିଥିଲେ। ସେ ଚକ୍ଷୁ ପରୀକ୍ଷା ପ୍ରକ୍ରିୟା ଓ ଲୋକଙ୍କୁ ଦିଆଯାଉଥିବା ସେବା ସମ୍ପର୍କରେ ଅବଗତ ହୋଇଥିଲେ। ମାଗଣାରେ ଏଭଳି ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯିବା ଦ୍ୱାରା ଲୋକେ ଉପକୃତ ହେବା ସହ ଚକ୍ଷୁ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ ବୋଲି ମତ ପ୍ରକାଶ ପାଇଥିଲା

## ମା' ଲକ୍ଷ୍ମୀପୂଜା ପାଇଁ ମାଟି ଉଠାଣ



**ଯାଜପୁର ରୋଡ୍, ୨୬।୯ (ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଞ୍ଚଳ ମଣ୍ଡପ ଅଞ୍ଚଳରେ ଇନ୍ଦ୍ରୋତ୍ସବ ଓ ଭାଗବତ ଜନ୍ମୋତ୍ସବର ଉଲ୍ଲାସ ମଧ୍ୟରେ ମହାଦେବ ସେନା ଅନୁଷ୍ଠାନ ପକ୍ଷରୁ ମା' ଲକ୍ଷ୍ମୀ ପୂଜା ପାଇଁ ପବିତ୍ର ମାଟି ଉଠାଣ ପର୍ବ ଆଜି ଅନୁଷ୍ଠିତ ହୋଇଯାଇଛି। ମା' ଲକ୍ଷ୍ମୀ ହେଉଛନ୍ତି ଧନ, ଐଶ୍ୱର୍ଯ୍ୟ ଓ ସମୃଦ୍ଧିର ଅଧିଷ୍ଠାତ୍ରୀ ଦେବୀ। ବିଷ୍ଣୁପ୍ରିୟା ମା' ଲକ୍ଷ୍ମୀଙ୍କୁ ପୂଜା କଲେ ଘରେ ସୁଖ, ଶାନ୍ତି ଓ ସମୃଦ୍ଧି ବଢେ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ମହାଦେବ ସେନା ଅନୁଷ୍ଠାନ ପ୍ରତିବର୍ଷ ପରମ୍ପରା ଅନୁସାରେ ମାଟି ଉଠାଣରୁ ମୂର୍ତ୍ତି ନିର୍ମାଣ ପର୍ଯ୍ୟନ୍ତ ଭକ୍ତି ସହକାରେ ପୂଜା କାର୍ଯ୍ୟକୁ ପାଳନ କରିଥାଏ। ଏହି ଅବସରରେ ଆଜି ଜ୍ଞାନୀ ବ୍ରାହ୍ମଣ କାଳନ୍ଦୀ ଚରଣ ଦାଶଙ୍କ ମନ୍ତ୍ରପାଠ ଓ ହୋମାଦି ସହ ମଙ୍ଗଳା ମନ୍ଦିର ଅଂଚଳରୁ ଶଙ୍ଖ, ଘଂଟଧ୍ୱନିରେ ମାଟି ଉଠାଣ ହୋଇଥିଲା। କର୍ତ୍ତା ଭାବେ କମିଟି ସଦସ୍ୟ ମଥୁରୀ ସାହୁ ଏବଂ ତାଙ୍କପତ୍ନୀ ବନଜା ସାହୁ ମାଟି ଉଠାଣ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି ଅବସରରେ ମହାଦେବ ସେନାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଚାରିଦିନ ପରେ ବି ବନ୍ୟାବିପନ୍ନଙ୍କ ପାଖରେ ପହଞ୍ଚିଲାନି ପ୍ରଶାସନ

### ବିଧାୟକ ଦେଖାଇଲେ ମାନବିକତା



**ବୋରିଗୁମ୍ମା,୨୬।୯ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ବ୍ଲକ ର ବିଭିନ୍ନ ପଞ୍ଚାୟତ ରେ ଗତ ଚାରି ଦିନ ଧରି ଲଗାଣ ବର୍ଷାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି।ଲଗାଣ ବର୍ଷା ପରେ ଲୋକେ ଦୁର୍ଦ୍ଦଶାର ଶିକାର ହେଉଛନ୍ତି। କେଉଁ ପରିବାର ଘର ଭାଙ୍ଗିଛି ତ କେଉଁଠି ଲୋକଙ୍କୁ ପାଣି ଘେରରୁ ଉଦ୍ଧାର କରି ବାତ୍ୟା ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ସମ୍ପ୍ରତି ପ୍ରବଳ ବର୍ଷା ଓ ବନ୍ୟାରେ ଜୟପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବୋରିଗୁମ୍ମା ବ୍ଲକ୍‌ର ବଡ଼ିଗାଁ ଗ୍ରାମ ପଞ୍ଚାୟତର ଭିତରବଡ଼ି, ଗୁରୁମାଇଗୁଡ଼ା ଓ ଟୋକିଗୁଡ଼ା ଅଞ୍ଚଳର ଅନେକ ପରିବାର ଏବେ ପାଣି ଘେରରେ ରହିଛନ୍ତି। ଅପରପକ୍ଷେ ବନ୍ୟାକୁ ଚାରି ଦିନ ବିତିଥିଲେ ମଧ୍ୟ ପ୍ରଶାସନ ଏମାନଙ୍କ ପାଖରେ ପହଞ୍ଚି ପାରିନାହିଁ। ଯାହାକୁ ନେଇ ଗ୍ରାମବାସୀ ମାନେ ପ୍ରଶାସନ ଉପରେ ଅସନ୍ତୋଷ ପ୍ରକଟ କରିଛନ୍ତି । ଚାଷଜମିରେ ପାଣି ପଶିବା ସହ ବିଭିନ୍ନ ଫସଲ ନଷ୍ଟ ହୋଇଥିବାରୁ ଚାଷୀ ଓ ସାଧାରଣ ପରିବାରମାନେ ଗଭୀର ଆର୍ଥିକ ଓ ମାନସିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି।

ଅନ୍ୟପଟେ ଏହି କଠିନ ସମୟରେ ମାନବିକତା ଦେଖାଇ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ବିଧାନସଭା କ୍ଷେତ୍ର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହ ରିଲିଫ ବଣ୍ଟନ କରିଥିଲେ। ବିଧାୟକଙ୍କ ଉପସ୍ଥିତିରେ କଂଗ୍ରେସ ଦଳର ନେତା, କର୍ମୀ ଓ ସହଯୋଗୀମାନଙ୍କ ପକ୍ଷରୁ ପ୍ରଭାବିତ ଲୋକମାନଙ୍କୁ ସୁଖିଲା ଖାଦ୍ୟ ପାନୀୟ ଜଳ ଓ କମ୍ବଳ ସହ ଆବଶ୍ୟକ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଥିଲା।

ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରଭାବିତ ପରିବାରମାନଙ୍କ କ୍ଷୟକ୍ଷତିର ଯଥାଶୀଘ୍ର ଆକଳନ କରି ଉଚିତ ସରକାରୀ ସହାୟତା, ଚାଷୀମାନଙ୍କୁ କ୍ଷତିପୂରଣ ଏବଂ ଆବଶ୍ୟକ ରିଲିଫ୍ ସୁବିଧା ପହଞ୍ଚାଇବା ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

ଲଗାଣ ବର୍ଷାରେ ବୋରିଗୁମ୍ମା ବ୍ଲକର ବୋରିଗୁମ୍ମା ସହର ସମେତ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ପଞ୍ଚାୟତ ବନ୍ୟା ପରେ ପ୍ରଭାବିତ ହେବା ସହ କଚ୍ଚାଘର ଭାଙ୍ଗିଥିବା ଦେଖାଦେଇଛି।

## ପାଣି ସ୍ରୋତରେ ସାରା ରାତି ଜୀବନ ଜିଇଁବାର ସଂଘର୍ଷ

**ହିଞ୍ଜିଳିକାଟୁ,୨୬।୯ (ସଂଚାର ବ୍ୟୁରୋ):** ହିଞ୍ଜିଳି ନିକଟବର୍ତ୍ତୀ ଖଣ୍ଡରା ଗ୍ରାମର ଜନୈକ ବ୍ୟକ୍ତି ନଦୀକୁ ମାଛ ଧରିବାକୁ ଯାଇ ଗତକାଲି ନିଖୋଜ ହୋଇଥିଲେ। ଯୁବକ ଜଣକ ହେଲେ ଖଣ୍ଡରା ଗ୍ରାମର ପ୍ରକାଶ ବେହେରା (୬୫) | ଅସାବଧାନତାରୁ ଗୋଡ଼ ଖସି ଭାସିଯାଇ ଗୋଟେ ବେଣା ଲଟାକୁ ଧରି ପାଣି ସ୍ରୋତରେ ସାରା ରାତି ଜୀବନ ଜିଇଁବାର ସଂଘର୍ଷ ଜାରି ରଖିଥିଲେ। ସନ୍ଧ୍ୟା ଓ ରାତିରେ ହିଞ୍ଜିଳି ଦମକଳ ବାହିନୀର ଟିମ ବହୁ ଖୋଜାଖୋଜି ପରେ ବୃଦ୍ଧଙ୍କୁ ନ ପାଇ ଫେରିଥିଲେ। ଆଜି ସକାଳେ ନଦୀରେ ପାଣି କମିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟ ଓ ଉନ୍ନତ ଚିକିତ୍ସା ସକାଶେ ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଥିବା ଜଣାପଡିଛି |

## ବିଦ୍ୟୁତ ବିଭ୍ରାଟକୁ ନେଇ ତୀବ୍ର ଅସନ୍ତୋଷ



**ସତ୍ୟବାଦୀ,୨୬।୯ (ସଂଚାର ବ୍ୟୁରୋ):** ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଲଗାଣ ବର୍ଷା ଓ ପବନ ଯୋଗୁଁ ସାକ୍ଷୀଗୋପାଳ ବିଦ୍ୟୁତ ଉପଖଣ୍ଡ ଅନ୍ତର୍ଗତ ୪ଟି ସେକ୍ସନରେ ବୁଧବାରଠାରୁ ବିଦ୍ୟୁତ ସେବା ବ୍ୟାହତ ହୋଇଛି। ଫଳରେ ୫୦ ହଜାରରୁ ଉର୍ଦ୍ଧ୍ୱ ଘରୋଇ ଉପଭୋକ୍ତା, ୧୦ଟି ଡାକ୍ତରଖାନା ସମେତ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ପ୍ରଭାବିତ ହୋଇଛନ୍ତି। ପ୍ରାୟ ୧୮ ଘଣ୍ଟା ବିଦ୍ୟୁତ ବନ୍ଦ ରହିବା ପରେ ସାକ୍ଷୀଗୋପାଳ ବଜାର ଓ ଏକ୍ସପ୍ରେସ୍ ଫିଡର ଅଧୀନ ମୂଳ ଅଳସା, ଶ୍ରୀରାମଚନ୍ଦ୍ରପୁର, ନୂଆ ସୋମେଶ୍ୱରପୁର ପ୍ରଭୃତି ପଞ୍ଚାୟତରେ ବିଦ୍ୟୁତ ସେବା ସ୍ୱାଭାବିକ ହୋଇଛି। ତେବେ ପଶ୍ଚିମ ସତ୍ୟବାଦୀର ଅଳଗୁମ, ମଧୁବନ ଓ ଶୁକଳ ପଞ୍ଚାୟତରେ ଏବେ ବି ବିଦ୍ୟୁତ ଯୋଗାଣ ସ୍ୱାଭାବିକ ହୋଇପାରିନାହିଁ। ବର୍ତ୍ତମାନ ଅଳଗୁମରେ ମା' ଜଗେଶ୍ୱରୀଙ୍କ ୧୨ ଦିନାତ୍ମକ କଠିଯାତ୍ରା ଚାଲୁଥିବାରୁ ବିଦ୍ୟୁତ ବିଭ୍ରାଟକୁ ନେଇ ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ିଛି। ବିଶେଷକରି ଉତ୍ସବ ସମୟରେ ଦୀର୍ଘ ସମୟ ଧରି ବିଦ୍ୟୁତ ନଥିବାରୁ ସାଧାରଣ ଜୀବନ ପ୍ରଭାବିତ ହୋଇଛି।

ଏ ସମ୍ପର୍କରେ ସାକ୍ଷୀଗୋପାଳ ବିଦ୍ୟୁତ ଉପଖଣ୍ଡ କାର୍ଯ୍ୟାଳୟର ଏସ୍‌ଡିଓ ବସନ୍ତ ପତିଙ୍କ ସହ ଯୋଗାଯୋଗ କରିବାରେ ସେ କହିଛନ୍ତି ଯେ, ବାତ୍ୟା ପ୍ରଭାବରେ ଲଗାଣ ବର୍ଷା ଓ ପବନ ଯୋଗୁଁ ଗଛଡାଳ ଓ ନଡ଼ିଆ ଗଛ ପଡ଼ି ବିଦ୍ୟୁତ ଭିତ୍ତିଭୂମିର ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଦ୍ୟୁତ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାମ ଚାଲିଛି। ଖୁବ୍‌ଶୀଘ୍ର ୪ଟି ସେକ୍ସନରେ ବିଦ୍ୟୁତ ଯୋଗାଣ ସମ୍ପୂର୍ଣ୍ଣ ସ୍ୱାଭାବିକ ହେବ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବର୍ଷ ତମାମ ବାରମ୍ବାର ବିଦ୍ୟୁତ କାଟ କରି ମରାମତି କରାଯାଉଥିଲେ ମଧ୍ୟ ସାମାନ୍ୟ ବର୍ଷା ଓ ପବନରେ ବିଦ୍ୟୁତ ସରବରାହ ବ୍ୟାହତ ହେଉଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ଅଜଣା ଟ୍ରକ ଧକ୍କାରେ ଏକମାତ୍ର ରୋଜଗାରିଆ ପୁଅର ମୃତ୍ୟୁ

### କ୍ଷତିପୂରଣ ପ୍ରତିଶ୍ରୁତି ପରେ ହଟିଲା ରାସ୍ତା ଅବରୋଧ



**ସୁନ୍ଦରଗଡ଼,୨୬।୯ (ସଂଚାର ବ୍ୟୁରୋ):** ଗତକାଲି ଶୁକ୍ରବାର ରାତି ପ୍ରାୟ ସାଢ଼େ ୮ଟା ସମୟରେ ବଡବଙ୍ଗା ଓଭରବ୍ରିଜ ନିକଟରେ ଘଟିଥିଲା ଏକ ଦୁର୍ଘଟଣା। ଏକ ଅଜଣା ଆଶ୍ ପରିବହନକାରୀ ଟ୍ରକ ଧକ୍କାରେ ଗୁରୁତର ହୋଇ ଥିଲେ ବଡବଙ୍ଗା ଗାଁର ରିଙ୍କୁ ସୁନ୍ୟାନି। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ରିଙ୍କୁଙ୍କୁ ମୃତ ଘୋଷଣା କରିଥିଲେ । ମୃତଦେହକୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମର୍ଗ ହାଉସକୁ ପଠାଯାଇଥିବା ବେଳେ ଲେଫ୍ରିପଡ଼ା ପୋଲିସକୁ ମଧ୍ୟ ଅବଗତ କରାଯାଇଥିଲା।

କିନ୍ତୁ ରିଙ୍କୁଙ୍କ ମୃତ୍ୟୁ କେବଳ ଜଣେ ବ୍ୟକ୍ତିଙ୍କ ଜୀବନ ନେଇନି, ଭାଙ୍ଗି ଦେଇଛି ଗୋଟିଏ ପରିବାରର ଭରସା। ପରିବାରର ଏକମାତ୍ର ରୋଜଗାରର ଉତ୍ସ ଥିଲେ ରିଙ୍କୁ। ବାପା-ମାଆ ଉଭୟେ ରୋଗାକ୍ରାନ୍ତ ହୋଇ ବିଛଣାରେ। ପରିବାରର ଭରଣପୋଷଣ ଦାୟିତ୍ୱ ତାଙ୍କ ଉପରେ ଥିଲା। ଦୁଇ ବର୍ଷ ତଳେ ବିବାହ କରିଥିଲେ ରିଙ୍କୁ। ହେଲେ ହଠାତ୍ ଦୁର୍ଘଟଣା ସବୁକିଛି ଛଡ଼ାଇନେଲା। ଏବେ ପରିବାରର ଭବିଷ୍ୟତକୁ ନେଇ ପ୍ରଶ୍ନ, ଆଉ ଏହି ପ୍ରଶ୍ନର ଉତ୍ତର ଦାବିରେ ଆଜି ରାସ୍ତାକୁ ଓହ୍ଲାଇଥିଲେ ବଡବଙ୍ଗା ଗ୍ରାମବାସୀ। ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦାବିରେ କୋଲ କରିଡର ରାସ୍ତା ଅବରୋଧ କରି ଅସନ୍ତୋଷ ପ୍ରକାଶ କରିଥିଲେ ସ୍ଥାନୀୟ ଲୋକେ। ଘଟଣାସ୍ଥଳରେ ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ର ପହଞ୍ଚି ବିକ୍ଷୋଭକାରୀଙ୍କ ସହ ଆଲୋଚନା କରି ସମାଧାନ କରିଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ଅଜଣା ଟ୍ରକକୁ ଚିହ୍ନଟ କରିବା ସହ ପରିବାରକୁ ନ୍ୟାୟ ଓ ଉପଯୁକ୍ତ କ୍ଷତିପୂରଣ ଦେବା ଦାବି ଜୋର ଧରିଥିଲା। ଶେଷରେ ବଡ଼ବଙ୍ଗା ସରପଞ୍ଚ ସନ୍ତୋଷ ସୁରେନ, ପୂର୍ବତନ ସରପଞ୍ଚ ପରମେଶ୍ୱର ନାଏକ, ସୁରେଶ କୁମାର ପଟେଲ, ଉତ୍ୟକ୍ତ ଗ୍ରାମବାସୀ ଓ ମୃତ ପରିବାରଙ୍କୁ ଉପଯୁକ୍ତ କ୍ଷତି ପୂରଣ ଦେବା ପାଇଁ ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟାଇଥିଲେ। ପରେ ସ୍ୱାଭାବିକ ଭାବରେ କୋଲ କରିଡର ରାସ୍ତାରେ ଗାଡି ଚଳାଚଳ ହୋଇଥିଲା।

## ଭେଡାବାହାଲ-ଡୁଡୁକା କୋଲ୍ କରିଡରରେ ଟ୍ରାଫିକ ଜାମ୍, ଲୋକେ ହନ୍ତସନ୍ତ



**ସୁନ୍ଦରଗଡ଼,୨୬।୯ (ସଂଚାର ବ୍ୟୁରୋ):** ଭେଡାବାହାଲଠାରୁ ଡୁଡୁକା ପର୍ଯ୍ୟନ୍ତ କୋଲ୍ କରିଡରରେ ଦିନରାତି ଲାଗି ରହୁଛି ଭୟଙ୍କର ଟ୍ରାଫିକ୍ ଜାମ୍। କୋଇଲା ପରିବହନରେ ନିୟୋଜିତ ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତାରେ ଦୀର୍ଘ ସମୟ ଧରି ଗାଡ଼ି ଅଟକି ରହୁଥିବା ଅଭିଯୋଗ ହେଉଛି। ଏହାର ସିଧାସଳଖ ପ୍ରଭାବ ପଡୁଛି ସାଧାରଣ ଜନଜୀବନ ଉପରେ।

ସବୁଠାରୁ ଚିନ୍ତାର ବିଷୟ ହେଉଛି, ଜାମ୍ ମଧ୍ୟରେ ଅନେକ ସମୟରେ ଆମ୍ବୁଲାନ୍ସ ମଧ୍ୟ ଫସି ରହୁଛି। ଫଳରେ ଜରୁରୀ ଚିକିତ୍ସା ପାଇଁ ଯାଉଥିବା ରୋଗୀଙ୍କ ଜୀବନ ମଧ୍ୟ ବିପଦରେ ପଡୁଛି। ଦୀର୍ଘ ସମୟ ଧରି ରାସ୍ତା ଜାମ୍ ରହିବା ସହ ଏହି ଅଞ୍ଚଳରେ ଦୁର୍ଘଟଣା ନେଇ ମଧ୍ୟ ଚିନ୍ତା ବଢ଼ିଛି। ବିଭିନ୍ନ ସମୟରେ ଘଟୁଥିବା ଦୁର୍ଘଟଣାରେ ଅନେକ ଜୀବନ ହାନି ହେବାରେ ଲାଗିଛି

ସ୍ଥାନୀୟ ଲୋକଙ୍କ ପ୍ରଶ୍ନ— କୋଇଲା ପରିବହନରୁ ଟ୍ରାନ୍ସପୋର୍ଟର ଓ ଖଣି ସମ୍ପର୍କିତ ବ୍ୟବସ୍ଥାରେ ଜଡ଼ିତ ଲୋକେ ଲାଭ ପାଉଥିବାବେଳେ, ଏହାର ମୂଲ୍ୟ କାହିଁକି ସାଧାରଣ ଜନତା ଦେବେ?

ଜାମ୍, ଦୁର୍ଘଟଣା ଓ ଆମ୍ବୁଲାନ୍ସ ଅଟକିବା ଭଳି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ, ଏମ୍‌ସିଏଲ୍, ଟ୍ରାନ୍ସପୋର୍ଟର ଓ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ମିଳି ଠୋସ୍ ପଦକ୍ଷେପ ନେବାକୁ ଦାବି ହେଉଛି।

ମୂଳ ପ୍ରଶ୍ନ ହେଉଛି— 'ମାଇନ୍ସରୁ ନୋ ଏଣ୍ଟ୍ରି' ବ୍ୟବସ୍ଥା କାହା ସ୍ୱାର୍ଥ ପାଇଁ, ଏବଂ ଏହାର ଭାର ସାଧାରଣ ଲୋକ କେତେଦିନ ପର୍ଯ୍ୟନ୍ତ ବୋହିବେ? ଟ୍ରାନ୍ସପୋର୍ଟର ଓ ଖଣି ଅଧିକାରୀ ଙ୍କ ମଧୁଚନ୍ଦ୍ରିକା ଯୋଗୁଁ ସାଧାରଣ ଜନତା ବିଭିନ୍ନ ହଇରାଣର ସାମ୍ନା କରୁଛନ୍ତି।

# ବୁଡିଲା କିଆରୀ, କାନ୍ଦୁଛି ଚାଷୀ

### ପୋକ ଆତଙ୍କରେ ବେହାଲ ଏକର ଏକର ଗର୍ଭଣୀ ଧାନ

### ପତ୍ରପୋଡା, କାଣ୍ଡବିନ୍ଧା, ଗୁଣ୍ଡି ପୋକ ଖାଇଲା ଫସଲ

### ରିହାତି ବନ୍ଦ, ଚାଷୀ କହିଲା ଋଣ ଶୁଝିବୁ କେମିତି?



**କାକଟପୁର/ଅସ୍ତରଙ୍ଗ,୨୬।୯ (ସଂଚାର ବ୍ୟୁରୋ):** ଚାରି ମାସର ଝାଳବୁହା ପରିଶ୍ରମ ଆଖି ଆଗରେ ପାଣିରେ ଭାସୁଛି। କିଆରୀ ମୁଣ୍ଡରେ ବସି ମୁଣ୍ଡରେ ହାତ ଦେଇ କାନ୍ଦୁଛି ଅନ୍ନଦାତା। ଏ କରୁଣ ଦୃଶ୍ୟ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକର ଓଥକା, କଣ୍ଠାପଡା, ସୁଦିକେଶ୍ୱର, ବେଗୁନିଆବସ୍ତ, କେନ୍ଦ୍ରାପଟି, ଶିଶୁଅର। ଯେଉଁଠି ଗର୍ଭଣୀ ଧାନ ଉପରେ ଏକା ସଙ୍ଗେ ଦୁଇ ଦଫା ମାଡ - ତଳେ ଆଣ୍ଠୁଏ ପାଣି, ଉପରେ ମାରାତ୍ମକ ପୋକ। ଆଉ ସବୁଠୁ ବଡ ଦୁଃଖ - ଏ ବିପଦ ବେଳେ କୃଷି ବାବୁ ଫିଲ୍ଡରେ ନାହାନ୍ତି, ରିହାତି ଔଷଧ ବନ୍ଦ।

ଲଘୁଚାପ ଜନିତ ଗତ ୩ ଦିନର ଲଗାଣ ବର୍ଷାରେ ଦୁଇ ବ୍ଲକର ୧ ହଜାର ଏକରରୁ ଅଧିକ ଜମି ଜଳମଗ୍ନ। ସବୁ ଜମିରେ ଆଣ୍ଠୁଏ ପର୍ଯ୍ୟନ୍ତ ପାଣି। ଧାନ ଏବେ ସବୁଠୁ ସମ୍ବେଦନଶୀଳ ଗର୍ଭଣୀ ଅବସ୍ଥାରେ - କେଣ୍ଡା ବାହାରିବାର ଠିକ୍ ୧୦ ଦିନ ପୂର୍ବରୁ। ଏହି ସମୟରେ ପାଣି ଜମିଲେ ଗଛ ମୂଳ ସଢ଼ିଯାଏ, କେଣ୍ଡା ଭିତରେ ମରି ଧଳା ପଡିଯାଏ। ପାଣି ବାହାରିବାକୁ ନାଳ ନାହିଁ, ପମ୍ପ ନାହିଁ। ଚାଷୀ ପାଗଳ ପରି କିଆରୀ ଚାରି ପଟେ ଘୁରୁଛି। ପାଣି ପୂର୍ବରୁ ଗତ ୧୫ ଦିନ ହେଲା ଧାନରେ ଲାଗିଛି ମହା ପୋକ। ୩ ପ୍ରକାର ପୋକ ଏକା ସଙ୍ଗେ ଆକ୍ରମଣ କରିଛି।

ପତ୍ରକୁ ମୋଡି ଭିତରେ ରହି ସବୁଜ ଅଂଶ ଖାଇ ପତ୍ରକୁ ଧଳା କରି ଦେଉଛି। କାଣ୍ଡ ଭିତରେ ପଶି କେଣ୍ଡାକୁ କାଟି ଦେଉଛି, ଫଳରେ ଗଛ ଉପରୁ ଶୁଖି ମରି ଯାଉଛି। ଗୋଛା ପିଛା ୧୦-୧୫ଟି ଗୁଣ୍ଡି ରସ ଶୋଷି ଗଛକୁ ଦୁର୍ବଳ କରୁଛି।

ପୂର୍ବରୁ କୃଷି ଅଫିସରୁ ୫୦% ରିହାତିରେ ଔଷଧ ମିଳୁଥିଲା, ଏବେ ବନ୍ଦ। ବଜାରରୁ ଏକର ପିଛା ୨ ହଜାର ଟଙ୍କାର ବିଷ କିଣିବାକୁ ପଡୁଛି। ଦୁଇ ଥର ମାରିଲେ ୪ ହଜାର ସରୁଛି, ବର୍ଷାରେ ଧୋଇ ଯାଉଛି। ନକଲି ଔଷଧ ବିକ୍ରି ଚାଲିଛି। ବେଗୁନିଆବସ୍ତର ଅଭୟ ସେଠୀଙ୍କ କୋହ - "ମୁଁ ଦୁଇ ଏକରରେ ସ୍ୱର୍ଣ୍ଣ ଲଗାଇଛି। ବ୍ୟାଙ୍କରୁ ୩୦ ହଜାର ଋଣ। ୧୫ ଦିନ ହେଲା ପୋକ ଲାଗିଛି। ଧାର କରି ଦୁଇ ଥର ବିଷ ମାରିଲି, ୪ ହଜାର ଗଲା। ଏବେ ଆଣ୍ଠୁଏ ପାଣିରେ ସବୁ ବୁଡିଲା। କୃଷି ବାବୁ ଫିଲ୍ଡକୁ ଆସୁ ନାହାନ୍ତି। କେଉଁ ବିଷ ମାରିବୁ କେହି କହିବାକୁ ନାହିଁ। ଏମିତି ହେଲେ ଋଣ ଶୁଝିବୁ କେମିତି? ଆତ୍ମହତ୍ୟା ଛଡା ବାଟ ନାହିଁ।"

ନଈଗୁଆଁର ମାଧବ ବରାଳଙ୍କ ଆକ୍ରୋଶ - "ତିନି ଏକର ପୁରା ବୁଡିଛି। ମରୁଡି ହୋଇ ଧାନ ଧଳା ପଡିଲାଣି। ଗୁଣ୍ଡି ପୋକ ଗଦା। ପୂର୍ବରୁ ବ୍ଲକରୁ ଔଷଧ ମିଳୁଥିଲା, ଏବେ ନାହିଁ। ଅଧିକାରୀଙ୍କୁ ଫୋନ୍ କଲେ ଉଠାଉ ନାହାନ୍ତି। ଚାଷୀଙ୍କ ଏକମାତ୍ର ଦାବି - ଆଜି ହିଁ କୃଷି ବିଭାଗ ଫିଲ୍ଡକୁ ଆସୁ, ପାଣି ନିଷ୍କାସନ ପାଇଁ ପମ୍ପ ଓ ରିହାତି ଔଷଧ ଯୋଗାଇ ଦିଆଯାଉ, କ୍ଷତିପୂରଣ ଆକଳନ ହେଉ।

# ଓଡ଼ିଆକୁ ଜ୍ଞାନ, ଦକ୍ଷତା ଓ ସୁଯୋଗର ଭାଷା କରିବାକୁ ରାଜ୍ୟପାଳଙ୍କ ଆହ୍ୱାନ



**‘ଉଠିବ କି ଜାତିର କଙ୍କାଳ’ ସଂକଳନ ଉନ୍ମୋଚିତ**

ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ): ଓଡ଼ିଆ ଭାଷାକୁ ଜ୍ଞାନ, ଦକ୍ଷତା, ନବସୃଜନ ଓ ସୁଯୋଗର ଭାଷା ଭାବେ ବିକଶିତ କରିବା ପାଇଁ ସମସ୍ତଙ୍କ ସମନ୍ୱିତ ପ୍ରୟାସ ଆବଶ୍ୟକ। କେବଳ ଓଡ଼ିଆ କହିବା ନୁହେଁ, ଏହି ଭାଷାରେ ଜ୍ଞାନ ହାସଲ, ଦକ୍ଷତା ବିକାଶ ଓ ନୂଆ ସୁଯୋଗ ସୃଷ୍ଟି କରିବା ହିଁ ଭାଷାର ପ୍ରକୃତ ସଶକ୍ତୀକରଣ ବୋଲି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଶନିବାର ସାମାଜିକ-ସାଂସ୍କୃତିକ ଓ ସାହିତ୍ୟିକ ଅନୁଷ୍ଠାନ ‘ବିଶ୍ୱମୁକ୍ତି’ ପକ୍ଷରୁ ଆୟୋଜିତ ‘ଆମ ଭାଷା-ଆମ ଗର୍ବ ଓ ବିକଶିତ ଓଡ଼ିଶା ୨୦୩୬ ପାଇଁ ଦୃଷ୍ଟିଭଙ୍ଗୀ’ ଶୀର୍ଷକ ରାଜ୍ୟସ୍ତରୀୟ ସେମିନାରରେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ଅବସରରେ ଆଇନ, ଅବକାରୀ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ରଚିତ କବିତା ସଂକଳନ ‘ଉଠିବ କି ଜାତିର କଙ୍କାଳ’ ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କବିତା ସଂକଳନ ପ୍ରକାଶ ପାଇଁ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇଥିଲେ। ରାଜ୍ୟପାଳ କହିଥିଲେ ଯେ ଓଡ଼ିଆରେ ଗୁଣାତ୍ମକ ଶିକ୍ଷା ସାମଗ୍ରୀ, ବିଶେଷକରି ବୈଷୟିକ, ବୈଜ୍ଞାନିକ ଓ ବୃତ୍ତିଗତ ବିଷୟର ପୁସ୍ତକ ଉପଲବ୍ଧ ହେବା ଆବଶ୍ୟକ। ଆଇନ, ସରକାରୀ ଯୋଜନା ଓ ଜରୁରୀ ସରକାରୀ ଦସ୍ତାବିଜକୁ ମଧ୍ୟ ସରଳ ଓ ସହଜ ଓଡ଼ିଆରେ ଅନୁବାଦ କରାଯିବା ଦରକାର। ଏହାଦ୍ୱାରା ବିଶେଷକରି ଓଡ଼ିଆ ମାଧ୍ୟମର ଛାତ୍ରଛାତ୍ରୀମାନେ ସହଜରେ ବୁଝିବା, ଶିଖିବା ଓ ଆଗକୁ ବଢ଼ିବାର ସୁଯୋଗ ପାଇବେ।

ଭାଷା କେବଳ ଯୋଗାଯୋଗର ମାଧ୍ୟମ ନୁହେଁ ବୋଲି ମତ ଦେଇ ରାଜ୍ୟପାଳ କହିଥିଲେ ଯେ ମାତୃଭାଷା ଏକ ଜାତିର କଳ୍ପନା, ମୂଲ୍ୟବୋଧ ଓ ସାମୂହିକ ଆକାଂକ୍ଷାକୁ ପ୍ରତିଫଳିତ କରେ। ଏହା ଶିଶୁମାନଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହ ସମାଜରେ ଜ୍ଞାନ ବିନିମୟ ଓ ସାମାଜିକ-ଆର୍ଥିକ ଜୀବନରେ ସଫଳ ଭାବେ ଅଂଶଗ୍ରହଣରେ ସହାୟକ ହୁଏ।

ଓଡ଼ିଶାର ସମୃଦ୍ଧ ଭାଷା ଓ ସାହିତ୍ୟ ପରମ୍ପରା ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ ଜୟଦେବ, ସାରଳା ଦାସ ଓ ଉପେନ୍ଦ୍ର ଭଞ୍ଜଙ୍କ ଅବଦାନକୁ ସ୍ମରଣ କରିଥିଲେ। ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଓଡ଼ିଶାର ଗଠନ ଏକ ଐତିହାସିକ ସଫଳତା ଥିଲା ବୋଲି କହିବା ସହ ଭାଷା, ଐତିହ୍ୟକୁ ସୁରକ୍ଷିତ, ସମୃଦ୍ଧ କରିବା ଓ ଆଗକୁ ନେବାରେ ପ୍ରତ୍ୟେକ ପିଢ଼ିର ଦାୟିତ୍ୱ ରହିଛି ବୋଲି ରାଜ୍ୟପାଳ କହିଥିଲେ।

# ସମ୍ବଲପୁରରେ ହେବନି ଏମ୍ସ

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ମନା କଲେ ନଡ୍ଡା**

ସମ୍ବଲପୁର,୨୬।୯(ସଂଚାର ବ୍ୟୁରୋ): ସମ୍ବଲପୁରରେ ଏମ୍ସ ପ୍ରତିଷ୍ଠା ନେଇ ରାଜ୍ୟ ସରକାରଙ୍କ ଆଶାକୁ ଆଜି ବଡ଼ ଝଟ୍‌କା ଲାଗିଛି। ସମ୍ବଲପୁରରେ ନୂଆ ଏମ୍ସ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ର ସରକାରଙ୍କୁ କରିଥିବା ଅନୁରୋଧର ଉତ୍ତରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଚିଠି ଲେଖିଥିବା ସୂଚନା ମିଳିଛି।

ଗତ ୨୦୨୪ ଅଗଷ୍ଟ ୨୭ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁରରେ ଏମ୍ସ ସ୍ଥାପନ ପାଇଁ କେନ୍ଦ୍ରକୁ ଚିଠି ଲେଖିଥିଲେ। ଏହାପରେ ଉକ୍ତ ବର୍ଷ ଅକ୍ଟୋବରରେ ଜେପି ନଡ୍ଡା ମୁଖ୍ୟମନ୍ତ୍ରୀଙ୍କୁ ଜବାବ ଦେଇଥିବା କୁହାଯାଉଛି। ଚିଠିରେ ସମ୍ବଲପୁରରେ ନୂଆ ଏମ୍ସ ସ୍ଥାପନ ପରିବର୍ତ୍ତେ ରାଜ୍ୟର ୩ଟି ବଡ଼ ମେଡିକାଲ କଲେଜ ଓ ହସ୍ପିଟାଲର ଉନ୍ନତିକରଣ ଉପରେ ଗୁରୁତ୍ୱ ଦେବାକୁ ପ୍ରସ୍ତାବ ଦିଆଯାଇଥିବା ଜଣାପଡ଼ିଛି। ସମ୍ବଲପୁରରେ ଏମ୍ସ ପାଇଁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ବଜେଟରେ କୌଣସି ବ୍ୟବସ୍ଥା ନ ଥିବା ମଧ୍ୟ ଚିଠିରେ ଉଲ୍ଲେଖ ଥିବା ଦାବି କରାଯାଉଛି।

ଉଲ୍ଲେଖଯୋଗ୍ୟ ଯେ ସମ୍ବଲପୁରରେ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ସମୟରେ ମୁଖ୍ୟମନ୍ତ୍ରୀ ସେଠାରେ ଏମ୍ସ ସ୍ଥାପନ ନେଇ ଘୋଷଣା କରିଥିଲେ। ଏହାପରେ ସମ୍ବଲପୁରରୁ ଫେରି କେନ୍ଦ୍ର ସରକାରଙ୍କୁ ଏନେଇ ଚିଠି ଲେଖିଥିଲେ। ଏବେ କେନ୍ଦ୍ରର ଏହି ଉତ୍ତର ପରେ ସମ୍ବଲପୁରରେ ଏମ୍ସ ସ୍ଥାପନ ଦାବିକୁ ନେଇ ପୁଣି ଚର୍ଚ୍ଚା ଜୋର ଧରିଛି। ତେବେ ରାଜ୍ୟ ସରକାର ଏହି ପ୍ରସଙ୍ଗରେ ପରବର୍ତ୍ତୀ ପଦକ୍ଷେପ କଣ ନେବେ, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।



# ଗଣେଶ ପୂଜାର ଆଜ୍ଞା ଲଡୁ ୧୭ ଲକ୍ଷରେ ନିଲାମ

ତାଳଚେର,୨୬।୯(ସଂଚାର ବ୍ୟୁରୋ): ତାଳଚେର ଗଣେଶ ପୂଜାର ଆଜ୍ଞା ଲଡୁ ନିଲାମ ହୋଇଛି। ୪ ଟନ ଓଜନବିଶିଷ୍ଟ ଏହି ବିଶାଳକାୟ ଲଡୁକୁ ୧୭ ଲକ୍ଷ ଟଙ୍କାରେ ନିଲାମରେ ନେଇଯାଇଛନ୍ତି। ଏହାକୁ ନିଲାମ ନେଇଛନ୍ତି ତାଳଚେର ଡାଇମଣ୍ଡ ଗ୍ରୁପ ଭଉଣୀର ଗୋଟିଏ ଦିନ ପୂର୍ବରୁ ତାଳଚେର ଗଣପତି ଗଣେଶ ପୂଜାର ଏହି ଲଡୁ ନିଲାମ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପୂଜାର୍ଚ୍ଚନା କରି ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ଏକ ଟ୍ରକରେ ଏହି ଲଡୁକୁ ନିଲାମସ୍ଥଳକୁ ଅଣାଯାଇଥିଲା। ପରେ ପରେ ପ୍ରଶାସନ ଓ କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ନିଲାମ ଡକାଯାଇଥିଲା। ଏକ ଲକ୍ଷରୁ ନିଲାମ ଡାକ ଆରମ୍ଭ ହୋଇଥିବା ବେଳେ ଶେଷରେ ୧୭ ଲକ୍ଷ ଟଙ୍କାରେ ଡାଇମଣ୍ଡ ଗ୍ରୁପ ଏହାକୁ ନିଲାମରେ ନେଇଥିଲେ। ନିଲାମ ଡାକରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲାର ସମସ୍ତ ବିଧାୟକଙ୍କ ସହ ତାଳଚେର ଉପଜିଲ୍ଲାପାଳ ଓ ଏସଡିପିଓ ଉପସ୍ଥିତ ଥିଲେ।

# ପାଇଖାନା ଟାଙ୍କିରେ ପଡ଼ି ନାବାଳକର ମୃତ୍ୟୁ

**● ହସ୍ପିଟାଲ ଆଗରେ ଶବ ରଖି ଶତାଧିକ ଲୋକଙ୍କ ଧାରଣା**



ବୈଶିଙ୍ଗା,୨୬।୯(ସଂଚାର ବ୍ୟୁରୋ): ଗୁରୁବାର ସନ୍ଧ୍ୟାରେ ଜଣେ ଛଅ ବର୍ଷର ନାବାଳକ ନିର୍ମାଣାଧୀନ ପାଇଖାନା ଟାଙ୍କିରେ ପଡ଼ି ମୃତ୍ୟୁବରଣ କରିବା ଘଟଣାକୁ ନେଇ ଆଜି ମଧ୍ୟାହ୍ନରେ ନଡ଼ପୁର ହସ୍ପିଟାଲ ଆଗରେ ବ୍ୟବଚ୍ଛେଦ ହୋଇ ଆସିଥିବା ନାବାଳକର ମୃତଦେହକୁ ରଖି ଶତାଧିକ ଗ୍ରାମବାସୀ ଧାରଣାରେ ବସିଥିଲେ। ଏସଡିପିଓ ମିନତୀ ବିଶ୍ୱାଳ, ବେତନଟୀ ଓ ବୈଶିଙ୍ଗା ଥାନାଧିକାରୀଙ୍କ ସହ ପୂର୍ବତନ ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଧାରଣାରତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଠିକାଦାରଙ୍କ ପକ୍ଷରୁ ତିନି ଲକ୍ଷ, ଜିଲ୍ଲାପାଳଙ୍କ ରେଡକ୍ରସ୍ ପାଣ୍ଠିରୁ ୨୦ ହଜାର ଓ ବିଧାୟକ ଶ୍ରୀ ପାତ୍ରଙ୍କ ପକ୍ଷରୁ ଦୁଇ ହଜାର ଟଙ୍କା ତୁରନ୍ତ ପ୍ରଦାନ କରାଯାଇଥିଲା। ଏଥିସହ ସରକାରଙ୍କ ଆପଦକାଳୀନ ପାଣ୍ଠିରୁ ୪ ଲକ୍ଷ ଟଙ୍କା ପ୍ରଦାନ କରାଯିବା ନେଇ ବେତନଟୀ ଅତିରିକ୍ତ ତହସିଲଦାର ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣାସ୍ଥଳରୁ ନାବାଳକଙ୍କ ମୃତଦେହକୁ ନେଇ ସତ୍କାର କରାଯାଇଥିଲା।

ସୂଚନାଯୋଗ୍ୟ ଯେ ବୈଶିଙ୍ଗା ଥାନା ଅନ୍ତର୍ଗତ ନଡ଼ପୁର ଗ୍ରାମରେ ଲଗାଣ ବର୍ଷାରେ ଭରି ରହିଥିବା ପାଇଖାନା ଟାଙ୍କିରେ ପଡ଼ି ଉକ୍ତ ୬ ବର୍ଷୀୟ ଶିଶୁର ମୃତ୍ୟୁ ହୋଇଛି। ମୃତ ଶିଶୁ ନୂଆଗାଁର ଲକ୍ଷ୍ମୀଧର ବିଶ୍ୱାଳଙ୍କ ପୁଅ ଅର୍ଜୁନ ବିଶ୍ୱାଳ ବୋଲି ଜଣାପଡ଼ିଛି। ଅର୍ଜୁନଙ୍କ ମା' ଅଞ୍ଜଳି ଡାକ୍ତରଖାନା ପରିସରରେ ନିର୍ମାଣାଧୀନ କୋଠାରେ ଶ୍ରମିକ ଭାବେ କାମ କରୁଥିଲେ। ଗୁରୁବାର ସେ କାମକୁ ଯାଉଥିବା ସମୟରେ ଅର୍ଜୁନ ମଧ୍ୟ ତାଙ୍କ ସହ ଡାକ୍ତରଖାନା ପରିସରକୁ ଆସିଥିଲେ। ଏହି ସମୟରେ ଅର୍ଜୁନ ଖେଳୁଥିବା ବେଳେ ନିର୍ମାଣାଧୀନ ପାଇଖାନା ଟାଙ୍କି ନିକଟକୁ ଚାଲିଯାଇଥିଲେ। ବର୍ଷା ପାଣିରେ ଟାଙ୍କିଟି ଦେଖା ଯାଉ ନ ଥିବାରୁ ଏହାର ଅନ୍ଦାଜ ମିଳି ନ ଥିଲା। ପୁଅକୁ ନପାଇ ମା' ଓ ଅନ୍ୟମାନେ ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ। ପରେ ଟାଙ୍କି ଭିତରେ ଥିବା ସନ୍ଦେହ ହେବାରୁ ଖୋଜାଖୋଜି କରି ରାତି ପ୍ରାୟ ସାଢ଼େ ୮ଟା ବେଳେ ତାଙ୍କୁ ଉଦ୍ଧାର କରାଯାଇ ବେତନଟୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ। ନିର୍ମାଣାଧୀନ ଟାଙ୍କିକୁ ଆବଦ୍ଧ କରିବା ପାଇଁ ପୂର୍ବରୁ ଠିକାଦାର ଓ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ଗ୍ରାମବାସୀ କହିଥିଲେ। ତଥାପି ସୁରକ୍ଷା ବ୍ୟବସ୍ଥା କରାଯାଇ ନ ଥିବାରୁ ଜଣେ ନିରୀହ ଶିଶୁର ଜୀବନ ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବେତନଟୀ ଡାକ୍ତରଖାନା ପକ୍ଷରୁ ପୁଲିସକୁ ସୂଚନା ଦିଆଯାଇଛି। ଏହାପରେ ବୈଶିଙ୍ଗା ଥାନାର ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା।



ନିକଟରେ ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ଓଡ଼ିଆ ଚଳଚ୍ଚିତ୍ର ‘ଲହରୀ’ର ପ୍ରଯୋଜିକା ଝିଲ୍ଲିକ ଭଟ୍ଟାଚାର୍ଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ଭେଟି ପୁରସ୍କାର ପ୍ରଦର୍ଶନ କରୁଛନ୍ତି ।

# ଖଣ୍ଡା ଭୁଜାଲିରେ ଡେଲିଭରୀ ବୟକୁ ହାଣିଲେ ଦୁର୍ବୃତ୍ତ

ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ): ପୁଣି ଡେଲିଭରୀ ବୟକୁ ଆକ୍ରମଣ। ଖଣ୍ଡା ଭୁଜାଲିରେ ହାଣିଲେ ଦୁର୍ବୃତ୍ତ। ଭୁବନେଶ୍ୱର ଏୟାରପୋର୍ଟ ଛକରେ ଆତଙ୍କ ରଚିଛନ୍ତି। ୩ଟି ବାଇକରେ ଆସି ୯ ଜଣ ଦୁର୍ବୃତ୍ତ ଖେଳାଇଲେ ଆତଙ୍କ। ଆକ୍ରମଣର ଶିକାର ହୋଇଥିବା ଯୁବକ ଜଣଙ୍କ ହେଲେ ଦୀପକ ବିଶ୍ୱାଳ ଓରଫ ଗଉରା। ଜଣେ ଇନଷ୍ଟା ମାର୍ଟର ଡେଲିଭରୀ ବୟ ଭାବେ କାମ କରେ। ଗତକାଲି ରାତିରେ ଏଭଳି ଆକ୍ରମଣ ଯୋଗୁଁ ଦୁଇ ହାତକୁ ହାଣିବା ସହ ମୁଣ୍ଡରେ ମଧ୍ୟ ଆଘାତ ଲାଗିଛି। ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଯୁବକଙ୍କ ଘର ଏୟାରପୋର୍ଟ ଭୀମପୁର ଅଞ୍ଚଳରେ ବୋଲି ଜଣାପଡିଛି। ଏଭଳି ଆତଙ୍କ ରଚିଥିବା ଅପରାଧୀଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଡିସିପିଙ୍କୁ ନିବେଦନ କରିଛନ୍ତି ଆକ୍ରମଣର ଶିକାର ହୋଇଥିବା ଦୀପକଙ୍କ ବାପା।

# ବନ୍ଧୁକ ମୂନରେ ସୁନା ଦୋକାନରୁ ଲୁଟ୍

**ଦିନଦ୍ୱିପ୍ରହରେ ସୁନା ନେଇ ଚମ୍ପଟ୍ ମାରିଲା ଦୁର୍ବୃତ୍ତ**



ପାରାଦୀପ,୨୬।୯(ସଂଚାର ବ୍ୟୁରୋ): ଦିନଦ୍ୱିପ୍ରହରେ ବନ୍ଧୁକ ମୂନରେ ସୁନା ଦୋକାନରୁ ଲୁଟ୍ ହୋଇଛି। ପାରାଦୀପ ତାରିଣୀଗଡ଼ା ଅଞ୍ଚଳରେ ଥିବା ସାଧନା ଜୁଏଲାରୀରୁ ୨୦ଟି ରୁ ଊର୍ଦ୍ଧ୍ୱ ସୁନା ମୁଦି ଲୁଟି ନେଇ ଜଣେ ଦୁର୍ବୃତ୍ତ ଫେରାର ହୋଇଯାଇଛି। ସୂଚନାନୁସାରେ, ଜଣେ ଦୁର୍ବୃତ୍ତ ପଲସର ମୋଟର ସାଇକେଲରେ ଆସି ସାଧନା ଜୁଏଲାରୀରେ ପହଞ୍ଚିଥିଲା। ଦୋକାନରେ ଥିବା ଦୁଇ ଜଣ ମହିଳା କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ସୁନା ଓ ଟଙ୍କା ଦେବାକୁ ଧମକ ଦେଇଥିଲା। କର୍ମଚାରୀମାନେ ବିରୋଧ କରିବାରୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ୨୦ରୁ ଊର୍ଦ୍ଧ୍ୱ ସୁନା ମୁଦି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଖବର ପାଇ ପାରାଦୀପ ଆଦର୍ଶ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦିନଦ୍ୱିପ୍ରହରେ ଜନଗହଳିପୂର୍ଣ୍ଣ ତାରିଣୀଗଡ଼ା ଅଞ୍ଚଳରେ ଏଭଳି ଲୁଟ୍ ଘଟଣାକୁ ନେଇ ସାଧାରଣରେ ଚାଞ୍ଚଲ୍ୟ ଖେଳିଯାଇଛି। ସୂଚନାଯୋଗ୍ୟ ଯେ ପୂର୍ବରୁ ପାରାଦୀପ ଉଦୟ ବିହାର ଅଞ୍ଚଳରେ ମଧ୍ୟ ସମାନ ଢଙ୍ଗରେ ଜଣେ ମହିଳାଙ୍କୁ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ସୁନା ଲୁଟ୍ ଉଦ୍ୟମ ହୋଇଥିଲା। ଏହି ଘଟଣାରେ ପୁଲିସ ତଦନ୍ତ ଜାରି ରହିଥିବା ବେଳେ ପୁଣି ତାରିଣୀଗଡ଼ାରେ ସମାନ ଢଙ୍ଗରେ ଲୁଟ୍ ଘଟଣା ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି।

# ପୁରୀ ମଙ୍ଗଳା ମୁହାଣରେ ଧସିଲା ୧ କିମିର ବାଲି ଅତଡ଼ା



ପୁରୀ,୨୬।୯(ସଂଚାର ବ୍ୟୁରୋ): ଗଭୀର ଅବପାତର ପ୍ରଭାବରେ ଆଜି ସମୁଦ୍ର ଅଶାନ୍ତ ରୂପ ଧାରଣ କରିଛି। ପ୍ରବଳ ପବନ ସହ ଲଗାତାର ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଥିବା ବେଳେ ପୁରୀର ମଙ୍ଗଳା ମୁହାଣ ନିକଟରେ ସମୁଦ୍ର କୂଳ ଲଙ୍ଘିଛି। ବିଶାଳ ବାଲି ଅତଡ଼ା ଖସିବା ପରେ ଭୟ ବଢ଼ିଛି। ଏହା ଜଳବାୟୁ ପରିବର୍ତ୍ତନ ପ୍ରଭାବ ବୋଲି ମଧ୍ୟ କୁହାଯାଉଛି। ସେପଟେ ଅସ୍ତରଙ୍ଗରେ ବି ତାଉ ଦେଖାଉଛି ସମୁଦ୍ର। ଅବପାତ ପରେ ଅଶାନ୍ତ ରୂପ ଧାରଣ କରିଛି ସମୁଦ୍ର। ପ୍ରବଳ ପବନ ସହ ଲଗାତାର ବର୍ଷା ଯୋଗୁଁ ପୁରୀ ମଙ୍ଗଳା ମୁହାଣ ନିକଟରେ କୂଳ ଲଙ୍ଘିଛି ସମୁଦ୍ର। ବଳିଆ ପଣ୍ଡାରୁ ହୋଟେଲ୍ ଷ୍ଟର୍ଲିଂ ପର୍ଯ୍ୟନ୍ତ ପ୍ରାୟ ୧ କିମିର ଅଞ୍ଚଳରେ ବାଲି ଅତଡ଼ା ଖସିଛି। ସୁରକ୍ଷା ଦୃଷ୍ଟିରେ ରଖି ଏହି ସ୍ଥାନରେ ପର୍ଯ୍ୟଟକମାନଙ୍କ ସ୍ନାନ ଉପରେ କଟକଣା ଲାଗିଛି। ଜଳସେଚନ ଓ ଡ୍ରେନେଜ୍ ବିଭାଗ ସ୍ଥିତି ଉପରେ ନଜର ରଖଛନ୍ତି। ବୈଷୟିକ ଟିମ୍ ଯାହା ପରାମର୍ଶ ଦେବେ, ସେହି ଅନୁସାରେ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଅସ୍ତରଙ୍ଗରେ

**ଚାଷ ଜମିରେ ପଶିଲା ଲୁଣା ପାଣି**

ସମୁଦ୍ର କୂଳରେ ଉଠୁଛି ଉଚ୍ଚ ଜୁଆର। ଫଳରେ ଅସ୍ତରଙ୍ଗ ବ୍ଲକ ଛୁରିଅନା ପଞ୍ଚାୟତ ନିକଟସ୍ଥ କେଳୁଣୀମୁହଁ ନିକଟରେ ସମୁଦ୍ର କୂଳ ଖାଉଛି। ଉପକୂଳିଆ ଲୋକଙ୍କ ସୁରକ୍ଷା ପ୍ରାଚୀର କୁହାଯାଉଥିବା ଝାଉଁ ଜଙ୍ଗଲ ଓ ବାଲି ବନ୍ଧକୁ ଲଗାତାର ଗିଳିଚାଲିଛି ବଙ୍ଗୋପ ସାଗର। ରୋପଣ ହୋଇଥିବା ଅନେକ ଝାଉଁ ଚାରା ସମୁଦ୍ର ବକ୍ଷରେ ଲୀନ ହେବାରେ ଲାଗିଛି, ଯାହାକୁ ନେଇ ସ୍ଥାନୀୟବାସୀଙ୍କ ଭୟ ବଢ଼ିଛି।

# କୂଳ ଲଙ୍ଘିଲା ଜୁଆର:ଭସାଇ ନେଲା ଦୋକାନ ବଜାର



ପୁରୀ,୨୬।୯ (ସଂଚାର ବ୍ୟୁରୋ) : ଜନବସତି ମୁହାଁ ପୁରୀ ସମୁଦ୍ର । ଭାସିଗଲା ଦୋକାନ ବଜାର । ସ୍ୱର୍ଗଦ୍ୱାର, ଲାଇଟ୍ ହାଉସ, ବଳିଆପଣ୍ଡା, ସିପସରୁବାଲି ସବୁଠି କୂଳ ଲଙ୍ଘୁଛି । ସମୁଦ୍ର ଉଚ୍ଚ ଢେଉ ମାଡ଼ି ଆସି ଦୋକାନ ବଜାର ଭସାଇ ନେଇଛି । ଅବପାତ ପ୍ରଭାବରେ କୂଳରେ ୨ ରୁ ୩ ଫୁଟ ଉଚ୍ଚର ଲହଡ଼ି ମାଡ଼ ହେଉଛି । ଫଳରେ ସମୁଦ୍ର ଅଶାନ୍ତ ହୋଇ କୂଳ ଆଡ଼କୁ ମାଡ଼ି ଆସୁଛି । ବଳିଆପଣ୍ଡା ଠାରୁ ସିପସରୁବାଲି ପର୍ଯ୍ୟନ୍ତ ପ୍ରାୟ ୧ କିଲୋମିଟର ଅଞ୍ଚଳରେ ସମୁଦ୍ର କୂଳ ଖାଉଛି। ଲାଇଟ୍ ହାଉସ୍ ପାର୍ଶ୍ୱରୁ ମଙ୍ଗଳା ମୁହାଣ ପାର୍ଶ୍ୱକୁ ଅତଡ଼ା ଖସିବାରେ ଲାଗିଛି। ଆଉ ମାତ୍ର ୨୦୦ ରୁ ୩୦୦ ମିଟର ଦୂରରେ ରହିଛି ସମୁଦ୍ର । ‘ନ୍ୟାସନାଲ୍ ସେଣ୍ଟର ଫର୍ କୋଷ୍ଟାଲ୍ ରିସର୍ଚ୍ଚ’, ଏନ୍‌ସିସିଆର ରିପୋର୍ଟ ଅନୁଯାୟୀ, ପୁରୀ ଜିଲ୍ଲାର ୧୩୮ କିଲୋମିଟର ଲମ୍ବ ବିଶିଷ୍ଟ ଉପକୂଳ ମଧ୍ୟରୁ ୧୦.୨% ଅଂଶରେ ସକ୍ରିୟ ଭାବେ ଅବକ୍ଷୟ ପ୍ରକ୍ରିୟା ଜାରି ରହିଛି ।

**ବନ୍ୟା ପାଣିରୁ ଲୋକଙ୍କୁ ଉଦ୍ଧାର ବେଳେ ଅଘଟଣ**

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୫ ଅଗ୍ନିଶମ ବାହିନୀ କର୍ମଚାରୀ ଗୁରୁତର



ବାଲେଶ୍ୱର,୨୬।୯(ସଂଚାର ବ୍ୟୁରୋ): ବଢ଼ି ପାଣିରୁ ଲୋକଙ୍କୁ ଉଦ୍ଧାର ବେଳେ ଘଟିଛି ଅଘଟଣ। ବାଲେଶ୍ୱର ସହର ତଳି ଅଞ୍ଚଳରୁ ଆସିଛି ଏଭଳି ଏକ ଅଭାବନୀୟ ଖବର। ବାଲେଶ୍ୱର ଦରିଜୀପୋଖରୀ ଅଞ୍ଚଳ ବନ୍ୟାଜଳରେ ବୁଡ଼ି ରହିଥିବା ବେଳେ ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟ ସକାଶେ ସେଠାକୁ ଯାଇଥିଲେ। ଲୋକଙ୍କୁ ଉଦ୍ଧାର କରି ପାୱାର ବୋଟ୍ ଯୋଗେ ଅଗ୍ନିଶମ କର୍ମଚାରୀମାନେ ସୁରକ୍ଷିତ ସ୍ଥାନକୁ ଆଣୁଥିବା ସମୟରେ ପାଣିର ସ୍ରୋତ ଅଧିକ ରହିଥିଲା। ବୋଟ୍‌ଟି ପାଣିର ସ୍ରୋତରେ ଯାଇ ୧୧ କେଭି ତାର ସଂସ୍ପର୍ଶରେ ଆସିଥିଲା। ଫଳରେ ବିଦ୍ୟୁତ୍ ଆଘାତରେ ବୋଟ୍‌ଟି ଓଲଟି ପଡ଼ିଥିଲା। ଏଥିରେ ଅଗ୍ନିଶମ ଟିମ୍‌ର ୫ ଜଣଙ୍କ ସହ ଜଣେ ସାଧାରଣ ଲୋକ ଗୁରୁତର ଆହତ ହୋଇଛନ୍ତି। ସମସ୍ତଙ୍କୁ ବାଲେଶ୍ୱର ଜିଲ୍ଲା ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ନିକଟରେ ଥିବା ଅଗ୍ନିଶମ ବାହିନୀର ଆଉ ଏକ ଟିମ୍ ଆସି ସମସ୍ତଙ୍କୁ ଉଦ୍ଧାର କରି ମେଡିକାଲ୍‌ରେ ପହଞ୍ଚାଇଥିଲା। ଏବେ ସମସ୍ତଙ୍କ ଚିକିତ୍ସା ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାଲିଛି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି। ବାଲେଶ୍ୱର ଅନେକ ଅଞ୍ଚଳରେ ବନ୍ୟା ପାଣିରେ ଟ୍ରାନ୍ସଫର୍ମରଗୁଡ଼ିକ ବୁଡ଼ି ରହିଛି। ଲୋକେ ପାଣି ଘେରରେ ରହିଥିବା ବେଳେ କିଭଳି ୧୧ କେଭି ବିଦ୍ୟୁତ୍ ସରବରାହ ଜାରି ରହିଥିଲା ତାକୁ ନେଇ ଅଘଟଣ ପରେ ପ୍ରଶ୍ନ ଉଠିଛି। ବିଦ୍ୟୁତ୍ ସରବରାହ କେଉଁ ପରିସ୍ଥିତିରେ ଜାରି ରହିଥିଲା ତାକୁ ନେଇ ଅଗ୍ନିଶମ ବାହିନୀ ତଦନ୍ତ ଆରମ୍ଭ କରିଛି। ଆହତ ଅଗ୍ନିଶମ କର୍ମଚାରୀଙ୍କ ଅନୁସାରେ, ‘ଦରିଜୀପୋଖରୀ ଅଞ୍ଚଳରୁ ବୋଟ୍‌ରେ ୪ ଜଣଙ୍କୁ ଉଦ୍ଧାର କରି ଫେରୁଥିଲୁ। ସେହି ସମୟର ସୁଅ ଆସିବାରୁ ବୋଟର ସ୍ପିଡ୍ ବଢ଼ାଇଥିଲୁ। ତେବେ ହଠାତ୍ ଦେଖିଥିଲୁ ଦେଢ଼ରୁ ଦୁଇ ଫୁଟ୍ ଉପରେ ୧୧ କେଭି ବିଦ୍ୟୁତ୍ ତାର ଅଛି। ଇଲେକ୍ଟ୍ରି ତାର ସଂସ୍ପର୍ଶରେ ବୋଟ୍ ଆସିବା ଫଳରେ ଏହା ଓଲଟି ପଡ଼ିଥିଲା।’

# ୯.୨୪ କୋଟି ହଡ଼ପ, ୨ ଗିରଫ

ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ): ପୂର୍ତ୍ତ ବିଭାଗର ଭୁବନେଶ୍ୱର ଡିଭିଜନ୍-୧ର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରରେ ୯ କୋଟି ୨୪ ଲକ୍ଷ ଟଙ୍କାର ସରକାରୀ ଅନୁଦାନ ହଡ଼ପ ମାମଲାରେ ଆଜି ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି ୨ ଅଧିକାରୀ। ୨୦୨୨-୨୩ରୁ ୨୦୨୫-୨୬ ଆର୍ଥିକ ବର୍ଷ ମଧ୍ୟରେ ୯ କୋଟି ୨୪ ଲକ୍ଷ ୧୦ ହଜାର ୧୯୩ ଟଙ୍କା ସରକାରୀ ଅର୍ଥ ଜାଲିଆତି ମାଧ୍ୟମରେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଛି। ଘଟଣାରେ ଅଭିଯୁକ୍ତ ଏଷ୍ଟାବ୍ଲିଶ୍‌ମେଣ୍ଟ ସେକ୍ସନ୍‌ର କାର୍ଯ୍ୟରତ ସେକ୍ସନ ଅଫିସର ବନଲତା ମହାନ୍ତି ଓ କନିଷ୍ଠ ସହାୟକ ବିଭୁଦତ୍ତ ନାୟକ କେତେକ ଅଜଣା ସହଯୋଗୀଙ୍କ ସହ ମିଶି ଜାଲି କାଗଜପତ୍ର ପ୍ରସ୍ତୁତ କରିଥିବା ତଦନ୍ତ ସମୟରେ ଜଣାପଡ଼ିଛି।



ଅଭିଯୋଗରୁ ଜଣାପଡ଼ିଛି ଯେ ଅବସରପ୍ରାପ୍ତ କର୍ମଚାରୀଙ୍କ ଅସ୍ଥାୟୀ ଗ୍ରାଚ୍ୟୁଇଟି, ଅବ୍ୟବହୃତ ଛୁଟି ବାବଦ ଦରମା ଓ କାର୍ଯ୍ୟାଳୟର କଣ୍ଟିଜେନ୍ସି ପାଣ୍ଠି ବିଲ୍ ଅର୍ଥ ହଡ଼ପ କରାଯାଇଛି। ଇଣ୍ଟିଗ୍ରେଟେଡ୍ ଫାଇନାନ୍ସିଆଲ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ (ଆଇଏଫଏମଏସ) ମାଧ୍ୟମରେ ବେଆଇନ ଭାବେ ସରକାରୀ ଅର୍ଥ ହଡ଼ପ କରାଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ ପ୍ରକୃତ ବିଲ୍‌ରେ ଥିବା ହିତାଧିକାରୀଙ୍କ ବ୍ୟାଙ୍କ ଖାତା ବଦଳରେ ଜାଲି ବିଲ୍‌ରେ ଅନ୍ୟ ବ୍ୟାଙ୍କ ଖାତା ନମ୍ବର ଦିଆଯାଇଥିଲା। ଏହି ଖାତାଗୁଡ଼ିକ ଅଭିଯୁକ୍ତମାନଙ୍କ ସମ୍ପର୍କୀୟ, ପରିଚିତ ଓ ସହଯୋଗୀଙ୍କ ନାମରେ ରହିଛି। ୪୮ ଜଣ ବ୍ୟକ୍ତିଙ୍କ ନାମରେ ଥିବା ୭୭ଟି ବ୍ୟାଙ୍କ ଖାତା ମାଧ୍ୟମରେ ଟଙ୍କା ହଡ଼ପ କରାଯାଇଛି। ଏଥିରେ ବନଲତା ମହାନ୍ତିଙ୍କ ପୁଅ, ଡ୍ରାଇଭର ଓ ଅନ୍ୟ ସହଯୋଗୀଙ୍କ ଖାତା ଥିବା ବେଳେ ବିଭୁଦତ୍ତ ନାୟକଙ୍କ ଭାଇ ଓ ସମ୍ପର୍କୀୟଙ୍କ ଖାତା ମଧ୍ୟ ବ୍ୟବହାର କରାଯାଇଛି। ହଡ଼ପ ଟଙ୍କାର କିଛି ଅଂଶ ଖାତାଧାରୀମାନେ ଅଭିଯୁକ୍ତମାନଙ୍କୁ ଫେରାଇଥିବା ବେଳେ ଆଉ କିଛି ଟଙ୍କା ନଗଦ ଉଠାଇ ଦିଆଯାଇଥିବା ତଦନ୍ତ ସମୟରେ ସାମ୍ନାକୁ ଆସିଥିଲା। ମାମଲା ସାମ୍ନାକୁ ଆସିବାପରେ ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ତଦନ୍ତ ଓ ପଦକ୍ଷେପ ଫଳରେ ଏପର୍ଯ୍ୟନ୍ତ ୩ କୋଟି ୯୬ ଲକ୍ଷ ଟଙ୍କା ହଡ଼ପ ଅର୍ଥ ଉଦ୍ଧାର ହୋଇଛି। ଏହି ଘଟଣାକୁ ନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଗତକାଲି ୨୧ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଶ୍ରୀମତୀ ମହାନ୍ତି, ଶ୍ରୀ ନାୟକ ଓ ଅନ୍ୟମାନଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ, ୧୯୮୮ ଓ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍), ୨୦୨୩ର ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇଛି। ଏବେ ଏହି ଘଟଣାର ତଦନ୍ତ ଜାରି ରହିଛି।

**ଅପମିଶ୍ରିତ ପନିର ପରେ ଆକ୍ସନ**

# ଜିଲ୍ଲା ଖାଦ୍ୟ ସୁରକ୍ଷାଧିକାରୀଙ୍କ ବଦଳି

କଟକ,୨୬।୯(ସଂଚାର ବ୍ୟୁରୋ): ନିଆଳି ଅଞ୍ଚଳରେ ପନିର ଅପମିଶ୍ରଣ ଅଭିଯୋଗ ଘଟଣାରେ ରାଜ୍ୟ ସରକାର କଟକ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଅମିତା ଦାସଙ୍କୁ ବଦଳି କରିଛନ୍ତି। ନିଆଳି ଅଞ୍ଚଳର ଦାୟିତ୍ୱରେ ଥିବା ଅମିତା ଦାସଙ୍କ ବିରୋଧରେ ଦାୟିତ୍ୱରେ ଅବହେଳା ଅଭିଯୋଗ ଆସିବା ପରେ ଏହି ବଦଳି ନିର୍ଦ୍ଦେଶ ହୋଇଥିବା ଜଣାପଡ଼ିଛି। ନିଆଳିରୁ ସଂଗ୍ରହ ହୋଇଥିବା ପନିର ନମୁନା ପରୀକ୍ଷା ପାଇଁ ହରିୟାଣାସ୍ଥିତ ଲ୍ୟାବ୍‌କୁ ପଠାଯାଇଥିଲା। ଲ୍ୟାବ୍‌ରୁ ଆସିଥିବା ରିପୋର୍ଟରେ ପନିର ଅପମିଶ୍ରିତ ଥିବା ଜଣାପଡ଼ିବା ପରେ



ଘଟଣାକୁ ନେଇ ପ୍ରଶାସନିକ ସ୍ତରରେ ତତ୍ପରତା ବଢ଼ିଥିଲା। ଏହାପରେ ଦାୟିତ୍ୱରେ ଅବହେଳାକୁ ନେଇ ସରକାର ଅମିତା ଦାସଙ୍କ ବଦଳି ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣା ପରେ ଖାଦ୍ୟ ନମୁନା ଯାଞ୍ଚ ଓ ଅପମିଶ୍ରଣ ରୋକିବା ନେଇ ନଜର ଆହୁରି କଡ଼ା ହେବା ଆଶା କରାଯାଉଛି। ଏହି ଘଟଣା ପରେ ନିଆଳି ସମେତ କଟକ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଖାଦ୍ୟ ନମୁନା ଯାଞ୍ଚ ଓ ଅପମିଶ୍ରଣ ବିରୋଧୀ ଅଭିଯାନ ଆହୁରି ଜୋରଦାର ହେବ। ବିଶେଷକରି ପନିର, କ୍ଷୀର ଓ ଅନ୍ୟାନ୍ୟ ଦୁଗ୍ଧଜାତ ଖାଦ୍ୟର ମାନ ଯାଞ୍ଚ ଉପରେ ନଜର ବଢ଼ିପାରେ।

# ବ୍ରହ୍ମପୁର ରିଙ୍ଗ୍ ରୋଡ୍ କାମ ତଦାରଖ କଲେ ନିର୍ମାଣ ସଚିବ

- ମାର୍ଚ୍ଚ ୨୦୨୭ ସୁଦ୍ଧା ବଳକା କାର୍ଯ୍ୟ ଶେଷ ପାଇଁ ନିର୍ଦ୍ଦେଶ
- ଆସନ୍ତା ଜୁଲାଇ ସୁଦ୍ଧା ସରିବ ଗେଟ୍ ବଜାର ଫ୍ଲାଏଓଭର୍ କାମ

ବ୍ରହ୍ମପୁର,୨୬।୯(ସଂଚାର ବ୍ୟୁରୋ): ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଆଜି ଗଞ୍ଜାମ ଜିଲ୍ଲା ଗସ୍ତ କରି ବ୍ରହ୍ମପୁର ରିଙ୍ଗ୍ ରୋଡ୍ ଓ ଗେଟ୍ ବଜାର ଫ୍ଲାଏ ଓଭର ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି ।

ସମୀକ୍ଷା ସମୟରେ ସଚିବ ଶ୍ରୀ ସିଂହ ପର୍ଯ୍ୟାପ୍ତ ମାନବ ସମ୍ବଳ, ଆଧୁନିକ ଯନ୍ତ୍ରପାତି ଓ ଟେକନୋଲୋଜିର ବ୍ୟବହାର କରି ନିର୍ମାଣ କାର୍ଯ୍ୟକୁ ଗତିଶୀଳ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବଳକା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ୨୦୨୭ ମାର୍ଚ୍ଚ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରିବାକୁ ସମ୍ପୃକ୍ତ ଅଧିକାରୀ ଓ କାର୍ଯ୍ୟାନ୍ୱୟନକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକଳ୍ପର ଅଗ୍ରଗତିକୁ ନିୟମିତ ଭାବେ ସମୀକ୍ଷା କରିବା ସହ ଉପଯୁକ୍ତ ତଦାରଖ ଓ ନିରୀକ୍ଷଣ ମାଧ୍ୟମରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପର ଲକ୍ଷ୍ୟ ହାସଲ କରିବାକୁ ସେ ପରାମର୍ଶ ଦେଇଥିଲେ।

ସେହିପରି ସଚିବ ଶ୍ରୀ ସିଂହ ଆଜି ଓବିସିସି ଦ୍ୱାରା ନିର୍ମାଣ ହେଉଥିବା ଗେଟ୍ ବଜାର ଫ୍ଲାଏ ଓଭର ଗସ୍ତ କରିବା ସହ ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ପ୍ରାୟ ୧୩୦ କୋଟି ବ୍ୟୟରେ ନିର୍ମାଣ ହେଉଥିବା ଏହି ଫ୍ଲାଏ ଓଭରର ୩୬ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ବାକି କାର୍ଯ୍ୟ ଆସନ୍ତା ବର୍ଷ ଜୁଲାଇ ସୁଦ୍ଧା ସାରିବାକୁ ସଚିବ ବିଭାଗୀୟ ଅଧିକାରୀ ଓ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ।



ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୩,୩୨୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୦,୫୪୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୩,୩୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୦,୫୪୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୩,୩୨୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୩,୩୨୦ ଟଙ୍କା ଓ ୨୨ କ୍ୟାରେଟ ୧,୪୦,୫୪୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୩,୩୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୩,୩୨୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୯,୯୦୦ ଟଙ୍କା ହୋଇଛି ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ବି ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି ।

# ଲଞ୍ଚହେଲା ଟାଟାର ନୂଆ କମ୍ପାକ୍ଟ ସେଡାନ୍ ଏରିସ




ନୂଆଦିଲ୍ଲୀ,୨୬।୯ : ଭାରତୀୟ ଅଟୋମୋବାଇଲ ବଜାରରେ ନିଜର ଆଧିପତ୍ୟ ଜାହିର କରିଥିବା ଟାଟା ମୋଟର୍ସ ଏକ ନୂଆ କମ୍ପାକ୍ଟ ସେଡାନ୍ କାର୍ 'ଟାଟା ଏରିସ' ଆଧିକାରିକ ଭାବେ ଲଞ୍ଚ୍ କରିଛି। କମ୍ପାନୀ tataଏହି କାର୍‌ର ପ୍ରାରମ୍ଭିକ ଏକ୍ସ-ଶୋ'ରୁମ୍ ମୂଲ୍ୟ ୫.୨୯ ଲକ୍ଷ ଟଙ୍କା ରଖିଥିବା ବେଳେ ଏହାର ଟପ୍-ଏଣ୍ଡ ଭାରିଆଣ୍ଟର ମୂଲ୍ୟ ୯.୧୯ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। ଏହି କାର୍‌ଟି ପେଟ୍ରୋଲ୍ ସହିତ ଟାଟାର ପ୍ରସିଦ୍ଧ ଟ୍ୱିନ୍-ସିଲିଣ୍ଡର ଆଇସିଏନଜି ଟେକ୍ନୋଲୋଜିରେ ବିକ୍ରି ପାଇଁ ଉପଲବ୍ଧ ହେବ। ନୂଆ ଟାଟା ଏରିସର ଲୁକ୍ ବେଶ୍ ପ୍ରିମିୟମ୍ ଓ ଆକର୍ଷଣୀୟ ହୋଇଛି। ଏଥିରେ ସ୍ଲିକ୍ ଫ୍ରଣ୍ଟ ଗ୍ରିଲ୍, ଶାର୍ପ ଏଲଇଡ଼ି ହେଡଲ୍ୟାମ୍ପ, ସ୍ପୋର୍ଟି ଏଲଇଡ଼ି ଡିଆରଏଲ ଏବଂ ପଛ ଭାଗରେ କନେକ୍ଟେଡ୍-ଷ୍ଟାଇଲ୍ ଟେଲଲାଇଟ୍ସ ଦିଆଯାଇଛି। ଖରାପ ରାସ୍ତାରେ ସହଜରେ ଯାତାୟାତ ପାଇଁ ଏଥିରେ ୧୫-ଇଞ୍ଚର ଆଲୟ ହ୍ୱିଲ୍ସ ସହ ୧୭୦ଏମଏମର ଗ୍ରାଉଣ୍ଡ କ୍ଲିୟରାନ୍ସ ମିଳୁଛି।

କାର୍ ଭିତରେ ଗ୍ରାହକଙ୍କ ସୁବିଧା ପାଇଁ ଆଧୁନିକ ଫିଚର୍ସ ଦିଆଯାଇଛି । ଏଥିମଧ୍ୟରେ ୧୦.୨୫-ଇଞ୍ଚ ଟଚ୍‌ସ୍କ୍ରିନ୍ ଇନ୍‌ଫୋଟେନ୍‌ମେଣ୍ଟ ସିଷ୍ଟମ୍ (ୱାୟାରଲେସ୍ ଆଣ୍ଡ୍ରଏଡ୍ ଅଟୋ ଓ ଆପଲ୍ କାର୍‌ପ୍ଲେ ସପୋର୍ଟ ସହ), ୩୬୦-ଡିଗ୍ରୀ ସରାଉଣ୍ଡ ଭ୍ୟୁ କ୍ୟାମେରା, ଡିଜିଟାଲ୍ ଡ୍ରାଇଭର ଡିସପ୍ଲେ ଏବଂ ଇଣ୍ଟିଗ୍ରେଟେଡ୍ ଡ୍ୟାଶ୍‌କ୍ୟାମ, ଭେଣ୍ଟିଲେଟେଡ୍ ଫ୍ରଣ୍ଟ ସିଟ୍, ଅଟୋମେଟିକ୍ କ୍ଲାଇମେଟ୍ କଣ୍ଟ୍ରୋଲ୍ ଓ ରିୟର ଏସି ଭେଣ୍ଟସ୍ ଦିଆଯାଇଛି। ସୁରକ୍ଷା ଦୃଷ୍ଟିରୁ ଏଥିରେ ୬ଟି ଏୟାରବ୍ୟାଗ୍, ଇଲେକ୍ଟ୍ରୋନିକ୍ ଷ୍ଟାବିଲିଟି ପ୍ରୋଗ୍ରାମ୍ (ESP), ଟାୟାର ପ୍ରେସର ମୋନିଟରିଂ ସିଷ୍ଟମ୍ ଏବଂ ISOFIX ଚାଇଲ୍ଡ ସିଟ୍ ଆଙ୍କର୍ ଭଳି ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଫିଚର୍ସ ରହିଛି। ଭାରତୀୟ ବଜାରରେ ଟାଟା ଏରିସର ସିଧାସଳଖ ମୁକାବିଲା ମାରୁତି ସୁଜୁକି ଡିଜାୟାର, ହ୍ୟୁଣ୍ଡାଇ ଓରା ଏବଂ ହୋଣ୍ଡା ଆମେଜ୍ ଭଳି ପୂର୍ବରୁ ଥିବା ସେଡାନ୍ କାର୍ ଗୁଡ଼ିକ ସହ ହେବ।

# ମଣିଷ ନା ଏଆଇ କାହାକୁ ଭଲ ପାଇବେ ? ଦକ୍ଷିଣ କୋରିଆର ଅଜବ ଡେଟିଂ ଶୋ'




**ନୂଆଦିଲ୍ଲୀ,୨୬।୯:** ମଣିଷ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ମଧ୍ୟରେ ପ୍ରେମ ସମ୍ପର୍କର ପରୀକ୍ଷା କରୁଥିବା ଦକ୍ଷିଣ କୋରିଆର ଏକ ରିଅଲିଟି ଟେଲିଭିଜନ ଶୋ' ବେଶ୍ ଭାଇରାଲ ହେଉଛି। 'ମାଇଁ ଏଆଇ ପାର୍ଟନରଃ ଷ୍ଟ୍ରେଞ୍ଜ୍ ଲଭ୍' ଶୀର୍ଷକ ଏହି ଅଜବ ଡେଟିଂ ସିରିଜ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି । ଏହାକୁ ଦେଶର ପ୍ରଥମ ଏଭଳି ଡେଟିଂ ଶୋ' କୁହାଯାଉଛି । ଏଥିରେ ମଣିଷ ଏବଂ ଏଆଇ ମଧ୍ୟରେ ସମ୍ପର୍କକୁ କେନ୍ଦ୍ରରେ ରଖାଯାଇଛି । ଏହି ସିରିଜ ମଣିଷ ସେଲିବ୍ରିଟିମାନଙ୍କୁ ସେମାନଙ୍କ ପସନ୍ଦ ମୁତାବକ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ଏଆଇ ସାଥୀଙ୍କ ସହ ଯୋଡ଼ିଥାଏ । ଶୋ'ରେ ୩ ଜଣ ଭାଗ ନେଇଛନ୍ତି । ସେଥିରେ ଜଣେ କାର୍ଟୁନିଷ୍ଟ, ଜଣେ ଟିଭି ହୋଷ୍ଟ ଏବଂ ଜଣେ ଅଭିନେତ୍ରୀ ସାମିଲ । ଏହି ୩ ଜଣଙ୍କୁ ଏପରି ଏକ ଏଆଇ ପାର୍ଟନର ଦିଆଯାଇଛି, ଯାହାକୁ ସେମାନଙ୍କ ପସନ୍ଦ ମୁତାବକ ବନାଯାଇଛି । ଅର୍ଥାତ ଏଆଇ ପାର୍ଟନରର ମୁହଁ, ସ୍ୱର, ବ୍ୟକ୍ତିତ୍ୱ ଏବଂ କଥା କହିବାର ଶୈଳୀ ମଣିଷ ପାର୍ଟନରର ପସନ୍ଦ ମୁତାବକ ସ୍ଥିର କରାଯାଇଛି। ଏହି ପାର୍ଟନର କେବଳ ଟାବ୍ଲେଟ ସ୍କ୍ରିନ୍ରେ ହିଁ ସୀମିତ। ଶୋ'ରେ ଥିବା କିୟାନ ନାମକ କାର୍ଟୁନିଷ୍ଟ ଆରମ୍ଭରୁ କହିଥିଲେ ଯେ, ସେ କେବେ କୌଣସି ଏଆଇ ସହ ଭାବନାତ୍ମକ ଭାବେ ଯୋଡ଼ି ହୋଇପାରିବେନି। କିନ୍ତୁ ଶୋ'ରେ ତାଙ୍କ ବିଚାର ଧିରେ ଧିରେ ବଦଳିଥିବା ନଜର ଆସିଥିଲା ।

# ବିକ୍ରି ହେବାକୁ ଯାଉଛି ୫,୬୪୦ କୋଟି ପୁଞ୍ଜିର ବ୍ୟାଙ୍କ




ମୁମ୍ବାଇ,୨୬।୯ : ଆଗାମୀ ସପ୍ତାହରେ ହେବାକୁ ଥିବା ବ୍ୟାଙ୍କ ହରତାଳ ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସୁଛି। ସିଏନବିସି-ଟିଭି୧୮ ସୂତ୍ରରୁ ମିଳୁଥିବା ସୂଚନା ଅନୁସାରେ ଦେଶର ଏକ ପ୍ରମୁଖ ଘରୋଇ ବ୍ୟାଙ୍କ ବିକ୍ରି ଲାଗି ପ୍ରସ୍ତୁତି କରୁଛି। ଏହି ଡିଲ ଲାଗି ଘରୋଇ କ୍ଷେତ୍ରର ଅନ୍ୟ ଏକ ବ୍ୟାଙ୍କ ସହ କଥାବାର୍ତ୍ତା ଚାଲିଛି। ରିପୋର୍ଟରେ କୁହାଯାଇଛି ଯେ ଉଭୟ ବ୍ୟାଙ୍କ ମଧ୍ୟରେ ଏହି ନେଣଦେଣ ସେୟାର ଅଦଳବଦଳ ମାଧ୍ୟମରେ ହେବ। ଏହି ବ୍ୟାଙ୍କର ବଜାର ପୁଞ୍ଜିକରଣ (ମାର୍କେଟ୍ କ୍ୟାପ) ୫,୬୪୦ କୋଟି ଟଙ୍କା ଓ ବ୍ୟାଙ୍କର ସାରା ଦେଶରେ ପାଖାପାଖି ୪୫ ଲକ୍ଷ ଗ୍ରାହକ ଅଛନ୍ତି। ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ଓ ଫେଡେରାଲ ବ୍ୟାଙ୍କ ମଧ୍ୟରେ ଏହି ଡିଲ ହେବ ଓ ଏ ନେଇ ଆଲୋଚନା ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଛି। ପ୍ରସ୍ତାବିତ ଡିଲ ଅନୁସାରେ ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କର ସବୁ ସମ୍ପତ୍ତି ଓ ବ୍ୟବସାୟୀକ ଗତିବିଦ୍ଧିକୁ ଅଧିଗ୍ରହଣ କରିବାକୁ ଫେଡେରାଲ ବ୍ୟାଙ୍କ ଆଗ୍ରହ ପ୍ରକାଶ କରିଛି। ଏହି ନେଣଦେଣ ସେୟାର ଅଦଳବଦଳରେ ହେବ, ଯାହାର ଅର୍ଥ ହେଉଛି ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କର ସବୁ ସେୟାର ଫେଡେରାଲ ବ୍ୟାଙ୍କକୁ ହସ୍ତାନ୍ତରିତ କରିଦିଆଯିବ। ତେବେ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଏଭଳି ଡିଲ ନୂଆ ନୁହେଁ, ପୂର୍ବରୁ ମଧ୍ୟ ସେୟାର ଅଦଳବଦଳ କରି ବ୍ୟାଙ୍କ ଡିଲ ହୋଇଛି। ଏହାର ଉଦାହରଣ ଭାବେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଦ୍ୱାରା ଆଇଏନଜି ବୈଶ୍ୟ ବ୍ୟାଙ୍କକୁ ଅଧିଗ୍ରହଣ କରିଥିଲା।

ସୂତ୍ର ଅନୁସାରେ ଏହି ଡିଲ ପାଇଁ ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କର ପ୍ରତି ସେୟାର ମୂଲ୍ୟ ୬୨୦ରୁ ୬୫୦ ଟଙ୍କା ମଧ୍ୟରେ ଆକଳନ କରାଯାଇଛି। ସେୟାର ମୂଲ୍ୟ ୩୫୦ ଭାବେ ଫେଡେରାଲ ବ୍ୟାଙ୍କ ସେୟାର ହସ୍ତାନ୍ତରଣ ପାରସ୍ପରିକ ବିନିମୟ ମାଧ୍ୟମରେ କରାଯିବ। ଫେଡେରାଲ ବ୍ୟାଙ୍କର ବର୍ତ୍ତମାନ ବଜାର ପୁଞ୍ଜିକରଣ ପାଖାପାଖି ୮୨,୦୦୦ କୋଟି ଟଙ୍କା। ଏହି ବିକାକିଣା ପରେ ଫେଡେରାଲ ବ୍ୟାଙ୍କର କାରବାର ଓ ବ୍ୟାଙ୍କିଙ୍ଗ ସେବା ଉଲ୍ଲେଖନୀୟ ସମ୍ପ୍ରସାରଣ ହେବ ବୋଲି ଆଶା କରାଯାଉଛି। ସୂତ୍ର ଅନୁସାରେ ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କର ଏବେ ଦେଶରେ ପାଖାପାଖି ୪୫ଲକ୍ଷ ଗ୍ରାହକ ଅଛନ୍ତି। ଦୁଇ ସଂସ୍ଥାଙ୍କ ମଧ୍ୟରେ ବୁଝାମଣା ଘୋଷଣା ଆଗାମୀ କିଛି ସପ୍ତାହ ମଧ୍ୟରେ ହୋଇପାରେ। ଏହି ବୁଝାମଣା ଦ୍ୱାରା ଫେଡେରାଲ ବ୍ୟାଙ୍କର ଆୟ ଓ ସମ୍ଭାବିତ ରୂପେ ଏହାର ଋଣଦାନ କ୍ଷମତା ବୃଦ୍ଧି ହେବାର ଆଶା କରାଯାଉଛି। ଶୁକ୍ରବାର ଜନା ସ୍ମଲଫାଇନାନ୍ସ ବ୍ୟାଙ୍କର ସେୟାର ୫୩୩ ଟଙ୍କାରେ ବନ୍ଦ ହୋଇଛି, ଅର୍ଥାତ ସେୟାର ପିଛା ୧.୯୭% ଅଭିବୃଦ୍ଧି ରେକର୍ଡ ହୋଇଛି।

# ବୀମା ଶିଳ୍ପରେ ଆସିବ ବଡ଼ ପରିବର୍ତ୍ତନ




ନୂଆଦିଲ୍ଲୀ,୨୬।୯ : ବୀମା କିଣିବାକୁ ଯୋଜନା ରଖିଥିବା ଗ୍ରାହକଙ୍କ ପାଇଁ ଆଶ୍ୱସ୍ତିକର ଖବର। ବୀମା ନିୟାମକ ଆଇଆରଡିଏଆଇ ଶିଳ୍ପରେ ପରିବର୍ତ୍ତନ ଆଣିବା ପାଇଁ କେତେକ ନୂତନ ପ୍ରସ୍ତାବ ଦେଇଛି, ଯାହାଦ୍ୱାରା ପ୍ରଭାବିତ ହେବେ ବୀମା କମ୍ପାନି ଏବଂ ବିତରକ। ଲାଭରେ ରହିବେ ଗ୍ରାହକ। ଗ୍ରାହକଙ୍କୁ ମିସ୍-ସେଲିଂରୁ ବଞ୍ଚାଇବା ଏବଂ ବିତରଣ ଖର୍ଚ୍ଚକୁ କମ କରି ବୀମାକୁ ଶସ୍ତା କରିବା ଏହାର ଉଦ୍ଦେଶ୍ୟ। କମ୍ପାନିଗୁଡ଼ିକର ଖର୍ଚ୍ଚ କମ କରିବା, କମିଶନ ଉପରେ ସୀମା ଧାର୍ଯ୍ୟ କରିବା ଏବଂ ବୀମା ୱେବସାଇଟଗୁଡ଼ିକରେ ଗ୍ରାହକଙ୍କଠାରୁ ବ୍ୟକ୍ତିଗତ ତଥ୍ୟ ନେବାର ପଦ୍ଧତିକୁ ବଦଳାଇବା ପ୍ରସ୍ତାବରେ ସାମିଲ ଅଛି। ଏହାଦ୍ୱାରା ଗ୍ରାହକଙ୍କ ପାଇଁ ସହଜରେ ବୀମା ସୂଚନା ଉପଲବ୍ଧ ହେବ ଏବଂ ବିକ୍ରି ସହ ଜଡ଼ିତ ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖାଯାଇପାରିବ।

ଆଇଆରଡିଏଆଇ ବୀମା କମ୍ପାନିଗୁଡ଼ିକର ଏକ୍ସପେନ୍ସ ଅଫ୍ ମ୍ୟାନେଜମେଣ୍ଟକୁ କମ୍ କରିବାକୁ ପ୍ରସ୍ତାବ ଦେଇଛି। ଜୀବନ ବୀମା କମ୍ପାନିଗୁଡ଼ିକୁ ୨ ବର୍ଷ ମଧ୍ୟରେ ନିଜର ଇଓଏମକୁ ପ୍ରିମିୟମର ୧୫%କୁ ଏବଂ ୫ ବର୍ଷରେ ୧୨.୫ ପ୍ରତିଶତକୁ ଖସାଇବାକୁ ପ୍ରସ୍ତାବରେ ଲକ୍ଷ୍ୟ ଦିଆଯାଇଛି। ସେହିଭଳି ସାଧାରଣ ବୀମା କମ୍ପାନିଗୁଡ଼ିକ ପାଇଁ ଏହି ସୀମାକୁ ୨ ବର୍ଷରେ ୨୫% ଏବଂ ୫ ବର୍ଷରେ ୨୦% ଖସାଇବାକୁ ପ୍ରସ୍ତାବ ଦିଆଯାଇଛି, ଯାହାକି ବର୍ତ୍ତମାନ ୩୦% ଅଛି। ଅକ୍ଟୋବର ୨୫ ସୁଦ୍ଧା ପ୍ରସ୍ତାବଗୁଡ଼ିକ ଉପରେ ମତାମତ ଲୋଡ଼ିଛି ଆଇଆରଡିଏଆଇ।

ଏହାର ଅର୍ଥ ହେଉଛି କମ୍ପାନିଗୁଡ଼ିକୁ ନିଜର ପରିଚାଳନା ଏବଂ ବିତରଣ ଖର୍ଚ୍ଚକୁ ଅଧିକ ନିୟନ୍ତ୍ରଣ କରିବାକୁ ପଡ଼ିବ। କମିଶନ ଏବଂ ଅନ୍ୟାନ୍ୟ ବିକ୍ରି ଖର୍ଚ୍ଚ ବି ଏ ପରିସରଭୁକ୍ତ। ଆଇଆର୍ଡିଏଆଇ ଭିନ୍ନ ଭିନ୍ନ ବୀମା ଉତ୍ପାଦ ପାଇଁ କମିଶନ ସୀମା ଧାର୍ଯ୍ୟ କରିବାର ପ୍ରସ୍ତାବ ଦେଇଛି। ସ୍ୱାସ୍ଥ୍ୟ ବୀମାରେ ନୂଆ ପଲିସି ଏବଂ ରିନ୍ୟୁଆଲ ଉପରେ କମିଶନ କମ୍ କରିବାକୁ ପ୍ରସ୍ତାବ ଦିଆଯାଇଛି। ପ୍ରସ୍ତାବ ଅନୁସାରେ, କିଛି ବିତରଣ ଚ୍ୟାନେଲଗୁଡ଼ିକ ପାଇଁ ଏହି କମିଶନ ନୂଆ ପଲିସି ଉପରେ ୧୫% ଏବଂ ରିନ୍ୟୁଆଲ ଉପରେ ୫% ରହିପାରେ। ଟର୍ମ ବାମା ଏବଂ ମୋଟର ଥାର୍ଡ-ପାର୍ଟି ବୀମାରେ ବି କମିଶନକୁ ସୀମିତ କରିବାର ପ୍ରସ୍ତାବ ଅଛି। ମୋଟର (ଥାର୍ଡ ପାର୍ଟି) ବୀମା କମିଶନ ବି ୧୫%ରୁ କମିବ ଏବଂ ପୁରୁଣା ବାହନ ପାଇଁ ଏହାକୁ ୨.୫% ପର୍ଯ୍ୟନ୍ତ ରଖିବାକୁ ପ୍ରସ୍ତାବ ଦିଆଯାଇଛି।

ରିପୋର୍ଟ ଅନୁସାରେ, ବୀମା ୱେବସାଇଗୁଡ଼ିକରେ ଏକ ବଡ଼ ପରିବର୍ତ୍ତନ ଗ୍ରାହକଙ୍କ ପାଇଁ ଖାସ୍ ହୋଇପାରେ। ଯଦି କୌଣସି ବ୍ୟକ୍ତି କେବଳ କୌଣସି ପଲିସିର ପ୍ରିମିୟମ କିମ୍ବା ବୈଶିଷ୍ଟ୍ୟ ଦେଖିବାକୁ ଚାହାନ୍ତି ତେବେ ପ୍ରସ୍ତାବ ଅନୁସାରେ, ତାଙ୍କୁ ନିଜର ନାଁ, ମୋବାଇଲ ନମ୍ବର କିମ୍ବା ଇ-ମେଲ ଆଇଡି ଦେବାର ଆବଶ୍ୟକତା ରହିବା ଉଚିତ ନୁହେଁ। ଗ୍ରାହକ ବ୍ୟକ୍ତିଗତ ତଥ୍ୟ ନ ଦେଇ ହିଁ ପଲିସିର ଦର, ବୈଶିଷ୍ଟ୍ୟ, ପ୍ରଦର୍ଶନ ଏବଂ ଅନ୍ୟ ଜରୁରୀ ତଥ୍ୟ ଦେଖିପାରିବେ। ଆଇଆର୍ଡିଏଆଇର କହିବାନୁସାରେ, କେବଳ ତଥ୍ୟ ହାସଲ କରିବା ପାଇଁ ଗ୍ରାହକଙ୍କ ବିବରଣୀକୁ ନେଇ ତାହାକୁ ବିକ୍ରି ପାଇଁ ବ୍ୟବହାର କରାଯିବା ଉଚିତ ନୁହେଁ। ଆଇଆର୍ଡିଏଆଇ ବୀମା ୱେବ୍ସାଇଟଗୁଡ଼ିକରେ ବ୍ୟବହାର ହେଉଥିବା ତଥାକଥିତ 'ଡାର୍କ ପାଟର୍ଣ୍ଣ' ଉପରେ ବି ରୋକ ଲଗାଇବାର ପ୍ରସ୍ତାବ ରଖିଛି। ସୂଚନାଯୋଗ୍ୟ, କୌଣସି ବୀମା ଉତ୍ପାଦର ଦର ଏବଂ ବୈଶିଷ୍ଟ୍ୟ ଦେଖିବା ପୂର୍ବରୁ ଗ୍ରାହକଙ୍କଠାରୁ ମୋବାଇଲ ନମ୍ବର କିମ୍ବା ଅନ୍ୟ ବ୍ୟକ୍ତିଗତ ବିବରଣୀ ମାଗିବା ଉପରେ ରୋକ ଲଗାଯିବ। ଏଯାବତ ବୀମା କମ୍ପାନିଗୁଡ଼ିକରେ ପ୍ରଥମ ବର୍ଷ ପ୍ରିମିୟମ ଆସିବା ମାତ୍ରେ ଏଜେଣ୍ଟଙ୍କୁ ୩୦ରୁ ୪୦% ପର୍ଯ୍ୟନ୍ତ ମୋଟା 'ଅପ୍‌ଫ୍ରଣ୍ଟ କମିଶନ' ମିଳୁଥିଲା। ଏବେ ଆଇଆର୍ଡିଏଆଇ ଏହି ସିଷ୍ଟମକୁ ସମାପ୍ତ କରି ଏହାକୁ 'ଷ୍ଟାଗର୍ଡ ମଡେଲ'ରେ ବଦଳାଇବାକୁ ପ୍ରସ୍ତାବ ଦେଇଛି। ଅର୍ଥାତ ଏବେ କମିଶନ ଏକସଙ୍ଗେ ନୁହେଁ ବରଂ ପଲିସିର ସଂପୂର୍ଣ୍ଣ ଅବଧିରେ କିସ୍ତିରେ ଦିଆଯିବ। ଏହାଦ୍ୱାରା ଏଜେଣ୍ଟ କେବଳ ପଲିସି ବିକ୍ରି ଉପରେ ଧ୍ୟାନକେନ୍ଦ୍ରିତ ନ କରି ଗ୍ରାହକଙ୍କୁ ଲମ୍ବା ସମୟ ପର୍ଯ୍ୟନ୍ତ ସେବା ଦେବା ଉପରେ ଗୁରୁତ୍ୱ ଦେବେ।

# ପହିଲାରୁ ବଦଳିବ ଏଲପିଜି ଗ୍ୟାସର ୫ ବଡ଼ ନିୟମ



ନୂଆଦିଲ୍ଲୀ,୨୬।୯: ଅକ୍ଟୋବର ୧ ତାରିଖରୁ ଏଲପିଜି ସିଲିଣ୍ଡର ସହିତ ଜଡିତ ଅନେକ ପରିବର୍ତ୍ତନ ଲାଗୁ ହେବାକୁ ଯାଉଛି। ଏହି ପରିବର୍ତ୍ତନଗୁଡ଼ିକ ଗ୍ୟାସ ବୁକିଂ ଓ ରିଫିଲିଂକୁ ପ୍ରଭାବିତ କରିବ। ସବସିଡିଯୁକ୍ତ ସିଲିଣ୍ଡର ପାଇଁ ବାୟୋମେଟ୍ରିକ୍ ଆଧାର ପ୍ରମାଣୀକରଣ ଆବଶ୍ୟକ ହେବ। ଏହା ବ୍ୟତୀତ, ରିଫିଲ୍ ବୁକିଂ ସମୟ ଓ ପିଏନଜି ସଂଯୋଗ ଥିବା କ୍ଷେତ୍ରଗୁଡ଼ିକ ବିଷୟରେ କିଛି ନିୟମ ଅଛି ଯାହା ବିଷୟରେ ଆପଣଙ୍କୁ ଅବଗତ ହେବା ଉଚିତ। ମାସ ଆରମ୍ଭରେ ଏଲପିଜି ମୂଲ୍ୟରେ ପରିବର୍ତ୍ତନ ହୋଇପାରେ, ଯାହା ଆପଣଙ୍କ ପକେଟ ଉପରେ ସିଧାସଳଖ ପ୍ରଭାବ ପକାଇବ। ପ୍ରତି ମାସର ପ୍ରଥମ ଦିନ ଅନେକ ନିୟମ ପରିବର୍ତ୍ତନ ହୁଏ, ଯାହା ସିଧାସଳଖ ସାଧାରଣ ଲୋକଙ୍କ ପକେଟ ଉପରେ ପ୍ରଭାବ ପକାଏ। ଯଦି ଆପଣ ରୋଷେଇ ପାଇଁ ଏଲପିଜି ସିଲିଣ୍ଡର ବ୍ୟବହାର କରୁଛନ୍ତି, ତେବେ ଅକ୍ଟୋବର ୧ ତାରିଖରୁ ଲାଗୁ ହେବାକୁ ଥିବା ପରିବର୍ତ୍ତନ ଉପରେ ନଜର ରଖିବା ଗୁରୁତ୍ୱପୂର୍ଣ୍ଣ। ଆପଣ ପ୍ରତି ମାସରେ ଏକ ଏଲପିଜି ସିଲିଣ୍ଡର କିଣନ୍ତି, ତେବେ ନୂଆ ନିୟମ ବିଷୟରେ ସଚେତନ ହେବା ଗୁରୁତ୍ୱପୂର୍ଣ୍ଣ। ଅକ୍ଟୋବର ୧ ତାରିଖରୁ ଲାଗୁ ହେଉଥିବା ଏଲପିଜି ନିୟମାବଳୀରେ ପରିବର୍ତ୍ତନଗୁଡ଼ିକର ଶୀଘ୍ର ଜାଣନ୍ତୁ। ଏଲପିଜି ସିଲିଣ୍ଡର ପାଇଁ ବାୟୋମେଟ୍ରିକ୍ ଆଧାର ପ୍ରମାଣୀକରଣ ଆବଶ୍ୟକ । ଅକ୍ଟୋବର ୧ ତାରିଖରୁ ସବସିଡିଯୁକ୍ତ ଘରୋଇ ଏଲପିଜି ସିଲିଣ୍ଡର କ୍ରୟ କରୁଥିବା ଗ୍ରାହକମାନଙ୍କ ପାଇଁ ବାୟୋମେଟ୍ରିକ୍ ଆଧାର ପ୍ରମାଣୀକରଣ ବାଧ୍ୟତାମୂଳକ ହେବ। ଯେଉଁ ଗ୍ରାହକମାନେ ଏପର୍ଯ୍ୟନ୍ତ ଏହି ପ୍ରକ୍ରିୟା ସମାପ୍ତ କରିନାହାଁନ୍ତି, ସେମାନଙ୍କୁ ସେମାନଙ୍କର ପରବର୍ତ୍ତୀ ସବସିଡିଯୁକ୍ତ ରିଫିଲ୍ ବୁକ୍ କରିବା ପୂର୍ବରୁ ଏହା କରିବାକୁ ପଡିବ। ଏହି ପ୍ରକ୍ରିୟା ଏଲପିଜି ବିତରକଙ୍କ ପାଖରେ, ସିଲିଣ୍ଡର ବିତରଣ ସମୟରେ କିମ୍ବା ସମ୍ପୃକ୍ତ ତୈଳ କମ୍ପାନୀର ମୋବାଇଲ୍ ଆପ୍ ମାଧ୍ୟମରେ କରାଯାଇପାରିବ। କିନ୍ତୁ, ଯେଉଁମାନେ ପୂର୍ବରୁ ପ୍ରମାଣୀକରଣ କରିସାରିଛନ୍ତି ସେମାନଙ୍କୁ ଏହା ପୁନର୍ବାର କରିବାକୁ ପଡିବ ନାହିଁ। ମାସ ଆରମ୍ଭରେ ଏଲପିଜି ମୂଲ୍ୟ ସଂଶୋଧନ କରାଯାଏ। ତେଲ କମ୍ପାନୀଗୁଡ଼ିକ ପ୍ରତି ମାସରେ ଏଲପିଜି ମୂଲ୍ୟ ସମୀକ୍ଷା ଏବଂ ସଂଶୋଧନ କରନ୍ତି। ଏହି ମୂଲ୍ୟଗୁଡ଼ିକ ଅନ୍ତର୍ଜାତୀୟ ଇନ୍ଧନ ମୂଲ୍ୟ, ଆମଦାନୀ ଗ୍ୟାସ୍ ମୂଲ୍ୟ ଏବଂ ସରକାରୀ ଟିକସ ସମେତ ଅନେକ କାରଣ ଉପରେ ନିର୍ଭର କରେ।

ଘରୋଇ ଏଲପିଜି ସିଲିଣ୍ଡରର ପରବର୍ତ୍ତୀ ରିଫିଲ୍ ପାଇଁ ସରକାର ବୁକିଂ ଅବଧିକୁ ୪୫ ଦିନରୁ ୨୫ ଦିନକୁ ହ୍ରାସ କରିଛନ୍ତି। ଏହି ନୂଆ ନିୟମ ସାରା ଦେଶର ସମସ୍ତ ଘରୋଇ ଏଲପିଜି ଗ୍ରାହକଙ୍କ ପାଇଁ ପ୍ରଯୁଜ୍ୟ ହେବ। ବର୍ତ୍ତମାନ, ସରକାର ସମସ୍ତ ଘରୋଇ ଗ୍ରାହକଙ୍କ ପାଇଁ ଏକ ସମାନ ନିୟମ ଲାଗୁ କରିଛନ୍ତି। ଏହି ନିୟମଗୁଡ଼ିକ ଅକ୍ଟୋବର ୧ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଆପଣଙ୍କ ଘର କିମ୍ବା ସୋସାଇଟିରେ PNG (ପାଇପ୍ ପ୍ରାକୃତିକ ଗ୍ୟାସ୍) ଉପଲବ୍ଧ ଅଛି, କିନ୍ତୁ ଆପଣ ତଥାପି LPG ସିଲିଣ୍ଡର ବ୍ୟବହାର କରନ୍ତି ଏବଂ ନୋଟିସ୍ ପାଇବାର ୯୦ ଦିନ ମଧ୍ୟରେ PNG ସଂଯୋଗ ନେଇ ନାହାଁନ୍ତି, ତେବେ ଆପଣଙ୍କର LPG ରିଫିଲ୍ ବନ୍ଦ ହୋଇପାରେ। ତେଲ କମ୍ପାନୀଗୁଡ଼ିକ ଏପରି ୩୬୩ ଜଣ ଗ୍ରାହକଙ୍କୁ ନୋଟିସ୍ ଜାରି କରିଛନ୍ତି। PNG କୁ ପ୍ରୋତ୍ସାହିତ କରିବା ପାଇଁ ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ଏହି ମାମଲାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ସିଲିଣ୍ଡର ବିତରଣ ନିୟମରେ ମଧ୍ୟ ପରିବର୍ତ୍ତନ କରାଯାଇଛି।

# ପୁଣି ଫେରିଲା ନୋକିଆ




ଭୁବନେଶ୍ୱର, ୨୬।୯:ହାତରେ ଛୋଟ ଫୋନ୍, ଫିଜିକାଲ୍ କିପ୍ୟାଡ୍ ଏବଂ ସ୍କ୍ରିନ୍ରେ ସ୍ନେକ ଗମେ ଏହି ଦୃଶ୍ୟ ଅନେକଙ୍କ ପୁରୁଣା ଦିନର ସ୍ମୃତିକୁ ତାଜା କରିଦେବ। ମୋବାଇଲ୍ ଦୁନିଆର ଏକଦା ଲୋକପ୍ରିୟ Nokia 3210 ଏବେ ନୂଆ ରୂପରେ ବଜାରକୁ ଫେରିଛି। ତେବେ ଏଥର ଫୋନ୍ରେ ରହିଛି ଆଧୁନିକ ସୁବିଧା ଓ 4G କନେକ୍ଟିଭିଟି। HMD Global ଭାରତୀୟ ବଜାରରେ Nokia 3210 4Gକୁ ୪,୨୯୯ ଟଙ୍କା ମୂଲ୍ୟରେ ଆଣିଛି। ପୁରୁଣା ଡିଜାଇନ୍ ଓ ଫିଜିକାଲ୍ କିପ୍ୟାଡ୍କୁ ବଜାୟ ରଖି ଏଥିରେ ଯୋଡ଼ାଯାଇଛି 4G, USB Type-C ଏବଂ Bluetooth 5.0 ଭଳି ଆଧୁନିକ ଫିଚର୍। ମୂଳ Nokia 3210 ପ୍ରଥମେ ୧୯୯୯ ମସିହାରେ ଲଞ୍ଚ୍ ହୋଇଥିଲା। ନୂଆ ମଡେଲ୍ରେ ସେହି ପୁରୁଣା ଫୋନ୍ର ଲୁକ୍କୁ ମନେ ପକାଇଦେବା ଭଳି ଡିଜାଇନ୍ ରହିଛି। କିନ୍ତୁ ଭିତରର ଟେକ୍ନୋଲୋଜି ଏବେ ବେଶ୍ ଆଧୁନିକ। ଫୋନ୍ରେ ରହିଛି ୨.୪ ଇଞ୍ଚ୍ QVGA କଲର୍ ଡିସପ୍ଲେ, ୨ ମେଗାପିକ୍ସେଲ୍ ରିୟର୍ କ୍ୟାମେରା ଓ LED ଫ୍ଲାଶ୍। କନେକ୍ଟିଭିଟି ପାଇଁ 4G ଏବଂ Bluetooth 5.0 ମିଳୁଛି। ଚାର୍ଜିଂ ପାଇଁ ଦିଆଯାଇଛି USB Type-C ପୋର୍ଟ, ସେହିପରି ୩.୫ ମିମି ହେଡଫୋନ୍ ଜ୍ୟାକ୍ ମଧ୍ୟ ରହିଛି। Nokia 3210 4Gରେ ୧,୪୫୦mAh ରିମୁଭେବଲ୍ ବ୍ୟାଟେରୀ ଦିଆଯାଇଛି। HMDର ଲ୍ୟାବ୍ ଟେଷ୍ଟ ଅନୁସାରେ, 4G ନେଟୱର୍କରେ ଏହା ସର୍ବାଧିକ ପ୍ରାୟ ୯.୮ ଘଣ୍ଟା ଟକ୍ ଟାଇମ୍ ଦେଇପାରେ।ସ୍ମାର୍ଟଫୋନ୍କୁ ଦିନକୁ ଦିନ ଚାର୍ଜ କରିବାର ଅଭ୍ୟାସ ଥିବା ଲୋକଙ୍କ ପାଇଁ ଏହି ଫିଚର୍ ଏକ ଅଲଗା ଅନୁଭବ ଦେଇପାରେ।

ପୁରୁଣା ନୋକିଆ ଫୋନର କଥା ଉଠିଲେ ସ୍ନେକ ଗମେ କୁ କିପରି ଭୁଲିହେବ! ନୂଆ Nokia 3210 4Gରେ ମଧ୍ୟ ଏହି କ୍ଲାସିକ୍ ଗେମ୍ ରହିଛି। ଛୋଟ ସ୍କ୍ରିନ୍ରେ ସାପକୁ ଘୁରାଇ ହାଇସ୍କୋର୍ କରିବାର ସେହି ପୁରୁଣା ମଜା ଏବେ ପୁଣି ଫେରିଆସିଛି। ଆଜିର ଗ୍ରାଫିକ୍ସ ଭରା ମୋବାଇଲ୍ ଗେମ୍ ଯୁଗରେ ସ୍ନେକ ଗେମ ର ସରଳତା ହିଁ ଏହାର ନଷ୍ଟାଲଜିଆକୁ ଆହୁରି ବଢ଼ାଇଛି। ତେବେ Nokia 3210 4Gକୁ କେବଳ ପୁରୁଣା ସ୍ମୃତିର ଫୋନ୍ ଭାବିବା ଠିକ୍ ହେବ ନାହିଁ। ଏଥିରେ FM Radio, MP3 Player, microSD Card Support ଏବଂ Bluetooth ଭଳି ସୁବିଧା ମଧ୍ୟ ମିଳୁଛି। ଫୋନ୍ରେ ୬୪MB RAM ଓ ୧୨୮MB ଷ୍ଟୋରେଜ୍ ରହିଛି। ଏହା ସହ Cloud Apps ଜରିଆରେ ଖବର, ପାଣିପାଗ ଓ ଭିଡିଓ ଭଳି କିଛି ସୁବିଧା ମଧ୍ୟ ଉପଲବ୍ଧ ହେଉଛି। ଭାରତୀୟ ବଜାରର ଲିଷ୍ଟିଂରେ UPI Payment ଏବଂ YouTube/YouTube Shorts ଭଳି ଫିଚର୍ର ମଧ୍ୟ ଅଭେଲେବେଲ ରହିଛି। ଏହି ଫୋନ୍କୁ ମୁଖ୍ୟ ସ୍ମାର୍ଟଫୋନ୍ ବଦଳରେ ସେକେଣ୍ଡାରୀ ଫୋନ୍ ଭାବେ ବ୍ୟବହାର କରିହେବ। ଯେଉଁମାନେ କିଛି ସମୟ ପାଇଁ ସୋସିଆଲ୍ ମିଡିଆ ଓ ଅଧିକ ନୋଟିଫିକେସନ୍ରୁ ଦୂରେଇବାକୁ ଚାହାନ୍ତି, ଯାତ୍ରା ସମୟରେ ବ୍ୟାକ୍‌ଅପ୍ ଫୋନ୍ ଚାହାନ୍ତି କିମ୍ବା କେବଳ କଲ୍ ଓ ଆବଶ୍ୟକ କାମ ପାଇଁ ଏକ ସରଳ ଡିଭାଇସ୍ ଖୋଜୁଛନ୍ତି, ସେମାନଙ୍କ ପାଇଁ ଏହା ଏକ ବିକଳ୍ପ ହୋଇପାରେ। ୪,୨୯୯ ଟଙ୍କାରେ ପୁରୁଣା ଫୋନ୍ର ନୂଆ ଅବତାର । Nokia 3210 4G ଗୋଟିଏ ପଟେ ୯୦ ଦଶକର ନଷ୍ଟାଲଜିଆ ,ଫିଜିକାଲ୍ କିପ୍ୟାଡ୍ ଓ ସ୍ନେକେ ଗମେକୁ ଫେରାଇ ଆଣୁଛି, ଅନ୍ୟପଟେ 4G, Bluetooth 5.0, USB Type-C, କ୍ୟାମେରା ଓ କିଛି ଡିଜିଟାଲ୍ ସୁବିଧା ଭଳି ଆଧୁନିକ ଫିଚର୍ ମଧ୍ୟ ଦେଉଛି।

## ଏଚଆଇଭି ଏଡ୍ସ ସଚେତନତା କାର୍ଯ୍ୟକ୍ରମ




ସୁନ୍ଦରଗଡ଼,୨୬।୯ (ସଂଚାର ବ୍ୟୁରୋ):ଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟ ଦର୍ଲିପାଲିରେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଟେଲ ଙ୍କ ଅଧ୍ୟକ୍ଷତାରେ ଗତ ଗୁରୁବାର ଦିନ ବିଦ୍ୟାଳୟର ଜୁନିୟର ରେଡକ୍ରସ ୟୁନିଟ ତରଫରୁ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଏଚଆଇଭି ଏଡ୍ସର ଏକ ସଚେତନତା କାର୍ଯ୍ୟକ୍ରମ କରା ଯାଇଥିଲା। ଶନିବାର ଦିନ ଦର୍ଲିପାଲି ଗ୍ରାମରେ ଜନସାଧାରଣଙ୍କୁ ଏଚଆଇଭି ପ୍ରତି ସଚେତନ କରିବା ଉଦ୍ଦେଶ୍ୟରେ ୟୁନିଟ ତରଫରୁ ଏକ ରାଲି ମଧ୍ୟ କରାଯାଇଥିଲା। ବିଦ୍ୟାଳୟ ସ୍ତରରେ ଦର୍ଲିପାଲି ପିଏଚସିର ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ସୁବକାର ପିଲାମାନଙ୍କୁ ଏଚଆଇଭି ଏଡ୍ସ ଉପରେ ସଚେତନ କରିଥିଲେ। ଏଥି କାର୍ଯ୍ୟକ୍ରମର ପରିଚାଳନା ବିଦ୍ୟାଳୟର ଜୁନିୟର ରେଡକ୍ରସ କାଉନସେଲର ଶ୍ରୀମତୀ ବିଜୟଲକ୍ଷ୍ମୀ ନାୟକ, ହରେକୃଷ୍ଣ ମହେଲାଂ ଓ ଶିବାନୀ ସେଠ୍ କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀ ଯୋଗଦାନ କରି ଥିଲେ।

# ଲଗାଣ ବର୍ଷାରେ ଧାମନଗର ଅଞ୍ଚଳରେ ବନ୍ୟା

### ବିଭିନ୍ନ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ

### ବିଦ୍ୟୁତ ବିଭାଗର ଅବହେଳା ଯୋଗୁଁ ୩ଦିନ ହେବ ଲୋକେ ଅନ୍ଧାରରେ



ଧାମନଗର,୨୬।୯ (ସଂଚାର ବ୍ୟୁରୋ): ଗତ ଚାରି ଦିନ ଧରି ଅବିଶ୍ରାନ୍ତ ବର୍ଷା ଯୋଗୁଁ ବିଭିନ୍ନ ଛୋଟ ବଡ଼ ନଦୀରେ ବନ୍ୟା ଆସି ଧାମନଗର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହେବା ସହ ଯାତାୟାତରେ ବାଧାପ୍ରାପ୍ତ ହୋଇଛି। ବୈତରଣୀ, କୋଚିଳା, ଗେଙ୍ଗୁଟି, ରେବ, କପାଳୀ ଓ ଯ ନଦୀ ଆଦି ନଦୀରେ ପ୍ରବଳ ବର୍ଷା ଜଳ ଆସିବା ଦ୍ୱାରା ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବୈତରଣୀ ନଦୀର ବନ୍ୟା ଜଳ ବୃଦ୍ଧି ପାଇ ଆଖୁଆପଦାଠାରେ ତାହା ବିପଦ ସଙ୍କେତ ଉପରେ ପ୍ରବାହିତ ହୋଇ ଧାମନଗର ପ୍ରତି ବିପଦ ସୃଷ୍ଟି କରିଛି।

ବନ୍ୟାରେ ବୈତରଣୀ କୋଚିଳା ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳର ଥିବା ହସନାବାଦ, ଅର୍ଜୁନପୁର, ପଧାନି, ଦଳାଙ୍ଗ ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି।ଗୌରାଙ୍ଗପୁର ଏସ୍କେପରେ ବନ୍ୟାଜଳ ବାହାରି ବ୍ଲକର ତଳିଆ ଅଞ୍ଚଳକୁ ଜଳମଗ୍ନ କରିଛି। ସେହିପରି କପାଳୀ ନଦୀରେ ବନ୍ୟା ଜଳ ପ୍ରବାହିତ ହେବା ଦ୍ୱାରା କାସିମ୍ ପୁର, ଅସୁରାଳି, ଫତେପୁର, କଟସାହି, ଆଦି ଅଞ୍ଚଳର ଗାଁ ଗଣ୍ଡାରେ ବନ୍ୟା ଜଳ ପ୍ରବେଶ କରି ବହୁ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ଅନ୍ୟପଟେ ରେବନଦୀର ବନ୍ୟା ଜଳ ପ୍ରବେଶ ହେବା ଦ୍ୱାରା ଇଛଦା, ବ୍ରହ୍ମପୁର, ସୂତାର ସାହି, ପଳିକିରି, ମେଳନଡିହ ଏବଂ ଚୁଡ଼ାକୁଟି ପଞ୍ଚାୟତର ସୋରିଷଡିହି ଠାରୁ ମାଙ୍କିଡିଆ ଓ ଦଇପୁର ପଞ୍ଚାୟତର ତାଳସିଠା ଠାରୁ କୁସୁମା ପର୍ଯ୍ୟନ୍ତ ଆଦି ଅଞ୍ଚଳର ବିଭିନ୍ନ ଗ୍ରାମରେ ବନ୍ୟା ଜଳ ପ୍ରବାହିତ ହେବା ଦ୍ୱାରା ଲୋକେ ଘରୁ ବାହାରି ନପାରି, ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ପ୍ରକାଶ ଥାଉକି, ଦଇପୁର ପଞ୍ଚାୟତର ତାଳସିଠା ଗ୍ରାମର ବିପିନ ନାୟକଙ୍କ ଘରେ ହଠାତ୍ ପାଣି ପଶିଯିବାରୁ ସମସ୍ତ ଆସବାବପତ୍ର ସହ କଚ୍ଚା ଘର ଓ ଗୁହାଳ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି। ଏପରିକି ବିଭିନ୍ନ ରାସ୍ତା ଘାଟ, ବିଦ୍ୟାଳୟରେ ମଧ୍ୟ ପାଣି ପଶି ଅସ୍ତବ୍ୟସ୍ତ କରିପକାଇଛି। ଲଗାଣ ବର୍ଷାର ପ୍ରଭାବ ଯୋଗୁଁ ଭଦ୍ରକ ଜିଲ୍ଲାପାଳ ପ୍ରଭାବିତ ଅଞ୍ଚଳର ସରକାରୀ ବିଦ୍ୟାଳୟ କୁ ଶନିବାର ଛୁଟି ଘୋଷଣା କରିଥିଲେ। ଧାମନଗର ଏନ ଏ ସି ଅଞ୍ଚଳ ଜଳମଗ୍ନ ହେବା ସହ ତଳିଆ ୫ନମ୍ବର, ୯ନମ୍ବର ଏବଂ ୧୦ନମ୍ବର ୱାର୍ଡ଼ର ବିଭିନ୍ନ ଗ୍ରାମ ସମେତ ହବିବି ନଗର ଗ୍ରାମରେ ବନ୍ୟା ପାଣି ପଶିଛି। ବିଭିନ୍ନ ୱାର୍ଡ଼ ର ରାସ୍ତ ବୁଡ଼ି ସ୍ରୋତ ଚାଲୁଥିବାରୁ ଗମନା ଗମନ ସମସ୍ୟା ଲାଗି ରହିଛି।

ସେହିପରି ବ୍ଲକ ବଜାର ମୁଖ୍ୟ ରାସ୍ତା ବୁଡ଼ି ସ୍ରୋତ ଚାଲୁଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସବୁଠୁ ବଡ଼ ସମସ୍ୟା ହେଲା ପଧାନି ପଞ୍ଚାୟତର ଗତ ୩ ଦିନ ଧରି ବିଦ୍ୟୁତ ସମସ୍ୟା ଲାଗିରହିଛି, ସନ୍ଧ୍ୟା ହେଲେ ଲୋକେ ଘରୁ ବାହାରକୁ ବାହାରି ପାରୁ ନାହାନ୍ତି। ବନ୍ୟା ପାଣି ବୁଡ଼ି ରହିଥିବା ଯୋଗୁଁ ବିଷ ଧର ସାପ ଘରେ ପଶି ଯାଉଥିବା ନେଇ ସୂଚନା ମିଳିଛି। ଏପରିକି ପଞ୍ଚାୟତ ଅଧିନ ସଇଲୋ ଗ୍ରାମରେ ଗତ ଦୁଇ ଦିନ ପୂର୍ବରୁ ଜଣେ ଲୋକକୁ ସାପ କାମୁଡ଼ି ଦେଇଥିବା ବେଳେ ଶନିବାର ସନ୍ଧ୍ୟାରେ ଆଉ ଜଣେ ଲୋକକୁ ସାପ କାମୁଡ଼ି ଥିବା ନେଇ ସୂଚନା ମିଳିଛି।

# ବାତ୍ୟା ଅର୍ଣ୍ଣବରେ ନୀଳଗିରି ବ୍ଲକର ୬ ପଞ୍ଚାୟତ ପ୍ରଭାବିତ

### ବାତ୍ୟା ସ୍ଥଳ ପରିଦର୍ଶନ କଲେ ସାଂସଦ ଓ ଜିଲ୍ଲାପାଳ

### ୩୪ ଜଣିଆ ଏନଡିଆରଏଫ ଟିମ ଉଦ୍ଧାରକାର୍ଯ୍ୟରେ ନିୟୋଜିତ

### ସୋନ ନଦୀରେ ଭାସିଯାଉଥିବା ବାଡ଼ିଆ ଗାଁର ନାବଳକ ୨ ଭାଇ ଭଉଣୀଙ୍କୁ ଉଦ୍ଧାର କଲା ଏନଡିଆରଏଫ ଟିମ



ନୀଳଗିରି,୨୬।୯ (ସଂଚାର ବ୍ୟୁରୋ): ଚଳିତ ବର୍ଷ ସେପ୍ଟେମ୍ବର ମାସରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ଅର୍ଣ୍ଣବ ପ୍ରଭାବରେ ନୀଳଗିରି ବ୍ଲକ ସୋନ ନଦୀ ପାଖରେ ଥିବା ୬ ପଞ୍ଚାୟତର ପ୍ରାୟ ୧୦ହଜାର ପରିବାର ପ୍ରଭାବିତ ହୋଇଛନ୍ତି। ତନ୍ମଧ୍ୟରୁ ବେଗୁନିଆ ଗ୍ରାମପଞ୍ଚାୟତର ତୋଟାପଡା, ସଂସାପାଳ, ରାମଚନ୍ଦ୍ରପୁର, ଡୁମଗଣ୍ଡିରା, ଭକ୍ତାନନ୍ଦପୁର, ଦୋବାଟୀ, ନିଶଙ୍କପୁର, ରାଧାକିଶୋରପୁର ପଞ୍ଚାୟତ ରକୁଲ୍ଲାଟବରହମପୁର, ପୁନ୍ଦାଳ, ରାଧାକିଶୋରପୁର ଏବଂ କୁଣିସାହି, କାଂଶ ଗ୍ରାମ ପଞ୍ଚାୟତର କରଞ୍ଜିଆ, କାଂଶ, କୁହ୍ଲାପାଳ, ସଂଗ୍ରାମପୁର, ବାଥୁଡି ସାହି, ନରସିଂହପୁର ଗ୍ରାମ ପଞ୍ଚାୟତ ର ଅମ୍ବିକାପୁର, ଦୁର୍ଗାପୁର, ବିରସାହୁପୁରା, ତିନ ଦେଶ, ପୁରୁଣାଗାଁ, ପଳାଶବଣୀ, ବଇଁଚା , ଆଡିଆଖୁଣ୍ଟା, ମଛୁଆ ଗ୍ରାଃ ପ ର ସିଙ୍ଗିରି,କାଠପାଳ, ଅଯୋଧ୍ୟା ଗ୍ରାଃ ପ ର ଜୁଣକୁଇଲି, ଖସାପଡ଼ିଆ ଏବଂ ବାଡ଼ିଆ ଗ୍ରାମରେ ବନ୍ୟା ଜଳ ପ୍ରବେଶ କରି ୫ଫୁଟ ରୁ ଉର୍ଦ୍ଧ ପାଣି ଘରେ ପଶିଯିବାରୁ କିଛି ମାଟି ଘର ନଷ୍ଟ ହୋଇଥିବା ବେଳେ ବର୍ତ୍ତମାନ ସୁଧା ଜଳ ସମ୍ପୂର୍ଣ୍ଣ ନିଷ୍କାସନ ହୋଇପାରିନାହିଁ । ଆଜି ପୂର୍ବାହ୍ନ ରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବାତ୍ୟା ସ୍ଥଳ ପରିଦର୍ଶନ କରିବା ସହିତ ଶୁଖିଲା ଖାଦ୍ୟ ବାଣ୍ଟି ଥିଲେ। ତେବେ ବିଭିନ୍ନ ବିଦ୍ୟାଳୟରେ ବନ୍ୟା ବିପନ୍ନ ଆଶ୍ରୟ ନେଇଥିବା ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ଦିଆଯାଉଛି ।

ବାତ୍ୟା ସ୍ଥଳ ପରିଦର୍ଶନ ପାଇଁ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଆଜି ଅପରାହ୍ନ ଦେଢ଼ ଘଟିକା ସମୟରେ କାଂଶ ପଞ୍ଚାୟତ ଜୁଣକୋଇଲି ଗାଁ ଓ ବେଗୁନିଆ ପଞ୍ଚାୟତ ର ବିଭିନ୍ନ ବନ୍ୟାଞ୍ଚଳ ପରିଦର୍ଶନ କରି ବନ୍ୟା ସ୍ଥିତି ପରଖିଛନ୍ତି। ବନ୍ୟା ପାଣି ଛାଡ଼ି ଯିବା ପରେ ବିପନ୍ନ ପରିବାରକୁ ପଲିଥିନ ଆବଶ୍ୟକ ଅନୁସାରେ ଦିଆଯିବ ବୋଲି ସ୍ଥାନୀୟ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ, ସ୍ଥାନୀୟ ଉପଜିଲ୍ଲାପାଳ ସୁଭଶ୍ରୀ ରଥ, ନୀଳଗିରିର ଭାରପ୍ରାପ୍ତ ତହସିଲଦାର ଶୁଭଶ୍ରୀ ଜେନା , ବିଡ଼ିଓ ବିକ୍ରମ କେଶରୀ ପରିଡ଼ା ବନ୍ୟା ସ୍ଥଳୀ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିବା ସହିତ ବିଡ଼ିଓ ଶ୍ରୀଯୁକ୍ତ ପରିଡ଼ା ଆଜି ବାତ୍ୟା ଆଶ୍ରୟ ସ୍ଥଳୀ ରେ ଉପସ୍ଥିତ ରହି ରନ୍ଧା ଖାଦ୍ୟ ବିତରଣ କରିଥିଲେ । ଠିକ ସେହିପରି ଭାବେ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ବନ୍ୟା ସ୍ଥଳ ପରିଦର୍ଶନ କରିଥିବା ବେଳେ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଏହି ବନ୍ୟା ଜଳ ପ୍ରବେଶ ଫଳରେ କୁହ୍ଲାପାଳ ଗ୍ରାମର ମିନତି ଖମାରୀ, ବାବୁ ଦଳେଇ, ତପନ ଦାସ, ଚେମା ଦଣ୍ଡପାଟ ଙ୍କ ଘର କାନ୍ଥ ଭାଙ୍ଗି ଥିବା ବେଳେ ମନୋରଞ୍ଜନ ଜେନାଙ୍କ ଗୁହାଳ ଘର ଭାଙ୍ଗି ଯାଇଛି। ଆଜି ସକାଳ ଠାରୁ ଅପରାହ୍ନ ୫ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର ଏନ, ଡି,ଆରଏଫ ର ଟିମ କମାଣ୍ଡର ଚିତ୍ତରଞ୍ଜନ ମାଝୀ ଙ୍କ ସମେତ ୩୩ ଜଣିଆ ଏକ ଦଳ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ । ତେବେ ମଧ୍ୟାହ୍ନ ୧୨,୩୦ ମିନିଟ ସମୟରେ ବାଡ଼ିଆ ଗ୍ରାମର ରବୀନ୍ଦ୍ର ଦଳେଇଙ୍କ ୭ବର୍ଷର ନାବାଳକ ପୁତ୍ର କିରଣ ଦଳେଇ ନଦୀ ସ୍ରୋତରେ ଭାସି ଯାଉଥିବା ବେଳେ ବଡ ଭଉଣୀ ରୁବି ଦଳେଇ (୧୪) ଉଦ୍ଧାର କରିବାକୁ ଯାଇ ସୋନ ନଦୀରେ ଭାସିଯାଉଥିବା ବେଳେ ଏନ୍‌ଡିଆରଏଫ ଟିମ ଦ୍ୱାରା ଉଦ୍ଧାର କରାଯାଇଥିଲା ।

## ଲଗାଣ ବର୍ଷାରେ ଭାଙ୍ଗିଲା ଘର କାନ୍ଥ, ବଢ଼ିଲା ଚିନ୍ତା

### ସରକାରଙ୍କ ନିର୍ଦ୍ଦେଶକୁ ରାଜସ୍ୱ ନିରୀକ୍ଷକଙ୍କ ବେଖାତିରି



ବୋରିଗୁମ୍ମା,୨୬।୯ (ସଂଚାର ବ୍ୟୁରୋ): ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କାଠରଗଡା ପଞ୍ଚାୟତରେ ଚାରି ଦିନ ବ୍ୟାପି ଲାଗିରହିଥିବା ଲଘୁଚାପ ଜନିତ ଲଗାଣ ବର୍ଷାରେ କାଠରଗଡା ପଞ୍ଚାୟତର କାଠରଗଡା, ରାଜପୁଟ, ପ୍ରଧାନୀଗୁଡା ଗ୍ରାମରେ ୧୫ ରୁ ଉର୍ଦ୍ଧ୍ୱ ଘର ଭାଙ୍ଗିଥିବା ଦେଖାଦେଇଛି । ସଦର କାଠରଗଡା ଗ୍ରାମର ମାଳତୀ ଗୌଡ଼, ଶ୍ୟାମସୁନ୍ଦର ନାୟକ, ଶୁକ୍ରି ଯାନୀ, କୁରଙ୍ଗ ଯାନୀ, ପାର୍ବତୀ ପାଇକ, ଗୁପ୍ତ ମୁଦୁଲି, କମଳ ବାଗ, ଚିତ୍ତରଞ୍ଜନ ମିଶ୍ର ପ୍ରମୁଖଙ୍କ ଘରର କାନ୍ଥ ଭୁଶୁଡ଼ି ପଡ଼ିବା ପରେ ଏବେ ଚିନ୍ତାରେ ପରିବାର ଲୋକ । ସୌଭାଗ୍ୟ ବଶତଃ ଘରେ ସହଦେବଙ୍କ ପରିବାର ଶୋଇଥିବା ବେଳେ ବାହାର ପଟକୁ କାନ୍ଥ ଭୁଶୁଡିବାରୁ ସେମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ।

ବର୍ଷାର ପ୍ରଭାବରେ ଚିତ୍ତରଞ୍ଜନ ମିଶ୍ର ଘର କ୍ଷତିଗ୍ରସ୍ତ ହୋଇଛି। ଦୀର୍ଘ ସମୟ ଧରି ବର୍ଷା ଲାଗି ଝାଟିମାଟି ଘରର କାନ୍ଥ ଦୁର୍ବଳ ହୋଇ ଗୋଟିଏ ପରେ ଗୋଟିଏ ଘର ଭୁଶୁଡ଼ି ପଡ଼ିଥିବା ଜଣାପଡ଼ିଛି। ଘର ଭାଙ୍ଗିଯିବା ପରେ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ନଥିବାରୁ ସହଦେବଙ୍କ ପରିବାର ଅସୁବିଧାରେ ପଡ଼ିଛନ୍ତି। ବର୍ଷା ମଧ୍ୟରେ ଭଙ୍ଗା ଘରରୁ ଆବଶ୍ୟକ ସାମଗ୍ରୀ ବାହାର କରିବା ମଧ୍ୟ କଷ୍ଟକର ହୋଇପଡ଼ିଛି।

ଏପଟେ ପୁଣି ବର୍ଷା ଲାଗି ରହିଥିବାରୁ ଭଙ୍ଗା ଘରରେ ରହିବାକୁ ପରିବାର ଲୋକେ ଭୟ କରୁଛନ୍ତି। ତେବେ ସହଦେବ ପାଇକଙ୍କ ପରିବାରର ଦୁର୍ଦ୍ଦଶା ଅଧିକ ଚିନ୍ତାଜନକ। ଲଗାଣ ବର୍ଷା ଓ ପବନରେ ପଞ୍ଚାୟତ ମଧ୍ୟରେ ୧୫ ଘର ଭାଙ୍ଗିଥିଲେ ମଧ୍ୟ ତହସିଲ କାର୍ଯ୍ୟାଳୟ ପକ୍ଷରୁ ସରକାରୀ ସହାୟତା ମିଳିନଥିବା କ୍ଷତିଗ୍ରସ୍ତ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏପରିକି ଘଟଣା ପରେ କାଠରଗଡା ଦାୟିତ୍ୱରେ ଥିବା ରାଜସ୍ୱ ନିରୀକ୍ଷକଙ୍କ ଦେଖା ମିଳିନଥିବା ନେଇ ମଧ୍ୟ ଲୋକେ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ, ବୋରିଗୁମ୍ମା ବିଡିଓ ସୁକାନ୍ତ କୁମାର ପଟନାୟକ କହିଛନ୍ତି ଯେ, ବୋରିଗୁମ୍ମା ବ୍ଲକରେ କାଠରଗଡା ପଞ୍ଚାୟତକୁ ସର୍ବାଧିକ ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ତୋଦୟ ଗୃହବଣ୍ଟନ କରାଯାଇଛି। ଯଦି କୌଣସି ଯୋଗ୍ୟ ପରିବାର କୌଣସି କାରଣରୁ ବାଦ ପଡ଼ିଥାନ୍ତି, ତେବେ ସରକାରୀ ନିୟମ ଅନୁଯାୟୀ ଯାଞ୍ଚ କରାଯାଇ ଯୋଜନାରେ ସାମିଲ କରି ଗୃହ ଯୋଗାଇ ଦିଆଯିବ ।

## 'ଗୋ-ସାଥୀ' ପ୍ରକଳ୍ପ ଅଧୀନରେ ଗାଈ ବଣ୍ଟନ



ସୁନ୍ଦରଗଡ଼,୨୬।୯ (ସଂଚାର ବ୍ୟୁରୋ): ହେମଗିରି ବ୍ଲକ ଅନ୍ତର୍ଗତ ସାନଘୁମୁଡ଼ା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶନିବାର ସେବକ ପକ୍ଷରୁ ଓସିପିଏଲ ହେମଗିରିର ସହଯୋଗରେ ଡାଏରୀ ଡେଭଲପମେଣ୍ଟ ପ୍ରୋଜେକ୍ଟ 'ଗୋ-ସାଥୀ' ଅଧୀନରେ ଗାଈ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋପାଳନ ମାଧ୍ୟମରେ ଗ୍ରାମୀଣ ପରିବାରଙ୍କ ଜୀବିକା ବିକାଶ, ଆୟ ବୃଦ୍ଧି ଓ ଆର୍ଥିକ ସ୍ୱାବଲମ୍ବନକୁ ସୁଦୃଢ଼ କରିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ପ୍ରକଳ୍ପ ଅଧୀନରେ ମୋଟ ୫୦ ଜଣ ହିତାଧିକାରୀଙ୍କୁ ୫୦ଟି ଗାଈ ପ୍ରଦାନ କରିବାର ବ୍ୟବସ୍ଥା ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଆଜି ୧୫ ଜଣ ଚୟନିତ ହିତାଧିକାରୀଙ୍କୁ ୧୫ଟି ସୁସ୍ଥ ଦେଶୀ ପ୍ରଜାତିର ଗାଈ ବଣ୍ଟନ କରାଯାଇଥିଲା। ବଣ୍ଟନ କରାଯାଇଥିବା ପ୍ରତ୍ୟେକ ଗାଈର ବୀମା ଓ ପଞ୍ଜୀକରଣ କରାଯିବ, ଫଳରେ ଗାଈ ସମ୍ବନ୍ଧୀୟ କୌଣସି ଅପ୍ରତ୍ୟାଶିତ କ୍ଷତି ଘଟିଲେ ହିତାଧିକାରୀମାନେ ଆର୍ଥିକ ସୁରକ୍ଷା ପାଇପାରିବେ।

କାର୍ଯ୍ୟକ୍ରମରେ ସେବକର ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ, ପ୍ରକଳ୍ପ ସଂଯୋଜକ ରଞ୍ଜନ କୁମାର ଭୋକ୍ତାଙ୍କ ସମେତ ଓସିପିଏଲର ମୁଖ୍ୟ ପରିଚାଳନା ଅଧିକାରୀ ଅୟଶକାନ୍ତ କାନୁନଗୋ, ଖଣି ବିଭାଗର ମୁଖ୍ୟ ସୁନୀଲ ତ୍ରିପାଠୀ, ଉପ ମହାପ୍ରବନ୍ଧକ ଅଭୟ କୃଷ୍ଣ କର, ସହକାରୀ ପ୍ରବନ୍ଧକ ଲୋକନାଥ ସାହୁ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସମେତ ହିତାଧିକାରୀମାନେ ଉପସ୍ଥିତ ଥିଲେ।

ଏହି ଅବସରରେ ଓସିପିଏଲର ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀଯୁକ୍ତ କାନୁନଗୋ କହିଥିଲେ ଯେ, ହେମଗିରି ୟୁନିଟ୍‌ର ପାରିପାର୍ଶ୍ୱିକ ଅଞ୍ଚଳର ପରିବାର ମାନଙ୍କୁ ଗାଈ ପ୍ରଦାନ କରିବା ଏକ ଅଭିନବ ଜୀବିକା ବିକାଶ ପଦକ୍ଷେପ। ଏହା ଦ୍ୱାରା ସ୍ଥାନୀୟ ପରିବାରଙ୍କ ଆୟ ଓ ଜୀବିକା ସୁଦୃଢ଼ ହେବା ସହିତ ଦୁଗ୍ଧ ଉତ୍ପାଦନ ଓ ପଶୁପାଳନକୁ ପ୍ରୋତ୍ସାହନ ମିଳିବ। ଏଥିସହ ଓସିପିଏଲ ଓ ଏନଟିପିସି କଲୋନୀରେ ଗୁଣାତ୍ମକ ଦୁଗ୍ଧର ଉପଲବ୍ଧତା ବୃଦ୍ଧି ପାଇବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଗାଈମାନଙ୍କୁ ଉତ୍ତମ ଗୁଣବତ୍ତାର ଘାସ ଓ ସନ୍ତୁଳିତ ଖାଦ୍ୟ ଯୋଗାଇବା ସହ ପ୍ରାଣୀ ସମ୍ପଦ ବିଭାଗ ସହ ସମନ୍ୱୟ ରଖି ନିୟମିତ କୃମିନାଶକ ଔଷଧ ଓ ଆବଶ୍ୟକ ପ୍ରାଣୀ ସ୍ୱାସ୍ଥ୍ୟ ସେବା ଯୋଗାଇବା ଉପରେ ଗୁରୁତ୍ୱାରୋପ କରାଯାଇ ଥିଲା।

## ବାଗଲପୁରରେ ଭକ୍ତିମୟ ପରିବେଶରେ ଭାଗବତ ଜନ୍ମ ଉତ୍ସବ



ବାଲିପାଟଣା,୨୬।୯ (ସଂଚାର ବ୍ୟୁରୋ):ଓଡ଼ିଆ ପରମ୍ପରା ଓ ସଂସ୍କୃତିରେ ଭାଗବତର ରହିଛି ଏକ ସ୍ୱତନ୍ତ୍ର ସ୍ଥାନ। ପରମ୍ପରା ଅନୁଯାୟୀ ଭାଦ୍ରବ ପୂର୍ଣ୍ଣିମାକୁ ଭାଗବତ ଜନ୍ମ ତିଥି ଭାବେ ପାଳନ କରାଯାଏ। ଏହି ଅବସରରେ ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ବାଗଲପୁର ଗ୍ରାମର ବୈଶ୍ୟ ସାହି ସ୍ଥିତ ଭାଗବତ ଟୁଙ୍ଗୀଠାରେ ୭ ଦିନ ଧରି ଭାଗବତ ଜନ୍ମ ଉତ୍ସବ ଶ୍ରଦ୍ଧା ଓ ଭକ୍ତିମୟ ପରିବେଶ ମଧ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି।

## ରାଧାରମଣ ମଠରେ ଠାକୁର ହରିଦାସଙ୍କ ନିର୍ଯ୍ୟାଣ ମହୋତ୍ସବ



ପଟ୍ଟାମୁଣ୍ଡାଇ,୨୬।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବପୁରାତନ ଆଧ୍ୟାତ୍ମିକ ପୀଠ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ଠାରେ ଠାକୁର ଶ୍ରୀଶ୍ରୀ ହରି ଦାସଙ୍କ ନିର୍ଯ୍ୟାଣ ମହୋତ୍ସବ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପୁରୀ ଗୋବର୍ଦ୍ଧନ ପୀଠ ସଭ୍ଯ ସଂରକ୍ଷକ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ମହାରାଜଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟୁଷରୁ ପ୍ରଭୁ ରାଧାରମଣ, ପ୍ରଭୁ ଶ୍ରୀ ଜଗନ୍ନାଥ,ପ୍ରଭୁ ବଳଭଦ୍ର ଓ ମା ସୁଭଦ୍ରା, ପ୍ରଭୁ ଗୋପେଶ୍ୱର ମହାଦେବ ଓ ପ୍ରଭୁ ହନୁମାନଜୀଉଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏଇ ଅବସରରେ ୭ଦଳ ସଂକୀର୍ତ୍ତନ ମଣ୍ଡଳୀ ନାମସଂକୀର୍ତ୍ତନ, ଭଜନ ଜଣାଣ ପରିବେଷଣ କରିଥିଲେ । ଶହ ଶହ ଶ୍ରଦ୍ଧାଳୁ ଭକ୍ତ ଯୋଗ ଦେଇ ଭଗବାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ ।

### ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ଜାତୀୟ ସ୍ୱୀକୃତି

# ଜିଲ୍ଲା ପ୍ରଶାସନକୁ ମିଳିଲା ସ୍କଚ୍ ଆୱାର୍ଡ




ମାଲକାନଗିରି,୨୬।୯ (ସଂଚାର ବ୍ୟୁରୋ): ପ୍ରଶାସନିକ ଦକ୍ଷତା ଏବଂ ଅଭିନବ ଯୁବ ସଶକ୍ତିକରଣ କ୍ଷେତ୍ରରେ ମାଲକାନଗିରି ଜିଲ୍ଲା ପ୍ରଶାସନ ଏକ ଐତିହାସିକ ସଫଳତା ହାସଲ କରିଛି। ଜିଲ୍ଲାର ପ୍ରମୁଖ କାର୍ଯ୍ୟକ୍ରମ ପ୍ରଗତି ପଥେ ଯୁବ ମାଲକାନଗିରି ପାଇଁ ଆଜି ନୂଆଦିଲ୍ଲୀର ଲୋଧି ରୋଡ୍ ସ୍ଥିତ ଇଣ୍ଡିଆ ହାବିଟାଟ୍ ସେଣ୍ଟରଠାରେ ଆୟୋଜିତ ୧୧୦ତମ ସ୍କଚ୍ ସମିଟ୍‌ରେ ଜିଲ୍ଲା ପ୍ରଶାସନକୁ ପ୍ରତିଷ୍ଠିତ ଜାତୀୟ ସ୍କଚ୍ ଆୱାର୍ଡ ପ୍ରଦାନ କରାଯାଇଛି। ମାଲକାନଗିରି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ନୂଆଦିଲ୍ଲୀଠାରେ ଉପସ୍ଥିତ ରହି ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଗୌରବମୟ ପୁରସ୍କାର ଗ୍ରହଣ କରିଛନ୍ତି।

ଏହି ଜାତୀୟ ସ୍ୱୀକୃତି ପ୍ରାପ୍ତି ପରେ ଜିଲ୍ଲାପାଳ କହିଛନ୍ତି ଯେ, ଏହି ପୁରସ୍କାର ମାଲକାନଗିରିର ସମଗ୍ର କ୍ଷେତ୍ରସ୍ତରୀୟ ଟିମ୍‌ର ଅକ୍ଲାନ୍ତ ପରିଶ୍ରମ, ସ୍ଥାନୀୟ ଯୁବପିଢ଼ିଙ୍କ ସକ୍ରିୟ ସହଭାଗିତା ଏବଂ ଓଡ଼ିଶା ସରକାରଙ୍କ ନିରନ୍ତର ମାର୍ଗଦର୍ଶନର ପରିଣାମ ଅଟେ। ପ୍ରଗତି ପଥେ ଯୁବ ମାଲକାନଗିରି କାର୍ଯ୍ୟକ୍ରମ ଜିଲ୍ଲାର ଯୁବସମାଜକୁ ସଶକ୍ତ ଓ ପ୍ରଗତି ପଥରେ ଆଗେଇ ନେବାରେ ସଫଳ ହୋଇଛି। ଏହି ଜାତୀୟ ସମ୍ମାନ ଆଗାମୀ ଦିନରେ ଜିଲ୍ଲାବାସୀଙ୍କ ସେବା, କଲ୍ୟାଣ ଓ ସମଗ୍ର ବିକାଶମୂଳକ କାର୍ଯ୍ୟକୁ ଆହୁରି ଅଧିକ ନିଷ୍ଠାର ସହ ତ୍ୱରାନ୍ୱିତ କରିବା ପାଇଁ ସମସ୍ତଙ୍କୁ ନୂତନ ପ୍ରେରଣା ଯୋଗାଇବ।

ନୂଆଦିଲ୍ଲୀରେ ଆୟୋଜିତ ଭବ୍ୟ ସମାରୋହରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସିଡିଓ-କମ୍-ଇଓ ଶ୍ରୀ ସରାବୁ ଏହି ସମ୍ମାନ ଗ୍ରହଣ କରିବା ପରେ ସମଗ୍ର ମାଲକାନଗିରି ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି। ଜିଲ୍ଲାପାଳଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, ଅଭିନବ ଚିନ୍ତାଧାରା ଏବଂ ସମଗ୍ର ଟିମ୍‌ର ଉତ୍ସର୍ଗୀକୃତ ନିଷ୍ଠା ଯୋଗୁଁ ଜାତୀୟ ସ୍ତରରେ ମାଲକାନଗିରି ଜିଲ୍ଲା ଏହି ଗୌରବ ହାସଲ ପାରିଛି।

## ବନ୍ୟାପ୍ରଭାବିତ ଅଞ୍ଚଳର ସ୍ଥିତି ସମୀକ୍ଷା କଲେ ବିଧାୟକ



ବୋରିଗୁମ୍ମା /କୋଟପାଡ଼,୨୬।୯ (ସଂଚାର ବ୍ୟୁରୋ): ଲଗାଣ ବର୍ଷା ଓ ଇନ୍ଦ୍ରାବତୀ ଜଳ ଭଣ୍ଡାରରୁ ତିନିଟି ଗେଟ ଦେଇ ଜଳ ନିଷ୍କାସନ ହେଉଥିବାରୁ କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକର ଚାରଟି ପଞ୍ଚାୟତର ୨୧ ଗ୍ରାମରେ ବନ୍ୟା ପରିସ୍ଥିତି ଦେଖାଦେଇଥିବା ବେଳେ ଏହି ବନ୍ୟା ବିପତ୍ତି ସମୟରେ ନିଜ ନିର୍ବାଚନ ମଣ୍ଡଳୀବାସୀଙ୍କ ଦୁଃଖକଷ୍ଟକୁ ସଦା ଆଗରେ ରଖି ବିଧାୟକ ନିଜର ସମସ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଛାଡି ସିଧାସଳଖ କୋଟପାଡ଼ ପହଞ୍ଚିଥିଲେ | ବିଧାୟକ ରୁପୁ ଭତ୍ରା ବିଭିନ୍ନ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କୁ ତ୍ୱରିତ ସେବା ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି |ବରିଷ୍ଠ ଅଧିକାରୀ ମାନଙ୍କୁ ବ୍ଲକୱାରି ମନିଟରିଙ୍ଗ ଦାୟିତ୍ୱ ଦିଆଯାଇଛି |ବର୍ତ୍ତମାନ ସୁଦ୍ଧା ବ୍ଲକର ସଂମ୍ବେଦନଶୀଳ ଅଞ୍ଚଳ ଗୁମୁଡା, ସଡ଼ରଙ୍ଗା, ବଣିଆ ଓ ସୁଡ଼ିପଦର ପଞ୍ଚାୟତର ୨୧ ଟି ଗାଁ ପ୍ରଭାବିତ ହୋଇଛି।

ବିପଦସଙ୍କୁଳ ଅଞ୍ଚଳରୁ ୫୦୦ରୁ ଉର୍ଦ୍ଧ୍ୱ ଜଣକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଉଛି | ଲଗାଣ ବର୍ଷା ଓ ଇନ୍ଦ୍ରାବତୀ ଡ୍ୟାମର ବନ୍ୟାଜଳ ଗାଁ ରେ ପଶିବା ଯୋଗୁଁ କୋଟପାଡ଼ ବ୍ଲକ ପ୍ରଭାବିତ ହୋଇଥିବା ବେଳେ ଏକ ଛୋଟ ଛୁଆକୁ ନିଜେ ବିଧାୟକ ସୁରକ୍ଷିତ ଉଦ୍ଧାରକରି ଚିକିତ୍ସାଳୟରେ ପହଞ୍ଚାଇଛନ୍ତି | ବିଧାୟକଙ୍କ ସମେତ ଓଡ୍ରାଫ ଓ ଅଗ୍ନିଶମ ବାହିନୀ ପକ୍ଷରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରିରହିଛି | ଶିଶୁ, ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରାଯାଉଛି | ଆଶ୍ରୟ କେନ୍ଦ୍ର ଗୁଡିକରେ ରନ୍ଧା ଖାଦ୍ୟ ଓ ପଲିଥିନ ବଣ୍ଟନ ଜାରି ରହିଛି ଏବଂ ପାନୀୟ ଜଳ ଯୋଗାଇ ଦିଆଯାଇଛି | ଲୋକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ପାଇଁ ସେ ନିଜେ ବଣ୍ୟପୀଡ଼ିତ ଅଞ୍ଚଳରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବୁଲି ପ୍ରଶାସନିକ ତତ୍ପରତା ପ୍ରକାଶ କରିଥିଲେ |

ବନ୍ୟା ପ୍ରଭାବିତ କୌଣସି ଗୋଟିଏବି ପରିବାର ଯେପରି ଭୋକିଲା ନରହନ୍ତି ସେଥିପାଇଁ ତୁରନ୍ତ ରନ୍ଧାଖାଦ୍ୟ ଓ ସୁଖୁଲା ଖାଦ୍ୟ ପ୍ୟାକେଟ ଯୋଗାଇ ଦେବାକୁ କଡା ନିର୍ଦ୍ଦେଶ ଦେଇଛନ୍ତି । ଗର୍ଭବତୀ ମହିଳା ଓ ନବଜାତକଙ୍କ ସୁରକ୍ଷାକୁ ମଧ୍ୟ ପ୍ରଶାସନ ଗୁରୁତ୍ୱ ଦେଇଛି। ବିଧାୟକ ଶ୍ରୀ ରୁପୁ ଭତ୍ରା ଜରୁରୀ ସ୍ୱାସ୍ଥ୍ୟସେବାକୁ ସୁନିଶ୍ଚିତ କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି | ଗୋରୁଗାଈଙ୍କୁ ଉଚ୍ଚସ୍ଥାନକୁ ନିଆଯାଇ ଗୋଖାଦ୍ୟ ବ୍ୟବସ୍ଥା କରାଯାଇଛି । ସ୍ଥିତି ଉପରେ ପ୍ରଶାସନିକ ଅଧିକାରୀମାନେ ନଜର ରଖୁଥିବା ବେଳେ ଜନସାଧାରଣଙ୍କୁ ସତର୍କ ରହିବା ସହ ଗୁଜବରୁ ଦୂରେଇ ରହିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ବିଶ୍ୱ ପର୍ଯ୍ୟଟନ ଦିବସରେ ବି ବେହାଲ ପୁରୀର ପର୍ଯ୍ୟଟନ

### କେବେ ବଦଳିବ ପୀରଜାହାନିଆ, କେଳୁଣୀମୁହାଣ, ଗଙ୍ଗାଦେବୀ ଓ ମା' ମଙ୍ଗଳା ପୀଠର ଭାଗ୍ୟ ?

### ଅସ୍ତରଙ୍ଗ-କାକଟପୁର, ହେଲେ ଦୁଇ ବର୍ଷ ହେଲା ବିକାଶ ଫାଇଲରେ



କାକଟପୁର/ଅସ୍ତରଙ୍ଗ,୨୬।୯ (ସଂଚାର ବ୍ୟୁରୋ): ଆଜି ବିଶ୍ୱ ପର୍ଯ୍ୟଟନ ଦିବସ। ସରକାରୀ ବାବୁ ମଞ୍ଚରେ ଭାଷଣ ଦେବେ, ବଡ ବଡ ପୋଷ୍ଟର ଲାଗିବ, ଓଡ଼ିଶାକୁ ବିଶ୍ୱ ମାନଚିତ୍ରରେ ସ୍ଥାନ ଦେବାର ସ୍ୱପ୍ନ ଦେଖାଇବେ। ହେଲେ ବାସ୍ତବତା କଣ ? ପୁରୀ ଜିଲ୍ଲାର ସବୁଠୁ ଅଧିକ ପର୍ଯ୍ୟଟକ ଆସୁଥିବା ଦୁଇଟି ବ୍ଲକ କାକଟପୁର ଓ ଅସ୍ତରଙ୍ଗର ଭାଗ୍ୟ ଗତ ଦୁଇ ବର୍ଷ ହେଲା ବଦଳି ନାହିଁ।

ଯେଉଁ ଚାରିଟି ସ୍ଥାନକୁ ଦେଖିବାକୁ ପ୍ରତି ପର୍ଯ୍ୟଟକ କୋଣାର୍କ ପରେ ଧାଇଁ ଆସନ୍ତି, ସେହି ମା' ମଙ୍ଗଳା ପୀଠ, ପୀରଜାହାନିଆ ବେଳାଭୂମି, କେଳୁଣୀମୁହାଣ ଓ ଗଙ୍ଗାଦେବୀ ପୀଠର ଅବସ୍ଥା ଦେଖିଲେ ଆପଣ କହିବେ - ପର୍ଯ୍ୟଟନ ବିକାଶ କେବଳ ଫାଇଲରେ, ଫିଲ୍ଡରେ ଶୂନ।କାକଟପୁର ମା' ମଙ୍ଗଳା ଓଡ଼ିଶାର ଚାରି ପ୍ରସିଦ୍ଧ ଶକ୍ତିପୀଠ ମଧ୍ୟରୁ ଗୋଟିଏ। ଦୈନିକ ୫ ହଜାରରୁ ଅଧିକ ଭକ୍ତ ଆସନ୍ତି। କିନ୍ତୁ ମନ୍ଦିର ବାହାରେ ଗୋଟିଏ ଭଲ ଶୌଚାଳୟ ନାହିଁ। କାକଟପୁର ବଜାରରେ ବି ପର୍ଯ୍ୟଟକଙ୍କ ପାଇଁ ସରକାରୀ ଶୌଚାଳୟ ନାହିଁ। ମହିଳାମାନେ ସବୁଠୁ ଅଧିକ ଅସୁବିଧା ଭୋଗୁଛନ୍ତି। ପାର୍କିଂ ଧୂଳିମୟ, ପାନୀୟ ଜଳ ନାହିଁ, ବିଶ୍ରାମାଗାର ନାହିଁ। ମନ୍ଦିର ସୌନ୍ଦର୍ଯ୍ୟକରଣ କାମ ଦୁଇ ବର୍ଷ ହେଲା ଅଧାପନ୍ତରିଆ।

ପୀରଜାହାନିଆ ବେଳାଭୂମିକୁ ଓଡ଼ିଶାର ମିନି ଗୋଆ କୁହାଯାଏ। ଶୀତ ଦିନେ ଦୈନିକ ୫୦୦ରୁ ଅଧିକ ପିକନିକ ଗାଡ଼ି। କିନ୍ତୁ ଏଠାରେ ସ୍ଥାୟୀ ଶୌଚାଳୟ ନାହିଁ, ଯାହା ଅଛି ତାହା ଜରାଜୀର୍ଣ୍ଣ, ଅଧିକାଂଶ ସମୟ ତାଲା। ପାନୀୟ ଜଳ ନାହିଁ। ବଣଭୋଜି ପିଣ୍ଡି ପାଇଁ ୨ଶହ ରୁ ୩୦୦ ଟଙ୍କା ନିଆଯାଉଛି, ସୁରକ୍ଷା ପାଇଁ ଜଣେ ଲାଇଫ ଗାର୍ଡ ନାହିଁ। ବର୍ଷା ଦିନେ ବିଚ୍ ସମସ୍ୟା,ପର୍ଯ୍ୟଟକ ଫସି ରହୁଛନ୍ତି। ଦେବୀ ନଦୀ ଓ ସମୁଦ୍ରର ମିଳନ କେଳୁଣୀମୁହାଣ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର। କିନ୍ତୁ ପିଣ୍ଡି, ଶୌଚାଳୟ ନାହିଁ। ଗଙ୍ଗାଦେବୀ ପୀଠକୁ ରାସ୍ତା ଖାଲ ଖମା, ଅଧା ବାଟରୁ ପର୍ଯ୍ୟଟକ ଫେରୁଛନ୍ତି।

ଅସ୍ତରଙ୍ଗ ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ସୁକାନ୍ତ ମହାନ୍ତି କହିଛନ୍ତି, "ପର୍ଯ୍ୟଟନ ଦିବସରେ କେବଳ ଭାଷଣ ନୁହେଁ, କାମ ଦରକାର। ହଜାର କୋଟିର ଘୋଷଣା ହେଉଛି, କିନ୍ତୁ ପୀରଜାହାନିଆ ପାଇଁ ଗୋଟିଏ ଇଟା ପଡୁନି। ଗ୍ରାମାଞ୍ଚଳ ପର୍ଯ୍ୟଟନକୁ ସରକାର ଭୁଲି ଯାଇଛନ୍ତି। ଏହା ଦୁଃଖଦ।"

ଅସ୍ତରଙ୍ଗ ବଜାର କମିଟି ସଭାପତି ଦୁଷ୍ମନ୍ତ କୁମାର ପରିଡା କହିଛନ୍ତି, "ଆଜି ବିଶ୍ୱ ପର୍ଯ୍ୟଟନ ଦିବସ, କିନ୍ତୁ ଆମ ଅଞ୍ଚଳର ପର୍ଯ୍ୟଟକ ପାଣି ପାଇଁ ତହଳ ବିକଳ ହେଉଛନ୍ତି। ଶୌଚାଳୟରେ ତାଲା, ପିଣ୍ଡି ପାଇଁ ଦାଦାବଟି। ମା' ମଙ୍ଗଳା ପୀଠରେ ମଧ୍ୟ ସମାନ ଅବସ୍ଥା। ଯଦି ଏମିତି ଚାଲେ, ପର୍ଯ୍ୟଟକ ଆସିବେ ନାହିଁ, ସ୍ଥାନୀୟ ବ୍ୟବସାୟ ମରିଯିବ। ତୁରନ୍ତ ଜିଲ୍ଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ଆଖି ଖୋଲନ୍ତୁ।"

ସ୍ଥାନୀୟ ଲୋକଙ୍କ ଦାବି, ଏହି ପର୍ଯ୍ୟଟନ ଦିବସରୁ ଅତି କମରେ ଚାରି ସ୍ଥାନର ରାସ୍ତା, ଶୌଚାଳୟ, ପାନୀୟ ଜଳ ଓ ସୁରକ୍ଷା ବ୍ୟବସ୍ଥା ହେଉ।




# ଆୟୁର୍ବେଦ ଉପଚାରରେ ଯକୃତ୍‌ର ସୁସ୍ଥତା



ପାଚନ କ୍ରିୟାରେ ଯକୃତ୍ ସାହାଯ୍ୟ କରିଥାଏ। ଖାଦ୍ୟକୁ ହଜମ କରିବା ସହ ଶରୀରରେ ପିତ୍ତ ସୃଷ୍ଟିକାରୀ ବିଷାକ୍ତ ପଦାର୍ଥକୁ ବାହାର କରିବା ଏହାର ମୁଖ୍ୟ କାର୍ଯ୍ୟ। ରକ୍ତ ଶର୍କରାକୁ ନିୟନ୍ତ୍ରଣ ରଖେ ଯକୃତ୍। ଆୟୁର୍ବେଦରେ ଏପରି ଅନେକ ଜଡ଼ିବୁଟି ରହିଛି, ଯାହା ଯକୃତ୍‌କୁ ସୁସ୍ଥ ରଖିବାରେ ସହାୟ ହୁଏ। ଭୂଇଁ ଅଁଳାରୁ ପ୍ରସ୍ତୁତ ଔଷଧ ଯକୃତ୍ ସଂକମ୍ରଣରୁ ସୁରକ୍ଷା ଦିଏ। ତେଣୁ ଯକୃତ୍ ରୋଗରେ ପୀଡ଼ିତ ବ୍ୟକ୍ତି ଡାକ୍ତରଙ୍କୁ ପରାମର୍ଶ ନେଇ ଭୂଇଁ ଅଁଳାରୁ ପ୍ରସ୍ତୁତ ଚୂର୍ଣ୍ଣ ବା ଔଷଧ କିମ୍ବା ଏଥିରୁ ପ୍ରସ୍ତୁତ ଜୁସ୍‌କୁ ସେବନ କରିବା ଉଚିତ। ଭୂଇଁ ଅଁଳା ରସ ୧୦ ମିଲି.କୁ ଅଧଚାମଚ ମହୁ ମିଶାଇ ସେବନ କଲେ ଯକୃତତ୍ ସୁସ୍ଥ ଓ ସବଳ ରହିଥାଏ।

- କାକମାଚି ରସ ୧୦ ମିଲିକୁ ସାମାନ୍ୟ ମିଶିରି ଗୁଣ୍ଡ ମିଶାଇ ଦିନକୁ ଦୁଇବେଳା ସେବନ କଲେ ଯକୃତ୍‌ର କାର୍ଯ୍ୟକାରିତା ବୃଦ୍ଧି ପାଏ।
ଚିକିତ୍ସକଙ୍କ ପରାମର୍ଶରେ ୧୦ ମିଲି. ଜଡ଼ାପତ୍ର ରସ ମଧ ସେବନ କଲେ ଯକୃତ୍ ପାଇଁ ହିତକର ହୋଇଥାଏ।
- ଗୁଳୁଚି, ଭୂଇଁ ଅଁଳା, ଜଡ଼ାଚେର, କାକମାଚି, କିସ୍‌ମିସ୍, ତେଜପତ୍ର ମିଳିତ ୧୦ଗ୍ରାମ୍ ୨୦୦ ମିଲି ପାଣିରେ ସିଝାଇ ଏକ ଚତୁର୍ଥାଂଶ ରଖି ଦିନକୁ ଦୁଇବେଳା ସେବନ କଲେ ହିତକର ହୋଇଥାଏ।
- ଜିରା, ଧଣିଆ, ପାନମହୁରୀ, ମେଥି, ଜୁଆଣି, ତାଳ ମିଶିରିକୁ ରାତିରେ ବତୁରାଇ ସକାଳେ ଛାଣି ପାନ କଲେ ହିତକର ହୋଇଥାଏ।
- ଆଖୁରସ, ପଇଡ଼ପାଣି, ମିଶିରି ପାଣି, ସାଲାଡ୍, ସିଝା ତରକାରି ଇତ୍ୟାଦି ନିୟମିତ ଭାବେ ଗ୍ରହଣ କଲେ ଉପକାର ମିଳିଥାଏ। ଅଁଳାରୁ ମିଳୁଥିବା ଫାୟଟୋ ନ୍ୟୁଟ୍ରିଏଣ୍ଟ ଯକୃତ୍‌ର କାର୍ଯ୍ୟକ୍ଷମତାକୁ ବୃଦ୍ଧି କରି କୋଷିକାକୁ ସୁସ୍ଥ ରଖେ। ତେଣୁ ନିର୍ଦ୍ଦିଷ୍ଟ ଅନୁପାତରେ କଞ୍ଚା ଅଁଳା, ଅଁଳା ଜୁସ୍, କ୍ୟାଣ୍ଡି, ଔଷଧ ଖାଇପାରିବେ। ଘିକୁଆଁରୀରୁ ମିଳୁଥିବା ପୋଷକତତ୍ତ୍ୱ ଏବଂ ଆଣ୍ଟିଅକ୍ସିଡାଣ୍ଟ ଯକୃତ୍ ସଂକ୍ରମଣରୁ ସୁରକ୍ଷା ପ୍ରଦାନ କରେ। ତେଣୁ ଡାକ୍ତରଙ୍କ ପରାମର୍ଶରେ ଘିକୁଆଁରୀ ଜୁସ୍ ସେବନ ଦ୍ୱାରା ନୀରୋଗ ରହିପାରିବ।

ପୌଷ୍ଟିକ ଖାଦ୍ୟ ଯଥା- ସବୁଜ ପନିପରିବା, ଶସ୍ୟ, ଫଳ, ଡାଲି, ମୂଳା, ଗାଜର, ଲାଉ ଖାଇବା ସହ ଦିନକୁ ୮ରୁ ୧୦ ଗ୍ଲାସ ପାଣି ପିଇବା ଉଚିତ। ନିୟମିତ ବ୍ୟାୟାମ ଓ ଯୋଗ, ପ୍ରାଣାୟମ କରିବା ଦ୍ୱାରା ଯକୃତ୍ କାର୍ଯ୍ୟକ୍ଷମତାରେ ସୁଧାର ଆସେ। ତେଲ, ଜଙ୍କ୍‌ଫୁଡ୍, ଲୁଣ, ଛଣାଛଣି, ଅଧିକ ମସଲାଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍ ଆଦି କମ୍ ଖାଇବା ଉଚିତ।

# କେମୋଥେରାପିରେ କ'ଣ ଖାଇବା ଅନୁଚିତ

ଆମ ଶରୀରର ପ୍ରତ୍ୟେକ ଜୀବକୋଷ ଏକ ନିର୍ଦ୍ଦିଷ୍ଟ ସମୟରେ ବଢ଼େ। ମୃତ୍ୟୁବରଣ କରିଥାଏ। ମାତ୍ର ଶରୀର କୋଷ ଗୁଡ଼ିକର ଅନିୟନ୍ତ୍ରିତ ଅଭିବୃଦ୍ଧିକୁ କର୍କଟ କୁହାଯାଏ। ଦେଶରେ ଗତ କିଛି ବର୍ଷ ମଧ୍ୟରେ ଉଭୟ ପୁରୁଷ ଓ ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ କର୍କଟ ଦେଖାଯାଉଛି। କର୍କଟ କୋଷକୁ ନଷ୍ଟ କରିବାକୁ କେମୋଥେରାପି ଦିଆଯାଏ। କର୍କଟ ଯଥା ଲିମ୍ଫୋମା/ରକ୍ତ କର୍କଟ/ଜର୍ମ ସେଲ୍ ଟ୍ୟୁମର୍ ଆଦିରୁ କେମୋଥେରାପି ଦ୍ୱାରା ଆରୋଗ୍ୟ ମିଳିଥାଏ। ତେବେ କେମୋଥେରାପି ନେଉଥିବ ବ୍ୟକ୍ତି କ'ଣ ଖାଇବା ଉଚିତ ବା ଅନୁଚିତ ଜାଣନ୍ତୁ। କେମୋଥେରାପି ନେଉଥିଲେ, କଞ୍ଚା କିମ୍ବା ଅଧାସିଝା ମାଂସ, ମାଛ ଆଦି ଖାଦ୍ୟ ଖାଆନ୍ତୁନି। ଏହାଦ୍ୱାରା ସଂକ୍ରମଣ ବୃଦ୍ଧିର ଅଧିକ ଆଶଙ୍କା ଥାଏ। ସେହିପରି ଭଲ ଭାବେ ସିଝା ହୋଇନଥିବା ଦୁଗ୍ଧ କିମ୍ବା ଦୁଗ୍ଧଜାତୀୟ ଖାଦ୍ୟ, ଜୁସ୍ ସେବନ କରନ୍ତୁନି। ଫଳ ଖାଇବାକୁ ଇଚ୍ଛାଥିଲେ, ମୋଟା ଚୋପା ଯୁକ୍ତ ଖଣ୍ଡ ଖଣ୍ଡ କରି ଖାଇପାରିବେ।

ଅଧିକ ତେଲ ମସଲା ଓ ପ୍ରୋସେଡ୍ ଖାଦ୍ୟ ଖାଇବାକୁ ବାରଣ କରାଯାଇଥାଏ। ସେହିପରି ରାସ୍ତାକଡ଼ରେ ମିଳୁଥିବା ଖାଦ୍ୟ ଖାଆନ୍ତୁନି। ଏହାଦ୍ୱାରା ପେଟ ଜଳାପୋଡ଼ା ସହ ବାନ୍ତି ସମସ୍ୟା ହେବାର ଆଶଙ୍କା ଥାଏ। କେମୋଥେରାପି ନେଉଥିଲେ ମଦ୍ୟପାନ ଓ କଫି ପେୟରୁ ଦୂରେଇ ରୁହନ୍ତୁ। ଅନ୍ୟପଟେ ଭଲ ଭାବେ ସିଝିଥିବା ତଥା କମ୍ ତେଲ ମସଲା ଯୁକ୍ତ ମାଛ, ମାଂସ ଅଣ୍ଡା ଖାଇପାରିବେ। ଭଲଭାବେ ସିଝିଥିବା ଦୁଗ୍ଧଜାତୀୟ ଖାଦ୍ୟ ଖାଇବା ଉଚିତ। ପାଣି, ସୁପ ତଥା ହର୍ବାଲ ଚା' ପିଇପାରିବେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କେମୋଥେରାପି ନେବା ସମୟରେ ଭଲ ଭାବେ ହଜମ ହେଉଥିବା ଖାଦ୍ୟ ଖାଇବା ଜରୁରୀ।



## କମ୍ ବୟସରୁ ବୟସ୍କ
## ଭିଟାମିନ୍ ବି-୧୨ ଅଭାବ

ଶରୀରରେ ଭିଟାମିନ୍ ବି-୧୨ର ଅଭାବ ହେଲେ ତ୍ୱଚା ରୁକ୍ଷା, ଶୁଷ୍କ ଲାଗିବା ସହ କମ୍ ବୟସରୁ ବୟସ୍କ ପରି ଦେଖାଯାଆନ୍ତି। ତେଣୁ ଭିଟାମିନ୍‌ବି-୧୨ ଅଭାବରୁ ଦେଖାଯାଉଥିବା ଲକ୍ଷଣ ଅଣଦେଖା କରିବା ଅନୁଚିତ। ବାୟୁ ପ୍ରଦୂଷଣ, ଅସମୟରେ ଖାଦ୍ୟପେୟ, ଅଧିକ ଜଙ୍କଫୁଡ୍, ଧୂଳି ମାଟି ପ୍ରଦୂଷଣର ପ୍ରଭାବ ସ୍ୱାସ୍ଥ୍ୟ ତଥା ତ୍ୱଚା ଉପରେ ପଡ଼ିଥାଏ। ନଖ ଭାଙ୍ଗିଯାଇଥାଏ। ଏହାଦ୍ୱାରା ଚର୍ମରୋଗ ହୋଇ କମ୍ ବୟସରେ ମଧ ଲୋକେ ବୟସ୍କ ପରି ଦେଖାଯା'ନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ ଭିଟାମିନ୍-ବି-୧୨ ଅଭାବରୁ ଏପରି ସମସ୍ୟା ଦେଖାଦିଏ। ତେଣୁ ଶରୀରରେ ଭିଟାମିନ୍ ବି-୧୨ ଅଭାବ ହେଲେ ଶରୀର ହାଲିଆ ଲାଗିବା ସହ ଶକ୍ତିହ୍ରାସ ହେବା ପରି ଲାଗିଥାଏ। ସ୍ନାୟୁପ୍ରଣାଳୀକୁ ମଜଭୁତ କରିବାରେ ଭିଟାମିନ୍ ବି-୧୨ର ଭୂମିକା ଅଧିକ। ଉଭୟ ଚର୍ମ ଏବଂ କେଶ ପାଇଁ ଏହା ବହୁତ ଜରୁରି ମଧ। ଏହି ଭିଟାମିନ୍ ଖାଇବା ଦ୍ୱାରା ଚର୍ମରେ ଚମକ ଆସିବା ସହ ଶୁଷ୍କତା ସମସ୍ୟା ଦୂର ହୁଏ। ତେଣୁ ଭିଟାମିନ୍ ବି-୧୨ ଅଭାବ ହେଲେ ଭୋକ ନ ଲାଗିବା, ଚର୍ମଶୁଷ୍କ ହୋଇ ହଳଦିଆ ପଡ଼ିବା, ମୁଣ୍ଡବିନ୍ଧା, କାନରେ କୌଣସି ଶବ୍ଦ ଶୁଭାଯିବା, ଚିଡ଼ିଚିଡ଼ାପଣ ହେବା, ଶରୀର କାଲୁଆ ଲାଗିବା, ଝିମ୍ ଝିମ୍ ଷଡ୍ଜଶଏ ମୁହଁରେ ଛାଲ ପଡ଼ିଯିବା, ଖାଇବାରେ ସ୍ୱାଦ ନ ଲାଗିବା ଆଦି ଲକ୍ଷଣ ଦେଖାଯାଏ। ତେଣୁ ଭିଟାମିନ୍-୧୨ ଅଭାବକୁ ଦୂର କରିବାକୁ ଡାଏଟ୍‌ରେ ଲାଲ୍ ମାଂସ, ସେଲମନ ମାଛ, ବାଦାମ, ଦୁଗ୍ଧ, ଦହି, ଛେନା, ଅଣ୍ଡା, ପିସ୍ତାବାଦାମ, ସବୁଜ ପନିପରିବା, ବିଭିନ୍ନ ପ୍ରକାର ପୌଷ୍ଟିକ ମଞ୍ଜି ଆଦି ସାମିଲ କରିବା ଜରୁରି। ନିୟମିତ ଏହି ଖାଦ୍ୟ ସେବନ ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଥାଏ।



# ପରିସ୍ରା ଦୁର୍ଗନ୍ଧ ହେବାର କାରଣ

ଭିଟାମିନ୍ ହେଉ କି କୌଣସି ଔଷଧ ସେବନ କରିବା ପରେ ପରିସ୍ରାରୁ ଦୁର୍ଗନ୍ଧ ଆସିଥାଏ। ହେଲେ ବିନା କାରଣରେ ପରିସ୍ରାରୁ ଗନ୍ଧ ଆସିବା ସାମାନ୍ୟ କଥା ନୁହେଁ। ଯଦିଓ ପରିସ୍ରା ଜଣେ ବ୍ୟକ୍ତିର ଜୀବନଶୈଳୀ ଓ ଅଭ୍ୟାସ ବିଷୟରେ ସଙ୍କେତ ଦେଇଥାଏ, ସେହିପରି ପରିସ୍ରାର ରଙ୍ଗ ଏବଂ ଗନ୍ଧ ମଧ ସ୍ୱାସ୍ଥ୍ୟ ବିଷୟରେ ସଙ୍କେତ ଦେଇଥାଏ। ତେବେ କେଉଁ କାରଣରୁ ଗନ୍ଧଯୁକ୍ତ ପରିସ୍ରା ହୋଇଥାଏ ଜାଣି ରଖନ୍ତୁ। ପରିସ୍ରାରେ ଗନ୍ଧ ହେବାର କାରଣ ଭିଟାମିନ୍ ବି। ଏହାର ସପ୍ଲିମେଣ୍ଟ ହିଁ ରଙ୍ଗ ପରିବର୍ତ୍ତନ କରିଥାଏ। ସେହିପରି ମଧୁମେହ କାରଣରୁ ଶର୍କରା ସ୍ତର ବୃଦ୍ଧ ପାଇ ପରିସ୍ରାରୁ ଗନ୍ଧ ଆସିଥାଏ। ଏହି ଦୁର୍ଗନ୍ଧକୁ ମଧୁମେହ ଆରମ୍ଭର ସଙ୍କେତ ଭାବେ ଦେଖାଯାଏ। ଗର୍ଭଧାରଣ ସମୟରେ ଶରୀରର ହର୍ମୋନ୍ରେ ପରିବର୍ତ୍ତନ ହେଉଥିବାରୁ ଏଷ୍ଟ୍ରୋଜେନ୍ ଏବଂ ପ୍ରୋଜେଷ୍ଟେରୋନ କାରଣରୁ ପରିସ୍ରା ଦୁର୍ଗନ୍ଧ ହୋଇଥାଏ। ସେହିପରି ମୂତ୍ରାଶୟକୁ ପ୍ରଭାବିତ କରୁଥିବା ସମସ୍ୟା ମୂତ୍ର ଗନ୍ଧକୁ ପ୍ରଭାବିତ କରେ। ଅନେକ ସମୟରେ ଆନୁବଂଶିକ କାରଣରୁ ପରିସ୍ରା ଦୁର୍ଗନ୍ଧ ସମସ୍ୟା ସାରା ଜୀବନ ରହିଥାଏ। ପରିସ୍ରା ସଂକ୍ରମଣ, ଜଣ୍ଡିସ୍ ତଥା ଯକୃତ୍ ସଂକ୍ରମଣରୁ ପରିସ୍ରାରୁ ଦୁର୍ଗନ୍ଧ ଆସିଥାଏ। ତେଣୁ ପରିସ୍ରାରୁ ଗନ୍ଧ ଆସୁଥିବା ଦେଖିଲେ ଏହାକୁ ଅଣଦେଖା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା ଆରମ୍ଭ କରନ୍ତୁ। ଅନେକ ସମୟରେ ଏହି ସମସ୍ୟାରୁ ଯକୃତ୍ ଅଚଳ ହେବା ପରି ମାମଲା ଦେଖିବାକୁ ମିଳେ।



# ବର୍ଷାଦିନେ ଝାଳ ଦୁର୍ଗନ୍ଧ ସମସ୍ୟା

ଅପର୍ଣ୍ଣା ନାୟକ

**ପ୍ରାୟତଃ ବର୍ଷା ଦିନେ ନାନାଦି ସ୍ୱାସ୍ଥ୍ୟ ସମସ୍ୟାକୁ ସାମ୍ନା କରିଥାନ୍ତି। ସେଥି ଭିତରୁ ଦେହର ଝାଳ ହେଉଛି ଅନ୍ୟତମ। ଝାଳ ମଧ୍ୟ ସ୍ୱାଭାବିକ ଭାବେ ମହିଳା ମାନଙ୍କୁ ଅସ୍ତବ୍ୟସ୍ତ କରିଦେଇଥାଏ। ତେଣୁ ଏହି ବର୍ଷା ଦିନେ ଝାଳ ସମସ୍ୟାକୁ ନେଇ କିଛି ଟିପ୍ସ।**

- ପ୍ରତିଦିନଲେମ୍ବୁରସମିଶ୍ରିତଜଳରେସ୍ନାନକରନ୍ତୁ।ସ୍ନାନପରେଗୋଟିଏମଗରେ ପାଣି ନେଇ, ଦୁଇ-ତିନି ବୁନ୍ଦା ଗୋଲାପ ଜଳ ମିଶାଇ ଦେହରେ ଢ଼ାଳନ୍ତୁ।
- ସ୍ନାନ ପରେ ହାଲୁକା ସୁଗନ୍ଧର ଟାଲକମ୍ ପାଉଡର ପକାନ୍ତୁ। ବାହାରକୁ ଯାଉଥିଲେ ଅତର ପକାଇପାରନ୍ତି। ପାଉଡର କିଣିବା କ୍ଷେତ୍ରରେ ଶରୀର ପାଇଁ ଉପଯୋଗୀ ସୁଗନ୍ଧପୂର୍ଣ୍ଣ ପାଉଡର ପସନ୍ଦ କରନ୍ତୁ।
- ହାତରୁ ଅଧିକ ଝାଳ ବାହାରୁଥିଲେ ଦୁଇ ଗ୍ଲାସ ପାଣିରେ ଏକ ଚାମଚ ଫିଟିକିରି ଗୁଣ୍ଡ ଗୋଳାଇ ଦିନରେ ଦୁଇ-ତିନି ଥର ହାତ ଧୁଅନ୍ତୁ।
- ପାଦରେ ବରଫ ଘଷିଲେ ଅଧିକ ଝାଳ ବୋହିବା ସମସ୍ୟା ଦୂର ହୁଏ। ପ୍ରତି ସପ୍ତାହରେ ପାଦରେ ମେହେନ୍ଦୀ କିମ୍ବା ମୁଲତାନି ମାଟି ବୋଳନ୍ତୁ।
- କେବେ ହେଲେ ହାତରେ ଝାଳ ପୋଛନ୍ତୁ ନାହିଁ। ସଫା ସୂତା କପଡ଼ା କିମ୍ବା ଟିସୁ ପେପର ବ୍ୟବହାର କରନ୍ତୁ। ପ୍ରତି ଦିନ ସଫା ଲୁଗା ପିନ୍ଧନ୍ତୁ।
- ବର୍ଷାଦିନେ ବାହାରେ ଆର୍ଦ୍ରତା ରହୁଥିବାରୁ ଅନେକ କମ ପାଣି ପିଇଥାନ୍ତି କିନ୍ତୁ ଖାଦ୍ୟ ତୁଳନା ଅନୁଯାୟୀ ନଖ ଉଷୁମ ପାଣି ପିଇବା ଶରୀର ପାଇଁ ଖୁବ ଭଲ।
- ଝାଳଜନିତ ସମସ୍ୟା ପାଇଁ ଆଜିକାଲି ଅନେକ ମନଇଛା ବା ସୋସିଆଲ ମିଡ଼ିଆରୁ ଦେଖି କ୍ରିମ ବା ପାଉଡର ବ୍ୟବହାର କରୁଛନ୍ତି। ଏ କ୍ଷେତ୍ରରେ ଚର୍ମ ଓ ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ।
- ସେମିତିରେ କହିଲେ ଦେହରୁ ଝାଳ ବୋହିବା ଏକ ଶାରୀରିକ ପ୍ରକ୍ରିୟା। ଏହାକୁ ନେଇ ସେପରି ବ୍ୟସ୍ତ ହେବା ମଧ କୌଣସି କାରଣ ନାହିଁ କିନ୍ତୁ କେତେକଙ୍କ କ୍ଷେତ୍ରରେ ଏହା ଅସ୍ୱାଭାବିକ ଭାବେ ଝାଳ ବୋହିଥାଏ। ଅଧିକ ଝାଳ ବୋହିବା ମଧ ଶାରୀରିକ ବିଲକ୍ଷଣର ଏକ ବଡ଼ କାରଣ।

ବର୍ଷାଦିନେ ବାହାରେ ଅତ୍ୟଧିକ ତିନ୍ତିବା ଠାରୁ ଯଥା ସମ୍ଭବ ଦୁରେଇ ରହିବା ଭଲ। କାରଣ ଏହା ଦେହ ଖରାପ କରିବା ସହ ଆପଣଙ୍କ କେଶକୁ ମଧ କଷ୍ଟଦାୟକ କରିଥାଏ। ବର୍ଷାରେ କୌଣସି ପରିସ୍ଥିତିରେ ତିନ୍ତିଗଲେ ଆପଣ ଭଲ ଭାବେ ପୋଛି ହେବା ପାଇଁ ପ୍ରଥମେ ଚେଷ୍ଟା କରନ୍ତୁ। ଅନେକ ବର୍ଷା ଦିନେ କେଷକୁ ଶୁଖାଇବା ପାଇଁ ଓ ଶରୀରରେ ଉଷ୍ମତା ପାଇଁ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଡ୍ରାଏ ସଫ୍ଟ ହିଟର ବ୍ୟବହାର କରୁଛନ୍ତି। ତେବେ ଏ କ୍ଷେତ୍ରରେ ସତର୍କତା ଅବଲମ୍ବନ କରନ୍ତୁ। ବର୍ଷାରେ ବାହାରେ ଯେଉଁ ପାଣି ସଂସ୍ପର୍ଶରେ ଆପଣ ଆସିଥାନ୍ତି ଘରେ ଆଉ ଥରେ ଉଷୁମ ଜଳରେ ସ୍ନାନ କଲେ ସେପରି ସମସ୍ୟା ନାହିଁ। ତେବେ ଆପଣଙ୍କର ସାମାନ୍ୟତମ ସତର୍କତା ଆପଣଙ୍କୁ କେବଳ ସୁଗନ୍ଧପୂର୍ଣ୍ଣ କରିବନି ଆପଣଙ୍କ ବ୍ୟକ୍ତିତ୍ୱ ଓ ଆପଣଙ୍କ ଶାରୀରିକ ସୌନ୍ଦର୍ଯ୍ୟକୁ ବଢ଼ାଇବ ନିଶ୍ଚୟ।

**ମେନ ସାଗର ପାନ ରୋଡ଼, ନଂ-୩, ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର, ନୂଆଦିଲ୍ଲୀ, ପିନ-୧୧୦୦୪୬**



रାସ୍ତାରେ ଚାଷ କଲେ ଲୋକେ

# ଅଧପନ୍ତରିଆ ରାସ୍ତାକୁ ନେଇ ଅଭିନବ ପ୍ରତିବାଦ



ବାଲିପାଟଣା, ୨୬।୯ (ସଂଚାର ବ୍ୟୁରୋ): କୋଟିକୋଟି ଟଙ୍କା ବ୍ୟୟ ହେଲା, ୬ବର୍ଷ ବିତିଗଲା; ହେଲେ ସରିଲାନି ରାସ୍ତାକାମ। ରାସ୍ତା ନାଁରେ ଅଧପନ୍ତରିଆ କାମ ଛାଡ଼ି ଦେଇ ଠିକାଦାର ଛୁ ! ଏବେ ଲୋକଙ୍କ ଯାତାୟାତ ଦୁର୍ବିଷହ ହୋଇପଡ଼ିଛି। ଭୁବନେଶ୍ୱର ଡିଭିଜନ-୪ ଆର୍ ଆଣ୍ଡ ବି ଅଧୀନ ହଂସପାଳ-ନିମାପଡ଼ା କେନାଲ ବନ୍ଧ ମୁଖ୍ୟ ରାସ୍ତାର ଦେଉଳିଧରପୁର ନିକଟରେ ଦୃଶ୍ୟ ଏବେ ବିଭାଗୀୟ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।ରାସ୍ତା ମରାମତି ପାଇଁ ବାରମ୍ବାର ଦାବି କରି ଥକିଗଲେ ଲୋକେ। ଶେଷରେ ପ୍ରଶାସନକୁ ଆଇନା ଦେଖାଇବାକୁ ନିଜେ ରାସ୍ତାରେ ଓହ୍ଲାଇଲେ। ଗତ ଶନିବାର ଦେଉଳିଧରପୁର ନିକଟରେ ଅର୍ଦ୍ଧନିର୍ମିତ ରାସ୍ତା ଉପରେ ଟ୍ରାକ୍ଟର ଚଳାଇ ଚାଷ କରିବା ସହ ଖାଲଖମା ମରାମତି କରିଥିଲେ। ଏଥିସହ ରାସ୍ତାରୋକ କରି ତୁରନ୍ତ ରାସ୍ତାକାମ ସମ୍ପୂର୍ଣ୍ଣ କରିବାକୁ ଦାବୀ ମଧ୍ୟ କରିଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ବ୍ୟକ୍ତିଗତ ଜମି ଅଧିଗ୍ରହଣ ସମସ୍ୟାକୁ ଆଳ କରି ରାସ୍ତାକାମ ଅଟକାଇ ରଖାଯାଇଛି। ଦେଉଳିଧରପୁର ରୁ କାଳିଆଦଣ୍ଡା, ଭାଗରା ନିଜିଗଡ଼ ଓ ଭାଳେରସାହି ଗଡ଼ ଚାରିପଦା ନିକଟରେ ରାସ୍ତାର ଦୀର୍ଘ ଅଂଶ ଏବେ ବି ନିର୍ମାଣ ଅପେକ୍ଷାରେ। ବର୍ଷା ହେଲେ ରାସ୍ତା ଖାଲଖମାରେ ଭରିଯାଉଥିବା ବେଳେ ଗାତରେ ପାଣି ଜମି ଯାତାୟାତକୁ ବିପଜ୍ଜନକ କରିଦେଉଛି। ଏହି ରାସ୍ତାରେ ଦୁର୍ଘଟଣା ନୂଆ କଥା ନୁହେଁ। ଲୋକେ ଆହତ ହେବା ସହ ଗୁରୁତର ଦୁର୍ଘଟଣାର ମଧ୍ୟ ଘଟୁଛି। ଏତେ ସବୁ ପରେ ବି ବିଭାଗର ନିରବତାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଲୋକଙ୍କ ଅଭିଯୋଗ ଶୁଣିବାକୁ କେହି ନଥିବାରୁ ଶେଷରେ ରାସ୍ତାରେ ଟ୍ରାକ୍ଟର ଚଳାଇ ପ୍ରତିବାଦ କରିବାକୁ ପଡ଼ିଲା ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। କୋଟିକୋଟି ଟଙ୍କାର ପ୍ରକଳ୍ପ ୬ବର୍ଷ ଧରି ଅଧପନ୍ତରିଆ ହୋଇ ପଡ଼ିରହିଥିବା ଏବଂ ଲୋକେ ନିଜେ ଟ୍ରାକ୍ଟର ଚଳାଇ ରାସ୍ତା ମରାମତି କରିବା ଘଟଣା ବିଭାଗର ଭୂମିକା ଉପରେ ପ୍ରଶ୍ନ ଛିଡ଼ା କରିଛି। ତୁରନ୍ତ ଜମି ଅଧିଗ୍ରହଣ ସମସ୍ୟାର ସମାଧାନ କରି ରାସ୍ତାକାମ ସମ୍ପୂର୍ଣ୍ଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।

● ନେଟୱର୍କ ନଥିବା ଯୋଗୁଁ ହନ୍ତସନ୍ତ ହିତାଧିକାରୀ

# ଅଭିଯୋଗ କଲେ ନାଲି ଆଖି ଦେଖାଉଛନ୍ତି କମ୍ପାନୀ ଅଧିକାରୀ



ବାଲିଆପାଳ, ୨୬।୯ (ସଂଚାର ବ୍ୟୁରୋ): ଆଜିର ଦିନରେ ମଣିଷର ଦୈନନ୍ଦିନ ଜୀବନରେ ମୋବାଇଲ ଏକ ଅତ୍ୟାବଶ୍ୟକ ସେବା ଭାବରେ କାର୍ଯ୍ୟ କରୁଛି। ବିନା ଇଣ୍ଟରନେଟରେ ଚତୁର୍ଦ୍ଦିଗ ଅନ୍ଧକାର ହୋଇ ଯାଉଛି। ମାତ୍ର ମୋବାଇଲ କମ୍ପାନୀର ଖାମଖିଆଲ ମନୋଭାବ ପାଇଁ ଦୀର୍ଘ ଦୁଇ ମାସ ଧରି ମୋବାଇଲ ଟାୱାର କାର୍ଯ୍ୟ କରୁନାହିଁ। ସମ୍ପୃକ୍ତ ମୋବାଇଲ କମ୍ପାନୀର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଫୋନ ଯୋଗେ ଅଭିଯୋଗ କଲେ ଅଧିକାରୀ ଜଣକ ହିତାଧିକାରୀ ମାନଙ୍କୁ ନାଲି ଆଖି ଦେଖାଉଛନ୍ତି। ଏଭଳି ଏକ ଘଟଣା ସମ୍ନାକୁ ଆସିଛି ବାଲେଶ୍ୱର ଜିଲ୍ଲା ବାଲିଆପାଳ ଅଞ୍ଚଳରୁ। ସୂଚନାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଅସ୍ତି ପଞ୍ଚାୟତ ପାରୁଳିଆ ହାଟ ନିକଟରେ ଥିବା ଏୟାରଟେଲ କମ୍ପାନୀର ଏକ ମୋବାଇଲ ଟାୱାର ରହିଛି। ଏହି ମୋବାଇଲ ଟାୱାର ଉପରେ ୫ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରୁଛନ୍ତି। ମାତ୍ର ଆଜକୁ ଦୀର୍ଘ ଦୁଇ ମାସ ପୂର୍ବରୁ କମ୍ପାନୀ କର୍ତ୍ତୃପକ୍ଷ ଟାୱାରରେ ଲାଗିଥିବା ଜେନେରେଟରଟିକୁ ଖୋଲି ନେଇ ଯାଇଛନ୍ତି। ଯାହାଫଳରେ ବିଦ୍ୟୁତ କାଟ ହେଲେ ସମ୍ପୂର୍ଣ୍ଣ ଟାୱାରଟି ଅଚଳ ହୋଇଯାଉଛି। ଏହି ଅଞ୍ଚଳ ବନ୍ୟା ପ୍ରଭାବିତ ଅଞ୍ଚଳ ହୋଇଥିବାରୁ କୌଣସି ଅତି ଜରୁରୀକାଳୀନ ପରିସ୍ଥିତି ସମୟରେ ଅନ୍ୟ ମାନଙ୍କ ସହିତ ଯୋଗାଯୋଗ କିମ୍ବା ସୂଚନା ଦେବା ସମ୍ଭବ ହୋଇପାରୁନାହିଁ। ଏପରି ଅସୁବିଧାର ସମ୍ମୁଖୀନ ହେଉଥିବା ହିତାଧିକାରୀ ମାନେ କଷ୍ଟମର କେୟାର ସହିତ ଯୋଗାଯୋଗ କଲେ ସେଠାରୁ ଉତ୍ତର ମିଳୁଛି ଯାହା ଯାଗାରେ ଟାୱାର ବସିଛି ତାଙ୍କୁ କୁହନ୍ତୁ ସେ ସମାଧାନ କରିବେ କହି ଫୋନ କାଟି ଦେଉଛନ୍ତି। ଅନ୍ୟ ପକ୍ଷରେ ଏୟାରଟେଲ କମ୍ପାନୀର ବାଲେଶ୍ୱର ଜିଲ୍ଲା ଟେକ୍ନିକାଲ ଟିମର ମୁଖ୍ୟ ଦେବାଶିଷ ବାବୁଙ୍କୁ ଫୋନ ଯୋଗେ ସମସ୍ୟା ସମ୍ପର୍କରେ କହିବାରୁ ସେ ଟାଟା ପାୱାରକୁ କୁହନ୍ତୁ ବୋଲି କହି ହିତାଧିକାରୀଙ୍କୁ ନାଲି ଆଖି ଦେଖାଉଛନ୍ତି। ତେବେ ବର୍ତ୍ତମାନ ମହଙ୍ଗା ଯୁଗରେ ମୋବାଇଲ ରିଚାର୍ଜ ମୂଲ୍ୟ ବଢ଼ି ଚାଲିଥିବା ବେଳେ ବର୍ଷକର ରିଚାର୍ଜ ପାଇଁ ୩ ହଜାର ୫ ଶହରୁ ୪ ହଜାର ଟଙ୍କା ଦେବାକୁ ପଡୁଛି। ସେହିପରି ତିନି ମାସର ରିଚାର୍ଜ ପାଇଁ୧ ହାଜର ଟଙ୍କା ଦେବାକୁ ପଡୁଛି। କମ୍ପାନୀ ରିଚାର୍ଜ ପାଇଁ ଟଙ୍କା ନେଉଥିବା ବେଳେ ହିତାଧିକାରୀଙ୍କୁ ଟାଟା ପାୱାରକୁ ଅଭିଯୋଗ କରିବାକୁ କହିବା ଅତ୍ୟନ୍ତ ହାସ୍ୟାସ୍ପଦ ଏବଂ ଦୁର୍ଭାଗ୍ୟଜନକ।

## ବିଜେଡି ଜିଲ୍ଲା କର୍ମକର୍ତ୍ତା ଘୋଷଣା

ବାଲିପାଟଣା,୨୬।୯(ସଂଚାର ବ୍ୟୁରୋ): ବିଜୁ ଜନତା ଦଳ (ବିଜେଡି)ର ଖୋର୍ଦ୍ଧା ସାଂଗଠନିକ ଜିଲ୍ଲା କମିଟିର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା ହୋଇଛି। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଘୋଷିତ ୪୯ ଜଣିଆ କମିଟିରେ ୯ ଜଣ ଉପସଭାପତି, ୧୧ ଜଣ ସାଧାରଣ ସମ୍ପାଦକ, ୨୮ ଜଣ ସମ୍ପାଦକ ଓ ଜଣେ କୋଷାଧ୍ୟକ୍ଷ ରହିଛନ୍ତି।ଜୟଦେବ ନିର୍ବାଚନମଣ୍ଡଳୀରୁ ଦିନେଶ କୁମାର ନାୟକ ଓ ସୌମ୍ୟ ରଞ୍ଜନ ମହାନ୍ତି ଉପସଭାପତି ହୋଇଛନ୍ତି। ସେହିପରି ଦିଲୀପ କୁମାର ଜେନିଆରସିଂହ ଓ ରବୀନ୍ଦ୍ର ପାତ୍ରଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ ମିଳିଛି। ଜୟଦେବରୁ ବିଜୟ କୁମାର ନାଥ, ଆର୍ତ୍ତତ୍ରାଣ ପାତ୍ର ଓ ଏମ୍‌ଡି ଜକିର ହୋସେନ ସମ୍ପାଦକ ଭାବେ ସ୍ଥାନ ପାଇଛନ୍ତି। ନୂତନ କର୍ମକର୍ତ୍ତାଙ୍କ ନିଯୁକ୍ତି ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି। ସମସ୍ତ ନୂତନ କର୍ମକର୍ତ୍ତାମାନଙ୍କୁ ବ୍ଲକ ସଭାପତି ପ୍ରତାପ କେଶରୀ ନାୟକ ଶୁଭେଚ୍ଛା ଜଣାଇଛନ୍ତି।

## ବାଇକ୍-ବୋଲେରୋ ମୁହାଁମୁହିଁ: ଯୁବକ ମୃତ



ବଲାଙ୍ଗିର,୨୬।୯(ସଂଚାର ବ୍ୟୁରୋ): ବଲାଙ୍ଗିର-ସୋନପୁର ରାସ୍ତାର ମନମୁଣ୍ଡା ନିକଟରେ ଶୁକ୍ରବାର ଏକ ବାଇକ୍ ଓ ବୋଲେରୋ ମଧ୍ୟରେ ଦୁର୍ଘଟଣା ଘଟି ଜଣେ ଯୁବ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କେଶବ ନାୟକ। ଏହି ଦୁର୍ଘଟଣାରେ ଜଣେ ବରିଷ୍ଠ ନାଗରିକ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଜଣେ ବରିଷ୍ଠ ନାଗରିକ ରାସ୍ତାକଡ଼ରେ ଥିବା ଏକ ଦୋକାନରୁ ବଜାର ସାରି ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ବୋଲେରୋ ନିକଟକୁ ଯାଉଥିଲେ। ଏହି ସମୟରେ ଦ୍ରୁତ ଗତିରେ ଆସୁଥିବା ବାଇକ୍‌ଟି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଏହାପରେ ବାଇକ୍ ଚାଳକ କେଶବ ନାୟକ ଭାରସାମ୍ୟ ହରାଇ ରାସ୍ତାରେ ଛିଡ଼ା ହୋଇଥିବା ବୋଲେରୋ ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁତର ବରିଷ୍ଠ ନାଗରିକଙ୍କୁ ଉଦ୍ଧାର କରାଯାଇ ବଲାଙ୍ଗିରସ୍ଥିତ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ପୁଇଁତଲା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣାର କାରଣ ଓ ଅନ୍ୟାନ୍ୟ ଦିଗ ନେଇ ପୋଲିସ ତଦନ୍ତ ଜାରି ରଖିଛି।

## ସାପ କାମୁଡାରେ ଯୁବକ ମୃତ



ବାଲିଆପାଳ,୨୬।୯(ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ବାଲିଆପାଳ ପଞ୍ଚାୟତର ଏକ ଯୁବକ ରାତିରେ ଘରେ ଶୋଇଥିବା ବେଳେ ବିଷାକ୍ତ ସାପ କାମୁଡ଼ି ଦେବା ଫଳରେ କଟକ ମେଡିକାଲରେ ମୃତ୍ୟୁ ହୋଇଛି। ସୂଚନାରୁ ପ୍ରକାଶ ବାଲିଆପାଳ ପଞ୍ଚାୟତର ଗୁନପୁର ଗ୍ରାମର ଧୀରେନ ହାଁସଦାଙ୍କ ପୁଅ ସୁରେନ୍ଦ୍ର ହାଁସଦା (୨୧) ଗୁରୁବାର ରାତିରେ ଖାଇସାରି ଶୋଇଥିବା ଅବସ୍ଥାରେ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ବାଲିଆପାଳ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣାଯାଇ ଥିବାବେଳେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ମେଡିକାଲକୁ ପଠାଇଦେଇଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଟକ ମେଡିକାଲକୁ ପଠାଇଦେଇ ଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ସୁଚନା ଥାଉକି ଧୀରେନ ହାଁସଦା ପୂର୍ବରୁ ସ୍ତ୍ରୀ ଓ ବଡ଼ପୁଅକୁ ହରାଇ ଥିବାବେଳେ ଶେଷରେ ଶୁକ୍ରବାର ସାନପୁଅକୁ ହରାଇ ଭାଙ୍ଗି ପଡ଼ିଛନ୍ତି। ତେବେ ମୃତ ଯୁବକ ଅଳ୍ପ ଦିନ ହେବ ବିବାହ କରିଥିଲେ। ଅସହାୟ ଗରିବ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀଙ୍କ ଦବଙ୍ଗଗିରି, ସାମ୍ବାଦିକଙ୍କୁ ଦୁର୍ବ୍ୟବହାର



କନ୍ଧମାଳ, ୨୬।୯ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ବାଲନ୍ଦାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଜି ଅପରାହ୍ନ ସମୟରେ ଆମ ଜନ ଅଧିକାର ପ୍ରତିନିଧି ଯେତେବେଳେ ଖବର ସଂଗ୍ରହ କରିବା ପାଇଁ ଯାଇଥିବା ସମୟରେ କିଛି ରୋଗି ସେଥିରେ ଚିକିତ୍ସା ହେଉଥିବା ଦେଖିଥିଲେ। ସେହି ସମୟରେ ଭଲରେ ଚିକିତ୍ସା କରି ଭଲ ଔଷଧ ଦିଅନ୍ତୁ ବୋଲି କହିଥିବା ସମୟରେ ଏବେ ନୂଆ ଜୈନ ହେଉଥିବା କର୍ମଚାରୀ ଆମ ଗଣମାଧ୍ୟମ ପ୍ରତିନିଧି ଙ୍କୁ ଦୃବ୍ୟବହାର କରିଥିବା ଅଭିଯୋଗ କରିଛନ୍ତି। ଏଠି ପ୍ରଶ୍ନ ଉଠୁଛି ଜଣେ ସାମ୍ବାଦିକ ସହିତ ଯଦି ଏମିତି ବ୍ୟବହାର ହେଉଛି ହେଲେ ସାଧାରଣ ଲୋକଙ୍କ ସହିତ କଣ ହେଉନଥିବ। ଏନେଇ ଜନସାଧାରଣ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଉପରିସ୍ଥ ଅଧିକାରୀ ଙ୍କୁ ବିନମ୍ର ଅନୁରୋଧ କି ତୁରନ୍ତ ଏନେଇ ତଦନ୍ତ କରିବା ସହିତ ଦୁର୍ବ୍ୟବହାର କରିଥିବା କର୍ମଚାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଇଛି। ଏହାର ସଠିକ୍ ତଦନ୍ତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଆଗାମୀ ଦିନରେ ଏପରି ସମସ୍ୟା ହେଲେ ଆନ୍ଦୋଳନ ହେବ ବୋଲି କଡ଼ା ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ।

## ନାକରୁଣ୍ଡି ସଶସ୍ତ୍ର ଡକାୟତି ମାମଲାରେ ୪ ଗିରଫ, ବନ୍ଧୁକ ଓ ଟଙ୍କା ଜବତ

ଥୁଆମୂଳ ରାମପୁର,୨୬।୯ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍ ଅନ୍ତର୍ଗତ ନାକରୁଣ୍ଡି ଗ୍ରାମପଞ୍ଚାୟତର ଆମଝୋଲା ଗ୍ରାମରେ ଘଟିଥିବା ଚାଞ୍ଚଲ୍ୟକର ସଶସ୍ତ୍ର ଡକାୟତି ଘଟଣାର ପର୍ଦ୍ଦାଫାଶ କରିବାରେ କର୍ଲାପାଟ ପୋଲିସ ସଫଳ ହୋଇଛି। ଏହି ମାମଲାରେ ସମ୍ପୃକ୍ତ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ୍ ଆବେଦନ ଖାରଜ ହେବାରୁ ସେମାନଙ୍କୁ ବିଚାରପତି ଜେଲ୍ ହାଜତକୁ ପଠାଇ ଦେଇଛନ୍ତି। ଗତ



ସେପ୍ଟେମ୍ବର ୧୦ ତାରିଖ ରାତି ପ୍ରାୟ ୧୦ଟା ସମୟରେ ଆମଝୋଲା ଗ୍ରାମର ସୁନା ମାଝୀଙ୍କ ଘରେ ୫ ଜଣ ଦୁର୍ବୃତ୍ତ ଦୁଇଟି ବାଇକ୍‌ରେ ଆସି ବେଆଇନ ଭାବେ ପଶିଥିଲେ। ସେମାନେ ବନ୍ଧୁକ, ଛୁରୀ ଓ ଟାଙ୍ଗି ଦେଖାଇ ପରିବାର ଲୋକଙ୍କୁ ଭୟଭୀତ କରିବା ସହ ଘରୁ ନଗଦ ୫୦,୦୦୦ ଟଙ୍କା, ଦେଢ଼ ଭରି ସୁନା ଗହଣା ଏବଂ ୩ଟି ମୋବାଇଲ୍ ଫୋନ୍ ଲୁଟି ନେଇ ଚମ୍ପଟ ମାରିଥିଲେ। ଏ ନେଇ ସେପ୍ଟେମ୍ବର ୧୨ ତାରିଖରେ କର୍ଲାପାଟ ଥାନାରେ ଏକ ଲିଖିତ ଏତଲା ଦିଆଯାଇଥିଲା। ଅଭିଯୋଗ ପାଇବା ପରେ କର୍ଲାପାଟ ଥାନା ଅଧିକାରୀ ଶ୍ରୀକାନ୍ତ କୋଲକାଙ୍କ ନେତୃତ୍ୱରେ ପୋଲିସର ଏକ ବିଶେଷ ଟିମ୍ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଲୁଟ୍ ହୋଇଥିବା ମୋବାଇଲ୍ ଫୋନ୍‌କୁ ଟ୍ରେସ୍ କରି ପୋଲିସ କୋଷାବରା ଗ୍ରାମରେ ଚଢ଼ାଉ କରି ୪ ଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ କୋଷାବରା ଗ୍ରାମର ନୀଳାମ୍ବର ନାଏକ (୪୦), ଶଶି ନାଏକ (୨୮), ବିଭୀଷଣ ନାଏକ (୩୫) ଓ ସୁରେନ୍ଦ୍ର ନାଏକ (୩୨)। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ନଗଦ ୩୦,୦୦୦ ଟଙ୍କା, ଗୋଟିଏ ସୁନା ନାକ ଡଣ୍ଡି, ଗୋଟିଏ କାନ ରିଂ, ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଛୁରୀ, ୩ଟି ମୋବାଇଲ୍ ଫୋନ୍ ଏବଂ ଲୁଟ୍‌ରେ ବ୍ୟବହୃତ ଗୋଟିଏ ମୋଟରସାଇକେଲ୍ ଜବତ କରିଛି।

ଉରି ଆକ୍ରମଣରେ ସାହସିକ ସେବା, ଏବେ ଲେଫ୍ଟନାଣ୍ଟ କର୍ଣ୍ଣେଲ୍

# ମଧୁସ୍ମିତାଙ୍କୁ ନେଇ ଗର୍ବିତ ଜଗତସିଂହପୁର



ବାଲିକୁଦା, ୨୬।୯ (ସଂଚାର ବ୍ୟୁର): ଭାରତୀୟ ସେନାରେ ନିଜର ନିଷ୍ଠା, ସାହସ ଓ ଅସୀମ ସମର୍ପଣର ବଳରେ ଗୌରବମୟ ସଫଳତା ହାସଲ କରିଛନ୍ତି ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅଧୀନ ବାହାରଣା ଗ୍ରାମପଞ୍ଚାୟତ ଗୁଡୁପାଇଲୋ ଗ୍ରାମର ଶ୍ରୀ ଧୀରେନ୍ଦ୍ର ମହାନ୍ତିଙ୍କ ସୁପୁତ୍ରୀ ମଧୁସ୍ମିତା ମହାନ୍ତି। ଭାରତୀୟ ସେନାରେ ସେ ଲେଫ୍ଟନାଣ୍ଟ କର୍ଣ୍ଣେଲ୍ ପଦକୁ ପଦୋନ୍ନତି ପାଇ ନିଜ ଜନ୍ମମାଟି ଜଗତସିଂହପୁର ଜିଲ୍ଲା ସମେତ ସମଗ୍ର ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ପେଶାରେ ଜଣେ ଦକ୍ଷ ଡାକ୍ତର ଭାବେ ମଧୁସ୍ମିତା ନିଜର ଚିକିତ୍ସା ସେବାକୁ ଅତ୍ୟନ୍ତ ନିଷ୍ଠାର ସହ ତୁଲାଇ ଆସିଛନ୍ତି। ଦେଶର ବିଭିନ୍ନ ସ୍ଥାନରେ ସେବା ପ୍ରଦାନ କରିବା ସହିତ ବିଦେଶ ମାଟିରେ ମଧ୍ୟ ନିଜର କର୍ତ୍ତବ୍ୟନିଷ୍ଠାର ପରିଚୟ ଦେଇଛନ୍ତି। ଦକ୍ଷିଣ ସୁଦାନରେ ଜାତିସଂଘ ମିଶନରେ ମଧ୍ୟ ସେ ଚିକିତ୍ସା ସେବା ପ୍ରଦାନ କରି ଦେଶର ଗୌରବ ବଢ଼ାଇଛନ୍ତି। ଭାରତୀୟ ସେନାରେ ଦୀର୍ଘ ୧୨ ବର୍ଷର ଗୌରବମୟ ସେବା ମଧୁସ୍ମିତାଙ୍କ ନିଷ୍ଠା, ସାହସ ଓ ଦେଶପ୍ରେମର ଏକ ଉଜ୍ଜ୍ୱଳ ଉଦାହରଣ। ଦେଶର ସୁରକ୍ଷା ଓ ସେବା ପାଇଁ ନିଜ କର୍ତ୍ତବ୍ୟକୁ ସର୍ବଦା ପ୍ରାଥମିକତା ଦେଇ ଆସିଥିବା ମଧୁସ୍ମିତା ଉରି ଆକ୍ରମଣ ସମୟରେ ମଧ୍ୟ ଅତ୍ୟନ୍ତ ନିଷ୍ଠା ଓ ସାହସର ସହିତ ନିଜ କର୍ତ୍ତବ୍ୟ ତୁଲାଇଥିଲେ। ସେନା ଜୀବନରେ ଚିକିତ୍ସା ସେବା, ଦେଶସେବା ଓ ମାନବିକତାକୁ ଏକାଠି ନେଇ ଆଗକୁ ବଢ଼ିଥିବା ମଧୁସ୍ମିତାଙ୍କ ଏହି ସଫଳତା ଆଜି ଅନେକ ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ ପାଲଟିଛି। ତାଙ୍କର ଏହି ଗୌରବମୟ ପଦୋନ୍ନତି ପରେ ପରିବାର, ଆତ୍ମୀୟସ୍ୱଜନ, ବନ୍ଧୁବର୍ଗଙ୍କ ସମେତ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଓ ସମ୍ବର୍ଦ୍ଧନାର ସୁଅ ଛୁଟିଛି।

# ‘ବନ୍ଦେ ମାତରମ’ର ବର୍ଷ ପୂର୍ତ୍ତିରେ ‘ନମାମି ଭାରତମ’



ବୋରିଗୁମ୍ମା, ୨୬।୯ (ସଂଚାର ବ୍ୟୁର): ୨୫.୦୯.୨୬ ରିଖ ଶୁକ୍ରବାର ଦିନ ସରସ୍ୱତୀ ଶିଶୁମନ୍ଦିର ବୋରିଗୁମ୍ମା ଠାରେ 'ନମାମି ଭାରତମ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହା ବିଦ୍ୟାଭାରତୀ, ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ ର ଏକ କାର୍ଯ୍ୟକ୍ରମ। ବନ୍ଦେମାତରମ୍ ୧୫୦ ବର୍ଷ ପୂର୍ତ୍ତି ଅବସରରେ ସାମୂହିକ ବନ୍ଦେମାତାରମ୍ ଗାନ ର ଆୟୋଜନ ହୋଇଥିଲା। ସମସ୍ତ ଗୁରୁଜୀ ଗୁରୁମା, ଅଭିଭାବକ/ ଅଭିଭାବିକା ଏବଂ ପୂର୍ବଛାତ୍ର/ ଛାତ୍ରୀ ଏକା ସ୍ୱରରେ ଘ ୧୧.୦୦ ସମୟରେ ବନ୍ଦେମତରମ୍ ଗାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ମମତା ମହାପାତ୍ର, ମୁଖ୍ୟ ଅତିଥି ସୂର୍ଯ୍ୟନାରାୟଣ ପଣ୍ଡା ଏବଂ ସଂଯୋଜକ ଭାବେ ଶ୍ରୀଯୁକ୍ତ କାଳୀ ପ୍ରସାଦ ପାତ୍ର କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଜାତୀୟ ଗୀତ ‘ବନ୍ଦେ ମାତରମ୍’ର ଐତିହାସିକ ଯାତ୍ରା, ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଏହାର ଅବଦାନ ଏବଂ ଦେଶପ୍ରେମର ଭାବନାକୁ ନୂତନ ପ୍ରଜନନ ତଥା ଯୁବପିଢ଼ିଙ୍କ ମଧ୍ୟରେ ବ୍ୟାପକ ଭାବେ ପ୍ରସାରିତ କରିବା।

## ଦୀପକଙ୍କୁ ଜିଲ୍ଲା ଯୁବ ମୋର୍ଚ୍ଚାର ସହ ପ୍ରଭାରୀ ଦାୟିତ୍ୱ

ଜଗତସିଂହପୁର, ୨୬।୯ (ସଂଚାର ବ୍ୟୁର): ଜଗତସିଂହପୁର ନାଉଗାଁର ଜଣାଶୁଣା ଯୁବନେତା ତଥା ଯୁବ ସମାଜସେବି ଦୀପକ ବିଶ୍ୱାଳଙ୍କୁ ଜଗତସିଂହପୁର ଜିଲ୍ଲା ଯୁବ ମୋର୍ଚ୍ଚାର ସହ-ପ୍ରଭାରୀ ଭାବେ ନୂତନ ଦାଇତ୍ୱ ପ୍ରଦାନ କରାଯାଇଛି। ନୂତନ ଦାଇତ୍ୱ ପାଇବା ପରେ ନାଉଗାଁ ଅଞ୍ଚଳ ଓ ଜିଲ୍ଲାର ଅନେକ ଦଳୀୟ କର୍ମକର୍ତା ଓ ଯୁବ ନେତା ମାନେ ଶ୍ରୀ



ବିଶ୍ୱାଳଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଦୀପକ ବିଶ୍ୱାଳ ନୂତନ ଦାଇତ୍ୱ ପାଇଁ ରାଜ୍ୟ ସଭାପତି ମନମୋହନ ସାମଲ, ସାଂସଦ ଡ଼. ବିଭୁ ପ୍ରସାଦ ତରାଇ ଏବଂ ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ରଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ। ଶ୍ରୀ ବିଶ୍ୱାଳ କହିଛନ୍ତି ଯେ ଦଳ ପକ୍ଷରୁ ତାଙ୍କ ଉପରେ ରଖାଯାଇଥିବା ଆସ୍ତା ଓ ଭରଷାକୁ ନିଷ୍ଠାପର ସହ ପାଳନ କରିବେ ଏବଂ ଜିଲ୍ଲାରେ ଯୁବକ ମାନଙ୍କୁ ସଂଘଠିତ କରି ଦଳୀୟ ସଂଘଠନକୁ ଆହୁରି ମଝଭୂତ କରିବାକୁ ପ୍ରୟାସ ଜାରି କରିବେ।

## ବନ୍ୟା ପରିସ୍ଥିତି ପରଖିବା ପାଇଁ ମିଡିଆ ସେଣ୍ଟର ପରିଦର୍ଶନ



ବୈଶିଙ୍ଗା, ୨୬।୯ (ସଂଚାର ବ୍ୟୁର): ଚଳିତ ବର୍ଷ ବୁଢ଼ାବଳଙ୍ଗ ନଦୀରେ ଚତୁର୍ଥ ଥର ବନ୍ୟା ଆସିବା ଫଳରେ ବୈଶିଙ୍ଗା - ମାଣତ୍ରୀ ରାସ୍ତାରେ ପାଣି ବୃଡି ଯିବା ଯୋଗୁଁ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା। ଶନିବାର ସନ୍ଧ୍ୟା ସୁଦ୍ଧା ନାଖରା ପୋଲ ଉପରୁ ପାଣି ଛାଡି ନ ଥିଲା। ଗତ ତିନି ଦିନ ଧରି ଓଡ୍ରାଫ ଟିମ ବେଲାଣ ପୁରା ବାତ୍ୟା ଆଶ୍ରୟସ୍ଥଳୀରେ ରହି ବନ୍ୟା ପ୍ରପିଡିତଙ୍କୁ ସହାୟତା କରୁଥିବାର ଦେଖିବାକୁ ମିଳିଥିଲା। ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରା ନିଜ କର୍ମଚାରୀଙ୍କ ସହିତ ଶୁକ୍ରବାର ରାତି ସାରା ସେଠାରେ ରହି ସ୍ଥିତି ତଦାରଖ କରୁଥିବାର ଦେଖିବାକୁ ମିଳିଥିଲା। ଏହି ପରିସ୍ଥିତି ପରଖିବା ପାଇଁ ବୈଶିଙ୍ଗା ମିଡିଆ ସେଣ୍ଟର ତରଫରୁ ମଧୁସୂଦନ ମହାନ୍ତି, ନରହରି ବିଶ୍ୱାଳ, ଭାଗବତ ମହାନ୍ତ, ବିମଳେନ୍ଦୁ ମହାପାତ୍ର, ଜଗନ୍ନାଥ ମିଶ୍ର, ମହେନ୍ଦ୍ର କୁମାର ସାହୁ, ଦାମୋଦର ଜେନା ପ୍ରମୁଖ ବନ୍ୟା ପରିସ୍ଥିତି ଏବଂ ବାତ୍ୟା ଆଶ୍ରୟ ସ୍ଥଳୀରେ ଦିଆଯାଉଥିବା ରନ୍ଧା ଖାଦ୍ୟ ପରଖି ଥିଲେ। ସ୍ୱେଚ୍ଛାସେବୀ ଅଶୋକ କୁମାର ପ୍ରଧାନ, ଜିଆରଏସ ଅଜିତ ସାସମଲ, ଆର ଆଇ ଗଗନ କୁମାର ମିଶ୍ର, ଅମିନ ପରମେଶ୍ୱର ପଣ୍ଡିତ୍ ବାତ୍ୟା ଆଶ୍ରୟ ସ୍ଥଳୀରେ ଥିବା ପ୍ରପୀଡ଼ିତ ଙ୍କ ପାଇଁ ସମସ୍ତ ସହଯୋଗ ଯୋଗାଇଦେଉଥିବାର ଦେଖା ଯାଇଥିଲା।

# ହାତୀ ଆକ୍ରମଣରେ ଚାଷୀ ମୃତ



ଲାଞ୍ଜିଗଡ଼, ୨୬।୯ (ସଂଚାର ବ୍ୟୁରୋ): ଲାଞ୍ଜିଗଡ଼ ଅଞ୍ଚଳରେ ପୁଣି ଥରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଛି। ଦକ୍ଷିଣ ବନଖଣ୍ଡ ଅଧୀନ ବିଶ୍ୱନାଥପୁର ରେଞ୍ଜର ବିଜେପୁର ସେକ୍ସନ ଅନ୍ତର୍ଗତ ବେଡିଆପଡ଼ା ଗାଁରେ ଶନିବାର ଭୋର ସକାଳୁ ଏହି ଅଘଟଣ ଘଟିଛି। ମୃତ ବ୍ୟକ୍ତି ହେଲେ ବେଡିଆପଡ଼ା ଗାଁର ଡ୍ରିମ୍ବା ମାଝୀ (୫୫) ବୋଲି ଜଣା ପଡ଼ିଛି। ଏହି ଘଟଣା ପରେ ଅଞ୍ଚଳରେ ପୁଣି ଥରେ ହାତୀ ଭୟ ସୃଷ୍ଟି ହୋଇଥିବା ବେଳେ ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, ଡ୍ରିମ୍ବା ମାଝୀ ଆଜି ଭୋର ସକାଳୁ ନିଜ କପା ଚାଷ ଜମିକୁ ଫସଲ ଦେଖିବା ପାଇଁ ଯାଇଥିଲେ। ତେବେ ଚାଷ ଜମି ନିକଟରେ ପହଞ୍ଚିବା ସମୟରେ ସେ ଏକ ଦନ୍ତା ହାତୀର ସମ୍ମୁଖୀନ ହୋଇଥିଲେ। ହାତୀଟି ହଠାତ୍ ତାଙ୍କୁ ଆକ୍ରମଣ କରିଥିବା ଜଣାପଡ଼ିଛି। ଫଳରେ ଡ୍ରିମ୍ବା ଗୁରୁତର ଭାବେ ଆହତ ହୋଇ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ। ସକାଳୁ ଏହି ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ପରିବାର ଲୋକେ ଓ ଗ୍ରାମବାସୀ ଘଟଣାସ୍ଥଳକୁ ପହଞ୍ଚିଥିଲେ। ପରେ ଏନେଇ ବିଜେପୁର ବନବିଭାଗକୁ ସୂଚନା ଦିଆଯାଇଥିଲା। ଏଥିସହ ଘଟଣା ସମ୍ପର୍କରେ ବିଜେପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ସୂଚନା ପାଇ ବନବିଭାଗ ଅଧିକାରୀ ଏସିଏଫ ନରୋତ୍ତମ ମାଝୀ, ଫରେଷ୍ଟର ସମରେନ୍ଦ୍ର ପଣ୍ଡା, ବନରକ୍ଷୀ ଜ୍ୟୋତିରଞ୍ଜନ ଜେନା ଓ ବିଜେପୁର ଥାନାଧିକାରୀ ତୁଳସୀ ରାମ ଶବର, ଏଏସଆଇ ଶ୍ୟାମ କୁଲସିକା, କନେଷ୍ଟବ ସଞ୍ଜୟ ସାହୁ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ପୁଲିସ ପକ୍ଷରୁ ୟୁଡି କେସ୍ ନଂ- ୭/୨୦୨୬ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାସ୍ଥଳରେ ବନବିଭାଗ ପକ୍ଷରୁ ମଧ୍ୟ ହାତୀର ଗତିବିଧି ଓ ଘଟଣାର ପରିସ୍ଥିତି ସମ୍ପର୍କରେ ଯାଞ୍ଚ କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ଚାଷଜମି ନିକଟରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ପରେ ବେଡିଆପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ହାତୀ ଭୟ ବୃଦ୍ଧି ପାଇଛି।

## ବ୍ୟାଟେରି ଚୋରି କରି ବନ୍ଧାହେଲେ ଦୁଇ ଅଭିଯୁକ୍ତ

ଛତ୍ରପୁର, ୨୬।୯ (ଦିଲ୍ଲୀପ ସାମଲ): ଗଞ୍ଜାମ ଜିଲା ଚମାଖଣ୍ଡି ଥାନା ପୁଲିସ ଶନିବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଚମାଖଣ୍ଡି ଥାନା ଅନ୍ତର୍ଗତ କଣମଣା ଗ୍ରାମର ଏସ. ମୋହନ ରେଡ୍ଡୀ (୩୦) ଓ ମାଧବ ବେହେରା ଓରଫ ମିଥୁନ। ପୁଲିସ ଦେଇଥିବା ସୂଚନା ଅନୁଯାୟୀ ଏହି



ଅଭିଯୁକ୍ତ ଦୁହେଁ ବ୍ୟାଟେରି ଚୋରି କରୁଥିଲେ। ଚମାଖଣ୍ଡି ଥାନାରେ ୨୫ ତାରିଖ ଦିନ ଏକ ଅଭିଯୋଗ ଅନୁଯାୟୀ କେସ୍ ନଂ ୩୭୫/୨୦୨୬ରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ କରି ଏହି ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରିଣୀ ସୂଚନା ଦେଇଛନ୍ତି।

## ବର୍ଷାରେ ଖରିଫ ଫସଲ ନଷ୍ଟ, ଚିନ୍ତାରେ ଚାଷୀ

ଗଞ୍ଜାମ, ୨୫।୯ (ସଂଚାର ବ୍ୟୁରୋ): ସାମୁଦ୍ରିକ ଝଡ଼ ଯୋଗୁ ଲଗାଣ ବର୍ଷା ପ୍ରଭାବରେ ସାଧାରଣ ଜୀବନ ଜୀବିକା ପ୍ରଭାବିତ ହୋଇପଡ଼ିଥିବା ପରିଲକ୍ଷିତ ହୋଇଛି। ଏପରିକି ରବି ଓ ଖରିଫ ଫସଲ ମଧ୍ୟ ବ୍ୟାପକ ଭାବେ କ୍ଷତି ହୋଇପଡ଼ିଥିବା ଜଣାପଡ଼ିଛି। ଗଞ୍ଜାମ ବ୍ଲକ ଝାରେଡ଼ି ରାଧା ଗୋବିନ୍ଦପୁର, ସାନ ରାମଚନ୍ଦ୍ର, ରାମଗଡ଼ ଓ ସୁବଳୟା ପଞ୍ଚାୟତବାସୀ ଚାଷବାସ କରି ଜୀବିକା ନିର୍ବାହ କରିଥାନ୍ତି। ଲଗାଣ ବର୍ଷା ସେମାନଙ୍କ ଜୀବନଜୀବିକା କ୍ଷେତ୍ରରେ ବାଧକ ସାଜିଛି। ଶସ୍ୟକ୍ଷେତ୍ରରେ ବର୍ତ୍ତମାନ ଫୁଲକୋବି, ଭେଣ୍ଡି, ଟମାଟ, କାଙ୍କଡ଼ ଓ ଧାନ ଲାଗିଥିବା ବେଳେ ବର୍ଷାରେ ଉକ୍ତ ଆଳା ପଚି ନଷ୍ଟ ହୋଇଯାଉଥିବା ଦେଖିବାକୁ ମିଳିଛି। ଚାଷୀମାନେ ବିଭିନ୍ନ ବ୍ୟାଙ୍କଠାରୁ ଋଣ ଆଣି ଚାଷ କରିଥିଲେ। ବର୍ତ୍ତମାନ କୋବି କିଲୋ ବିକ୍ରି ହେଉତାହା ନଷ୍ଟ ହୋଇପଡୁଥିବାରୁ ସେଥିରୁ ଲକ୍ଷାଧିକ ଟଙ୍କା ଆଦାୟ କରିବା ପାଇଁ ଲକ୍ଷ୍ୟ ରଖିଥିଲେ। ଫସଲ ପଚି ନଷ୍ଟ ହୋଇପଡ଼ିଥିବା ଦେଖି ଚାଷୀ ବର୍ତ୍ତମାନ ମୁଣ୍ଡରେ ହାତ ଦେଇ ବସିଛି।

# କଂଗ୍ରେସକୁ ଭୋଟର ଖୋଜୁଥିବା ବେଳେ ଭୋଟରଙ୍କୁ ଦଳ ଖୋଜୁନି

ବାଲିଆପାଳ, ୨୫।୯ (ସଂଚାର ବ୍ୟୁରୋ): ରାଜ୍ୟସରକାର ୨୦୨୭ ରେ ଗ୍ରାମପଞ୍ଚାୟତ ନିର୍ବାଚନ କରିବା ପାଇଁ ଘୋଷଣା କରି ସାରିଲେଣି। ଭୋଟର ତାଲିକା ମଧ୍ୟ ଚୂଡାନ୍ତ ସରିଛି ଏହିଭଳି ସମ୍ବେଦନଶାଳ ପରିସ୍ଥିତି ଆଗକୁ ଆସୁଥିବା ପଞ୍ଚାୟତ ନିର୍ବାଚନ ବେଳେ ବିଜେଡି ଓ ବିଜେପି ପକ୍ଷରୁ ତୃଣମୂଳ ସ୍ତରରୁ ଦଳୀୟ ସଂଗଠନକୁ ମଜବୁତ କରିବା ପାଇଁ ତୃଣମୂଳସ୍ତରରୁ ଦଳୀୟ ନେତା ଓ କର୍ମୀଙ୍କ ସହିତ କ୍ଷମତାସୀନ ସରକାରୀ ଦଳର ନେତା, ବିଧାୟକ ଓସାଂସଦମାନେ ମଧ୍ୟ କସରତ ଆରମ୍ଭ କରିଦେଇଛନ୍ତି।ବିଗତ ଚବିଶ ବର୍ଷର ବିଜେଡିସରକାରର ଶାସନରେ ଲୋକେ ଅତିଷ୍ଠ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱକୁ ସ୍ୱୀକାର କରି ପ୍ରଥମ ଥର ପାଇଁ ଓଡ଼ିଶାରେ ବିଜେପିକୁ କ୍ଷମତାକୁ ଆଣିଥିଲେ। ମାତ୍ର ଅଢ଼େଇ ବର୍ଷର ଶାସନ କାଳ ମଧ୍ୟରେ ରାଜ୍ୟରେ ଏକ ସକ୍ରିୟ ସରକାର ଓ ବାଲିହାନ ସରକାର ଶାସନରେ ସାଧାରଣ ଲୋକେ ହନ୍ତସନ୍ତ ହୋଇପଡ଼ିଛନ୍ତି। ଏହି ସରକାରକୁ ଜବର ଇଞ୍ଜିନର ଏକ ଗତିଶାଳ ସରକାର ବୋଲି କୁହାଯିବା ସତ୍ତ୍ୱେ କ୍ଷମତାର ଅଢେଇ ବର୍ଷ ମଧ୍ୟରେ ଭୋଟରଙ୍କ ପ୍ରତିକ୍ରିୟା ବାଲିଆପାଳ ବ୍ଲକ ଏବଂ ବସ୍ତା ନିର୍ବାଚନ ମଣ୍ଡଳୀର ଭୋଟରଙ୍କୁହତାଶ କରିଛି। ଏହାର ବିକଳ୍ପ ଲାଗି ଲୋକେ ମନସ୍ଥ କରିଥିବାବେଳେ ତାହା ସମ୍ଭବ ହୋଇ ପାରୁନାହିଁ। ବସ୍ତା ନିର୍ବାଚନ ମଣ୍ଡଳୀରେ ଭୋଟର କଂଗ୍ରେସ ପ୍ରତି ନିକଟତର ହେଉଥିବା ବେଳେ କଂଗ୍ରେସ ଭୋଟରଙ୍କ ନିକଟତର ହୋଇପାରୁ ନଥିବା ଦେଖାଯାଉଛି। ଦରଦାମ ନିୟନ୍ତ୍ରଣରେ ବିଫଳତା ସ୍କୁଲ ଓ ଡାକ୍ତରଖାନା ରେ ଶିକ୍ଷକ ଓଡାକ୍ତର ଅଭାବ ଥାନା ମାନଙ୍କ ରେ ପୋଲିସ ଦଳୀୟ ନେତାଙ୍କ ଇଙ୍ଗିତରେ ଆଇନଶୃଙ୍ଖଳା ରକ୍ଷା କରିବା, ରାସ୍ତାଘାଟ ର ଦୁରାବସ୍ଥା ସରକାରୀ ଅଫିସରେ ଦୁର୍ନୀତି ଯୋଜନା ଲୋକଙ୍କ ଠାରେ ପହଞ୍ଚି ନ ପାରିବା, ଭେଜାଲ ସାମଗ୍ରୀର ଅବାଧକାରବାର ସାଙ୍ଗକୁ କଳା ବଜାର ମାପ ଓଜନ ରେ ଠକେଇ ଭଳି ଅନେକ ପ୍ରକାରର ସରକାରୀ କୃଷ୍ଟାଚାରରେ ଲୋକେ ଅତିଷ୍ଟ ହୋଇ ପଡ଼ିଥିବା ଯୋଗୁଁ ବିକଳ୍ପ ଖୋଜୁଛନ୍ତି। ବିକଳ୍ପ ଜଳଜଳ ହୋଇ ସାମନାରେ ଦେଖାଯାଉଥିରେ ଦିଗର ନେତୃତ୍ୱ ନେବା ପାଇଁ ଭୋଟରଙ୍କ ସାମନାରେ କଂଗ୍ରେସ ହାତଖାଲି ଡାକୁ ଥିବା ସତ୍ତ୍ୱେ ବସ୍ତା ନିର୍ବାଚନ ମଣ୍ଡଳୀରେ ନେତୃତ୍ୱ ନଥିବା କାରଣରୁ ଭୋଟରମାନେ ଆଉ ଭୁଲ କରିବାକୁ ଚାହୁଁ ନଥିଲେ ବି ସୁଯୋଗ ଶତପ୍ରତିଶତ ଥାଇ ସୁଦ୍ଧା ଦୃବଳ ନେତୃତ୍ୱହୀନ ସଙ୍ଗଠନର ଅଭାବରୁ ହତାଶ ହୋଇ କଂଗ୍ରେସ ଠାରୁ ମୁହଁ ଫେରାଇ ନେବାକୁ ଚାହୁଁ ଥିଲେ।